# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୩୧/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 31/2022 Page 16 ₹ 7.00

୪୯ଶ ଭାଗ ୩୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 38 ମୂଲ୍ୟ ₹୭/-




**ସୂର୍ଯ୍ୟକାନ୍ତ ପ୍ଲେଅର ଅଫ୍ ଦି ମ୍ୟାଚ**

କଟକର ଡ୍ରିମ୍ସ ପଡ଼ିଆରେ ଅନୁଷ୍ଠିତ ହରିୟାଣା ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ।

୧୬

୧୨

**ଟପ୍‌ଲେସ୍ ହେଲେ ଉର୍ଫି**

ଅଭିନେତ୍ରୀ ଉର୍ଫି ଜାଭେଦ ନୂଆବର୍ଷ ପୂର୍ବରୁ ପୁଣି ଟପ୍‌ଲେସ୍ ହୋଇ ଚର୍ଚ୍ଚାକୁ ଆସିଛନ୍ତି।





ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଶୁକ୍ରବାର ୮ଦଫା ଦାବିରେ ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର୍) ମହାସଂଘ ପକ୍ଷରୁ ବିକ୍ଷୋଭ ବେଳେ ପୋଲିସ ସହ ଧସ୍ତାଧସ୍ତି। (ଫଟୋ-ମନୋରଞ୍ଜନ)

# ହୋଟେଲ ରୁମ୍‌ରୁ ଚପଲ, ଫିଙ୍ଗରପ୍ରିଣ୍ଟ ସଂଗ୍ରହ

**ପାଭେଲ, ବିଦାନୋଭଙ୍କ ରହସ୍ୟଜନକ ମୃତ୍ୟୁ ଘଟଣା**

- ରାୟଗଡ଼ାରେ କ୍ରାଇମବ୍ରାଞ୍ଚର ୧୨ ଜଣିଆ ଟିମ୍
- ତଦନ୍ତ ଉପରେ ନଜର ରଖିଛି ଇଣ୍ଟେଲିଜେନ୍ସ ବ୍ୟୁରୋ

ରାୟଗଡ଼ା (ସ୍ୱ.ପ୍ର.)/ **କଟକ ଅଫିସ,୩୦।୧୨**

ଓଡ଼ିଶା ଭ୍ରମଣରେ ଆସିଥିବା ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ଆଣ୍ଟୋଭ ପାଭେଲ ଏବଂ ତାଙ୍କ ବନ୍ଧୁ ଭ୍ଲାଡିମିର ବିଦାନୋଭଙ୍କ ମୃତ୍ୟୁ ରହସ୍ୟ ଉପରୁ ପରଦା ଉଠାଇବା ପାଇଁ କ୍ରାଇମ୍‌ବ୍ରାଞ୍ଚର ୧୨ ଜଣିଆ ଟିମ୍ ଶୁକ୍ରବାର ରାୟଗଡ଼ାରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ସରୋଜକାନ୍ତ ମହାନ୍ତ ଏବଂ ଇନ୍ସପେକ୍ଟର ମମତାରାଣୀ ପଣ୍ଡାଙ୍କ ନେତୃତ୍ୱରେ ଉକ୍ତ ଟିମ୍ ପାଭେଲ ଏବଂ ବିଦାନୋଭ ରହୁଥିବା ରାୟଗଡ଼ାର ସାଇ ଇଣ୍ଟରନ୍ୟାଶନାଲ ହୋଟେଲରେ ତନ୍ନ ତନ୍ନ ଯାଞ୍ଚ କରିଛି। ସେମାନଙ୍କ ସହ ଯାଇଥିବା ସାଇଣ୍ଟିଫିକ୍ ଟିମ୍ ଏବଂ ରାଜ୍ୟ ଫୋରେନ୍‌ସିକ ସାଇନ୍ସ ଲାବୋରେଟୋରୀର ବିଶେଷଜ୍ଞମାନେ ତଥ୍ୟ, ପ୍ରମାଣ ପାଇବା ଲାଗି ଉଦ୍ୟମ ଚଳାଇଛନ୍ତି। ପାଭେଲ ଓ ବିଦାନୋଭ ଗତ ୨୧ ତାରିଖରେ ହୋଟେଲର ୨୦୩ ନଂ. ରୁମ୍‌ରେ ରହିଥିବାବେଳେ ସେମାନଙ୍କ ସହ ଯାଇଥିବା ରୁଷୀୟ ଦମ୍ପତି ତୁରଭ ମିଖାଇଲ ଓ ପାନାସାଙ୍କୋ ନାତାଲିଆ ରୁମ୍ ନଂ. ୩୦୯ରେ ଏବଂ ଗାଇଡ୍ ଜିତେନ୍ଦ୍ର ସିଂ ରୁମ୍ ନଂ. ୪୦୧ରେ ରହିଥିଲେ। ୨୦୩ ନଂ. ରୁମ୍‌ରୁ ହଲେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଶାସନ ଚିନ୍ତା

# ନିୟନ୍ତ୍ରଣ ରହୁନି, ବଢୁଛି ବିପତ୍ତି

## ଡିଭାଇଡରରେ ପିଟିହୋଇ ଜଳିଗଲା କାର୍, ପନ୍ତ ଗୁରୁତର

**ନୂଆଦିଲ୍ଲୀ, ୩୦।୧୨(ପି.ଟି.)**

ଭାରତୀୟ କ୍ରିକେଟ ଜଗତରୁ ଆସିଛି ଦୁଃଖଦ ଖବର। ଷ୍ଟାର ଉଇକେଟ୍ କିପର ତଥା ବ୍ୟାଟର ରିଷଭ ପନ୍ତ ଶୁକ୍ରବାର ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି। ଇଂଲିଶ ନବବର୍ଷ ପାଇଁ ସେ ତାଙ୍କ ମା'ଙ୍କୁ ସରପ୍ରାଇଜ୍ ଦେବାକୁ ମର୍ସିଡିଜ୍ କାର୍ ଡ୍ରାଇଭିଂ କରି ଦିଲ୍ଲୀରୁ ରୁର୍କି ଯାଉଥିଲେ। ଭୋର୍ ସମୟରେ ତାଙ୍କ ଆଖି ଲାଗିଯିବାରୁ ଦିଲ୍ଲୀ-ଡେରାଡୁନ୍ ରାଜପଥର ଏକ ଡିଭାଇଡରରେ ପିଟି ହୋଇ କାର୍‌ଟି କିଛି ବାଟ ଘୋଷାଡ଼ି ହୋଇଯିବା ପରେ ଜଳିଯାଇଥିଲା। ତେବେ ପନ୍ତ ଉପସ୍ଥିତ ବୁଦ୍ଧି ଖଟାଇ ଗାଡ଼ି କାଚ ଭାଙ୍ଗି ବାହାରକୁ ଡେଇଁପଡ଼ିଥିଲେ। ତାଙ୍କ ମୁଣ୍ଡ, ଗୋଡ଼, ପିଠି, ପାଦ, ଆଙ୍ଗୁଠି ସମେତ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ରୁର୍କି ନିକଟବର୍ତ୍ତୀ ସକ୍ଷମ୍ ହସ୍ପିଟାଲର ଏମର୍ଜେନ୍ସି ୱାର୍ଡରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ହରିଦ୍ୱାର ଜିଲା ମଙ୍ଗଲାଉର୍ ସହର ଅନ୍ତର୍ଗତ ମହମ୍ମଦପୁର ଜାଟ୍‌ଠାରେ ଘଟିଥିବା ଏହି ଛାତିଥରା ଦୁର୍ଘଟଣା ପରେ କ୍ରିକେଟ ଜଗତରୁ ପନ୍ତଙ୍କ ପାଇଁ ଛୁଟିଛି ସମବେଦନାର ସୁଅ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସମେତ ଖେଳ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ପନ୍ତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଧାମି କହିଛନ୍ତି। ଏହି ଦୁର୍ଘଟଣାର ସିସିଟିଭି ଫୁଟେଜ୍ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ☞ପୃଷ୍ଠା-୪



ଦିଲ୍ଲୀ-ଡେରାଡୁନ୍ ରାଜପଥରେ ଡିଭାଇଡରରେ ପିଟିହୋଇ ଜଳିଯାଇଥିବା କ୍ରିକେଟର ରଷଭ ପନ୍ତଙ୍କ କାର୍।

**ସଡ଼କ ପରିବହନ ମନ୍ତ୍ରଣାଳୟ ରିପୋର୍ଟ**

- ଦ୍ରୁତ ଗାଡ଼ିଚାଳନାରୁ ଘଟିଛି ୧୯,୪୭୮ ଦୁର୍ଘଟଣା
- ୭୬.୨ ପ୍ରତିଶତ ୧୮ରୁ ୪୫ ବର୍ଷର ଲୋକଙ୍କ ଜୀବନ ଯାଇଛି
- ଓଡ଼ିଶାରେ ବର୍ଷକୁ ଯାଉଛି ୫ ହଜାର ଜୀବନ

**ନୂଆଦିଲ୍ଲୀ,(ପି.ଟି.)/ ଭୁବନେଶ୍ୱର (ବ୍ୟୁରୋ) ୩୦।୧୨**

ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ବେପରୁଆ ଓ ଦ୍ରୁତ ଗାଡ଼ିଚାଳନା ମହାବିପତ୍ତିକୁ ଡାକିଆଣୁଛି। ଚାଲିଯାଉଛି ବହୁ ମୂଲ୍ୟବାନ୍ ଜୀବନ। ଏଥିରେ ଚାଳକ ନିଜ ଜୀବନ ହରାଇବା ସହ ଅନ୍ୟ ପ୍ରତି ବିପଦର କାରଣ ହେଉଛନ୍ତି। ସମଗ୍ର ଦେଶରେ ସଡ଼କ ଦୁର୍ଘଟଣା ଚିନ୍ତା ବଢ଼ାଇଛି। ଦୁର୍ଘଟଣା ହାରରେ ବ୍ରେକ୍ ଲାଗୁନାହିଁ। ଯଦି ବିଗତ ବର୍ଷଗୁଡ଼ିକୁ ଦେଖାଯିବ ତେବେ ☞ପୃଷ୍ଠା-୪

# ପ୍ରଧାନମନ୍ତ୍ରୀଙ୍କ ମାଆ ହୀରାବେନ୍‌ଙ୍କ ପରଲୋକ



**ଗାନ୍ଧୀନଗର,୩୦।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାଆ ହୀରାବେନ୍‌ଙ୍କର ଶୁକ୍ରବାର ଭୋର ୩ଟା ୩୦ ମିନିଟ ସମୟରେ ଅହମଦାବାଦସ୍ଥିତ ୟୁଏନ୍ ମେହେଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଲୋଜି ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ ପରଲୋକ ହୋଇଯାଇଛି। ତାଙ୍କୁ ୯୯ ବର୍ଷ ହୋଇଥିଲା। ହୀରାବେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଗତ ବୁଧବାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାଆଙ୍କ ପରଲୋକ ଖବର ପାଇ ପ୍ରଧାନମନ୍ତ୍ରୀ ତାଙ୍କର ପଶ୍ଚିମବଙ୍ଗ ଗସ୍ତ ବାତିଲ କରି ଗାନ୍ଧୀନଗରରେ ପହଞ୍ଚି ମାଆଙ୍କ ଶବାଧାରକୁ କାନ୍ଧ ଦେଇଥିଲେ। ସେ ତାଙ୍କର ଅନ୍ୟ ଭାଇମାନଙ୍କ ସହ ମିଶି ମାଆଙ୍କୁ ମୁଖାଗ୍ନି ଦେଇଥିଲେ। ଗାନ୍ଧୀନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହି ସମୟରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, ☞ପୃଷ୍ଠା-୪

# ଅଟୋକୁ ଧକ୍କାଦେଲା ହାଇୱା: ୩ ଯୁବକ ମୃତ

**କେନ୍ଦ୍ରାପଡ଼ା ଅଫିସ, ୩୦।୧୨**

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଜମଧରଠାରେ ଗୁରୁବାର ବିଳମ୍ବିତ ରାତ୍ରିରେ ଏକ ଅଟୋକୁ ହାଇୱା ଧକ୍କା ଦେଇଥିଲା। ଏଥିରେ ଥିବା ୩ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କୁ ସଦର ଥାନା ପୋଲିସ ଦୁର୍ଘଟଣାସ୍ଥଳରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲା। ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ରାଜନଗର ଥାନା ☞ପୃଷ୍ଠା-୪






# ମହଙ୍ଗା ଭତ୍ତା ବଢ଼ିଲା ୪%

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ସରକାରୀ କର୍ମଚାରୀଙ୍କୁ ରାଜ୍ୟ ସରକାର ନୂଆବର୍ଷ ଭେଟି ଦେଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାଜ୍ୟ ସରକାରୀ କର୍ମଚାରୀ ଏବଂ ପେନ୍‌ସନଧାରୀଙ୍କ ପାଇଁ ମହଙ୍ଗା ଭତ୍ତା ବୃଦ୍ଧି କରାଯାଇଛି। ଏହି ମହଙ୍ଗା ଭତ୍ତାକୁ ୪ ପ୍ରତିଶତ ବୃଦ୍ଧି କରାଯାଇଛି। ଜୁଲାଇ ପହିଲାରୁ ଏହା ପିଛିଲା ଭାବେ ଲାଗୁହେବ। ଏହା ପୂର୍ବରୁ ଦଶହରା ସମୟରେ ମଧ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ପାଇଥିଲା । ସେ ସମୟରେ ୩% ବୃଦ୍ଧି କରାଯାଇଥିଲା। ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩୧%ରୁ ୩୪%କୁ ବୃଦ୍ଧି ପାଇଥିଲା। ଆଉ ଏହାକୁ ଜାନୁୟାରୀ ମାସରୁ ପିଛିଲା ଭାବେ ଲାଗୁ କରାଯାଇଥିଲା। ତେବେ ବର୍ତ୍ତମାନର ବୃଦ୍ଧି ଫଳରେ କର୍ମଚାରୀଙ୍କ ମହଙ୍ଗାଭତ୍ତା୩୪ରୁ୩୮ ପ୍ରତିଶତହୋଇଛି।

# ବଦଳିଲେ ୧୧ ଜିଲାର ଏସ୍‌ପି

- ଅଖିଳେଶ୍ୱର ସିଂହ ଏସ୍‌ଏପି ଡିଆଇଜି
- ବ୍ରିଜେଶ ରାୟ ଅନୁଗୋଳ ରେଞ୍ଜ୍ ଡିଆଇଜି
- ସାଗରିକା ନାଥ ବାଲେଶ୍ୱର ଏସ୍‌ପି

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ରାଜ୍ୟ ସରକାର ନୂଆବର୍ଷ ପୂର୍ବରୁ ଆଇପିଏସ୍ ଅଫିସର ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି । ୨୦୦୯ ବ୍ୟାଚ୍‌ର ୩ ଜଣ ଆଇପିଏସ୍ ଅଫିସରଙ୍କୁ ଡିଆଇଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିବା ବେଳେ ୧୧ ଜିଲାର ଏସ୍‌ପିଙ୍କୁ ବଦଳି କରାଯାଇଛି।

ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଜଗତ୍‌ସିଂହପୁର ଏସ୍‌ପି ଥିବା ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ଅଖିଳେଶ୍ୱର ସିଂହଙ୍କୁ ଡିଆଇଜି ଭାବେ ପଦୋନ୍ନତି ଦିଆଯାଇଛି। ତାଙ୍କୁ ଏସ୍‌ଏପି ଡିଆଇଜି ଭାବେ ନୂଆ ଦାୟିତ୍ୱ ମିଳିଛି। ଗଞ୍ଜାମ ଏସ୍‌ପି ଥିବା ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ବ୍ରିଜେଶ କୁମାର ରାୟଙ୍କୁ ମଧ ପଦୋନ୍ନତି ଦିଆଯାଇ ଅନୁଗୋଳ ରେଞ୍ଜ୍ ଡିଆଇଜି ଭାବେ ନୂଆ ନିଯୁକ୍ତି ମିଳିଛି। ସେହିପରି ଭଦ୍ରକ ଏସ୍‌ପି ତଥା ୨୦୦୯ ବ୍ୟାଚ୍ ଆଇପିଏସ୍ ଅଫିସର ଚରଣସିଂହ ମୀନାଙ୍କୁ ଡିଆଇଜି ଭାବେ ପଦୋନ୍ନତି ମିଳିବା ସହିତ ତାଙ୍କୁ ଅଗ୍ନିଶମ ଓ ହୋମ୍‌ଗାର୍ଡ ଡିଆଇଜି ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କୁ ଅନୁଗୋଳ ଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ଯାଜପୁର ଏସ୍‌ପି ରାହୁଲ ପିଆରଙ୍କୁ ଜଗତ୍‌ସିଂହପୁର, ଅନୁଗୋଳ ଏସ୍‌ପି ଜଗମୋହନ ମୀନାଙ୍କୁ ଗଞ୍ଜାମ ଏସ୍‌ପି ଭାବେ ବଦଳି କରାଯାଇଛି। ଢେଙ୍କାନାଳ ଏସ୍‌ପି ଏଲ୍. ଦିବ୍ୟାଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ନୂଆ ଦାୟିତ୍ୱ ମିଳିଛି। ନୂଆପଡ଼ା ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ସୁନ୍ଦରଗଡ଼ ବଦଳି କରାଯାଇଥିବା ବେଳେ ☞ପୃଷ୍ଠା-୪

# ପ୍ରଦୂଷଣ ରୋକିବ 'ହେୟାର ମ୍ୟାଟ୍'

**ବ୍ରସେଲ୍ସ, ୩୦।୧୨**

ଗାଡ଼ି, ମୋଟରରୁ ବାହାରୁଥିବା ବିଷାକ୍ତ ଧୂଆଁ, ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଏବଂ ଅନ୍ୟ ହାନିକାରଣ ଗ୍ୟାସ୍ ପରିମାଣ ବଢ଼ିବା ଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ପରିବେଶ ପ୍ରଦୂଷଣକୁ ରୋକିବା ଦିଗରେ ବିଭିନ୍ନ ଦେଶ ନିଜସ୍ୱ ଜ୍ଞାନକୌଶଳ ବ୍ୟବହାର କରି ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ସେହିପରି ୟୁରୋପର ବେଲ୍‌ଜିମ୍‌ର ବିଶେଷଜ୍ଞମାନେ ପ୍ରଦୂଷଣ ବିରୋଧରେ ଏକ ନିଆରା ଉପାୟ ଆବିଷ୍କାର କରିଛନ୍ତି। ବେଲଜିୟମ୍ ବିଶେଷଜ୍ଞଙ୍କ ଏକ ଟିମ୍ ମନୁଷ୍ୟ କେଶକୁ ବ୍ୟବହାର କରି ହେୟାର୍ ମ୍ୟାଟ୍ ତିଆରି କରିଛନ୍ତି, ଯାହା ଏନ୍‌ଭାଇରୋନମେଣ୍ଟରେ ଥିବା ହାଇଡ୍ରୋକାର୍ବନ୍‌କୁ ଷୋଶି ନେଉଛି।

ବେଲ୍‌ଜିୟମର ଏକାଧିକ ଏନ୍‌ଜିଓ ପ୍ରଦୂଷଣ ଦୂରୀକରଣ ପାଇଁ ଆରମ୍ଭ କରାଯାଇଥିବା 'ହ୍ୟୁମାନ୍ ହେୟାର ରିସାଇକେଲ୍' ପ୍ରୋଜେକ୍ଟରେ ସାମିଲ ହୋଇଛନ୍ତି। ପାର୍ଲର ଓ ସେଲୁନ୍‌କୁ ଆସୁଥିବା ଗ୍ରାହକଙ୍କ ପରିତ୍ୟକ୍ତ କେଶକୁ ସଂଗ୍ରହ କରି ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ଅଣସରକାରୀ ସଙ୍ଗଠନ (ଏନ୍‌ଜିଓ)କୁ ହସ୍ତାନ୍ତର କରାଯାଉଛି। ସଂଗୃହୀତ କେଶକୁ ପୁନଃ ବ୍ୟବହାର (ରିସାଇକେଲ) ପଦ୍ଧତିରେ ମେଶିନ୍ ସହାୟତାରେ ଏକ ମ୍ୟାଟ୍ ତିଆରି କରାଯାଉଛି। ଏକ କିଲୋଗ୍ରାମ କେଶରେ ତିଆରି ମ୍ୟାଟ୍ ପାଖାପାଖି ୭-୮ ଲିଟର ତେଲ ଏବଂ ହାଇଡ୍ରୋକାର୍ବନ୍ ଆବ୍‌ଜର୍ଭ କରିପାରିବ ବୋଲି ପ୍ରୋଜେକ୍ଟର ସହ-ସଂସ୍ଥାପକ ପାଟିଆକ୍ ଜନସେନ କହିଛନ୍ତି। ତେବେ ଏହି ହେୟାର ମ୍ୟାଟ୍‌କୁ ଡ୍ରେନ୍ ବା ନାଳଗୁଡ଼ିକରେ ସ୍ଥାପନ କରିବା ଦ୍ୱାରା ଜଳରେ ଥିବା କ୍ଷତିକାରକ କଣିକା ସବୁ ଏହି ମ୍ୟାଟ୍ ଛାଣିନେବ। ଫଳରେ ନାଳରୁ ଯେଉଁ ଜଳ ଯାଇ ନଦୀରେ ମିଶିବ ସେଥିରେ କୌଣସି କ୍ଷତିକାରଣ ପାର୍ଟିକଲ୍‌ର ମାତ୍ରା କମିଯିବ। ମ୍ୟାଟ୍ ତିଆରି କରିବା ଲାଗି କୌଣସି ଦାମୀ ମେଶିନ୍ କିମ୍ବା କଞ୍ଚାମାଲ୍‌ର ଆବଶ୍ୟକତା ନାହିଁ। ଏ ନେଇ ବ୍ୟବହୃତ କେଶ ପ୍ରତ୍ୟେକ ସ୍ଥାନରେ ସହଜରେ ଉପଲବ୍ଧ। କେଶର କେରାଟିନ୍ ଫାଇବର ଯୋଗୁ ଏହା ପାଖରେ ନିଜ ଓଜନର ୧୦ ନିୟୁତ ଗୁଣ ପ୍ରଦୂଷିତ କଣିକା ଆବ୍‌ଜର୍ଭ କରିବାର କ୍ଷମତା ରହିଛି।



**ଜଜ୍‌ଙ୍କୁ ଟେକା ଫିଙ୍ଗିଲେ ଅଭିଯୁକ୍ତ**

ଗୁଜରାଟର ନଭସାରି କୋର୍ଟରେ ଶୁକ୍ରବାର ଏକ ମାମଲାର ଶୁଣାଣିବେଳେ ଅଭିଯୁକ୍ତ ଧର୍ମେଶ ରାଠୋଡ଼ ଜଜ୍‌ଙ୍କୁ ଟେକା ଫିଙ୍ଗିଥିଲେ। ସୌଭାଗ୍ୟବଶତଃ ଜଜ୍ ଏ.ଆର୍. ଦେଶାଇ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ଏନେଇ ଶୁଣାଣି ସ୍ଥଗିତ କରାଯିବା ପରେ ଅଭିଯୁକ୍ତଙ୍କୁ ସୁରାଟସ୍ଥିତ ଲାଜପୋରେ ଜେଲକୁ ପଠାଇ ଦିଆଯାଇଛି। ହତ୍ୟା ଉଦ୍ୟମ ଏବଂ ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରିବା ଅଭିଯୋଗରେ ରାଠୋଡଙ୍କ ନାଁରେ ମାମଲା ରୁଜୁ ହୋଇଥିବାବେଳେ ଏହାର ଶୁଣାଣି କୋର୍ଟରେ କରାଯାଉଥିଲା।



## ସଂକ୍ଷେପରେ

### ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ହେବ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

**ନୂଆଦିଲ୍ଲୀ,୩୦।୧୨:** ନୂଆ ପାର୍ଲାମେଣ୍ଟ ବିଲ୍ଡିଂ ମାର୍ଚ୍ଚ ମାସରେ ଉଦ୍‌ଘାଟନ ହେବାକୁ ଥିବାବେଳେ ଆଗାମୀ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସେଠାରେ ଅନୁଷ୍ଠିତ ହେବ। ପାର୍ଲାମେଣ୍ଟ ବିଲ୍ଡିଂ କାର୍ଯ୍ୟ ପୂରା ଦମ୍‌ରେ ଚାଲିଛି ଏବଂ ଫେବୃୟାରୀ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଆଶା କରାଯାଉଛି ବୋଲି କେତେ ଜଣ ଅଧିକାରୀ କହିଛନ୍ତି। ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ହୋଇଥାଏ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଜାନୁୟାରୀ ୩୦ କିମ୍ବା ୩୧ରେ ଆରମ୍ଭ ହୋଇଥାଏ। ରାଷ୍ଟ୍ରପତି ଉଭୟ ଗୃହର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେଇଥାନ୍ତି। ଫେବୃୟାରୀ ୧ରେ କେନ୍ଦ୍ରୀୟ ବଜେଟ ଗୃହରେ ଉପସ୍ଥାପନ କରାଯାଇଥାଏ। ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୮ କିମ୍ବା ୯ରେ ଶେଷ ହେଉଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇ ମେ' ପ୍ରଥମ ଭାଗ ପର୍ଯ୍ୟନ୍ତ ଚାଲିଥାଏ। ସଂସଦୀୟ ସୂତ୍ରରୁ ଜଣାଯାଇଛି ଯେ, ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ନୂଆ ବିଲ୍ଡିଂରେ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୦ ଡିସେମ୍ବରରେ ଏହି ବିଲ୍ଡିଂର ଶିଳାନ୍ୟାସ କରିଥିଲେ।

### ଭାରତକୁ ପୁଟିନ୍‌ଙ୍କ ନୂଆବର୍ଷ ଶୁଭେଚ୍ଛା

**ମସ୍କୋ, ୩୦।୧୨:** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କ୍ରେମ୍‌ଲିନର ବନ୍ଧୁ ରାଷ୍ଟ୍ର ଭାରତ ସମେତ ତୁର୍କୀ, ସିରିଆ, ଭେନେଜୁଏଲା ଏବଂ ଚାଇନାକୁ ନୂଆବର୍ଷ ଶୁଭେଚ୍ଛା ଜଣାଇଛନ୍ତି।



କିନ୍ତୁ ପୁଟିନ୍ ଆମେରିକା, ଫ୍ରାନ୍ସ ଏବଂ ଜର୍ମାନ୍‌କୁ ନ୍ୟୁ ଇୟର୍ ଶୁଭେଚ୍ଛା ଜଣାଇ ନ ଥିବା ଶୁକ୍ରବାର କ୍ରେମଲିନ୍ ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ କାରଣରୁ ଏହି ରାଷ୍ଟ୍ର ପୁଟିନ୍‌ଙ୍କୁ ନିନ୍ଦା କରିବା ସହ ରୁଷିଆ ଉପରେ କଟକଣା ଲାଗୁ କରିଛନ୍ତି। ଯୁଦ୍ଧପରଠାରୁ ଏହି ଦେଶ ସହ ରୁଷିଆ ନିଜ ସମ୍ପର୍କ ଛିନ୍ନ କରିଥିବା କ୍ରେମଲିନ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ କହିଛନ୍ତି।

### ତୁଷାରପାତ: ଅଟଳ ଟନେଲରେ ଅଟକିଲେ ୨ ହଜାର ପର୍ଯ୍ୟଟକ

**ମାନାଲି,୩୦।୧୨:** ପ୍ରବଳ ତୁଷାରପାତ ଯୋଗୁ ହିମାଚଳପ୍ରଦେଶର ରୋହତଙ୍ଗ ପାସ୍‌ରେ ଥିବା ଅଟଳ ଟନେଲରେ ପ୍ରାୟ ୫୦୦ ଗାଡ଼ିରେ ୨,୦୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଦୀର୍ଘ ସମୟ ଅଟକି ରହିଥିଲେ। ଦୀର୍ଘ ୮ ଘଣ୍ଟାର ଉଦ୍ୟମ ପରେ ଗୁରୁବାର ବିଳମ୍ବିତ ରାତିରେ ସେମାନଙ୍କୁ ଉଦ୍ଧାର କରାଯାଇଛି। ଗୁରୁବାର ଅପରାହ୍ନରୁ ତୁଷାରପାତ ଜାରି ରହିବାରୁ ରାସ୍ତା ଖସଡ଼ା ହୋଇଯାଇଥିଲା। ଫଳରେ ଟନେଲର ଉଭୟ ଉତ୍ତର ଓ ଦକ୍ଷିଣ ପୋର୍ଟାଲରେ ଶହ ଶହ ଗାଡ଼ି ଅଟକି ରହିଥିଲା। ଏଥିପାଇଁ ଅନେକ ଦୂର ଯାଏ ଟ୍ରାଫିକ୍ ଜାମ୍ ସୃଷ୍ଟି ଲାଗିରହିଥିଲା। ଗାଡ଼ିଗୁଡ଼ିକୁ ନିରାପଦର ସହିତ ହଟାଇବାରେ କୁଲ୍ଲୁ ଏବଂ ଲାହୁଲ୍-ସ୍ପିଟି ପୋଲିସ ପର୍ଯ୍ୟଟକ ଓ ଡ୍ରାଇଭରମାନଙ୍କୁ ସହାୟତା କରିଥିଲେ। ଅପରାହ୍ନ ୫ଟାରୁ ରାତି ୧ଟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ତୁଷାରପାତ ଦେଖିବା ପାଇଁ ହିମାଚଳପ୍ରଦେଶର ଉକ୍ତ ଅଞ୍ଚଳକୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ଗୁରୁବାର ତୁଷାରପାତ ଆରମ୍ଭ ହେବା ସହ ଗାଡ଼ିଗୁଡ଼ିକ ଖସିବାରୁ ଚଳାଇବା କଷ୍ଟକର ହୋଇପଡ଼ିଥିଲା।



ଗାନ୍ଧୀନଗରରେ ମା' ହୀରାବେନ୍‌ଙ୍କ ଶବାଧାରକୁ କାନ୍ଧରେ ବୋହୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଶୁକ୍ରବାର ଭୋର ସମୟରେ ହୀରାବେନ୍‌ଙ୍କ ପରଲୋକ ଘଟିଛି।

# ସୁ୍ୟ ଟୀ'ଙ୍କୁ ପୁଣି ୭ ବର୍ଷ ଜେଲ

**ବ୍ୟାଙ୍କକ୍,୩୦।୧୨**

ବହିଷ୍କୃତ ନେତ୍ରୀ ଅଙ୍ଗ୍ ସାନ୍ ସୁ୍ୟ ଟୀ'ଙ୍କୁ ମ୍ୟାନ୍‌ମାରର ଏକ ଅଦାଲତ ଦୁର୍ନୀତି ମାମଲାରେ ଶୁକ୍ରବାର ଦୋଷୀସାବ୍ୟସ୍ତ କରି ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ମ୍ୟାନ୍‌ମାର ସେନା ୨୦୨୧ ଫେବୃୟାରୀରେ ସୁ୍ୟ ଟୀ'ଙ୍କ ନିର୍ବାଚିତ ସରକାରଙ୍କୁ ହଟାଇ କ୍ଷମତା ଦଖଲ କରିଥିଲା। ଏଥିସହିତ ସୁ୍ୟ ଟୀଙ୍କୁ ବିଭିନ୍ନ ମାମଲାରେ ଦୋଷୀସାବ୍ୟସ୍ତ କରି ଜେଲରେ ରଖାଯାଇଥିଲା। ବର୍ତ୍ତମାନର ଜେଲଦଣ୍ଡକୁ ମିଶାଇ ତାଙ୍କୁ ମୋଟ ୩୩ ବର୍ଷ କାରାଗାରରେ କଟାଇବାକୁ ପଡ଼ିବ।

ଶୁକ୍ରବାର ଦୁର୍ନୀତି ନିବାରଣ ଆଇନରେ ୭୭ ବର୍ଷୀୟା ମ୍ୟାନ୍‌ମାର ନେତ୍ରୀଙ୍କୁ ୫ଟି ମାମଲାରେ ଦୋଷୀ କରାଯାଇଛି। ପୂର୍ବରୁ ସେ ୭ଟି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ସେଗୁଡ଼ିକ ମଧ୍ୟରେ ରହିଛି ବେଆଇନ ଭାବେ ୱାକି-ଟକି ଆମଦାନି କରି ପାଖରେ ରଖିବା, କରୋନା କଟକଣା ଉଲ୍ଲଂଘନ କରିବା, ଦେଶର ଗୋପନୀୟତା ଆଇନ ଉଲ୍ଲଂଘନ କରିବା, ଦେଶଦ୍ରୋହ ଏବଂ ନିର୍ବାଚନରେ ଜାଲିଆତି। ପୂର୍ବ ଅପରାଧ ମାମଲାରେ ତାଙ୍କୁ ୨୬ ବର୍ଷ ଜେଲ ହୋଇଥିଲା। ସାମରିକ ଶାସକ ୨୦୨୩ରେ ନିର୍ବାଚନ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସୁ୍ୟ ଟୀ'ଙ୍କୁ ରାଜନୀତିଠାରୁ ଦୂରେଇ ରଖିବା ଲାଗି ସାମରିକ ସରକାର ତାଙ୍କ ବିରୋଧରେ ମାମଲା ଲଗାଉଥିବା ମ୍ୟାନ୍‌ମାର ନେତ୍ରୀଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଯେଉଁସବୁ ମାମଲାରେ ଦୋଷୀସାବ୍ୟସ୍ତ କରାଯାଇଛି ସେଗୁଡ଼ିକ ମଧ୍ୟରେ ରହିଛି କ୍ଷମତାର ଅପବ୍ୟବହାର, ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି ଯୋଗୁ ହୋଇଥିବା ରାଜକୋଷ କ୍ଷତି ଇତ୍ୟାଦି। ଗତବର୍ଷ ଫେବୃୟାରୀରେ ସାମରିକ ବିଦ୍ରୋହ ବଳରେ ଗଣତାନ୍ତ୍ରିକ ସରକାରକୁ କ୍ଷମତାଚ୍ୟୁତ କରାଯିବା ପରେ ସୁ୍ୟ ଟୀ'ଙ୍କୁ ଅଟକ ରଖାଯାଇଥିଲା। ପରେ ତାଙ୍କୁ ବିଭିନ୍ନ ମାମଲାରେ ଦୋଷୀସାବ୍ୟସ୍ତ କରାଯାଇ ଜେଲରେ ରଖାଯାଇଛି।



# ୟୁକ୍ରେନ୍ ଉପରେ ରୁଷିଆର ଘନ ଘନ ଆକ୍ରମଣ



ରୁଷିଆର ମିଶାଇଲ ଆକ୍ରମଣ ପରେ କିଭ୍ ନିକଟରେ ଏକ ଘରେ ଲାଗିଥିବା ନିଆଁକୁ ଲିଭାଯାଉଛି।

**କିଭ୍, ୩୦।୧୨**

ବର୍ଷ ଶେଷ ହେବାକୁ ବସିଥିବାବେଳେ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ଲାଗିପାରୁ ନାହିଁ। ଇତିମଧ୍ୟରେ ଯୁଦ୍ଧକୁ ୧୦ ମାସରୁ ଊର୍ଦ୍ଧ୍ୱ ଦିନ ବିତିଯାଇଛି। କିଛି ସପ୍ତାହର ବିରତି ପରେ ପୁଣି ଆଟାକିଂ ମୋଡ୍‌କୁ ଚାଲିଆସିଛି ରୁଷିଆ। ଗୁରୁବାର ରୁଷିଆ ୟୁକ୍ରେନ୍ ଉପରକୁ ଘନଘନ ମିଶାଇଲ ମାଡ଼ କରିଛି। ରୁଷିଆ ସୈନ୍ୟ ୟୁକ୍ରେନ୍ ଉପରକୁ ମୋଟ ୬୯ ମିଶାଇଲ ଆକ୍ରମଣ କରିଥିବାବେଳେ ସେଥିରୁ ୫୪ଟିକୁ ମିଶାଇଲକୁ ସୈନ୍ୟ ନିଷ୍କ୍ରିୟ କରିଦେଇଥିବା ୟୁକ୍ରେନୀୟ ସେନାମୁଖ୍ୟ ଜେନେରାଲ ଭାଲେରି ଜାଲୁଝନ୍ୟି କହିଛନ୍ତି। ରୁଷିଆର ମିଶାଇଲ୍ ଆକ୍ରମଣ ଯୋଗୁ ୟୁକ୍ରେନ୍‌ର ପାୱାର ଷ୍ଟେଶନ୍ ସହିତ ବହୁ ବିଲ୍ଡିଂ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏଥିରେ ୟୁକ୍ରେନର ଦ୍ୱିତୀୟ ବୃହତ୍ ସହର କୁହାଯାଉଥିବା ଖାରକିଭ୍‌ର ୨ ନାଗରିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ୟୁକ୍ରେନ୍‌ର କିଛି ନର୍ଦ୍ଦିଷ୍ଟ ଇଲାକାରେ ୧୬ ରୁଷୀୟ ଡ୍ରୋନ୍ ବୁଲୁଥିବାବେଳେ ୟୁକ୍ରେନ ବାୟୁସେନା ଉକ୍ତ ଡ୍ରୋନ୍‌ଗୁଡ଼ିକୁ ନଷ୍ଟ କରିଦେଇଥିବା କହିଛି। ଅକ୍ଟୋବର ପରଠାରୁ ୟୁକ୍ରେନରେ ବିଦ୍ୟୁତ୍ ଏବଂ ଜଳର ଘୋର ଅଭାବ ଦେଇ ଗତି କରୁଛନ୍ତି।

### ଆମେରିକା ଫେରନ୍ତା ମହିଳାଙ୍କୁ କରୋନା

**ଜବଲପୁର,୩୦।୧୨**

ଆମେରିକାରୁ ମଧ୍ୟପ୍ରଦେଶର ଜବଲପୁରକୁ ଫେରିଥିବା ଜଣେ ୩୮ ବର୍ଷୀୟ ମହିଳା କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୨୩ ତାରିଖରେ ମହିଳା ଜଣକ ତାଙ୍କ ସ୍ୱାମୀ ଓ ଝିଅଙ୍କ ନୂଆଦିଲ୍ଲୀ ଓ ଆଗ୍ରା ଦେଇ ଜବଲପୁରରେ ପହଞ୍ଚିଥିଲେ। ତାଙ୍କୁ ଥଣ୍ଡା ଓ କାଶ ହୋଇଥିବାରୁ କୋଭିଡ୍ ପରୀକ୍ଷା କରାଇବା ପରେ ପଜିଟିଭ୍ ଜଣାପଡ଼ିଥିଲା। ତାଙ୍କ ନମୁନାର ଜିନୋମ ସିକ୍ୱେନ୍ସିଂ ପାଇଁ ଗ୍ୱାଲିୟରର ଡିଆର୍‌ଡିଓ ଲାବରେଟୋରିକୁ ପଠାଯାଇଛି। ଆମେରିକାରେ କାର୍ଯ୍ୟ କରୁଥିବା ଏହି ମହିଳା ଜଣଙ୍କ କୋଲକାତାରେ ଏକ ପାରିବାରିକ ଉତ୍ସବରେ ଯୋଗଦେବା ଲାଗି ୩ ସପ୍ତାହ ପାଇଁ ଭାରତ ଆସିଛନ୍ତି।

# ନୂଆବର୍ଷରେ ବିଶ୍ୱ ଜନସଂଖ୍ୟା ୭୯୦ କୋଟି ହେବ

**ନ୍ୟୁୟର୍କ,୩୦।୧୨**

ନୂଆବର୍ଷ ୨୦୨୩ର ପ୍ରଥମ ଦିନରେ ବିଶ୍ୱ ଜନସଂଖ୍ୟା ୭୯୦ କୋଟିରେ ପହଞ୍ଚିବ ବୋଲି ଆମେରିକା ସେନ୍‌ସସ୍ ବ୍ୟୁରୋ ଆକଳନ କରିଛି। ୨୦୨୨ ଜାନୁୟାରୀ ୧ରୁ ଇତିମଧ୍ୟରେ ଲୋକ ସଂଖ୍ୟାରେ ୭.୩୭ କୋଟି ଯୋଡ଼ି ହୋଇଛି ଅର୍ଥାତ୍ ବର୍ଷକରେ ବିଶ୍ୱ ଜନସଂଖ୍ୟା ୦.୯ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୩ ଜାନୁୟାରୀରେ ସାରା ବିଶ୍ୱରେ ପ୍ରତି ସେକେଣ୍ଡରେ ୪.୩ ଶିଶୁ ଜନ୍ମହେବାକୁ ଥିବାବେଳେ ୨ ଜଣଙ୍କର ମୃତ୍ୟୁ ଘଟିବ ବୋଲି ସେନ୍‌ସସ୍ ବ୍ୟୁରୋ କହିଛି।

ଆକଳନ ଅନୁଯାୟୀ ୨୦୨୩ ନୂଆ ବର୍ଷରେ ଆମେରିକା ଜନସଂଖ୍ୟା ୩୩ କୋଟି ୪୨ ଲକ୍ଷରେ ପହଞ୍ଚିବ। ବର୍ଷକରେ ସେଠାରେ ଲୋକସଂଖ୍ୟା ୧୫ ଲକ୍ଷ ବୃଦ୍ଧି ପାଇଛି ଯାହାକି ୦.୫ ପ୍ରତିଶତ। ଆମେରିକାରେ ଆସନ୍ତାବର୍ଷ ଜାନୁୟାରୀରେ ପ୍ରତି ୯ ସେକେଣ୍ଡରେ ଜଣେ ଶିଶୁ ଜନ୍ମ ହେବାକୁ ଥିବାବେଳେ ପ୍ରତି ୧୦ ସେକେଣ୍ଡରେ ଜଣକର ମୃତ୍ୟୁ ଘଟିବ ବୋଲି କୁହାଯାଇଛି। ସେହିପରି ଅନ୍ତର୍ଜାତୀୟ ପ୍ରବାସନ ଯୋଗୁ ଆମେରିକା ଲୋକ ସଂଖ୍ୟା ପ୍ରତି ୩୨ ସେକେଣ୍ଡରେ ୧ ବଢ଼ିବ ବୋଲି ସେନ୍‌ସସ୍ ବ୍ୟୁରୋ ଆକଳନ କରିଛି।

# ଦଲାଇ ଲାମାଙ୍କୁ ଭେଟିଲେ ନୀତୀଶ

### ମହାବୋଧି ମନ୍ଦିର ଦର୍ଶନ କଲେ

**ପାଟନା, ୩୦।୧୨**

ଦୁଇବର୍ଷ ପରେ ତିବ୍ବତୀୟ ଆଧ୍ୟାତ୍ମିକ ଗୁରୁ ଦଲାଇ ଲାମା ଶୁକ୍ରବାର ବିହାରର ମହାବୋଧି ମନ୍ଦିର ଦର୍ଶନ କରିଛନ୍ତି। ଏହି ଅବସରରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ମଧ୍ୟ ସେ ସାକ୍ଷାତ୍ କରିଛନ୍ତି। ଅପରାହ୍ନ ପ୍ରାୟ ୧୨ଟା ୪୦ ମିନିଟରେ ନୀତୀଶ କୁମାର ନୋବେଲ ପୁରସ୍କାର ବିଜେତା ଦଲାଇ ଲାମାଙ୍କୁ ଭେଟିବା ପାଇଁ ସେ ବିଶ୍ରାମ ନେଉଥିବା ବୌଦ୍ଧ ମଠରେ ପହଞ୍ଚିଥିଲେ। ସେଠାରେ ଅଧଘଣ୍ଟା ରହିବା ପରେ ମହାବୋଧି ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ମନ୍ଦିରରେ ପ୍ରାର୍ଥନା ପରେ ପରିସରରେ ଥିବା ବୋଧି ଗଛ ମୂଳରେ ନୀତୀଶ କୁମାର କିଛି ସମୟ ବିତାଇବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ। ମହାମାରୀ କରୋନା ପାଇଁ ଦୁଇବର୍ଷ ଧରି ମନ୍ଦିରକୁ ଭକ୍ତଙ୍କ ସମାଗମ ବନ୍ଦ ଥିବାବେଳେ ସଂକ୍ରମଣ କମିବା ପରେ ପୁଣିଥରେ ଭକ୍ତଙ୍କ ଆଗମନ ହୋଇଛି। ରାଜ୍ୟରେ ବୁଦ୍ଧଙ୍କର ଏକ ସଂଗ୍ରହାଳୟ ତିଆରି ଚାଲିଛି। ଦଲାଇ ଲାମା ଏହାକୁ ଉଦ୍‌ଘାଟନ କରିବେ ବୋଲ ନୀତୀଶ କହିଛନ୍ତି।



ଦଲାଇଲାମାଙ୍କୁ ଭେଟୁଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର।

# ମଞ୍ଚକୁ ଗଲେନି ମମତା

### ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ହାଇଡ୍ରାମା

**କୋଲକାତା,୩୦।୧୨**

ପଶ୍ଚିମବଙ୍ଗର ହାଓଡ଼ା ଷ୍ଟେଶନରେ ଶୁକ୍ରବାର ସକାଳେ ହାଇ ଡ୍ରାମା ଦେଖିବାକୁ ମିଳିଥିଲା। ସେଠାରୁ ନ୍ୟୁ ଜଲପାଇଗୁଡ଼ିକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲି ଶୁଭାରମ୍ଭ କରିଛନ୍ତି। ରେଳଷ୍ଟେଶନଠାରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରୁ କେତେଜଣ ଜୟ ଶ୍ରୀରାମ ସ୍ଲୋଗାନ ଦେବାରୁ ଏଥିରେ କ୍ଷୁବ୍ଧ ହୋଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଞ୍ଚକୁ ଯିବାକୁ ମନା କରିଦେଇଥିଲେ। ସେଠାରେ ଉପସ୍ଥିତ ଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ମୁଖ୍ୟମନ୍ତ୍ରୀଙ୍କୁ ଶାନ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ମମତା ଦର୍ଶକଙ୍କ ମଧ୍ୟରେ ଗୋଟିଏ ଚେୟାରରେ ବସିଥିଲେ। ହାଓଡ଼ାରୁ ନ୍ୟୁ ଜଲପାଇଗୁଡ଼ି ଚାଲିବାକୁ ଥିବା ପଶ୍ଚିମବଙ୍ଗର ପ୍ରଥମ ବନ୍ଦେ ଭାରତ ଏକ୍ସପ୍ରେସ୍ ସମେତ ଅନେକ ଉନ୍ନୟନମୂଳକ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଶୁକ୍ରବାର ଭର୍ଚୁଆଲି ଉଦ୍‌ଘାଟନ କରିଛନ୍ତି।



ମମତା ବାନାର୍ଜୀଙ୍କୁ ଶାନ୍ତ କରାଇବା ପାଇଁ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଉଦ୍ୟମ କରୁଛନ୍ତି।

# ୧୧ ଜଣଙ୍କ ବିରୋଧରେ ଏନ୍‌ଆଇଏ ଚାର୍ଜଶିଟ୍

### ତେଲଙ୍ଗାନା ପିଏଫ୍‌ଆଇ ଷଡ଼ଯନ୍ତ୍ର ମାମଲା

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**

ତେଲଙ୍ଗାନାରେ ବେଆଇନ ଘୋଷିତ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ପାଇଁ ଆତଙ୍କବାଦ ପ୍ରଶିକ୍ଷଣ କ୍ୟାମ୍ପ ଆୟୋଜନରେ ସମ୍ପୃକ୍ତ ୧୧ ଅଭିଯୁକ୍ତଙ୍କ ବିରୋଧରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଚାର୍ଜଶିଟ୍ ଦାଖଲ କରିଛି। ଅଭିଯୁକ୍ତମାନଙ୍କ ମଧ୍ୟରୁ ୧୦ ଜଣ ତେଲଙ୍ଗାନାର ହୋଇଥିବାବେଳେ ଜଣେ ଆନ୍ଧ୍ରପ୍ରଦେଶର। ହାଇଦ୍ରାବାଦର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟରେ ଗୁରୁବାର ଏହି ଚାର୍ଜଶିଟ୍ ଦାଖଲ ହୋଇଛି। ଗତ ଜୁଲାଇ ୪ରେ ତେଲଙ୍ଗାନା ନିଜାମାବାଦ ଜିଲା ପୋଲିସ ଏହି ମାମଲା ରୁଜୁ କରିଥିବାବେଳେ ଅଗଷ୍ଟ ୨୬ରେ ଏନ୍‌ଆଇଏ ତଦନ୍ତ ହାତକୁ ନେଇ ପୁନର୍ବାର ମାମଲା ଦାଏର କରିଥିଲା। ଅଭିଯୁକ୍ତମାନେ ମୁସଲମାନ ଯୁବକମାନଙ୍କ ମନରେ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ବିରୋଧରେ ଘୃଣା ସୃଷ୍ଟି କରାଇବା ସହ ସେମାନଙ୍କୁ ମୌଳବାଦୀ କରାଇ ପିଏଫ୍‌ଆଇରେ ନିଯୁକ୍ତ କରାଉଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି। ପିଏଫ୍‌ଆଇରେ ନିଯୁକ୍ତି ପାଇବା ପରେ ସେମାନଙ୍କୁ ତାଲିମ ଦେବା ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଥିଲା। ଯୋଗଶିକ୍ଷା ଏବଂ ଶାରୀରିକ ଶିକ୍ଷା ବାହାନାରେ ସେମାନଙ୍କୁ ଅସ୍ତ୍ରଶସ୍ତ୍ର ତାଲିମ ଦିଆଯାଉଥିଲା ବୋଲି ଏନ୍‌ଆଇଏର ଜଣେ ଅଧିକାରୀ କହିଛନ୍ତି।

# ପାକିସ୍ତାନରେ ହିନ୍ଦୁ ମହିଳାଙ୍କୁ ବୀଭତ୍ସ ହତ୍ୟା

**କରାଚି, ୩୦।୧୨**

- ନ୍ୟାୟ ଦାବିରେ ସିନ୍ଧ୍‌ରେ ବିକ୍ଷୋଭ
- ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେଉ ପାକିସ୍ତାନ: ବାଗ୍‌ଚୀ

ପାକିସ୍ତାନର ସିନ୍ଧ ପ୍ରଦେଶରେ ୪୪ ବର୍ଷୀୟା ହିନ୍ଦୁ ମହିଳା ଦୟା ଭେଲଙ୍କୁ ବୀଭତ୍ସ ହତ୍ୟା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ପ୍ରଦେଶରେ ରହୁଥିବା ଅଳ୍ପ ସଂଖ୍ୟକ ହିନ୍ଦୁ ସମ୍ପ୍ରଦାୟଙ୍କ ପାଇଁ ଏହା ଚିନ୍ତାର ବିଷୟ ପାଲଟିଛି। ଦୟାଙ୍କୁ ନ୍ୟାୟ ଦାବିରେ ସାଂଘର ଜିଲାରେ ଶୁକ୍ରବାର ଲୋକେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ବିଲକୁ କାମ କରିବାକୁ ଯାଇଥିବା ଦୟା ସୋମବାର ଘରକୁ ଆଉ ଫେରି ନ ଥିଲେ। ତାଙ୍କ ପିଲାମାନେ ଦୟାଙ୍କୁ ବହୁ ଖୋଜାଖୋଜି କରିବା ପରେ ସୋରିଷ କ୍ଷେତରୁ ତାଙ୍କ ମୃତଦେହ ମିଳିଥିବା ତାଙ୍କ ପୁଅ ସୁମାର କହିଛନ୍ତି। ହତ୍ୟାକାରୀମାନେ ଦୟାଙ୍କ ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଇଥିଲେ। ଏଥିସହ ତାଙ୍କ ସ୍ତନକୁ ଖଣ୍ଡ ଖଣ୍ଡ କରି କାଟି ଶରୀରର ଚମଡ଼ା ଉତାରି ଦେଇଥିଲେ। ଦେଶରେ ରହୁଥିବା ଅଳ୍ପସଂଖ୍ୟାକ ହିନ୍ଦୁମାନଙ୍କ ସୁରକ୍ଷା ଦାୟିତ୍ୱ ସରକାରଙ୍କର, ଯାହାକୁ ସେ ଗୁରୁତର ସହ ବହନ କରିବା ଆବଶ୍ୟକ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି। ଗୁରୁବାର ଦୟା ହତ୍ୟାକାଣ୍ଡର ସୂଚନା ପ୍ରଥମେ ପାକିସ୍ତାନର ହିନ୍ଦୁ ସିନେଟର କ୍ରିଷ୍ଣା କୁମାରୀ ଟୁଇଟର ପୋଷ୍ଟ ଶେୟାର କରି ଦେଇଥିଲେ। ସିନ୍ଧରେ ରହୁଥିବା ଭୀଲ ଆଦିବାସୀ ସମ୍ପ୍ରଦାୟ ଥିଲେ ଦୟା। ସେ ମୂଲଲାଗି ନିଜ ୪ ପିଲାଙ୍କ ଲାଳନପାଳନ ସାଙ୍ଗକୁ ଘର ଚଳାଉଥିଲେ। ପାକିସ୍ତାନରେ ମୋଟ ୭୫ଲକ୍ଷ ହିନ୍ଦୁ ବାସ କରୁଥିବାବେଳେ ଅନ୍ୟ ପ୍ରଦେଶ ତୁଳନାରେ ସିନ୍ଧରେ ଅଧିକମାତ୍ରରେ ହିନ୍ଦୁ ବସବାସ କରନ୍ତି। ସେମାନେ ଇସଲାମୀୟ ସଂସ୍କୃତି, ରୀତିନୀତି ଏବଂ ଭାଷାକୁ ଆପଣାଇ ସେଠାରେ ରହୁଛନ୍ତି। ସିନ୍ଧ ପ୍ରଦେଶ ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଦୟା ଭେଲ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲରେ ପିଜିଆଇଏମ୍ଇଆର୍‌କୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ।

# କ୍ୟାପିଟାଲ ହସ୍ପିଟାଲରେ ଖୋଲିଲା ପିଜିଆଇଏମ୍ଇଆର୍

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲରେ ଖୋଲିଲା ସ୍ନାତକୋତ୍ତର ମେଡିକାଲ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ(ପିଜିଆଇଏମ୍ଇଆର୍)। ଏଥିସହ ହସ୍ପିଟାଲର ନାମ ପିଜିଆଇଏମ୍ଇଆର୍ ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ତଥା ରାଜଧାନୀବାସୀଙ୍କୁ ଗୁଣାତ୍ମକ ମେଡିକାଲ ଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଏହି ପ୍ରତିଷ୍ଠାନ ପ୍ରମୁଖ ଭୂମିକା ଗ୍ରହଣ କରିବ। ଚଳିତ ୨୦୨୨-୨୩ ଶିକ୍ଷାବର୍ଷରୁ ଏଠାରେ ପ୍ରଥମ ବ୍ୟାଚ୍ ପିଜି ପାଠ୍ୟକ୍ରମ ଆରମ୍ଭ ହୋଇଛି। ମୋଟ ୧୫ଟି ବିଭାଗରେ ପାଠ୍ୟକ୍ରମ ଖୋଲିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୬ଟି ବିଭାଗକୁ ଅନୁମତି ମିଳିଛି। ସେଗୁଡ଼ିକ ହେଲା ଜେନେରାଲ ସର୍ଜରି, ମେଡିସିନ, ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଶ୍ୱାସରୋଗ ଏବଂ ଶିଶୁରୋଗ ବିଭାଗ। ଏହି ୬ଟି ବିଭାଗରେ ମୋଟ ୨୪ଟି ସିଟ୍ ରହିଛି। ମେଡିସିନ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ ସର୍ଜରି ବିଭାଗକୁ ୫ଟି ଲେଖାଏ ସିଟ୍, ଅସ୍ଥିଶଲ୍ୟ ବିଭାଗରେ ୨ଟି, ଶିଶୁରୋଗ ବିଭାଗରେ ୪ଟି ଓ ଶ୍ୱାସରୋଗ ବିଭାଗରେ ୩ଟି ସିଟ୍‌ରେ ପିଜି ପାଠ୍ୟକ୍ରମ ଖୋଲିଛି। ଏଥିପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶକ, ପ୍ରଫେସର ଓ କର୍ମଚାରୀଙ୍କ ସହ ପାଖାପାଖି ୭୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଆଉ ୯ଟି ବିଭାଗ ପର୍ଯ୍ୟାୟକ୍ରମେ ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି। ୨୮୪କୋଟି ଟଙ୍କା ବ୍ୟୟରେ ଏକ ନୂତନ ଏକାଡେମିକ ବ୍ଲକ୍ କାମ ମଧ୍ୟ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ପ୍ରତିଷ୍ଠାନର କେତେଜଣ ଛାତ୍ରୀଛାତ୍ରଙ୍କ ସହ କଥା ହୋଇଥିଲେ। ଏଠାରେ ନାମ ଲେଖାଇଥିବା ଉତ୍ତରପ୍ରଦେଶ, କେରଳ ଓ ସିକିମ୍‌ର ଛାତ୍ରୀଛାତ୍ରମାନେ ଏଠାରେ ଥିବା ସୁବିଧାସୁଯୋଗକୁ ନେଇ ଖୁସିବ୍ୟକ୍ତ କରିଥିଲେ। ଏଥିସହ ରାଜ୍ୟରେ ଉପଲବ୍ଧ ଉନ୍ନତ ଚିକିତ୍ସା ସେବାକୁ ମଧ୍ୟ ସେମାନେ ପ୍ରଶଂସା କରିଥିଲେ। '୫-ଟି'କୁ ଅନୁସରଣ କରି ଜନସେବାରେ ନିଜକୁ ଉତ୍ସର୍ଗ କରିବାକୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ଏହି ଅନୁଷ୍ଠାନରେ ଥିବା ସୁବିଧା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ପିଜିଆଇଏମ୍ଇଆର୍‌ର ନିର୍ଦ୍ଦେଶକ ଉପସ୍ଥିତ ଥିଲେ।



- ୬ ବିଭାଗରେ ରହିଛି ୨୪ ସିଟ୍
- ଖୋଲିବ ଆଉ ୯ ବିଭାଗ

# ଓସିଏସ୍ ପରୀକ୍ଷା ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

## ଜାନୁୟାରୀ ୧୭ରୁ ଆବେଦନ

କଟକ ଅଫିସ,୩୦।୧୨

ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍)-୨୦୨୨ ପରୀକ୍ଷା ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ପାଇଁ ଆଶାୟୀ ପରୀକ୍ଷାର୍ଥୀମାନେ ଆସନ୍ତା ଜାନୁୟାରୀ ୧୭ରୁ ଫେବୃୟାରୀ ୧୬ ତାରିଖ ମଧ୍ୟରେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିଥିବା ମୋଟ ୬୮୩ ପଦବୀ ପାଇଁ ଏହି ପରୀକ୍ଷା ହେବ। ଉକ୍ତ ପରୀକ୍ଷାରେ ସାଧାରଣ ବର୍ଗ ପାଇଁ ୩୮୭ଟି ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୧୨୮ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ପରୀକ୍ଷାରେ ଏସ୍‌ସି ବର୍ଗ ପାଇଁ ୮୯ ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୩୦ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏସ୍‌ଟି ବର୍ଗ ପାଇଁ ୧୩୬ ପଦବୀ ରହିଥିବାବେଳେ ସେଥିମଧ୍ୟରୁ ୪୬ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି ଏସ୍‌ଇବିସି ବର୍ଗ ପାଇଁ ୭୧ପଦବୀ ରହିଥିବାବେଳେ ସେଥିମଧ୍ୟରେ ୨୩ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ପ୍ରିଲିମିନାରି ଏବଂ ମେନ୍ ଭଳି ଦୁଇଟି ପର୍ଯ୍ୟାୟରେ ଓସିଏସ୍ ପରୀକ୍ଷା ହେବ। ଆଶାୟୀମାନେ ଓପିଏସ୍‌ସି ୱେବ୍‌ସାଇଟ୍ http:/opsc.gov.inରେ ପରୀକ୍ଷା ପାଇଁ ଆବେଦନ କରିପାରିବେ।

# ରୁଷୀୟ ପର୍ଯ୍ୟଟକ ମୃତ୍ୟୁ ମାମଲାରେ କନ୍ଧମାଳ ଲିଙ୍କ୍

ଫୁଲବାଣୀ ଅଫିସ,୩୦।୧୨

ରାୟଗଡ଼ାରେ ରୁଷୀୟ ପର୍ଯ୍ୟଟକ ମୃତ୍ୟୁ ମାମଲାର ତଦନ୍ତ ପ୍ରକ୍ରିୟା ଯେତେ ଆଗଉଛି ଘଟଣାର ରହସ୍ୟ ସେତେ ବଢ଼ିବାରେ ଲାଗିଛି। ତେବେ ଏହି ଘଟଣାର ଲିଙ୍କ କନ୍ଧମାଳରେ ମଧ୍ୟ ରହିଥିବା ଜଣାପଡ଼ିଛି। ରୁଷୀୟ ପର୍ଯ୍ୟଟକ ଆଣ୍ଟେଭ ପାଭେଲ ଓ ଭ୍ଲାଡିମିର ବିଦାନୋଭ କନ୍ଧମାଳ ଜିଲା ଦାରିଙ୍ଗବାଡିର ଏକ ରିସର୍ଟରେ ରହିଥିଲେ ବୋଲି ସୂଚନା ମିଳିଛି। ହେଲେ ସେମାନେ ଜିଲାର କୌଣସି ପର୍ଯ୍ୟଟନ ସ୍ଥଳୀ ନ ବୁଲି ରାୟଗଡ଼ା ଚାଲି ଯାଇଥିବାରୁ ସନ୍ଦେହ ସୃଷ୍ଟି ହୋଇଛି। ଭ୍ଲାଡିମିର ବିଦାନୋଭ ରିସର୍ଟରେ ମଦ୍ୟପାନ କରିଥିବା ଫଟୋ ଭାଇରାଲ ହେଉଛି। ରିସର୍ଟରେ କ'ଣ ହୋଇଥିଲା, ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି। ରିସର୍ଟ ମାଲିକ ଏ ସମ୍ପର୍କରେ କୌଣସି ତଥ୍ୟ ଦେଉନାହାନ୍ତି। ରିସର୍ଟକୁ ତାଲା ପକାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗତ ୨୦ ତାରିଖ ସନ୍ଧ୍ୟା ୭ଟାରେ ପାଭେଲ, ବିଦାନୋଭ ଓ ସେମାନଙ୍କ ସହ ଆସିଥିବା ଦମ୍ପତି ଏବଂ ଜଣେ ଟୁରିଷ୍ଟ ଗାଇଡ୍ ଦାରିଙ୍ଗବାଡି ଥାନା କିରିକୁଟିରେ ଥିବା ପାନାସିଆ ଇକୋ ରିସର୍ଟରେ ରାତ୍ରିଯାପନ କରି ରାୟଗଡା ଚାଲିଯିବା ଘଟଣା ଦ୍ୱନ୍ଦ୍ୱ ସୃଷ୍ଟି କରିଛି।






**ଆଜିର ମନ୍ତବ୍ୟ**

"ରାଜନୀତି ଲୋକଙ୍କୁ ଦେଖେଇ ହେବା କିମ୍ବା ନିଜସ୍ୱ ପ୍ରଚାର ପାଇଁ ନୁହେଁ। ଏହା କେବଳ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବା ଏବଂ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । -ୱାଇ.ଏସ୍. ଜଗନମୋହନ ରେଡ୍ଡୀ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତ ଗୋଡ଼ ଯେବେ ଅଛିରେ ଖେଣ୍ଟା**
**ପରକୁ କି ପାଇଁ ଦାନ୍ତ ନିକିଟା।**

ନିଜେ ଠିକ୍ ଥିଲେ ଅନ୍ୟକୁ ଆଶରା କରିବାରେ ମାନେ କିଛି ରହି ନ ଥାଏ । ହାତ ଗୋଡ଼ ଚାଲୁଥିଲେ ସୁସ୍ଥ ସବଳ ଥିଲେ, ଅନ୍ୟ ଉପରେ ନିର୍ଭର ନ କରି ନିଜେ ଖଟି ଖାଇବା ହିଁ ଉଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହୁଳୁହୁଳି ଦେଲା ବେଳକୁ ତୁଣ୍ଡରେ ଘା**
**ଜାଉ ଖାଇବାକୁ ପୁଅର ମା।**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ । ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତିକି ବ୍ୟଗ୍ରତା ପ୍ରକାଶ ପାଏ, ଅନ୍ୟର ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହୁଏ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, କଂସ ମର୍ମାହତ

**ବରଗଡ଼ ଧନୁଯାତ୍ରା**

ମଥୁରାନଗରୀ/ଗୋପପୁର,୩୦।୧୨

ବରଗଡ଼ ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ଚତୁର୍ଥ ଦିବସର ଦୃଶ୍ୟାଭିନୟ ବେଶ୍ ଚିତ୍ତାକର୍ଷକ ଥିଲା। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାରେ ଗୋପପୁର ଉତ୍ସବମୁଖର ହୋଇପଡ଼ିଛି। ଅନ୍ୟପକ୍ଷେ କଂସ ପ୍ରେରିତ ରାକ୍ଷସୀ ରାକ୍ଷସଙ୍କ ବଧରେ କଂସ ମର୍ମାହତ ହୋଇପଡ଼ିଛନ୍ତି। ଗୋପପୁରକୁ ପ୍ରେରିତ ରାକ୍ଷସୀ ରାକ୍ଷସ ନିହତ ଖବର ପାଇ ମଥୁରାଧିପତି କଂସ ପୂର୍ବାପେକ୍ଷା ଆହୁରି ବିଚଳିତ ହୋଇ ପଡ଼ିଛନ୍ତି। ନନ୍ଦଭବନରେ ନନ୍ଦରାଣୀ, ନନ୍ଦରାଜା ମେଲାଣୀ ଦେବା ପରେ ଶ୍ରୀକୃଷ୍ଣ ଓ ବଳରାମ ଗୋପାଳ ବାଳକଙ୍କ ଗହଣରେ ଗୋପଦାଣ୍ଡ ପରିକ୍ରମା କରିଥିଲେ। ଏହାପରେ ସେମାନେ ଗୋପ ମଣ୍ଡପକୁ ଯାଇଥିଲେ। ସେଠାରେ ଶ୍ରୀକୃଷ୍ଣ ମାଟି ଖାଉଥିବା ଦେଖି ମା' ଯଶୋଦା ତାଙ୍କୁ ଆକଟ କରିଥିଲେ। ଏହି ସମୟରେ ସେ ଶ୍ରୀକୃଷ୍ଣଙ୍କ ପାଟିରେ ବିଶ୍ୱରୂପ ଦର୍ଶନ କରିଥିଲେ। ଏହାପରେ ସେଠାରେ କଂସ ପ୍ରେରିତ ପୁତନା, ବକା, ଶକଟା, ତୃଣା, ଧେନୁ, ଷଣ୍ଢ, ଅଘାସୁର ଆଦି ରାକ୍ଷସୀ ରାକ୍ଷସ ପହଞ୍ଚିଥିଲେ ଏବଂ ଶ୍ରୀକୃଷ୍ଣଙ୍କ ସ୍ପର୍ଶରେ ସେମାନଙ୍କ ନିଧନ ହୋଇଥିଲା। ଅନ୍ୟପକ୍ଷେ ମହାରାଜ କଂସ ମଥୁରା ଭ୍ରମଣରେ ବାହାରି ବାଣିଜ୍ୟକର ଅଧିକାରୀଙ୍କ କାର୍ଯ୍ୟାଳୟ (ସେଲ୍ସଟ୍ୟାକ୍ସ ଅଫିସ) ପରିସର ମୁକ୍ତେଶ୍ୱର ମନ୍ଦିରକୁ ଯାଇ ରୁଦ୍ରାଭିଷେକ କରିଥିଲେ। ସେଠାରୁ ସେ ରଙ୍ଗମହଲକୁ ଯାଇ ନୃତ୍ୟଗୀତ ଆସରରେ ମସ୍‌ଗୁଲ୍ ହୋଇଥିଲେ ଏବଂ ପରେ କଂସ ହାଟପଦାସ୍ଥିତ ରାଜଦରବାରକୁ ଆସି ମଥୁରା ନଗରୀର ଖବର ବୁଝିଥିଲେ। ଗୋପପୁର ପଠାଇଥିବା ରାକ୍ଷସୀ ରାକ୍ଷସ ସେଠାରେ ଶ୍ରୀକୃଷ୍ଣଙ୍କ ହାତରେ ନିଧନ ହୋଇଥିବା ଖବର ପାଇ କଂସ ମର୍ମାହତ ହୋଇ ପଡ଼ିଥିଲେ। ଭିମ୍‌ସାର୍, ବୁର୍ଲାର ଡା. ଲଳିତ ମେହେର, ସୁପରିଣ୍ଟେଣ୍ଡେଣ୍ଟ ଲଳିତ ମୋହନ ନାୟକ, ଓଡ଼ିଶା ସର୍କଲ ପୋଷ୍ଟାଲ ସର୍ଭିସେସ୍‌ର ଡାଇରେକ୍ଟର ସୁବାଷ ବାରିକ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ।



ଗୋପପୁରରେ ଶ୍ରୀକୃଷ୍ଣଙ୍କ ବିଶ୍ୱରୂପ ଦୃଶ୍ୟାଭିନୟ ।

**ପୂର୍ବତନ ବାଚସ୍ପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**

# କିଶୋର ବାବୁଙ୍କ ସରଳତା ଥିଲା ତାଙ୍କର ବଡ଼ ପରିଚୟ: ମୁଖ୍ୟମନ୍ତ୍ରୀ

ବ୍ରଜରାଜନଗର/ଭୁବନେଶ୍ୱର, ୩୦।୧୨ (ଡି.ଏନ.ଏ./ବ୍ୟୁରୋ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ, ବିଧାନସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତ କିଶୋର କୁମାର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଦିବସରେ ଶୁକ୍ରବାର ବ୍ରଜରାଜନଗର ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଛକଠାରେ ତାଙ୍କ ପ୍ରତିମୂର୍ତ୍ତିକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କିଶୋର ବାବୁଙ୍କ ସରଳତା ତାଙ୍କର ବଡ ପରିଚୟ ଥିଲା। ଦଳମତ ନିର୍ବିଶେଷରେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ। ତୃଣମୂଳ ସ୍ତରରୁ ରାଜନୀତି ଆରମ୍ଭ କରି ସେ ସରକାରୀ ମୁଖ୍ୟ ସଚେତକ, ଏମ୍‌ପି, ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଏବଂ ରାଜ୍ୟ ବିଧାନସଭାର ବାଚସ୍ପତି ମଧ୍ୟ ହୋଇଥିଲେ। ବିଜୁ ଜନତା ଦଳର ସେ ଜଣେ ଦକ୍ଷ ସଂଗଠକ ଓ ନେତା ଥିଲେ। ଦଳକୁ ମଜଭୁତ କରିବାରେ ତାଙ୍କର ବହୁତ ଅବଦାନ ଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଯୋଗ ଦେଇ କହିଲେ ଯେ ସ୍ୱର୍ଗତ କିଶୋର ବାବୁଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା। ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ । ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବରେ ସେ ଅନେକ ଉନ୍ନୟନମୂଳକ କାମ କରିଯାଇଛନ୍ତି। ବିଧାୟକ ତଥା ସ୍ୱର୍ଗତ ମହାନ୍ତିଙ୍କ ସ୍ତ୍ରୀ ଅଳକା ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ପ୍ରକାଶ କରି କହିଲେ, ସ୍ୱର୍ଗତ କିଶୋର ମହାନ୍ତି ବ୍ରଜରାଜନଗର ତଥା ସମଗ୍ର ପଶ୍ଚିମ ଓଡିଶାର ଲୋକଙ୍କ ହୃଦୟରେ ସବୁ ଦିନ ପାଇଁ ଅମର ହୋଇ ରହିବେ। ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ, ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନ, ପୂର୍ବତନ ବରଗଡ଼ ଏମ୍‌ପି ପ୍ରଭାସ ସିଂ, ଦେବଗଡ଼ ରାଣୀ ଅରୁନ୍ଧତୀ ଦେବୀ, ପୂର୍ବତନ ବିଧାୟକ ଯୋଗେନ୍ଦ୍ର ବେହେରା, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରମେଶ ପଟୁଆ, ପ୍ରଫୁଲ୍ଲ ମାଝି, ସାଧୁ ନେପାକ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ, ଟଙ୍କଧର ତ୍ରିପାଠୀ, ବ୍ରଜରାଜନଗର ପୌରାଧକ୍ଷା ଯାଜ୍ଞସେନୀ ଓରାମ, ବ୍ରଜରାନଜଗର ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ତ୍ରିନାଥ ଗୁଆଲ, ବ୍ରଜରାନଜଗର ପୂର୍ବତନ ବିଧାୟକ ଅନୁପ ସାଏ, ଲଖନପୁର ବ୍ଲକ ଅଧକ୍ଷା ହୁତେଶ୍ୱରୀ ତିହିରିଆ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ପରିବାର ବର୍ଗଙ୍କ ମଧ୍ୟରୁ ତାଙ୍କ ବାପା ଗୋଲକ ଚନ୍ଦ୍ର ମହାନ୍ତି, ସହଧର୍ମିଣୀ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ପୁଅ ପୁରୁଷୋତ୍ତମ ମହାନ୍ତି, ଝିଅ ପ୍ରିୟମ୍ବଦା ମହାନ୍ତି, ଭାଇ ଦିଲୀପ ମହାନ୍ତି ଓ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କିଶୋର ମହାନ୍ତିଙ୍କ ସ୍ମୃତିରେ ତାଙ୍କ ବାପା ଓ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ୩୦ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସତ୍ୟଜିତ ମହାନ୍ତି। ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ବ୍ରଜରାଜନଗର ଖଲିଆକାନୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଉନ୍ମୋଚିତ ହୋଇଥିବା ସ୍ୱର୍ଗତ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତି।

## ପ୍ରଥମ ପୃଷ୍ଠାରୁ...

### ହୋଟେଲ ରୁମ୍‌ରୁ ଚପଲ, ...

ଚପଲ, ଗ୍ଲାସ ସମେତ ବିଭିନ୍ନ ଅଂଶରୁ ଅଙ୍ଗୁଳି ଛାପ ସଂଗ୍ରହ କରାଯାଇଥିବା ଡିଏସ୍‌ପି ସରୋଜକାନ୍ତ ସୂଚନା ଦେଇଛନ୍ତି। ଅନ୍ୟ ଦୁଇ ରୁମ୍‌ରୁ ମଧ୍ୟ ଅଙ୍ଗୁଳି ଛାପ ଓ ବିଭିନ୍ନ ସାମଗ୍ରୀ ସଂଗ୍ରହ କରାଯାଇଛି। ଯେଉଁ ସ୍ଥାନରେ ପଡ଼ି ପାଭେଲଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି ସେଠାରେ କ୍ରାଇମବ୍ରାଞ୍ଚ ଟିମ୍ ମାପଚୁପ କରିଛି। ତଦନୁଯାୟୀ ଘଟଣାସ୍ଥଳର ଏକ ସ୍କେଚ ମ୍ୟାପ୍ ତିଆରି କରାଯାଇଛି, ଯେଉଁଥିରେ ସମସ୍ତ ପ୍ରକାର ତଥ୍ୟ ସୂଚୀତ ହୋଇଛି। କିଭଳି ଛାତରୁ ପଡ଼ି ପାଭେଲଙ୍କ ମୃତ୍ୟୁ ହୋଇଛି ସେ ସମ୍ପର୍କରେ ଜାଣିବାକୁ ନିଶୁଣି ପକାଇ ଚଢ଼ି ଅନୁଧ୍ୟାନ କରିଥିଲା କ୍ରାଇମବ୍ରାଞ୍ଚ ଟିମ୍। ସେଠାରୁ ରକ୍ତ ନମୁନା ମିଳିଛି କି ନାହିଁ ତାହା ଜଣାପଡ଼ିନାହିଁ।

ବିଦାନୋଭଙ୍କ ମୃତ୍ୟୁକୁ ଓଡ଼ିଶା ପୋଲିସ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ହେଲେ ପାଭେଲଙ୍କ ମୃତ୍ୟୁ ପରେ କ୍ରାଇମବ୍ରାଞ୍ଚକୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଶୁକ୍ରବାର ଭୋରରୁ କ୍ରାଇମବ୍ରାଞ୍ଚ ଟିମ୍ ରାୟଗଡ଼ାରେ ପହଞ୍ଚି ୩ଟି ହୋଟେଲରେ ରହିଥିଲେ। ପୂର୍ବରୁ ତଦନ୍ତ କରୁଥିବା କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ଟିମ୍ ମଧ୍ୟ ସେହି ହୋଟେଲଗୁଡ଼ିକ ପାଖାପାଖି ବୁଲୁଥିବା ଦେଖିବାକୁ ମିଳିଛି। ଏପରିକି ଆଇବି ଟିମ୍‌ର ୩ଜଣ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରେ କ'ଣ ଆଲୋଚନା କରାଯାଇଛି ସେ ନେଇ କୌଣସି ତଥ୍ୟ ମିଳିପାରିନାହିଁ। କ୍ରାଇମବ୍ରାଞ୍ଚ ଟିମ୍ ପୋଲିସ ଗେଷ୍ଟହାଉସକୁ ଯାଇ ସେଠାରେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସେମାନେ ରାୟଗଡ଼ା ଥାନାକୁ ଯାଇଥିଲେ। ଏସ୍‌ଡିପିଓ ଦେବଜ୍ୟୋତି ଦାସ ଏବଂ ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନଙ୍କୁ ଘଟଣା ସମ୍ପର୍କରେ ବିବରଣୀ ମାଗିଥିଲେ। ୨୨ ତାରିଖରେ ଘଟିଥିବା ପ୍ରଥମ ଘଟଣା ଏବଂ ୨୪ ତାରିଖରେ ଘଟିଥିବା ପାଭେଲଙ୍କ ମୃତ୍ୟୁ ସମ୍ପର୍କରେ ପୋଲିସ କିପରି ଏବଂ କେଉଁ ସମୟରେ ସୂଚନା ପାଇଲା, ସୂଚନା ପାଇବା ପରେ କ'ଣ ପଦକ୍ଷେପ ନେଇଥିଲେ ସେସବୁ ବିଷୟରେ ଏସ୍‌ଡିପିଓ ଏବଂ ଥାନାଧିକାରୀଙ୍କୁ ପଚାରିଥିଲେ। ଏଥିସହ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବ୍ୟବଚ୍ଛେଦ ରିପୋର୍ଟ ଅନୁଧ୍ୟାନ କରିଥିଲା। ପାଭେଲଙ୍କ ସହିତ ଆସିଥିବା ଅନ୍ୟ ପର୍ଯ୍ୟଟକ ଦମ୍ପତି ତୁରଭ ମିଖାଇଲ ଏବଂ ପାନାସାଙ୍କୋ ନାତାଲିଆଙ୍କ ଗତିବିଧି ବିଷୟରେ ମଧ୍ୟ ପୋଲିସକୁ ପଚରାଯାଇଥିଲା। ରାୟଗଡ଼ା ଥାନାରେ ପୋଲିସ ଅଧିକାରୀଙ୍କ ସହ ଆଲୋଚନା ପରେ କ୍ରାଇମବ୍ରାଞ୍ଚ ଟିମ୍ ହୋଟେଲ ସାଇ ଇଣ୍ଟରନ୍ୟାଶନାଲରେ ପହଞ୍ଚି ସିସିଟିଭି ଯାଞ୍ଚ ସହ ଛାତ ଉପରକୁ ଯାଇ ତଦନ୍ତ କରିଥିଲା। ଯାଞ୍ଚର ପ୍ରତ୍ୟେକ ମୁହୂର୍ତ୍ତର ଫଟୋ ଏବଂ ଭିଡିଓଗ୍ରାଫି କରାଯାଉଛି। ଅପରପକ୍ଷରେ ଶ୍ମଶାନ, ଜିଲା ଚିକିତ୍ସାଳୟରେ ପୋଲିସ ମୁତୟନ କରାଯାଇଛି। ଭିସେରା ସଂରକ୍ଷଣ ଗୃହରେ ମଧ୍ୟ ପୋଲିସ ଜଗିଛି। ହୋଟେଲର ବିଭିନ୍ନ ସ୍ଥାନରେ ପୋଲିସ ଏବଂ ଯବାନ ମୁତୟନ କରାଯାଇଛି। କୌଣସି ତଥ୍ୟ ଗଣମାଧ୍ୟମ ହାତକୁ ଲାଗିଯିବା ସନ୍ଦେହରେ ଖବରଦାତାଙ୍କ ଉପରେ ମଧ୍ୟ ପୋଲିସ ନଜର ରଖିଛି । ପାଭେଲଙ୍କ ମୃତ୍ୟୁ ରହସ୍ୟଜନକ ହୋଇରହିଛି। ସେ ଆତ୍ମହତ୍ୟା କରିଛନ୍ତି ନା ହତ୍ୟା କରାଯାଇଛି ସେହି ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ଅନେକ ସଂସ୍ଥାର ଖବରଦାତା ରାୟଗଡ଼ାରେ ପହଞ୍ଚିଛନ୍ତି।

### କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ପଚରାଉଚୁରାର ଭିଡିଓ ରେକର୍ଡିଂ

କଟକ ଅଫିସ,୩୦।୧୨: କ୍ରାଇମବ୍ରାଞ୍ଚ ଟିମ୍ ରାୟଗଡ଼ାରୁ ସାଙ୍ଗରେ ନେଇ ଆସିଥିବା ଦୁଇ ରୁଷୀୟ ପର୍ଯ୍ୟଟକ ତୁରଭ ମିଖାଇଲ ଓ ପାନାସାଙ୍କୋ ନାତାଲିଆଙ୍କଠାରୁ ଅଧିକ ତଥ୍ୟ ବାହାର କରିବା ନିମନ୍ତେ ଉଦ୍ୟମ ଜାରି ରଖିଛି। ଓଡ଼ିଶା ପୋଲିସ ପାଇଁ ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଚ୍ୟାଲେଞ୍ଜ ହୋଇଥିବାରୁ କ୍ରାଇମବ୍ରାଞ୍ଚ ବିଭିନ୍ନ ଦିଗକୁ ତର୍ଜମା କରି ଆଗଉଛି। ମୃତ ଦୁଇ ପର୍ଯ୍ୟଟକଙ୍କ ପରିବାର ସହ ଯୋଗାଯୋଗ କରାଗଲେ କ୍ରାଇମବ୍ରାଞ୍ଚକୁ ଅଧିକ ସଫଳତା ମିଳିପାରିବ ବୋଲି ଅଧିକାରୀମାନେ ଆଶାବାଦୀ ଅଛନ୍ତି। ଏବେ ତଦନ୍ତ ଚାଲିଥିବାରୁ କ୍ରାଇମବ୍ରାଞ୍ଚ ଅଧିକ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରୁଥିବାବେଳେ ଖୁବ୍‌ଶୀଘ୍ର ଏହି ରହସ୍ୟ ପର୍ଦ୍ଦାଫାସ୍ ହେବ ବୋଲି ଜଣେ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି। ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ତେବେ ରାୟଗଡ଼ାରୁ ଅଣାଯାଇଥିବା ୨ ରୁଷୀୟ ପର୍ଯ୍ୟଟକଙ୍କୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ପଚରାଉଚରା ଚାଲିଛି। ସମସ୍ତ କାର୍ଯ୍ୟର ଭିଡିଓ ରେକର୍ଡିଂ ମଧ୍ୟ କରାଯାଉଛି। ସେମାନେ ରୁଷୀୟ ଭାଷାରେ ଦେଉଥିବା ଉତ୍ତରକୁ ଅନୁବାଦକଙ୍କ ସାହାଯ୍ୟରେ ଭାଷାନ୍ତର କରାଯାଇ ଲିପିବଦ୍ଧ କରାଯାଉଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି।

### ନିୟନ୍ତ୍ରଣ ରହୁନି, ...

ସମଗ୍ର ଦେଶରେ ଦୁର୍ଘଟଣା ହାର ବଢ଼ିଚାଲିଛି। ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ, ୨୦୨୧ ବର୍ଷରେ ଦ୍ରୁତ ଗାଡ଼ିଚାଳନା ଏବଂ ଡ୍ରାଇଭର ନିୟନ୍ତ୍ରଣ ହରାଇବା ଆଦି କାରଣରୁ ଭାରତରେ ମୋଟ ୧୯,୪୭୮ ଦୁର୍ଘଟଣା ଘଟିଛି। ଏଥିରେ ୯,୧୫୦ ଜଣଙ୍କ ଜୀବନ ଯାଇଥିବାବେଳେ ୧୯,୦୭୭ ଜଣ ଆହତ ହୋଇଛନ୍ତି। ତେବେ ଏହି ବର୍ଷ ସମୁଦାୟ ୪,୧୨,୪୩୨ ସଡ଼କ ଦୁର୍ଘଟଣା ଘଟି ୧,୫୩,୯୭୨ ଜଣଙ୍କ ମୃତ୍ୟୁ ହେବା ସହ ୩,୮୪,୪୪୮ ଜଣ ଆହତ ହୋଇଛନ୍ତି। ପଛପଟୁ ଧକ୍କା ଦେବା ଯୋଗୁ ସର୍ବାଧିକ ୨୧.୨ ପ୍ରତିଶତ ଦୁର୍ଘଟଣା ଘଟିଥିବାବେଳେ ଏଥିରେ ୧୮.୬ ପ୍ରତିଶତଙ୍କ ଜୀବନ ଯାଇଛି। ସେହିପରି ମୁହାଁମୁହିଁ ଦୁର୍ଘଟଣା ହାର ୧୮.୫ ପ୍ରତିଶତ ହୋଇଥିବାବେଳେ ତଜ୍ଜନିତ ମୃତ୍ୟୁହାର ୧୭.୭ ପ୍ରତିଶତ ରହିଛି। ଏହା ବ୍ୟତୀତ ହିଟ୍ ଆଣ୍ଡ ରନ୍ ଦୁର୍ଘଟଣା ହାର ୧୬.୮ ପ୍ରତିଶତ ହୋଇଥିବାବେଳେ ହିଟ୍ ଫ୍ରମ୍ ସାଇଡ୍ ଦୁର୍ଘଟଣା ସଂଖ୍ୟା ୧୧.୯ ପ୍ରତିଶତ। ଖାମଖିଆଲ ଡ୍ରାଇଭିଂ, ପଛକୁ ପଛ ଅତି ପାଖାପାଖି ଗାଡ଼ି ଚଳାଇବା, ଖରାପ ପାଗ ଇତ୍ୟାଦି ଯୋଗୁ ପଛପଟୁ ଧକ୍କା ହେବା ଭଳି ଘଟଣା ବଢ଼ିଚାଲିଛି। ଓଡ଼ିଶାରେ ମଧ୍ୟ ସଡ଼କ ଦୁର୍ଘଟଣା ଚିନ୍ତାଜନକ ରହିଛି। ଗତ ୫ ବର୍ଷରେ ରାଜ୍ୟରେ ୫୩,୯୮୨ ଦୁର୍ଘଟଣା ଘଟି ୨୫ ହଜାର ୨୫୭ ଜଣଙ୍କର ଜୀବନ ଯାଇଥିବାବେଳେ ୫୨,୭୬୯ ଆହତ ହୋଇଛନ୍ତି। ରାଜ୍ୟରେ ଘଟୁଥିବା ପ୍ରତି ୧୦୦ ଦୁର୍ଘଟଣାରେ ୪୮ ଜଣଙ୍କର ମୃତ୍ୟୁ ହେଉଛି। ୨୦୧୫ରୁ ପ୍ରତ୍ୟେକ ବର୍ଷ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ୧୦ ପ୍ରତିଶତ ହ୍ରାସ କରିବାକୁ ପଦକ୍ଷେପ ନେବା ଲାଗି ସୁପ୍ରିମ୍‌କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏହା କମିବା ପରିବର୍ତ୍ତେ ବଢ଼ିଚାଲିଛି। ଦ୍ରୁତବେଗରେ ଗାଡ଼ିଚାଳନା ଯୋଗୁ ୬୯ ପ୍ରତିଶତ ଏବଂ ୨୦ ପ୍ରତିଶତ ହିଟ୍ ଆଣ୍ଡ ରନ୍ ଦୁର୍ଘଟଣା ଘଟୁଛି। ୨୦୨୧ରେ ଯାଜପୁର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା ଜିଲାରେ ୧୦୦ରୁ ଅଧିକ ସଂଖ୍ୟକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ବିଶ୍ୱ ବ୍ୟାଙ୍କ ସର୍ଭେ ୨୦୨୦ ଅନୁଯାୟୀ, ଭାରତରେ ୭୬.୨ ପ୍ରତିଶତ ୧୮ରୁ ୪୫ ବର୍ଷର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଦୁର୍ଘଟଣା ଯୋଗୁ ୫୦ ପ୍ରତିଶତ ମହିଳା ଘର ଚଳାଇବା କ୍ଷେତ୍ରରେ ଭୟଙ୍କର ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସଡ଼କ ଦୁର୍ଘଟଣା ଯୋଗୁ ଦେଶକୁ ବାର୍ଷିକ ଜିଡିପିର ୩.୧୪ ପ୍ରତିଶତ ଆର୍ଥିକ କ୍ଷତି ସହିବାକୁ ପଡୁଛି।

### ଡିଭାଇଡରରେ ପିଟିହୋଇ ...

ଏଥିରୁ ଗାଡ଼ିର ଗତି ଅତି ଦ୍ରୁତ ଥିବା ଜଣାପଡୁଛି।

ପନ୍ତଙ୍କୁ ଚିକିତ୍ସା କରିଥିବା ଡାକ୍ତର ସୁଶୀଲ ନାଗରଙ୍କ ସୂଚନା ଅନୁଯାୟୀ, କ୍ରିକେଟରଙ୍କ କୌଣସି ହାଡ଼ ଭାଙ୍ଗିନାହିଁ। ତାଙ୍କ ଆଣ୍ଠୁରେ କିନ୍ତୁ ଏକ ଲିଗାମେଣ୍ଟ ଇଞ୍ଜୁରି ରହିଛି। ଏମ୍‌ଆର୍‌ଆଇ ସ୍କାନ୍ ପରେ ସମସ୍ତ ବିଷୟ ସ୍ପଷ୍ଟ ହୋଇଯିବ। ପନ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଗଲାବେଳେ ସେ ସମ୍ପୂର୍ଣ୍ଣ ସଚେତ ଥିଲେ। ପନ୍ତଙ୍କ ପିଠିରେ ପୋଡ଼ା ଚିହ୍ନ ନ ଥିଲା। ବଡ଼ ଆଘାତ ଲାଗିଥିଲା। ସମ୍ଭବତଃ କାର କାଚ ଭାଙ୍ଗିବା ବେଳେ ଏହି ଆଘାତ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ତାଙ୍କ ଶରୀରର ଉପରିଭାଗ ନିଆଁ ଧାସ ବାଜି ସିଝିଯାଇଛି। ତାହା ସେତେଟା ଗୁରୁତର ନୁହେଁ ବୋଲି ଡାକ୍ତର କହିଛନ୍ତି। ତାଙ୍କ ମୁଣ୍ଡରେ ଆଘାତ ଲାଗିଛି। କିନ୍ତୁ ଷ୍ଟିଚ୍ କରାଯାଇନାହିଁ। ଡାକ୍ତର ନାଗର ପନ୍ତଙ୍କୁ ମାକ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିବା ଲାଗି ସୁପାରିସ କରିଛନ୍ତି, ଯେଉଁଠାରେ ତାଙ୍କ ପ୍ଲାଷ୍ଟିକ୍ ସର୍ଜରି ହୋଇପାରେ। ଲିଗାମେଣ୍ଟ ଇଞ୍ଜୁରି ବିଭିନ୍ନ ପ୍ରକାର ରହିଛି। ଏଥିରୁ ସମ୍ପୂର୍ଣ୍ଣ ଫିଟ୍ ହେବାଲାଗି ଜଣଙ୍କୁ ୨ରୁ ୬ ମାସ ସମୟ ଲାଗିପାରେ।

୨୫ ବର୍ଷୀୟ କ୍ରିକେଟର ପନ୍ତଙ୍କ ଏହି ଦୁର୍ଘଟଣା ତାଙ୍କ କ୍ରିକେଟ କ୍ୟାରିୟରକୁ ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି କରିଛି। ଫେବୃୟାରୀ ୯ରୁ ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ଘରୋଇ ଟେଷ୍ଟ ସିରିଜ୍ ପାଇଁ ସେ ଉପଲବ୍ଧ ହୋଇପାରିବେ କି ନା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଜାନୁୟାରୀ ୩ରୁ ଆରମ୍ଭ ହେବାକୁ ଥିବା ଶ୍ରୀଲଙ୍କା ବିପକ୍ଷ ସୀମିତ ଓଭର ସିରିଜ୍ ପାଇଁ ଭାରତୀୟ ଦଳରେ ପନ୍ତଙ୍କୁ ସ୍ଥାନ ମିଳିନାହିଁ। ଫେବୃୟାରୀରେ ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ସେ ଷ୍ଟ୍ରେଙ୍ଥ୍ ଓ କଣ୍ଡିଶନିଂ ପ୍ରୋଗ୍ରାମ୍‌ରେ ସାମିଲ ହେବା ଲାଗି ବେଙ୍ଗାଲୁରୁସ୍ଥିତ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଯୋଗଦେଇଥା'ନ୍ତେ। ଏହି ବାମହାତୀ ଉଇକେଟ୍ କିପର-ବିସ୍ଫୋରକ ବ୍ୟାଟର ଇତିମଧ୍ୟରେ ୩୩ ଟେଷ୍ଟ ମ୍ୟାଚ୍ ଖେଳି ୨,୨୭୧ ରନ୍ ସଂଗ୍ରହ କରିସାରିଛନ୍ତି। ତନ୍ମଧ୍ୟରେ ୫ ଶତକ ଓ ୧୧ ଅର୍ଦ୍ଧଶତକ ରହିଛି। ସେ ଦେଶ ତରଫରୁ ୩୦ ଅନ୍ତର୍ଜାତୀୟ ଦିନିକିଆ, ୬୬ ଅନ୍ତର୍ଜାତୀୟ ଟି-୨୦ ଖେଳି ଯଥାକ୍ରମେ ୮୬୫ ଓ ୯୮୭ ରନ୍ ସଂଗ୍ରହ କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ମାଆ ....

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଓ ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ମାଆଙ୍କ ବିୟୋଗ ସମ୍ପର୍କରେ ସକାଳେ ଏକ ଆବେଗଭରା ଟୁଇଟ୍ କରିଥିଲେ। ସେ ଲେଖିଥିଲେ, ଭଗବାନଙ୍କ ଚରଣରେ ଏକ ଗୌରବମୟ ଶତାବ୍ଦୀ ବିଶ୍ରାମ ନେଇଛି... ମାଆଙ୍କଠାରେ ମୁଁ ସବୁବେଳେ ତ୍ରିମୂର୍ତ୍ତିଙ୍କୁ ଅନୁଭବ କରୁଥିଲି, ଯେଉଁଥିରେ ଜଣେ ତପସ୍ୱୀଙ୍କ ଯାତ୍ରା, ନିଷ୍କାମ କର୍ମଯୋଗୀଙ୍କ ପ୍ରତୀକ ଏବଂ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧ ଜୀବନ ସମାହିତ ରହିଥିଲା। ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ବିଭିନ୍ନ ଦଳର ନେତା ଶୋକବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଶୋକବ୍ୟକ୍ତ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହିତ ସେ ମୋଦି ଓ ତାଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି, ଜଣକ ଜୀବନରେ ମାଆର ମୂଲ୍ୟ ଅତୁଳନୀୟ। ଏହାର ଅଭାବ ପୂରଣ କରିବା ସମ୍ଭବ ନୁହେଁ। ପ୍ରଧାନମନ୍ତ୍ରୀଙ୍କ ମାତୃବିୟୋଗରେ ସେ ମର୍ମାହତ ବୋଲି ଲେଖିବା ସହ ତାଙ୍କୁ ଓ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମାଆଙ୍କ ଶ୍ରଦ୍ଧା ଓ ସତ୍ୟବାଦିତା ଦେଶକୁ ସଫଳ ନେତୃତ୍ୱ ଦେଇଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ହୀରାବେନ୍‌ଙ୍କ ପରଲୋକରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା, ଇସ୍ରାଏଲ୍‌ର ନବନିର୍ବାଚିତ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ, ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ', ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମସିଂହେ, ଭୁଟାନ ପ୍ରଧାନମନ୍ତ୍ରୀ ଲୋଟୟ ଶେରିଙ୍ଗ ପ୍ରମୁଖ ବହୁ ବିଶ୍ୱନେତା ଶୋକବ୍ୟକ୍ତ କରିଛନ୍ତି।

### ମୋଦିଙ୍କ ପରିବାରକୁ ସମବେଦନା ଜଣାଇଲେ ନବୀନ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ହୀରାବେନ୍‌ଙ୍କ ଦେହାନ୍ତ ଖବରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମର୍ମାହତ ହୋଇଛନ୍ତି। ସେ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ଓ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟୁଇଟ୍ କରି ସମବେଦନା ଜଣାଇଛନ୍ତି। ଏପରି ଦୁଃଖଦ ସମୟରେ ଭଗବାନଙ୍କ ନିକଟରେ ପରିବାରକୁ ଧୈର୍ଯ୍ୟ ଓ ସାହସ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥନା କରିଛନ୍ତି। ଏଥିସହ ତାଙ୍କ ତରଫରୁ ଅନ୍ତ୍ୟେଷ୍ଟିରେ ଶ୍ରମ, ନିୟୋଜନ ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇଛନ୍ତି।

### ବଦଳିଲେ ୧୧ ଜିଲାର ...

ସୁନ୍ଦରଗଡ଼ ଏସ୍‌ପି ଥିବା ସାଗରିକା ନାଥଙ୍କୁ ବାଲେଶ୍ୱର ବଦଳି କରାଯାଇଛି। କନ୍ଧମାଳ ଏସ୍‌ପି ବିନିତ ଅଗ୍ରୱାଲଙ୍କୁ ଯାଜପୁର ଏସ୍‌ପି ଭାବେ ନୂଆ ନିଯୁକ୍ତି ମିଳିଥିବା ବେଳେ କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କୁ ଭଦ୍ରକ ବଦଳି କରାଯାଇଛି। ବାଲିଗୁଡ଼ା ଏସ୍‌ଡିପିଓ ଥିବା ୨୦୧୯ ବ୍ୟାଚ୍ ଆଇପିଏସ୍ ଅଫିସର ଗୁନ୍ଦଲା ରେଡ୍ଡୀଙ୍କୁ ନୂଆପଡ଼ା ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ୨୦୧୯ ବ୍ୟାଚ୍ ଆଇପିଏସ୍ ତଥା ମାଲକାନଗିରି ଏସ୍‌ଡିପିଓ ଶୁଭେନ୍ଦୁ ପାତ୍ରଙ୍କୁ କନ୍ଧମାଳ ଏସ୍‌ପି ଓ କେଶିଙ୍ଗା ଏସ୍‌ଡିପିଓ ଅଭିନବ ସୋନକରଙ୍କୁ କୋରାପୁଟ ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସ୍ପେଶାଲ ବ୍ରାଞ୍ଚ୍ ଏସ୍‌ପି ଥିବା ଜ୍ଞାନରଞ୍ଜନ ମହାପାତ୍ରଙ୍କୁ ଢେଙ୍କାନାଳ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି।

### ଅଟୋକୁ ଧକ୍କାଦେଲା ...

ବିଲିକଣ ଗାଁର ରାଜେନ୍ଦ୍ର ବଳ ଭୁବନେଶ୍ୱରସ୍ଥ ନୟାପଲ୍ଲୀ ଥାନା ସମ୍ମୁଖରେ ରାଜେନ୍ଦ୍ର ଛେନା ବ୍ୟବସାୟ କରନ୍ତି। ଗୁରୁବାର ରାତିରେ ରାଜେନ୍ଦ୍ର ଓ ତାଙ୍କ ସାଙ୍ଗ ଆଳି ଥାନା ଅନ୍ତର୍ଗତ ଜାମୁଦଣ୍ଡା ଗାଁର ବାବାଜୀ ଚରଣ ବେହୁରାଙ୍କ ପୁଅ ଆଶିଷ ଭୁବନେଶ୍ୱରରୁ (ନଂ.ଓଡି ୩୩ ଏ ୮୪୮୨) ଏକ ଅଟୋରେ ବିଲିକଣ ଯାଉଥିଲେ। ଜମଧର ନିକଟରେ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ଥିବା ରାଜେନ୍ଦ୍ର, ଆଶିଷ ଓ ଅଟୋ ଡ୍ରାଇଭର ଖୋର୍ଦ୍ଧା ଜିଲା ଜଟଣୀ ଥାନା ନିରଞ୍ଜନପୁର ଗାଁର ଗଙ୍ଗାଧର ସୁନ୍ଦରାୟଙ୍କ ପୁଅ ହେମନ୍ତଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ସଦର ଥାନା ଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ ପ୍ରଭୁପ୍ରସାଦ ସାହାଣୀଙ୍କୁ ପଚାରିବାରେ ଗୁରୁବାର ରାତି ପ୍ରାୟ ୩ଟାରେ ପାଟ୍ରୋଲିଂ ଗାଡି ଏହି ଦୁର୍ଘଟଣାସ୍ଥଳରେ ରହି ୩ ମୃତଦେହ ଜବତ କରିଥିଲା। ଅଟୋକୁ ପୋଲିସ ହେପାଜତକୁ ନେଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ସହ ଘଟଣା ସମ୍ପର୍କରେ ପ୍ରାଥମିକ ତଦନ୍ତ ଆରମ୍ଭ କରାଯାଇଛି। ତେବେ ଦୁର୍ଘଟଣା ଘଟାଇଥିବା ହାଇୱା ଏଠାରୁ ପଳାଇ ଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦିନଟି ହସ, ଖୁସି ଓ ଆନନ୍ଦ ମଧ୍ୟରେ ଅତିବାହିତ ହେବ। ଆଜିର ପ୍ରତ୍ୟୁଷ ଯାତ୍ରା,ମାଙ୍ଗଳିକ କାମରେ ଉତ୍ସାହ ସାଙ୍ଗକୁ ପାରିବାରିକ ଜୀବନ ସୁନ୍ଦର ଓ ସୁମଧୁର ହୋଇ ଉଠିବ। ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ ଲାଭ କରିବେ। ରହିଯାଇଥିବା କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ।

**ବୃଷ** – ଅଟକି ରହିଥିବା କାମ ସମ୍ପନ୍ନ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ପ୍ରକାର ମନ୍ତବ୍ୟ ଦେଇପାରନ୍ତି। ସବୁଥିରେ ଆଗୁଆ ରହି କାମ କରିବା ହେତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ। ବନ୍ଧୁଙ୍କଠାରୁ ହଠାତ୍ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡିପାରେ।

**ମିଥୁନ** – ଆଜି ଯେତିକି ପାଇବେ ପ୍ରତିଦାନରେ ଅଧିକ ଖର୍ଚ୍ଚ କରିବାକୁ ପଡିବ। ଅନ୍ୟମାନଙ୍କ ଫୁସୁଲା ଫୁସୁଲି କଥାରେ ଭାସିଯାଇ ଯେଉଁ କାମ କରିବେ। ନିକଟ ସମ୍ପର୍କୀୟମାନେ ଆପଣଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଆନୁଷ୍ଠାନିକ କାମରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି।

**କର୍କଟ** – ବନ୍ଧୁଙ୍କ କଥାକୁ ଭାଙ୍ଗି ନ ପାରି କୌଣସି କାମରେ ନିଜକୁ ହଜାଇଦେବେ। ନିଜଲୋକ କେହି ହଇରାଣ କରିବାକୁ ଚେଷ୍ଟା କରି ବିଫଳ ହେବେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ପରିବହନରେ ଅଭିଯୋଗ ଆସିପାରେ। ଘରୋଇ କଥାରେ କିଛି ମତ ପାର୍ଥକ୍ୟ ସୃଷ୍ଟି ହେବ।

**ସିଂହ** – ବିଫଳ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରିବ ନାହିଁ। ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ପରିସ୍ଥିତି ବଶତଃ ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ ଦୂରସ୍ଥାନକୁ ଯିବାକୁ ପଡିବ। ପୃଷ୍ଠପୋଷକତା ଅଭାବରୁ କାମଗୁଡିକ ସୁବିଧାରେ ହେବା କଷ୍ଟକର ହୋଇପଡିବ।

**କନ୍ୟା** – ଆଜି ଫେରିବା ବେଳକୁ ଯିବା ସମୟର ଆନନ୍ଦ ଆଉ ନ ଥିବ। ଅନ୍ୟମାନଙ୍କଠାରୁ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଶତ୍ରୁମାନେ ପଛରେ ନାନାଦି କଥା କହିପାରନ୍ତି। ରୋଗୀଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବ, ବିଶେଷତଃ ଖାଦ୍ୟପେୟରେ ସତର୍କ ରୁହନ୍ତୁ। ବ୍ୟବସାୟ କ୍ଷେତ୍ରରେ ଠକାମିରେ ପଡିପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆଜି ଦିନଟିରେ ମାତ୍ରାଧିକ ଭ୍ରମଣ ଯୋଗୁ ସାୟାହ୍ନରେ କ୍ଳାନ୍ତି ଅନୁଭବ କରିବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ମସ୍‌ଗୁଲ ରହିବେ। ନିଜ ପରିବାରର ଲୋକମାନଙ୍କ ସହ ଦୂରଯାତ୍ରା କରିବାକୁ ପଡିପାରେ।

**ବିଛା** – ସୁସମ୍ପର୍କ ଅଭାବରୁ ଅନ୍ୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିବେ। କଳା, ସାହିତ୍ୟ ଓ ବନ୍ଧୁମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କିଛି କାମ ହାସଲ କରିବା ସକାଶେ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହୋଇପାରନ୍ତି।

**ଧନୁ** – ଅପ୍ରିୟସତ୍ୟ ଭାଷଣଜନିତ ମତାନ୍ତରର ଆଶଙ୍କା ରହିଛି। ଭାଙ୍ଗି ପଡିଥିବା ସମ୍ପର୍କକୁ ପୁଣି ଯୋଡିବା ସକାଶେ ଚେଷ୍ଟା କରି ମଧ୍ୟ କିଛି ଲାଭ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି କରିବେ। ଦୀର୍ଘଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ।

**ମକର** – ଆଜି ଆପଣ କଅଁଳ କଥା କହି ପରକୁ ଆପଣାର କରିପାରିବେ। ପ୍ରଶଂସା ଓ ପ୍ରୋତ୍ସାହନ ପାଇ ନିଜର ଭାବାବେଗକୁ ରୋକି ପାରିବେ ନାହିଁ। ଆଜିର ରାହୁକାଳରେ ଭଲ ସମ୍ପର୍କ ଥିବା ବନ୍ଧୁଟି ବେଳକାଳ ଉଣ୍ଡି ଅସୁବିଧାରେ ପକାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ବହୁତ କଷ୍ଟ ସହିବାକୁ ପଡିପାରେ।

**କୁମ୍ଭ** – ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ସବୁ କାମ ନିରୁତ୍ସାହିତ ଭାବେ କରିବେ କିନ୍ତୁ କୌଣସିଥିରେ ଆନ୍ତରିକତା ରହିବ ନାହିଁ। ଶାରୀରିକ ଅସୁସ୍ଥତା ମଧ୍ୟ ଏହାର ଏକ କାରଣ ହୋଇପାରେ।

**ମୀନ** – ଆଜିର କାମରେ ଶେଷ ସମୟ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଲେ ନିଶ୍ଚିତ ଉଦ୍ଦେଶ୍ୟ ପୂରଣ ହୋଇପାରିବ। କିନ୍ତୁ ଭାବିଚିନ୍ତି କାମ ନ କଲେ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିପାରେ। ବନ୍ଧୁଙ୍କ ସହ ଏକ ମାମୁଲି ଘଟଣାରେ ମଧ୍ୟାହ୍ନରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି। ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍ ଠିକ୍ ହୋଇଯିବ।

ଆଜି ଡିସେମ୍ବର ୩୧ ତାରିଖ, ସର୍ବଭାରତୀୟ ସତ୍‌ସଙ୍ଗ ଋତ୍ୱିକ୍ ସମ୍ମେଳନର ପ୍ରଥମ ଦିବସ, ଶ୍ରୀଶ୍ରୀ ବଡ଼ଦାଙ୍କର ୧୧୨ତମ ଶୁଭ ଜନ୍ମୋତ୍ସବ, ଖ୍ରୀଷ୍ଟୀୟ ବର୍ଷ ଶେଷ, ପୌଷ ଶୁକ୍ଳ ନବମୀ ଶନିବାର, ରାଶି ନକ୍ଷତ୍ର-ରେବତୀ/ମୀନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୧ମି. ଗତେ ଘ.୦୯।୦୭ମି. ମଧ୍ୟେ, ଘ.୧୨।୧୧ମି. ଗତେ ଘ.୦୧।୧୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୭ମି. ଗତେ ଘ.୧୦।୨୮ମି. ମଧ୍ୟେ ମାହେନ୍ଦ୍ରବେଳା।

# ୪ ଘଣ୍ଟାରେ ୨ ଶିଶୁଙ୍କ ମୃତ୍ୟୁ

- ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା
- ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦେଲେ ତଦନ୍ତ ନିର୍ଦ୍ଦେଶ

**ଜୟପୁର, ୩୦।୧୨(ନି.ପ୍ର.)**

ଶିଶୁ ମୃତ୍ୟୁକୁ ନେଇ ଶୁକ୍ରବାର ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଛି। ରାତି ୨ଟାରେ ଗୋଟିଏ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ବେଳେ ସକାଳ ୬ଟାରେ ଆଉ ଏକ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିଲା। ଉଭୟ ଶିଶୁ ଯାଆଁଳା ଥିଲେ। ପରିସ୍ଥିତିକୁ ଦେଖି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଖବରରୁ ଜଣାପଡିଛି, ଜୟପୁର ବ୍ଲକ ଅନ୍ତର୍ଗତ ଧାରଣାହାଣ୍ଡି ଗ୍ରାମର ତ୍ରିନାଥ ରନ୍ଧାରିଙ୍କ ସ୍ତ୍ରୀ ପ୍ରତିମା ଗର୍ଭ ଯନ୍ତ୍ରଣା ଅନୁଭବ କରିବା ପରେ ଗତ ୨୬ରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ୨୭ରେ ସେ ୨ଟି ଯାଆଁଳା ଶିଶୁପୁତ୍ର ଜନ୍ମ ଦେଇଥିଲେ। ଶୁକ୍ରବାର ଉଭୟ ଶିଶୁଙ୍କ ମୃତ୍ୟୁ ହୋଇଛି। ଗୋଟିଏ ଶିଶୁ ମୃତ୍ୟୁ ହେବାର ୪ଘଣ୍ଟା ବ୍ୟବଧାନରେ ଅନ୍ୟ ଏକ ଶିଶୁର ମୃତ୍ୟୁ ହେବା ଘଟଣାକୁ ମାଆ ବାପା ସହଜରେ ଗ୍ରହଣ କରିପାରୁନାହାନ୍ତି। ଦୀର୍ଘ ସମୟ ଧରି ମୃତଦେହ ପଡି ରହିଥିବା ବେଳେ ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଚିକିତ୍ସାଧୀନ ୱାର୍ଡରେ କାର୍ଯ୍ୟରତ ନର୍ସଙ୍କ ବ୍ୟବହାର ଖରାପ ଥିବା ଏବଂ ସେ ସର୍ବଦା ମୋବାଇଲ ଫୋନରେ ବ୍ୟସ୍ତ ରହି ଶିଶୁ ଦୁହିଁଙ୍କ ଉପଯୁକ୍ତ ଚିକିତ୍ସା ତଦାରଖ କରୁ ନ ଥିଲେ ବୋଲି ପରିବାର ଓ ଗ୍ରାମବାସୀ ପ୍ରକାଶ ଦୋରା, ଚନ୍ଦ୍ର ଭତ୍ରା, ବଡଜିଉନା ସରପଞ୍ଚ ତ୍ରିନାଥ ପୂଜାରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅରୁଣ ପାଢୀ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର ମିଶ୍ର, ଶିଶୁ ରୋଗ ବିଶେଷଜ୍ଞ ଦୁର୍ଗାପ୍ରସାଦ ପାତ୍ର ପହଞ୍ଚି ତ୍ରିନାଥଙ୍କ ସହ ଆଲୋଚନା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗର ତଦନ୍ତ କରାଯିବ। ଚିକିତ୍ସାରେ ଅବହେଳା ପାଇଁ ନବଜାତ ଶିଶୁଦ୍ୱୟଙ୍କ ମୃତ୍ୟୁ ହୋଇନାହିଁ। ଶିଶୁମାନଙ୍କ ଓଜନ କମ୍ ଥିବାରୁ ମୃତ୍ୟୁ ହୋଇଛି ବୋଲି ପାଢୀ କହିଛନ୍ତି।



ଶିଶୁ ମୃତ୍ୟୁର ପ୍ରତିବାଦ କରୁଛନ୍ତି ଗ୍ରାମବାସୀ।

## ଏନ୍ଏସ୍ସି, ଡାକଘର ସଞ୍ଚୟ ସୁଧହାର ବଢ଼ିଲା

**ନୂଆଦିଲ୍ଲୀ,୩୦।୧୨:** କେନ୍ଦ୍ର ସରକାର ଶୁକ୍ରବାର କେତେକ ସ୍ୱଳ୍ପ ସଞ୍ଚୟ ସୁଧହାର ବୃଦ୍ଧି କରିଛନ୍ତି। ଜାନୁୟାରୀ ୧ରୁ ଡାକଘର ସଞ୍ଚୟ ଯୋଜନା, ଏନ୍ଏସ୍ସି ଏବଂ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାର ସୁଧହାର ୧.୧ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍) ଏବଂ ସୁକନ୍ୟା ସମୃଦ୍ଧି ଯୋଜନା ସୁଧହାର ଅପରିବର୍ତ୍ତିତ ରହିଛି। ନ୍ୟାଶନାଲ ସେଭିଙ୍ଗ୍ସ ସାର୍ଟିଫିକେଟ (ଏନ୍ଏସ୍ସି) ସୁଧହାର ଏବେ ୬.୮ ପ୍ରତିଶତ ଥିବାବେଳେ ଏହାକୁ ୭ ପ୍ରତିଶତକୁ ବୃଦ୍ଧି କରାଯାଇଛି। ସେହିପରି ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ସୁଧ ୭.୬ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି କରାଯାଇଛି। ଡାକଘର ସଞ୍ଚୟ ଯୋଜନା ୧ରୁ ୫ ବର୍ଷ ସମୟସୀମା ପାଇଁ ସୁଧହାର ୧.୧ ପ୍ରତିଶତ ବୃଦ୍ଧି ହୋଇଛି। ମାସିକ ଆୟ ଯୋଜନାରେ ସୁଧହାର ୬.୭% ଥିବାବେଳେ ଏହାକୁ ୭.୧ ପ୍ରତିଶତକୁ ବଢ଼ାଇ ଦିଆଯାଇଛି।

## ଜାନୁୟାରୀ ୨ ଯାଏ ହାଲକା ଶୀତ

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ରାଜ୍ୟରେ ଗତ କିଛିଦିନ ହେବ ଶୀତ ଗାଏବ ହୋଇଯାଇଥିଲା। ତେବେ ଶୁକ୍ରବାରଠାରୁ ହାଲୁକା ଶୀତ ଆରମ୍ଭ ହୋଇଛି। ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ତଳକୁ ଖସିଛି। ଅଳ୍ପ କେତେକ ସ୍ଥାନରେ ପାରଦ ୧୦ ଡିଗ୍ରୀ ତଳକୁ ଖସିଥିବା ବେଳେ ସମଗ୍ର ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ଉପରେ ରହିଛି। ଆସନ୍ତା ଜାନୁୟାରୀ ୨ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବନାହିଁ। ଏହା ପରଠାରୁ ପୁଣି ପାରଦ ଉପରମୁହାଁ ହେବା ନେଇ ଆକଳନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍ସିୟ ରେକର୍ଡ କରାଯାଇଛି।

# ଇଗ୍ନୋରେ ୨୦୨୩ ପାଇଁ ନାମଲେଖା ଘୋଷଣା

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)**

### ଜାନୁୟାରୀ ୩୧ ଶେଷ ତାରିଖ

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ରେ ୨୦୨୩ ଶିକ୍ଷା ବର୍ଷ ପାଇଁ ନାମଲେଖା ଘୋଷଣା ହୋଇଛି। କୌଣସି କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା ଯେ କୌଣସି ବୟସର ବ୍ୟକ୍ତି ଇଗ୍ନୋରେ ସମସ୍ତ ବିଭାଗରେ ନାମଲେଖାଇପାରିବେ। ଜାନୁୟାରୀ ୩୧ ପର୍ଯ୍ୟନ୍ତ ନାମଲେଖା ଚାଲିବ। ଅଣ୍ଡର ଗ୍ରାଜୁଏଟ୍ (ବିଏସ୍ସିଜି, ବିସିଓଏମ୍ଜି ଓ ବିଏଜି) ପ୍ରୋଗ୍ରାମରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ଛାଡ କରାଯାଇଛି। ମାତ୍ର ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ବିବେଚିତ ହେବେନାହିଁ। ଇଚ୍ଛୁକ ପ୍ରାର୍ଥୀମାନେ ଇଗ୍ନୋ ୱେବ୍ ସାଇଟ୍ www.ignou.ac.in ଏବଂ ଲିଙ୍କ୍ https://ignouadmission.samarth.edu.inକୁ ଅନୁସରଣ କରି ପାରିବେ କିମ୍ବା ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ମେଲ୍ କରି ଯୋଗାଯୋଗ କରି ପାରିବେ। ସବିଶେଷ ବିବରଣୀ ପାଇଁ ଫୋନ୍ ନଂ.୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ରେ ଯୋଗାଯୋଗ କରିବା ପାଇଁ ଇଗ୍ନୋ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

## ଜାନୁୟାରୀ ୩୧ ଯାଏ ବଢ଼ିଲା ମାଣ୍ଡିଆ ସଂଗ୍ରହ ପଞ୍ଜୀକରଣ ଅବଧି

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ରାଜ୍ୟରେ ମାଣ୍ଡିଆ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ ସମୟସୀମାକୁ ୨୦୨୩ ଜାନୁୟାରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଶୁକ୍ରବାର କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ରାଜ୍ୟର ୧୯ ଜିଲାର ଜଲାପାଳଙ୍କୁ ଚିଠି ଲେଖି ଜଣାଇଛନ୍ତି। ପୂର୍ବରୁ ଏହି ଅବଧି ୨୦୨୨ ଡିସେମ୍ବର ୩୧ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ଅଧିକ ସଂଖ୍ୟକ ମାଣ୍ଡିଆ ଚାଷୀ ନୂତନ ଭାବେ ନାମ ପଞ୍ଜୀକରଣ ପାଇଁ ଆସୁଥିବା ଲକ୍ଷ୍ୟକରି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଏମ୍-ପାସ୍ ଜରିଆରେ ଅନ୍ଲାଇନ୍ ପଞ୍ଜୀକରଣ ସମୟସୀମାକୁ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଅଧିକ ସଂଖ୍ୟକ ନୂତନ ମାଣ୍ଡିଆ ଚାଷୀଙ୍କୁ ପଞ୍ଜୀକରଣର ସୁବିଧା ମିଳିପାରିବ।

DADLS - 79



ଓଡ଼ିଶା ସରକାର

**ରାଜ୍ୟସ୍ତରୀୟ ବୀରତା ଦିବସ**
(ଶହୀଦ ମାଧୋ ସିଂହଙ୍କ ସ୍ମୃତିରେ)
୩୧ ଡିସେମ୍ବର, ୨୦୨୨

**ସାଧାରଣ ସଭା**
ସନ୍ଧ୍ୟା ୬ ଘଟିକା — ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – **ଡ. ଅରବିନ୍ଦ କୁମାର ପାଢ଼ୀ,** ପ୍ରମୁଖ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ତଥା ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ
ମୁଖ୍ୟବକ୍ତା – **ଡ. ରବୀନ୍ଦ୍ର ଗଡ଼ତୀୟା,** ଅବସରପ୍ରାପ୍ତ ପ୍ରାଧାପକ, ମହିଳା ମହାବିଦ୍ୟାଳୟ, ବରଗଡ଼
ସମ୍ମାନିତ ବକ୍ତା – **ଶ୍ରୀଯୁକ୍ତ ଅଶୋକ କୁମାର ପୁଜାହାରୀ** ସଭାପତି, ଶହୀଦ କୁଞ୍ଜଳ ସିଂହ କ୍ଲବ, ଘେଁସ
ସଭାପତି – **ଶ୍ରୀଯୁକ୍ତ ଇନ୍ଦ୍ରମଣି ତ୍ରିପାଠୀ,** ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

ସଭା ପରେ ଶହୀଦ କୁଞ୍ଜଳ ସିଂହ କ୍ଲବ ଆନୁକୂଲ୍ୟରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ **ରସରକେଲି, ପଞ୍ଚରସି, ଚୁଟକୁଟୁଟା** ଆଦି ପରିବେଷଣ କରାଯିବ ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଶହୀଦ କୁଞ୍ଜଳ ସିଂହ କ୍ଲବ, ଘେଁସ, ବରଗଡ଼ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ (ବୈଷୟିକ)
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0220/2223

DSPL-387

**କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା**

**ଓଡ଼ିଶା ମିଲେଟ୍ସ ମିଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାରେ ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ**



ମାଣ୍ଡିଆ ସଂଗ୍ରହ ବର୍ଷ -୨୦୨୨-୨୩
**ମାଣ୍ଡିଆ ସଂଗ୍ରହର ପଞ୍ଜୀକରଣ ଶେଷ ତାରିଖ ୩୧ ଜାନୁୟାରୀ ୨୦୨୩ କୁ ବୃଦ୍ଧି କରାଗଲା**



ଆମ ରାଜ୍ୟରେ ଖରିଫ ମାଣ୍ଡିଆ ସଂଗ୍ରହ ତା. ୦୧.୦୧.୨୦୨୩ ରୁ ତା. ୩୧.୦୩.୨୦୨୩ ମଧ୍ୟରେ ପରିଚାଳିତ ହେବ । ଏହି ଅବଧି ମଧ୍ୟରେ ଜିଲ୍ଲାମାନେ ସେମାନଙ୍କର ଫସଲ ଅମଳ ସମୟକୁ ଦୃଷ୍ଟିରେ ରଖି ଖରିଫ ମାଣ୍ଡିଆ କ୍ରୟ ସମ୍ପାଦନା କରିବେ। ଏହିପାଇଁ ଚାଷୀ ମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ରେ ଆଗୁଆ ପଞ୍ଜୀକରଣ କରିବା ଆବଶ୍ୟକ ।

**ପଞ୍ଜୀକରଣ ପ୍ରକ୍ରିୟା :**

ଚାଷୀ ପଞ୍ଜିକରଣ ୨୬ ନଭେମ୍ବର ରୁ ଆରମ୍ଭ ହୋଇ ୩୧ ଜାନୁୟାରୀ ପର୍ଯ୍ୟନ୍ତ ଚାଲିବ । ଖରିଫ ମାଣ୍ଡିଆ ଚାଷ କରିଥିବା ଚାଷୀମାନେ ପଞ୍ଜୀକରଣ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ପୂର୍ବରୁ ପଞ୍ଜୀକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜୀକରଣ ସମୟ ସୀମା ଆଗରୁ ଯୋଗାଯୋଗ କରି ନବୀକରଣ କରିବାକୁ ଅନୁରୋଧ । ଚଳିତ ବର୍ଷ ଯଦି କୌଣଶୀ ନୂତନ ଚାଷୀ ପଞ୍ଜୀକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥାର କାର୍ଯ୍ୟାଳୟରୁ ପଞ୍ଜୀକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜୀକରଣ ମଧ୍ୟ କରିପାରିବେ । ପଞ୍ଜୀକରଣ ତଥା ମାଣ୍ଡିଆ ସଂଗ୍ରହ ନିମିତ୍ତ ଅଧିକ ସୂଚନା www.tdccorissa.org ୱେବସାଇଟ ରେ ଉପଲବ୍ଧ ।

**ପଞ୍ଜୀକରଣ ଅବଧି :**

- ପଞ୍ଜୀକରଣ ଫର୍ମ ପୂରଣ କରି ଚାଷୀମାନେ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ୩୧ ଜାନୁୟାରୀ ପୂର୍ବରୁ ଦାଖଲ କରିବେ ।
- ନିର୍ଦ୍ଧାରିତ ସମୟ ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କୁ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ ।
- ଖରିଫ ମାଣ୍ଡିଆ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ମାଣ୍ଡିଆ ବିକ୍ରୟ କରିବେ ଫର୍ମରେ ଉଲ୍ଲେଖ କରିବାକୁ ହେବ ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜୀକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ ।
- ଚାଷୀମାନେ ଶେଷ ତାରିଖ କୁ ଅପେକ୍ଷା ନ କରି ଶୀଘ୍ର ପଞ୍ଜୀକରଣ ପାଇଁ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଫର୍ମ ଦାଖଲ କରିବାକୁ ଅନୁରୋଧ ।

**ଭାଗ ଚାଷୀ :**
ଭାଗ ଚାଷୀ ମାନେ ପଞ୍ଜୀକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ ।

**କ୍ଷୁଦ୍ର ଓ ନାମମାତ୍ର ଚାଷୀ :**
ଅଧିକ ରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥା ରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କ ଏକାନ୍ତ ଇଚ୍ଛା

**ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :**

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜୀକରଣ କାରାଇବା ।
- ପଞ୍ଜୀକରଣ ଫର୍ମରେ ଥିବା ସମସ୍ତ ତଥ୍ୟ କୁ ୩୧ ଜାନୁୟାରୀ ମଧ୍ୟରେ ନିଜ login ରେ ପଞ୍ଜୀକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା ।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀ ଙ୍କୁ ପଞ୍ଜୀକୃତ କରିବେ ନାହିଁ ।
- ପଞ୍ଜୀକରଣ ଶୀଘ୍ର ତଥା ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ । ଯଦି ଏହାବିଳମ୍ବ ହୁଏ ତେବେ ଏହା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟକୁ ବିଳମ୍ବିତ କରିବା ସୁନିଶ୍ଚିତ ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ହ୍ୟାଣ୍ଡ ସାନିଟାଇଜର ବ୍ୟବସ୍ଥା କରିବା ସହ ଚାଷୀମାନଙ୍କ ମଧ୍ୟରେ ସାମାଜିକ ଦୂରତା ରଖିବାକୁ ରକ୍ଷା କରିବାକୁ ହେବ ।

OIPR-01102/13/0019/2223

**ଅଧିକ ଜାଣିବା ପାଇଁ ନିମ୍ନ ଲିଖିତ ଅଧିକାରୀ କିମ୍ବା ସଂସ୍ଥା ସହ ଯୋଗାଯୋଗ କରନ୍ତୁ**
ଚାଷୀ ମାନଙ୍କୁ ଅନୁରୋଧ ନିଜର ଉତ୍ପାଦିତ ମାଣ୍ଡିଆ ବିକ୍ରୟ କରିବାନିମନ୍ତେ ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀ /ସହକାରୀ କୃଷି ଅଧିକାରୀ / R.M.C. / P.A.C.S. / L.A.M.P.C.S. /O.P.E.L.I.P. / O.L.M. / କୃଷି ବିଭାଗ ଦ୍ୱାରା ଅନୁବନ୍ଧିତ N.G.O. (F.A.) ର କର୍ମକର୍ତ୍ତାଙ୍କ ସହିତ ତୁରନ୍ତ ଯୋଗାଯୋଗ କରି P.A.C.S. / L.A.M.P.C.S. / FPO / SHG Federations ରେ ନିଜର ନାମ ପଞ୍ଜୀକୃତ କରାଇ ନିଅନ୍ତୁ ।

**ବି. ଦ୍ର : ଏହି ସମସ୍ତ ପ୍ରକ୍ରିୟା କେବଳ ଓଡ଼ିଶା ମିଲେଟ୍ସ ମିଶନ ଜିଲ୍ଲା ଗୁଡ଼ିକ ପାଇଁ ଅନୁକରଣୀୟ**

For more details visit- www.milletsodisha.com | Follow us on Odisha Millets Mission

ଧରିତ୍ରୀ
DHARITRI
ଶନିବାର, ୩୧ ଡିସେମ୍ବର, ୨୦୨୨



# ଶାସନ ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୨୦୪୭ରେ ଭାରତ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ପାଳନ କରିବ। ଏଥିପାଇଁ ଏବେଠାରୁ ମୋଦି ସରକାର ଅନେକ କଥା ଚିନ୍ତା କରିବା ସହ ଭବିଷ୍ୟତ ପାଇଁ ଏକ ନକ୍ସା ପ୍ରସ୍ତୁତ କରିବାକୁ ବହୁ ଟାସ୍କଫୋର୍ସକୁ ଦାୟିତ୍ୱ ଦେଇଛନ୍ତି। ଏଗୁଡ଼ିକ ମଧ୍ୟରେ ରହିଛି ଶାସକୀୟ ପଦ୍ଧତିର ନକ୍ସା ପ୍ରସ୍ତୁତ କରୁଥିବା ସଚିବଙ୍କ ଏକ ଗ୍ରୁପ୍ (ଗ୍ରୁପ ଅଫ୍ ସେକ୍ରେଟାରିଜ୍ ଅନ୍ ଗଭର୍ନାନ୍ସ)। ଏହି ଗ୍ରୁପ୍‌ର ନେତୃତ୍ୱ ନେଉଛନ୍ତି ସୂଚନା ଓ ପ୍ରସାରଣ ସଚିବ ଅପୂର୍ବ ଚନ୍ଦ୍ରା। ଉକ୍ତ ଗ୍ରୁପ୍ ୪୦ କିମ୍ବା ଏହାଠାରୁ କମ୍ ବୟସର ୩୦ ଆଇଏଏସ୍ ଅଧିକାରୀ, ୧୦ ଆଇଏଏସ୍ ଅଧିକାରୀ, ୪୦ଶିକ୍ଷାବିତ ଏବଂ ୮୦ ଜଣ ଶିଳ୍ପପତି ପ୍ରସ୍ତୁତ କରିଥିବା ଭିଜନ୍‌ଇଣ୍ଡିଆ@୨୦୪୭ର ଏକ ଚିଠାକୁ ଅନୁଧ୍ୟାନ କରୁଛି। ମୁଖ୍ୟତଃ ଅଫିସ କିଭଳି ଯାନ୍ତ୍ରିକୀକରଣ ହେବ, ଡେଟା ଆନାଲିଟିକ୍ସର ଉପଯୋଗ କିପରି କରାଯାଇପାରିବ ଏବଂ କୃତ୍ରିମ ବୁଦ୍ଧିମତ୍ତା ଓ ମେଶିନ ଲର୍ନିଂ ସମ୍ପର୍କରେ ସେମାନେ ବିଚାରବିମର୍ଶ କରୁଛନ୍ତି। ଏହି ଗ୍ରୁପ୍‌ର ସିଦ୍ଧାନ୍ତ ଯଦି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ମନ୍ତ୍ରୀ ପରିଷଦର ସ୍ୱୀକୃତି ଲାଭ କରେ ତେବେ ସମସ୍ତ ଶାସକୀୟ ନୂତନତ୍ୱକୁ ଡକ୍ୟୁମେଣ୍ଟ ଡିପାର୍ଟମେଣ୍ଟ ଅଫ୍ ରିଫର୍ମସ୍ ଆଣ୍ଡ୍ ପବ୍ଲିକ ଗ୍ରିଭାନ୍‌ସେସ୍( ଡିଏଆର୍‌ପିଜି) ଦ୍ୱାରା ପ୍ରସ୍ତୁତ ଭିଜନଇଣ୍ଡିଆ@୨୦୪୭ ଡକ୍ୟୁମେଣ୍ଟରେ ସାମିଲ କରାଯିବ। ଗ୍ରୁପ୍‌ର ସଦସ୍ୟମାନଙ୍କୁ ଡିଏଆର୍‌ପିଜି ଚୟନ କରିଛି। ଅଧିକାରୀମାନଙ୍କ ସହ ଆଇଆଇଟି ଓ ଆଇଆଇଏମ୍ ଭଳି ପ୍ରତିଷ୍ଠିତ ଅନୁଷ୍ଠାନଗୁଡ଼ିକରୁ ୪୦ ଜଣ ଯୁବ ଅଧ୍ୟାପକଙ୍କୁ ଚୟନ କରାଯାଇଥିଲା। ଏହାସହ ଗ୍ରୁପ୍‌ରେ ୮୦ଟି ଷ୍ଟାର୍ଟଅପ୍‌କୁ ଯୋଡ଼ିବା ଲାଗି ଚିହ୍ନଟ କରାଯାଇଥିଲା। ସୂତ୍ରରୁ ପ୍ରକାଶ , ଚଳିତ ବର୍ଷ ପ୍ରାରମ୍ଭରେ ଆୟୋଜିତ ବୈଠକରେ ଏହି ସଦସ୍ୟମାନେ ସେମାନଙ୍କ ସୁପାରିସଗୁଡ଼ିକ ଉପସ୍ଥାପନ କରିଥିଲେ। ସେଗୁଡ଼ିକୁ ଏବେ ବିଭିନ୍ନ ମନ୍ତ୍ରଣାଳୟରେ ଥିବା ବରିଷ୍ଠ ଅଧିକାରୀମାନଙ୍କ ପାଖକୁ ପଠାଇ ଦିଆଯାଇଛି। ଯାନ୍ତ୍ରିକୀକରଣ ଓ ଡେଟା ଆନାଲିଟିକ୍ସକୁ ନେଇ ଯଦି ସେମାନଙ୍କ ଯୋଜନା ଦ୍ୱାରା ଫାଇଲ ବିନା ବିଳମ୍ବରେ ତଳସ୍ତରରୁ ଉପରକୁ ଶୀଘ୍ର ଯାଇପାରିବ ତେବେ କାର୍ଯ୍ୟ ସୁରୁଖୁରୁରେ ହେଲା ବୋଲି ଆମେ କହିପାରିବା।

### ନୂଆ ଟିମ୍

ଶେଷରେ ବହୁ ପ୍ରତୀକ୍ଷିତ ରେଲୱେ ବୋର୍ଡ ନିଯୁକ୍ତିଗୁଡ଼ିକ କରାଯାଇଛି। ଫଳରେ ଏବକାର ରେଲୱେ ବୋର୍ଡର ଚେୟାରମ୍ୟାନ ଏବଂ ସିଇଓ ଭି.କେ. ତ୍ରିପାଠୀଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ନେଇ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ତ୍ରିପାଠୀଙ୍କ ସ୍ଥାନରେ ଅନୀଲ କୁମାର ଲାହୋଟିଙ୍କୁ ଅବସ୍ଥାପିତ କରାଯାଇଛି। ସେ ଏହି ଶୀର୍ଷ ପଦବୀରେ ୩୧ ଅଗଷ୍ଟ ୨୦୨୩ ପର୍ଯ୍ୟନ୍ତ ରହିବେ। ନିଯୁକ୍ତିର କିଛିଦିନ ପୂର୍ବରୁ ଲାହୋଟିଙ୍କୁ ଭିତ୍ତିଭୂମି ସଦସ୍ୟ ଭାବେ ଅବସ୍ଥାପିତ କରାଯାଇଥିଲା। ତେବେ ତ୍ରିପାଠୀଙ୍କ କାର୍ଯ୍ୟକାଳ ନ ବଢାଇବାକୁ ସରକାର ନେଇଥିବା ନିଷ୍ପତ୍ତି ବହୁ ପର୍ଯ୍ୟବେକ୍ଷକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେମାନେ ଅନୁଭବ କରନ୍ତି ଯେ, ନୂତନ ଭାବେ ଆରମ୍ଭ ହୋଇଥିବା ଇଣ୍ଡିଆନ ରେଲୱେ ମ୍ୟାନେଜମେଣ୍ଟ ସର୍ଭିସ(ଆଇଆର୍‌ଏମ୍‌ଏସ୍) ସମୀକ୍ଷା କରିବାକୁ ତ୍ରିପାଠୀଙ୍କୁ ଅବସରର ୬ ମାସ ପୂର୍ବରୁ ଏକ ବର୍ଷ ପାଇଁ ବୋର୍ଡର ଚେୟାରମ୍ୟାନ ଓ ସିଇଓ ଭାବେ ଅଣାଯାଇଥିଲା । ଏବେ ଆଇଆର୍‌ଏମ୍‌ଏସ୍ ଲାଗୁ ହୋଇଛି ଓ ତ୍ରିପାଠୀ ତାଙ୍କ କାର୍ଯ୍ୟ ବନ୍ଦ କରି ଲାହୋଟିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ବର୍ତ୍ତମାନ ବୋର୍ଡର ନୂଆ ଚେୟାରମ୍ୟାନ ଓ ସିଇଓ ଏକ ନୂଆ ଟିମ୍ ପାଇବେ। ଆଇଆର୍‌ଏମ୍‌ଏସ୍ ଅଧୀନରେ ୬ ଜଣ ଅଧିକାରୀଙ୍କ ନାମ ତାଲିକା ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଲାହୋଟିଙ୍କ ସମେତ ରୁପ ଏନ୍. ଶଙ୍କର, ମୋହିତ ସିହ୍ନା, ସତୀଶ କୁମାର ଏବଂ ବ୍ରଜ ମୋହନ ଅଗ୍ରୱାଲ। କୌତୂହଳର ବିଷୟ ଯେ, ଦୁଇ ଅଧିକାରୀ ଅଞ୍ଜଳି ଗୋୟଲ ଏବଂ ଜୟା ବର୍ମାଙ୍କ ନିଯୁକ୍ତିକୁ ସ୍ଥଗିତ ରଖାଗଲା। ଗୋୟଲ ଏବେ ବନାରସ ରେଲ ଲୋକୋମୋଟିଭ ଫ୍ୟାକ୍ଟ୍ରିର ମହା ପ୍ରବନ୍ଧକ ଥିବାବେଳେ ସିହ୍ନା ରେଲୱେ ବୋର୍ଡର ଅତିରିକ୍ତ ସଦସ୍ୟ( ଟ୍ରାଫିକ) ରହିଛନ୍ତି।

### ନିର୍ଦ୍ଦେଶକୁ ଉପେକ୍ଷା

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ସତ୍ତ୍ୱେ କର୍ଣାଟକ ସରକାର ଦୁଇ ଆଇଏଏସ୍ ଅଧିକାରୀ କେ. ଶ୍ରୀନିବାସନ ଏବଂ ଏସ୍. ରଙ୍ଗପ୍ପାଙ୍କୁ ପୁନଃ ଅବସ୍ଥାପିତ କରିଛନ୍ତି। ସେମାନେ ଭୋଟର ତଥ୍ୟ ଚୋରି ମାମଲାରେ ନିଲମ୍ବନ ହେବାର ମାସକ ମଧ୍ୟରେ ଏଭଳି କରାଯାଇଛି। ଶ୍ରୀନିବାସନଙ୍କୁ ରାଜୀବ ଗାନ୍ଧୀ ହାଉସିଂ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶକ ଓ ରଙ୍ଗପ୍ପାଙ୍କୁ କର୍ଣାଟକ ଷ୍ଟେଟ ମିନେରାଲ୍ସ କର୍ପୋରେଶନରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଗୋଟିଏ ଏନ୍‌ଜିଓର ସଦସ୍ୟମାନେ ନିଜକୁ ସରକାରୀ ଅଧିକାରୀ ଭାବେ ଉପସ୍ଥାପନ କରି ଭୋଟରମାନଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରୁଥିବା ଅଭିଯୋଗ ପାଇବା ପରେ ନିର୍ବାଚନ କମିଶନ ପଦକ୍ଷେପ ନେଇଥିଲେ। ଶିବାଜୀନଗର,ଚିକ୍‌ପେଟ ଏବଂ ମହାଦେବପୁରା ନିର୍ବାଚନମଣ୍ଡଳୀରେ ୧ ଜାନୁୟାରୀ ୨୦୨୨ ପରେ ଭୋଟର ତାଲିକାରେ ନାମ ଯୋଗ ହେବା ଓ କଟିବା ଉପରେ ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେବା ସହ ଏହି ଦୁଇ ଅଧିକାରୀଙ୍କୁ ଇସି ନିଲମ୍ବନ କରିଥିଲେ। ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଭାବେ ଶିବାଜୀନଗର ଓ ଚିକ୍‌ପେଟ ବିଧାନସଭା ନିର୍ବାଚନମଣ୍ଡଳୀର ଦାୟିତ୍ୱରେ ରଙ୍ଗପ୍ପା ଥିଲେ ଓ ଇସି ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଶ୍ରୀନିବାସନ ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଭାବେ ମହାଦେବପୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ରହିଥିଲେ। ବାସବରାଜ ବୋମାଇ ସରକାରଙ୍କ ପଦକ୍ଷେପ ବିରୋଧୀ ଦଳଗୁଡ଼ିକୁ ସ୍ୱର ଉଠାଇବା ଲାଗି ଉସୁକାଇଛି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 6 | | | | |
| | 3 | | | | | 5 | | |
| | | | 2 | | | | 4 | |
| | 9 | 1 | | | | | 2 | |
| | | 6 | 1 | 9 | | | 8 | |
| | | | | | 2 | | | 7 |
| | | 3 | | 1 | | 6 | | |
| | | | 4 | | | | | 9 |
| | 7 | | | 8 | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 4 | 3 | 7 | 8 | 2 | 5 | 9 |
| 8 | 5 | 3 | 6 | 9 | 2 | 7 | 1 | 4 |
| 9 | 2 | 7 | 4 | 1 | 5 | 6 | 3 | 8 |
| 7 | 8 | 1 | 2 | 3 | 9 | 4 | 6 | 5 |
| 5 | 3 | 9 | 7 | 6 | 4 | 1 | 8 | 2 |
| 2 | 4 | 6 | 8 | 5 | 1 | 3 | 9 | 7 |
| 3 | 9 | 8 | 1 | 4 | 7 | 5 | 2 | 6 |
| 6 | 7 | 5 | 9 | 2 | 3 | 8 | 4 | 1 |
| 4 | 1 | 2 | 5 | 8 | 6 | 9 | 7 | 3 |

ଗତକାଲିର ଉତ୍ତର

# ଜିନ୍ ପରିବର୍ତ୍ତିତ ସୋରିଷରେ ବିପଦ



ବିଚିତ୍ର ବିଶ୍ୱାଳ

ସୋରିଷ ବିନା ରୋଷେଇ ଅଧୁରା। ଏବେ ସେଇ ସୋରିଷ ଉପରେ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ନଜର ଲାଗିଛି। ପ୍ରାକୃତିକ ସୋରିଷର ଜିନ୍‌ରେ ପରିବର୍ତ୍ତନ କରି ଜିନ୍ ପରିବର୍ତ୍ତିତ ସୋରିଷ ଚାଷକୁ ବଢ଼େଇବା ପାଇଁ କମ୍ପାନୀଗୁଡ଼ିକ ଲାଗିପଡ଼ିଛନ୍ତି। ଆମ ସରକାର ବି ଏହି କାମରେ କମ୍ପାନୀଙ୍କ ହିତକୁ ପ୍ରାଧାନ୍ୟ ଦେଉଛନ୍ତି। ଯଦିଓ ସୋରିଷର ଉତ୍ପାଦନ ବଢ଼େଇବା ନାଁରେ ଏହି ଜିନ୍ ପରିବର୍ତ୍ତିତ ସୋରିଷକୁ ପ୍ରଚଳନ କରାଯିବାର ଦାବି କରାଯାଉଛି, କିନ୍ତୁ ଅସଲ ଉଦ୍ଦେଶ୍ୟ ହେଉଛି, ସୋରିଷ ବିହନ କ୍ଷେତ୍ରରେ ଚାଷୀମାନଙ୍କର ଥିବା ସ୍ୱାବଲମ୍ବନଶୀଳତାକୁ ଲୋପ କରି କମ୍ପାନୀ ନିର୍ଭରଶୀଳତା ବଢ଼େଇବା। ଏହା ଦ୍ୱାରା ସୋରିଷର ଉତ୍ପାଦନ ବଢୁ କି ନ ବଢୁ ବିହନ କମ୍ପାନୀଙ୍କର ଲାଭ ଦ୍ୱିଗୁଣିତ ହେବ ଓ ଜିନ୍ ପରିବର୍ତ୍ତିତ ସୋରିଷ ଯୋଗୁ ଲୋକମାନଙ୍କର ସ୍ୱାସ୍ଥ୍ୟ ମଧ୍ୟ ବିପନ୍ନ ହେବାର ସମ୍ଭାବନା ରହିଛି।

କେନ୍ଦ୍ରୀୟ ପରିବେଶ ମନ୍ତ୍ରାଳୟ ଅଧୀନରେ ଥିବା ଜେନେଟିକ୍ ଇଞ୍ଜିନିୟରିଙ୍ଗ୍ ମୂଲ୍ୟାଙ୍କନ କମିଟି ଜିନ୍ ପରିବର୍ତ୍ତିତ ସୋରିଷର ଏକ କିସମ ଧାରା ମଷ୍ଟାର୍ଡ ହାଇବ୍ରିଡ୍-୧୧ (ଜି.ଏମ୍.ଏଚ୍-11)କୁ ପରିବେଶ ମଞ୍ଜୁରୀ ଦେଇଛନ୍ତି। ଏହି ସୋରିଷ ବିହନ ବ୍ୟବହାର ଦ୍ୱାରା ଅମଳ ବଢ଼ିବ ଓ ଖାଇବା ତେଲର ଆମଦାନୀ କମ୍ ହେବ ବୋଲି ଦାବି କରାଯାଉଛି। ଏହି ସୋରିଷ ବିହନରୁ ହେକ୍ଟର ପିଛା ୩୦ ପ୍ରତିଶତ ଅଧିକ ଅର୍ଥାତ୍ ୨୬୦୦ କିଲୋ ସୋରିଷ ଉତ୍ପାଦନ ହେବ ବୋଲି କୁହାଯାଉଛି। କିନ୍ତୁ ମଜା କଥା ହେଉଛି ଏହି ସୋରିଷ ବିହନ ଏପର୍ଯ୍ୟନ୍ତ ବିଜ୍ଞାନସମ୍ମତ ଭାବେ ପରୀକ୍ଷିତ ହୋଇ ସଫଳତା ହାସଲ କରିନାହିଁ। ପୂର୍ବରୁ କମ୍ ଅମଳ ଦେଉଥିବା ଏକ ସୋରିଷ କିସମ 'ବରୁଣା' ସହିତ ଏହାକୁ ତୁଳନା କରାଯାଇଛି, ଯେତେବେଳେ କି ଆମ ଦେଶରେ ଆହୁରି ଅଧିକ ଅମଳକ୍ଷମ ସୋରିଷ ବିହନ ରହିଛି। ଜାଣି ଜାଣି ଏକ କମ୍ ଅମଳକ୍ଷମ ସୋରିଷ ବିହନ ସହିତ ଜି.ଏମ୍.ଏଚ୍.-୧୧ ସୋରିଷ ବିହନକୁ ତୁଳନା କରାଯାଇ ତାହାକୁ ମଞ୍ଜୁରୀ ଦିଆଯାଇଛି। ଏହା ପଛରେ ଥିବା ଉଦ୍ଦେଶ୍ୟ ବେଶ୍ ସ୍ପଷ୍ଟ। ଚାଷୀଙ୍କ ଅମଳ ଅପେକ୍ଷା ଜିନ୍ ପରିବର୍ତ୍ତିତ ବିହନକୁ ପ୍ରଚଳନ କରି କମ୍ପାନୀଙ୍କୁ ଲାଭ ଯୋଗାଇଦେବାର ଅଭିସନ୍ଧି ଜଳଜଳ ଦେଖାଯାଉଛି। ଏତଦ୍‌ବ୍ୟତୀତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା ଏହାର ଅମଳକୁ ନେଇ ପରୀକ୍ଷଣ ହୋଇନାହିଁ। ତା'ହେଲେ ଏହାକୁ କାହା ସ୍ୱାର୍ଥରେ ମଞ୍ଜୁରୀ ପ୍ରଦାନ କରାଗଲା ? ବିଟି କପାର ପ୍ରଚଳନ ସମୟରେ ଆରମ୍ଭରୁ ଏହିପରି ପରୀକ୍ଷା କରାଯାଇଥିଲା ଓ ପ୍ରଥମ ଦଫାରେ ବିଟି କପା ବିଫଳ ହୋଇଥିବାରୁ କେତେଜଣ କୃଷି ବିଶେଷଜ୍ଞଙ୍କ ଚାପରେ ତାହାର ମଞ୍ଜୁରୀ ଅଟକେଇ ଦିଆଯାଇଥିଲା। ବର୍ତ୍ତମାନ ଜିନ୍ ପରିବର୍ତ୍ତିତ ସୋରିଷ ବେଳକୁ ଏହି ନିୟମରେ ଖିଲାପ କରାଗଲା କାହିଁକି ? ୨୦୦୩-୦୪ରେ ଆମ ଦେଶରେ କ୍ଷୀରର ଉତ୍ପାଦନ ବଢ଼େଇବା ପାଇଁ 'ବୋବାଇନ୍ ହରମୋନ୍' ବ୍ୟବହାର ପାଇଁ ଅନୁମତି ନେବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ କାନାଡ଼ାରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଥିଲା ଯେ, ଏହି ହରମୋନ୍‌ର ବ୍ୟବହାରରୁ ମିଳୁଥିବା କ୍ଷୀର ପ୍ରୋଷ୍ଟେଟ୍ କ୍ୟାନ୍‌ସର୍‌ର କାରଣ ହେଉଛି। ସେତେବେଳେ ଏହି ବୋବାଇନ୍ ହରମୋନ୍‌ର ବ୍ୟବହାର ଉପରେ ରୋକ୍ ଲଗାଯାଇଥିଲା। ବର୍ତ୍ତମାନ ଏହି ହରମୋନ୍‌ର ବିନା ବ୍ୟବହାରରେ ଭାରତ କ୍ଷୀର ଉତ୍ପାଦନରେ ଆଗରେ ଅଛି। ଆମ ଦେଶରେ ବାର୍ଷିକ ୨୧କୋଟି ଟନ୍ କ୍ଷୀର ଉତ୍ପାଦନ ହେଉଛି। ତେଣୁ ବିନା ଜିନ୍ ପରିବର୍ତ୍ତନ କରି ଆମ ଦେଶର ଚାଷୀମାନଙ୍କ ପାଖରେ ଥିବା ବିହନକୁ ବ୍ୟବହାର କରି ମଧ୍ୟ ଉତ୍ପାଦନ ବଢ଼େଇ ହେବ। ସେଥିପାଇଁ ସରକାରଙ୍କୁ ଦେଶୀ ବିହନକୁ ପ୍ରୋତ୍ସାହନ ଦେବା ସହିତ ଆବଶ୍ୟକ ଭିତ୍ତିଭୂମିର ବିକାଶ କରିବାକୁ ହେବ।



ଏତଦ୍‌ବ୍ୟତୀତ ବିଭିନ୍ନ ଗବେଷଣାରୁ ବାରମ୍ବାର ପ୍ରମାଣିତ ହୋଇଛି ଯେ, ଜିନ୍‌ରେ ଏପଟ ସେପଟ କରି ତିଆରି ହେଉଥିବା ବିହନରୁ ଅମଳ ହେଉଥିବା ଖାଦ୍ୟ ପଦାର୍ଥର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ରହିଛି। ପ୍ରାକୃତିକ ବିହନର ଜିନ୍‌ରେ ପରିବର୍ତ୍ତନ କରିବା ଦ୍ୱାରା ହୁଏତ ସ୍ୱଳ୍ପ ସମୟ ପାଇଁ ଅମଳକୁ ବଢ଼େଇ ଦିଆଯାଇପାରେ, କିନ୍ତୁ ଏହା ଦୀର୍ଘତମ ପ୍ରଭାବ ଭୋଗିବାକୁ ପ୍ରସ୍ତୁତ ରହିବାକୁ ହେବ। ଜିନ୍ ପରିବର୍ତ୍ତିତ ବିହନ ଦ୍ୱାରା ପରିବେଶ ମଧ୍ୟ ପ୍ରଭାବିତ ହେବ। ମାଟିର ଗୁଣବତ୍ତା ପରିବର୍ତ୍ତନ ହେବା ସହିତ ଏଥିରେ ଥିବା ଉପକାରୀ ଅଣୁଜୀବ ମଧ୍ୟ ଲୋପ ହୋଇଯିବେ। ଜିନ୍ ପରିବର୍ତ୍ତିତ କପା କ୍ଷେତ୍ରରେ ଏହା ଦେଖାଯାଉଛି ଯେ, ଧୀରେ ଧୀରେ ସମୟ ଗଡ଼ିବା ସହିତ ଫସଲରେ ନୂଆ ନୂଆ ପୋକ ଲାଗୁଛନ୍ତି ; ଯାହାକୁ ନିୟନ୍ତ୍ରଣ କରିବା ସମ୍ଭବପର ହେଉନାହିଁ। ବିଟି କପା କ୍ଷେତରେ ଭିନ୍ନ ଭିନ୍ନ ପ୍ରକାର ନୂଆ ଓ ଶକ୍ତିଶାଳୀ ଘାସ ମଧ୍ୟ ବାହାରୁଛି, ଯାହାକୁ ଦମନ କରିବା ପାଇଁ ପୁନଶ୍ଚ ତୃଣନାଶକ ବ୍ୟବହାର କରିବାକୁ ପଡୁଛି। ଚାଷରେ ବିଷର ବ୍ୟବହାର ବୃଦ୍ଧି ହେଉଛି। କପା ତ ଖାଦ୍ୟଦ୍ରବ୍ୟ ନୁହେଁ, ତେଣୁ ଯାହିତାହି ଭାବେ ଏହା ଚଳିଯାଉଛି। କିନ୍ତୁ ସୋରିଷ କ୍ଷେତ୍ରରେ ଏପରି ବିଷର ବ୍ୟବହାର ହେଲେ ଏହା ଅତି ମାରାତ୍ମକ ପରିସ୍ଥିତି ସୃଷ୍ଟି କରିବ। ମଣିଷର ସ୍ୱାସ୍ଥ୍ୟ ଓ ପରିବେଶ ଉଭୟ ବିପନ୍ନ ହେବ।

ସୋରିଷର ଅମଳ ବଢ଼େଇବା ଯଦି ଉଦ୍ଦେଶ୍ୟ ତେବେ ବିନା ଜିନ୍ ପରିବର୍ତ୍ତନରେ ବି ଏହା କରାଯାଇପାରିବ। ୧୯୮୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ କହିଥିଲେ, ପେଟ୍ରୋଲ୍, ସାର୍ ଓ ଖାଇବା ତେଲର ଆମଦାନୀ ଯୋଗୁ ଆମ ଦେଶ ଉପରେ ବହୁତ ବୋଝ ପଡୁଛି। ପେଟ୍ରୋଲ୍ ଓ ସାରର ଆମଦାନୀର ହୁଏତ ବିକଳ୍ପ କମ୍ ଥାଇପାରେ, କିନ୍ତୁ ଖାଇବା ତେଲର ଆମଦାନୀକୁ ଆମେ ଚାହିଁଲେ ବନ୍ଦ କରିପାରିବା। ଖାଇବା ତେଲର ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ସେ ତୈଳବୀଜ ମିଶନ ଗଠନ କରିଥିଲେ। ସେତେବେଳେ ଆମ ଦେଶରେ ବାର୍ଷିକ ୧.୧ କୋଟି ଟନ୍ ଖାଇବା ତେଲ ଉତ୍ପାଦନ ହେଉଥିଲା, କିନ୍ତୁ ଏହି ମିଶନ ଗଠନର ପ୍ରଥମ ଦଶ ବର୍ଷ ପରେ ସୋରିଷର ଉତ୍ପାଦନ ଦୁଇଗୁଣ ହୋଇଗଲା ଓ ସୋରିଷ ଆବଶ୍ୟକତାର ୯୭ ପ୍ରତିଶତ ଆମ ଦେଶରେ ହିଁ ଉତ୍ପାଦନ ହେଲା। କିନ୍ତୁ ପରବର୍ତ୍ତୀ ବର୍ଷଗୁଡ଼ିକରେ ଆମଦାନୀ ଶୁଳ୍କ କମ୍ କରିଦିଆଗଲା। ବର୍ତ୍ତମାନ ଖାଇବା ତେଲ ଉପରେ ଆମଦାନୀ ଶୁଳ୍କ ଶୂନ। ପରିଣାମ ସ୍ୱରୂପ ବର୍ତ୍ତମାନ ଆମ ଦେଶ ୧.୩ କୋଟି ଟନ୍ ଖାଇବା ତେଲ ଆମଦାନୀ କରୁଛି ଓ ଖାଇବା ତେଲ ଆମଦାନୀ କରୁଥିବା ଦେଶ ମଧ୍ୟରେ ଭାରତର ସ୍ଥାନ ଦ୍ୱିତୀୟ। ସିଧା ଭାଷାରେ କହିଲେ, ନିଜ ହାତରେ ସରକାର ଆମ ତେଲ ସ୍ୱାବଲମ୍ବନଶୀଳତାକୁ ନଷ୍ଟ କରିଛନ୍ତି। ବର୍ତ୍ତମାନ ଆମ ଦେଶ ତୈଳ ଆମଦାନୀରେ ପ୍ରାୟ ବାର୍ଷିକ ୧.୧୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରୁଛି। ଏତିକି ଟଙ୍କା ଯଦି ଆମ ଚାଷୀ ପାଆନ୍ତେ, ତା'ହେଲେ ସେମାନଙ୍କ ଅବସ୍ଥାରେ କେତେ ସୁଧାର ଆସିପାରନ୍ତା! ଏବେ ବି ମନେଅଛି, ଖାଇବା ତେଲ ଆମଦାନୀ ବଢ଼େଇବା ପାଇଁ କିପରି ଭାବେ ଖୋଲା ଓ ଘଣା ସୋରିଷ ତେଲକୁ ଖରାପ ବୋଲି ପ୍ରଚାର କରାଗଲା ଓ ପ୍ୟାକେଟ୍ ବନ୍ଦ ତେଲ ପାଇଁ ରାସ୍ତା ସଫା କରାଗଲା। ଏତେ ସବୁ ନାଟ କେବଳ କମ୍ପାନୀଙ୍କ ସ୍ୱାର୍ଥରେ ହିଁ କରାଗଲା। ତା'ର ସୁଫଳ ଏବେ ସେଇ କମ୍ପାନୀଗୁଡ଼ିକ ଲାଭ କରୁଛନ୍ତି। ଆମ ଦେଶର ସୋରିଷ ଚାଷୀ ଓ ତେଲ ଘଣା ବୃତ୍ତିରେ ଥିବା ଲୋକମାନେ ନିଜ ଚାଷବାସ ଓ ବୃତ୍ତି ହରେଇ ବେକାର ହୋଇଗଲେ।

ଆମ ଦେଶର ସୋରିଷ ବିହନ ଦ୍ୱାରା ସୋରିଷର ଉତ୍ପାଦନ ବଢ଼େଇ ତୈଳ ଆମଦାନୀ ହ୍ରାସ କରିବାକୁ ପଡ଼ିବ। ସୋରିଷ ଉତ୍ପାଦନରେ ବିହାର, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଆଦି ରାଜ୍ୟ ଆଗରେ ଅଛନ୍ତି। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଦେଶୀ ସୋରିଷ ବିହନରେ ସଘନ ଚାଷ ବ୍ୟବସ୍ଥା ଦ୍ୱାରା ଅଧିକ ଅମଳ ମିଳିପାରୁଛି। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ମଧ୍ୟ ଏହିପରି ପ୍ରୟାସ କରାଯାଇପାରିବ। ଜିନ୍ ପରିବର୍ତ୍ତିତ ସୋରିଷ କେବେ ବି ସମସ୍ୟାର ସମାଧାନ ନୁହେଁ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ- ୯୪୩୮୪୬୮୪୭୪

# ଆଜି ବି ରେବତୀ ବଞ୍ଚୁଛି



ଉତ୍କଳିକା ଦାଶ

ବ୍ୟାସକବି ଫକୀର ମୋହନଙ୍କ କାଳଜୟୀ ରଚନାଗୁଡ଼ିକ ମଧ୍ୟରୁ 'ରେବତୀ' ଉପନ୍ୟାସଟି ସ୍ୱତନ୍ତ୍ର। ଉକ୍ତ ଉପନ୍ୟାସର ମୂଳ ଆଧାର ନାରୀ ଶିକ୍ଷା ଉପରେ ପର୍ଯ୍ୟବସିତ। କିପରି ଶିକ୍ଷା ଅଭାବରୁ ଅନ୍ୟ ଜଣଙ୍କ ଶିକ୍ଷାକୁ ଅନ୍ଧବିଶ୍ୱାସ ତଥା କୁସଂସ୍କାର ରୂପେ ଗ୍ରହଣ କରୁଛନ୍ତି, ତାହାର ଦୃଷ୍ଟାନ୍ତ ଦେଖିବାକୁ ମିଳେ। ରେବତୀର ଶିକ୍ଷା ପ୍ରତି ଅହେତୁକ ମନୋଭାବକୁ କାଳ ସଦୃଶ ବିବେଚନା କରି ତା'ର ଜେଜେମା' ତାକୁ ମାନସିକ ପୀଡ଼ା ଦେଇଛନ୍ତି। ଆଜିର ସମାଜରେ ଯଦିଓ ନାରୀ ଶିକ୍ଷାକୁ ସେପରି ଅନ୍ଧବିଶ୍ୱାସ ରୂପେ ଗ୍ରହଣ କରାଯାଉ ନାହିଁ, ତଥାପି ନାରୀମାନଙ୍କ ଶିକ୍ଷା ପ୍ରତି ବିତୃଷ୍ଣାଭାବ ରହୁଛି। ତେବେ ପ୍ରଶ୍ନ ଉଠେ, ସତରେ କ'ଣ ରେବତୀର ଜେଜେମା' ପରି ଚରିତ୍ର ବଞ୍ଚିଛନ୍ତି ରେବତୀମାନଙ୍କ ଭବିଷ୍ୟତ ନଷ୍ଟ କରିବାକୁ ? ପ୍ରତିଦିନ ନାରୀମାନଙ୍କ ସୁରକ୍ଷା ଉପରେ ବିଭିନ୍ନ ଆନ୍ଦୋଳନ ହେଉଛି। ଅନେକ ବୁଦ୍ଧିଜୀବୀ ଏହା ଉପରେ ମତ ଓ ମନ୍ତବ୍ୟ ଦେଉଛନ୍ତି, ହେଲେ ଏହା ବୋଧହୁଏ କେବଳ ସେହି ଆନ୍ଦୋଳନ ଭିତରେ ସୀମିତ ରହୁଛି। ରୋଗ ସଭିଏଁ ଜାଣିଛନ୍ତି, ହେଲେ ଏହାର ନିଦାନ ବାହାର କରିବାକୁ କେହି ପ୍ରସ୍ତୁତ ନାହାନ୍ତି। ଏବେ କିନ୍ତୁ ସଚେତନ ସହ ମାନସିକତାରେ ପରିବର୍ତ୍ତନ କରିବାର ସମୟ ଉପନୀତ।

ନାରୀ ପ୍ରଗତିରେ ରାଷ୍ଟ୍ରର ଉନ୍ନତି ବୋଲି କୁହାଯାଏ। ହେଲେ ଯେଉଁଠି ଲିଙ୍ଗଗତ ପ୍ରଭେଦ ଅଧିକ, ସେଠାରେ ରାଷ୍ଟ୍ରର ବିକାଶ ହେବା ଅନିଶ୍ଚିତ। ହେଲେ ଭୂମିଷ୍ଠ ହେବା ପରେ ନିଷ୍ପତ୍ତି ନିଆଯାଉଛି ଝିଅ କେଉଁ ଶିକ୍ଷା ଗ୍ରହଣ କରିବ ଏବଂ ପୁଅ କେଉଁ ପ୍ରକାର ଶିକ୍ଷାଲାଭ କରିବ। ଏପରି ତୁଳନାତ୍ମକ କାର୍ଯ୍ୟଦ୍ୱାରା ଅନେକ ରେବତୀଙ୍କ ଭାଗ୍ୟ ଶିକ୍ଷା ବିନା ଅଜ୍ଞାନର ଅନ୍ଧାରରେ ଶ୍ୱାସରୁଦ୍ଧ ହୋଇଯାଉଛି। ନାରୀଶିକ୍ଷା ପାଇଁ ଆନ୍ଦୋଳନ ଅପେକ୍ଷା କିପରି ଝିଅମାନଙ୍କୁ ଉଚିତ୍ ଶିକ୍ଷା ମିଳିପାରିବ, ସେଥିପାଇଁ ଯତ୍ନବାନ ହେବା ଉଚିତ୍।

ନାରୀ ଶିକ୍ଷାର ମୂଳଦୁଆ ମୁଖ୍ୟତଃ ପରିବାର ସ୍ତରରୁ ଆରମ୍ଭ ହେବା ଉଚିତ୍। ଯେଉଁ ପରିବାରରେ ନାରୀ ଶିକ୍ଷିତା, ସେଠାରେ ଜନ୍ମ ନେଉଥିବା ପ୍ରତ୍ୟେକ ସନ୍ତାନଙ୍କ ଭାଗ୍ୟ ଉଜ୍ଜ୍ୱଳ ହେବା ସହ ପରିବାରବର୍ଗଙ୍କ ଉନ୍ନତି ହୋଇଥାଏ। ତତ୍‌ସହିତ ସେମାନେ ଆର୍ଥିକ ଶାରୀରିକ ତଥା ମାନସିକ ରୂପେ ମଧ୍ୟ ସହାୟକ ହୋଇଥାଆନ୍ତି ଏବଂ ସୁ-ପଥ ପ୍ରଦର୍ଶକ ହୋଇ ପରିବାର ମଙ୍ଗଳ କାମନା କରନ୍ତି। କିନ୍ତୁ ନାରୀମାନଙ୍କୁ ଅବହେଳିତ କରାଯାଇ ସେମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯିବ, ତେବେ ପରିବାର ଏବଂ ଦେଶର ପ୍ରଗତି ହେବାରେ ବାଧା ସୃଷ୍ଟି ହେବ। ତେଣୁ ପ୍ରତ୍ୟେକ ପରିବାର ଏଥିପ୍ରତି ଯତ୍ନବାନ୍ ହେଲେ ବୋଧହୁଏ ଲିଙ୍ଗଗତ ସମସ୍ୟାର ମୂଳୋତ୍ପାଟନ ହେବା ସହ ସମୃଦ୍ଧଶାଳୀ ରାଷ୍ଟ୍ରଗଠନ ହୋଇପାରିବ ବୋଲି ଆଶା କରିପାରିବା। ତେବେ ଯାଇ ଏକ ନୂତନ ରାଷ୍ଟ୍ରର ଅଭ୍ୟୁଦୟ ହେବ।



ସାମ୍ପ୍ରତିକ ସମାଜରେ ନାରୀ ଶିକ୍ଷା ବା ନାରୀ ପ୍ରଗତିରେ ମୁଖ୍ୟ ବାଧକ ସାଜିଛି ଅସୁରକ୍ଷିତ ସମାଜ। ସଭ୍ୟତାର ଶିଖରକୁ ଛୁଇଁଥିବା ମାନବ ସମାଜରେ ଯଦି ନାରୀଟିଏ ସୁରକ୍ଷିତ ନୁହେଁ, ତାହା ଆମ ଶିକ୍ଷିତପଣିଆକୁ ତାଚ୍ଛଲ୍ୟ କରୁନାହିଁ କି? ଦେଶରେ ଲିଙ୍ଗଗତ ସମାନତାର ପ୍ରଚାର ହେଉଥିବା ବେଳେ ସାକ୍ଷରତା ହାରରେ ପୁରୁଷମାନଙ୍କ ସଂଖ୍ୟା ନାରୀମାନଙ୍କଠାରୁ ଯଥେଷ୍ଟ ଆଗରେ। ପ୍ରତ୍ୟେକ ସ୍ତରରେ ନାରୀମାନଙ୍କ ପାଇଁ ସ୍ୱଳ୍ପ ସ୍ଥାନ ସଂରକ୍ଷିତ ରଖାଯାଉଥିବା ବେଳେ ପୁରୁଷଙ୍କ ପାଇଁ ଅଧିକ ରଖାଯାଉଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଏବେ ମଧ ନାରୀ ଲିଙ୍ଗଗତ ପ୍ରଭେଦର ଶିକାର ହେଉଛି। ତେଣୁ ଏ ପ୍ରଚାର ବଦଳରେ କିପରି କାର୍ଯ୍ୟକାରୀ ହୋଇପାରିବ ତା'ର ଉଚିତ ପଦକ୍ଷେପ ନେବା ଆବଶ୍ୟକ।ଝିଅମାନଙ୍କ ପ୍ରତି ସରକାର ନେଉଥିବା ପଦକ୍ଷେପ ଯଦିଓ ସ୍ୱାଗତଯୋଗ୍ୟ, ତଥାପି କିଛି ଜନସାଧାରଣଙ୍କ ଅବିକଶିତ ଚିନ୍ତାଧାରା ଯୋଗୁ ଆଜିବି ନାରୀଟିଏ ଅବହେଳିତା। ତେଣୁ ସରକାରଙ୍କ ସଚେତନତା ବାର୍ତ୍ତାକୁ ଯଦିଓ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ନାରୀମାନଙ୍କୁ ଦିଆଯାଉଥିବା ନିର୍ଯାତନା ପାଇଁ ଆଇନାନୁଯାୟୀ କଠୋର ଦଣ୍ଡବିଧାନକୁ ତୁରନ୍ତ କାର୍ଯ୍ୟକାରୀ କରାଯାଆନ୍ତା, ତେବେ ଅସୁରକ୍ଷିତ ମନୋଭାବର ଦୂରୀକରଣ କରାଯାଇପାରନ୍ତା।

କିଛିଦିନ ପୂର୍ବରୁ ଗଣମାଧ୍ୟମରେ ଦେଖିଥିଲେ ବା ପଢ଼ିଥିଲେ ଝିଅଟି ଟ୍ୟୁଶନ୍ ଯାଇ ଘରକୁ ଫେରି ନଥିଲା। ଅନେକ ଖୋଜାଖୋଜି ପରେ ସେ ମିଳି ନ ଥିଲା। ପରଦିନ ଗାଁ ନିକଟସ୍ଥ ପୋଖରୀରେ ତା'ର ମୃତଦେହ ମିଳିଥିଲା। ଘଟଣାରୁ ଜଣାପଡ଼ିଲା ଯେ, କିଛି ଅସାମାଜିକ ପିଲାଙ୍କ ମୁହଁରେ ଜବାବ ଦେଇଥିବାରୁ ସେମାନେ ତାକୁ ମାରି ପୋଖରୀରେ ଫୋପାଡ଼ି ଦେଇଥିଲେ। ଉକ୍ତ ଘଟଣା ଝିଅମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ଉଠାଇଥିଲା। ଅନ୍ୟ ଘଟଣାଟି ଏହିପରି ଯେ, ଝିଅଟି ପାଠ ପଢ଼ିବାକୁ ଜିଦ୍ କରିବାରୁ ମା'ବାପାଙ୍କ ଆକଟ ତା' ପ୍ରତି କଠୋର ହେଉଥିଲା। ଗୋଟେପଟେ ଉଚ୍ଚଶିକ୍ଷା ଲାଭ କରିବାର ଆଶା, ଅନ୍ୟପଟେ ପାଠ ପଢ଼ିବା ପାଇଁ ଦିଆଯାଉଥିବା ନିର୍ଯାତନା। ଧୀରେ ଧୀରେ ତା' ପାଠ ପଢ଼ିବାର ଆଶା ଟିକେ ମଉଳିଗଲା, ଯେବେ ଚଉଦ ବର୍ଷ ବୟସରେ ତା'ର ବିବାହ ସ୍ଥିର କରାଗଲା। ତା' କୋମଳ ମନରେ ମା'ବାପା ଏପରିକି ନିଜ ଜୀବନ ପ୍ରତି ବିତୃଷ୍ଣା ମନୋଭାବ ଆସିଗଲା ଓ ଆତ୍ମହତ୍ୟା କରିଦେଲା। ଦୁଇ ଦୃଷ୍ଟାନ୍ତରେ ପ୍ରଥମଟିରେ ଶିକ୍ଷାଲାଭର ସୁଯୋଗ ମିଳିଥିବା ସତ୍ତ୍ୱେ ଅସୁରକ୍ଷିତ ପରିବେଶ ପାଇଁ ଜୀବନ ହାନି ହେଲା ଏବଂ ଅନ୍ୟଟିରେ ଶିକ୍ଷା ପ୍ରତି ପରିବାରବର୍ଗଙ୍କ ବିତୃଷ୍ଣାଭାବ ଝିଅଟିର ଜୀବନ ନେଇଗଲା। ଏହିପରି ଅନେକ ରେବତୀଙ୍କ ପ୍ରାଣ ଅକାଳରେ ଝଡ଼ିଯାଉଛି କିଛି ଆମ ଜ୍ଞାତ ଭିତରେ ଆଉ କିଛି ଆମ ଅଜ୍ଞାତ ବାହାରେ। ତେଣୁ ରେବତୀମାନଙ୍କୁ ମୌଳିକ ଅଧିକାର ଦେବା ସହ ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ପ୍ରଦାନ କରିବା ଆମର ମୁଖ୍ୟ ଦାୟିତ୍ୱ ହେବା ଉଚିତ୍।

ଠାକୁରପାଟଣା, ଆଳି, କେନ୍ଦ୍ରାପଡ଼ା
ମୋ : ୭୦୦୮୫୫୯୬୯୩

## ଏଇ ଭାରତରେ

ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶ ରାଜ୍ୟଗୁଡ଼ିକରେ ଧାନ କିମ୍ବା ଗହମ ଅମଳ ପରେ କୃଷକମାନେ ଖୁଣ୍ଟା ପୋଡ଼ିଦିଅନ୍ତି। ଏହାଦ୍ୱାରା ଦିଲ୍ଲୀ ସମେତ ଉତ୍ତର ଭାରତର ବହୁ ସହରରେ ବାୟୁର ମାନ ହ୍ରାସ ପାଇବା ଦ୍ୱାରା ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜୁଛି। ଖୁଣ୍ଟା ପୋଡ଼ି ରୋକି ଏଭଳି ସମସ୍ୟା ଦୂର କରିବାରେ ନୂଆ ବାଟ ଦେଖାଇଛନ୍ତି ଚଣ୍ଡିଗଡ଼ର ତିନି ବନ୍ଧୁ ବୀରେନ୍ଦ୍ର ସିଂ, ନୀତୀନ କୁମାର ସାଲୁଜା ଏବଂ ବିଳାସ ଚିକ୍କରା। କୃଷକ ପରିବାରରେ ଜନ୍ମିତ ଏହି ତିନିବନ୍ଧୁ ଏକ ମେଶିନ ନିର୍ମାଣ କରିଛନ୍ତି ; ଯାହା ଶସ୍ୟ ଖୁଣ୍ଟାକୁ ପାଉଡର କରିପାରୁଛି ଓ ଏହାକୁ ଇଟାତିଆରିରେ ବ୍ୟବହାର କରାଯାଉଛି। କେବଳ ଏତିକି ନୁହେଁ ଏହି ପାଉଡରରୁ ବାୟୋଫୁଏଲ ମଧ୍ୟ ପ୍ରସ୍ତୁତ କରାଯାଉଛି। ୨୦୧୮ରେ ସେମାନେ ଜିଏଫ୍‌ଟି ଟେକ୍ନୋଲୋଜି ଷ୍ଟାର୍ଟଅପ୍ ଗଠନ କରି ତା' ଦ୍ୱାରା ନିର୍ମାଣ କରିଥିବା ମେଶିନର ନାମ ରଖିଛନ୍ତି 'ମୋକ୍ଷ' । ଏହାକୁ ଏକ ଟ୍ରାକ୍ଟରରେ ଖଞ୍ଜାଯିବା ପରେ ଏହା ବିଲରୁ ଖୁଣ୍ଟା ସଂଗ୍ରହ କରି ପାଉଡର କରିଦେଉଛି । ୪୦ ମିନିଟରେ ଏହା ୧ ଏକର ଜମିରୁ ଖୁଣ୍ଟା ସଫା କରିଦେଉଛି। ଫଳରେ ଚାଷୀମାନଙ୍କର ଜମି ସଫା କରିବା ବ୍ୟୟ କମ୍ ହେବା ସହ ପରିବେଶ ମଧ୍ୟ ସୁସ୍ଥ ରହୁଛି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୩୧ ଡିସେମ୍ବର ୧୯୯୭

- କୂଟନୈତିକ ସମ୍ପର୍କ ସ୍ଥାପନ ନେଇ ଦକ୍ଷିଣ ଆଫ୍ରିକା ଏବଂ ଚୀନ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ।
- କେନିଆ ଏବଂ ସୋମାଲିଆରେ ଅଜଣା ରୋଗ ବ୍ୟାପି ୭୦୦ ଲୋକଙ୍କ ପ୍ରାଣହାନି।
- ଆସାମ ବିଧାନସଭାରେ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ ମହାନ୍ତଙ୍କ ନେତୃତ୍ୱାଧୀନ ମିଳିତ ସରକାର ବିରୁଦ୍ଧରେ ବିରୋଧୀ ଦଳ ଆଣିଥିବା ଅନାସ୍ଥା ପ୍ରସ୍ତାବ ବାଚନିକ ଭୋଟରେ କାଟ ଖାଇଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚଶିକ୍ଷା କ୍ଷେତ୍ରରେ ସରକାରୀ ପକ୍ଷପାତିତା

ମହାଶୟ,

ରାଜ୍ୟର ୨୭ ଜିଲାରେ ସରକାରୀ ମହାବିଦ୍ୟାଳୟ ଥିବା ବେଳେ କେବଳ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଝାରସୁଗୁଡ଼ା ନାହିଁ। ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ମଧ ଏହି ୩ ଜିଲାରେ ସରକାରୀ ମହାବିଦ୍ୟାଳୟଟିଏ ପ୍ରତିଷ୍ଠା ନ ହେବା ଆଶ୍ଚର୍ଯ୍ୟର ବିଷୟ। ଏହାଦ୍ୱାରା ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ପକ୍ଷପାତିତା ପ୍ରମାଣିତ ହେଉଛି। ଏ ସମ୍ପର୍କରେ ଏହି ୩ ଜିଲାର ଜନପ୍ରତିନିଧି ଓ ନାଗରିକ ସମାଜ ତରଫରୁ ଦାବି ନ ହେବା ଦୁର୍ଭାଗ୍ୟଜନକ । ଜଗତ୍‌ସିଂହପୁର ଜିଲାର ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଝାରସୁଗୁଡ଼ା ଜିଲାର ଗୋଟିଏ ଅଗ୍ରଣୀ ମହାବିଦ୍ୟାଳୟକୁ ସରକାର ସରକାରୀ ମାନ୍ୟତା ଦେବା ଜରୁରୀ ମନେହୁଏ। ଏହାଦ୍ୱାରା ଏହି ତିନୋଟି ଅଗ୍ରଣୀ ଶିକ୍ଷାନୁଷ୍ଠାନର ପ୍ରଶାସନିକ ସ୍ୱଚ୍ଛତା ବୃଦ୍ଧି ହେବା ସହ ଛାତ୍ରୀଛାତ୍ରୀମାନେ ଆର୍ଥିକ ବୋଝରୁ ରକ୍ଷା ପାଇବେ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ଭଦଭଦଳିଆ ଉଡ଼ିବ ବୋଲି ସେ
ମୋର ପଥେ ଅଛି ଚାହିଁ
ପ୍ରଭାତ କୁକ୍କୁଟ କଣ୍ଠ ସଜାଡ଼େ
ସେ ପରା ମୋହରି ପାଇଁ!
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨ ବାଇକ୍ ମୁହାଁମୁହିଁ ଧକ୍କା,୨ ମୃତ

ଭବାନୀପାଟଣା,(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ-କଲମପୁର ପିଡବ୍ଲୁଡି ମୁଖ୍ୟ ରାସ୍ତାର ଦେପୁର ବୁଲାଣି ନିକଟରେ ଶୁକ୍ରବାର ସନ୍ଧ୍ୟାରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ୨ଜଣଙ୍କର ମୃତ୍ୟୁ ହୋଇଛି। ୨ମୃତ ଯୁବକ ହେଲେ କଲମପୁର ବ୍ଲକ ଇଚ୍ଛାପୁର ଗ୍ରାମର ଟିକେ ପାତ୍ର ଓ ଦୃତିବାମନ ପୂଝାରୀ। ଖବର ପାଇ ଘଟଣାସ୍ଥଳରେ କଲମପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।


ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com




@ ଅରବିନ୍ଦ



@ ଲିଲାମୋହନ



@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲାରେ ଧାନକିଣା ନାଁରେ ହରିଲୁଟ୍

- ପାକ୍ସ ସମ୍ପାଦକ ଅନୁପସ୍ଥିତିରେ ସିଦ୍ଧି ବିନାୟକ ରାଇସ ମିଲ୍ ଏଜେଣ୍ଟ ମାପୁଥିଲେ ଧାନ
- ଜିଲା କିଷାନ କଂଗ୍ରେସ ଟିମ୍ ପହଞ୍ଚିଲା ପରେ ମାରିଲେ ଚମ୍ପଟ

ବଲାଙ୍ଗୀର ଅଫିସ,୩୦।୧୨

ବଲାଙ୍ଗୀର ଜିଲାରେ ଧାନକିଣା ନାଁରେ ଏବେ ହରିଲୁଟ୍ ଚାଲିଛି। କଟନୀ ଛଟନୀ ନାଁରେ ଚାଷୀଙ୍କଠାରୁ କୋଟି କୋଟି ଟଙ୍କାର ଧାନ ଲୁଟ୍ କରାଯାଇ ଚାଷୀକୁ ଶୋଷଣ କରାଯାଉଛି। ଏହି ଶୋଷଣ ପ୍ରକ୍ରିୟାରେ ଯୋଗାଣ ବିଭାଗ ଅଧିକାରୀ, ସମବାୟ ବିଭାଗ ଅଧିକାରୀ ଏବଂ ମିଲର୍ସମାନେ ଲାଗି ପଡିଛନ୍ତି। ଏମାନଙ୍କ ମଧୁଚନ୍ଦ୍ରିକାରେ ଜିଲାର ଚାଷୀମାନେ ତ୍ରାହି ତ୍ରାହି ଡାକ ଛାଡୁଛନ୍ତି। ଶୁକ୍ରବାର ବଲାଙ୍ଗୀର ଜିଲାର ଶିବତଲା ପାକ୍ସରେ ଏହି ଦୃଶ୍ୟ ଜିଲାର ଧାନକିଣା ଅବ୍ୟବସ୍ଥା ଏବଂ ମିଲର୍ସରାଜର ଅସଲ ଚିତ୍ରକୁ ଧରାପକାଇ ଦେଇଛି। ଶିବତଲା ପାକ୍ସରେ ସିଦ୍ଧି ବିନାୟକ ରାଇସ ମିଲର ଜଣେ ଏଜେଣ୍ଟ ମାପକଯନ୍ତ୍ର ସାମନାରେ କାଗଜ କଲମ ଧରି ଚାଷୀଙ୍କ ଧାନ ଓଜନ କରୁଥିଲେ। ଏତିକିବେଳେ ପାକ୍ସ ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର ସେଠାରେ ଅନୁପସ୍ଥିତି ଥିଲେ। ଜିଲା କିଷାନ କଂଗ୍ରେସର ଏକ ଟିମ୍ ଏହି ପାକ୍ସରେ ଅତର୍କିତ ପହଞ୍ଚିବା ପରେ ଏହି ଘଟଣା ଲୋକଲୋଚନକୁ ଆସିଛି। ସେଠାରେ କଂଗ୍ରେସ ପ୍ରତିନିଧି ଦଳ ସଦସ୍ୟ ସମ୍ପୃକ୍ତ ମିଲର୍ସ ଏଜେଣ୍ଟଙ୍କୁ କ'ଣ କରୁଛ ବୋଲି ପଚାରିବା ପରେ ସେ ଏଜେଣ୍ଟ ଜଣକ ସେଠାରୁ ଚମ୍ପଟ ମାରିଥିଲେ। ଏଜେଣ୍ଟ ଜଣକ ଏଠାରେ ପାକ୍ସ ଚଳାଉଥିବା ଧରାପଡିଥିଲା। ଶୁକ୍ରବାର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ଜିଲା କିଷାନ କଂଗ୍ରେସ କମିଟି ସଭାପତି ସାନନ୍ଦ ମିଶ୍ର ଓ ରାଜ୍ୟ କିଷାନ କଂଗ୍ରେସ ସମ୍ପାଦକ ସରୋଜ ରଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବଲାଙ୍ଗୀର ସଦର ବ୍ଲକର ସଦାଇପାଲି, ଝାଙ୍କରପାଲି, ବାରପୁଡୁଗିଆ, ଚୁଡାପାଲି, ଶିବତଲା ଆଦି ଧାନକିଣା କେନ୍ଦ୍ର ପରିଦର୍ଶନ କରିଥିଲେ । ଜିଲା ଧାନକ୍ରୟ କମିଟି ବୈଠକରେ ଚଳିତ ଖରିଫ ଧାନକିଣା ଋତୁରେ ବିନା କଟନୀ ଛଟନୀରେ ଧାନ ଉଠାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଚାଷୀଙ୍କୁ ଅଖା ବସ୍ତା, ସୁତୁଲି ଯୋଗାଇ ଦେବା ଏବଂ ମିଲର୍ସମାନଙ୍କ ଅନୁପସ୍ଥିତରେ ଧାନକିଣା ସୁଚାରୁ ରୂପେ ସମ୍ପାଦନା ହେବ ବୋଲି ସ୍ଥିର ହୋଇଥିଲା। ତେବେ ଏହି ନିଷ୍ପତ୍ତିର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଯାଇଛି। ଶୁକ୍ରବାର ପ୍ରତିନିଧି ମଣ୍ଡଳୀ ପ୍ରଥମେ ସଦାଇପାଲି ସେବା ସମବାୟ ସମିତିକୁ ଯାଇଥିଲେ। ସେଠି ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟର ଏମିତିକି ପିଅନ କେହି ନ ଥିଲେ। ବାରପୁଡୁଗିଆ ସେବା ସମବାୟ ସମିତିରେ ଏସ୍ଏଚ୍‌ଜି ଗ୍ରୁପର ମିଟିଂ ବାହାନାରେ ଜଣେ ପିଅନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେଠାରେ ମଧ୍ୟ ଅନ୍ୟ କେହି ଉପସ୍ଥିତ ନ ଥିଲେ। ଶିବତଲା ପାକ୍ସରେ ସିଦ୍ଧିବିନାୟକ ରାଇସ ମିଲର ଏଜେଣ୍ଟ ମାପକ ଯନ୍ତ୍ର ସାମନାରେ କାଗଜ କଲମ ଧରି ନିଜେ ଚାଷୀଙ୍କ ଧାନ ମାପ କରୁଥିଲେ। ଏଠାରେ ପାକ୍ସ ସମ୍ପାଦକ ଓ ଡିଇଓ କେହି ନ ଥିଲେ। ଉପରୋକ୍ତ ସମସ୍ତ ପାକ୍ସରେ ଚାଷୀଙ୍କ ଠାରୁ ୪ରୁ ୫ କେଜି ଧାନ କଟନୀ ଛଟନୀ କରାଯାଉଥିବା ଜଣାପଡିଥିଲା। ଏହିସବୁ ଅବ୍ୟବସ୍ଥାକୁ ନେଇ ଜିଲା କିଷାନ କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ପ୍ରଶାସନ ବିରୋଧରେ ତୀବ୍ରତର ଆନ୍ଦୋଳନ କରାଯିବ ବୋଲି ସଭାପତି ମିଶ୍ର କହିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଫକୀର ମୋହନ ଥାଟି, ବିଜୟ ନାହାକ, ଲୋକନାଥ କୁମୁରା, ବାଳକୃଷ୍ଣ ବେହେରା, ମୀନକେତନ ବଗର୍ତ୍ତି ସାମିଲ ଥିଲେ।



ବଲାଙ୍ଗୀର ଜିଲା କିଷାନ କଂଗ୍ରେସ ଟିମ୍ ସଦସ୍ୟ ମଣ୍ଡି ପରିଦର୍ଶନ ବେଳେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

## ଧାନ କଟ୍‌ନୀ ଛଟ୍‌ନୀ ପ୍ରତିବାଦରେ ଯୋଗାଣ ଅଫିସ ଘେରିଲା ଭାଜପା

ବଲାଙ୍ଗୀର ଅଫିସ,୩୦।୧୨

ବଲାଙ୍ଗୀର ଜିଲା ଭାଜପା ପକ୍ଷରୁ ଜିଲାରେ ଚାଲିଥିବା ଧାନକିଣା ଅବ୍ୟବସ୍ଥା ଏବଂ କଟନୀ ଛଟନୀ ନାଁରେ ଚାଷୀଙ୍କ ଧାନ ଲୁଟ୍ ପ୍ରତିବାଦରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଯୋଗାଣ ବିଭାଗ ଅଧିକାରୀମାନେ ପାକ୍ସ ଏବଂ ମିଲର୍ସଙ୍କ ସହ ମିଶି ଜିଲାରେ ଧାନ ଲୁଟ୍‌କୁ ନିୟନ୍ତ୍ରଣ କରୁଛନ୍ତି ବୋଲି ଭାଜପା ନେତାମାନେ ଗୁରୁତର ଅଭିଯୋଗ କରିଥିଲେ। ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡିଆରୁ ଏକ ରାଲିରେ ଭାଜପା ନେତା ଓ କର୍ମୀମାନେ ବାହାରି ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏହି ଅଫିସ ସମ୍ମୁଖରେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା କରାଯାଇଥିଲା। ଜିଲାରେ ଥିବା ଧାନମଣ୍ଡି ଅବ୍ୟବସ୍ଥା ଏବେ ଚରମ ସ୍ଥିତିରେ ରହିଛି ଓ ସରକାରୀ ଅଧିକାରୀ ସମବାୟ ବିଭାଗ, ଯୋଗାଣ ବିଭାଗ ଏବଂ ମିଲର୍ସ ଚାଷୀଙ୍କୁ ସିଧାସଳଖ ଲୁଟ୍ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। କୁଇଣ୍ଟାଲ ପିଛା ଚାଷୀଙ୍କ ଠାରୁ ୫/୬ କେଜି କଟନୀ ଛଟନୀ କରାଯାଉଛି। ଏହି କଟନୀ ଛଟନୀ ଟଙ୍କା ସିଧାସଳଖ ସରକାରଙ୍କ ପାଣ୍ଠିକୁ ଯାଉଛି ବୋଲି ଲୋଇସିଂହା ବିଧାୟକ ଓ ମୁକେଶ ମହାଲିଙ୍ଗ କହିଥିଲେ। ସଭାପତି ମହାନ୍ତି ତାଙ୍କ ବକ୍ତବ୍ୟରେ ବିଜେଡି ସରକାରର ଏଜେଣ୍ଟ ଭଳି ଯୋଗାଣ ବିଭାଗ ଅଧିକାରୀ କାର୍ଯ୍ୟ କରି ଚାଷୀଙ୍କୁ ଶୋଷଣ କରିଛନ୍ତି ବୋଲି କହିଥିଲେ। ଚାଷୀ ଶୋଷଣ କରୁଥିବା ଏବଂ ଅନୈତିକ କାମରେ ଲିପ୍ତଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଜିଲାରୁ ତୁରନ୍ତ ବଦଳି କରାଯାଉ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟର ଭାଜପା ନେତା ଲକ୍ଷ୍ମଣ ବାଗ, ଜିଲା ପରିଷଦ ସଦସ୍ୟ ଶିବଦତ୍ତ ମିଶ୍ର, ମହିଳା ନେତ୍ରୀ ପଙ୍କଜିନୀ ପଣ୍ଡା, ଦିନେଶ ଶର୍ମା, ପ୍ରଭାସ ପାଣିଗ୍ରାହୀ, ରାଜେଶ ମିଶ୍ର, ମାଧବ ସାଏ, ମୁକେଶ ଜୈନ, ରାଜକିଶୋର ନାଏକ, ଦୀନବନ୍ଧୁ ବେହେରା, ଅକ୍ଷୟ ରଣା, ଅନିଲ ନାୟକ, ପୀତାମ୍ବର ଖମାରୀ, ବନଶ୍ରୀ ଆଚାର୍ଯ୍ୟ, ରଞ୍ଜିତା ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅମିତ ସିଂନୀନ ସଂଯୋଜନା କରିଥିଲେ। ସମସ୍ତ ମଣ୍ଡିରେ ଏଫଏକ୍ୟୁ ଆଳରେ କରାଯାଉଥିବା କଟନୀ ଛଟନୀ ତୁରନ୍ତ ବନ୍ଦ କରିବା, ବସ୍ତା, ସୁତୁଲି ଟଙ୍କା ଚାଷୀଙ୍କୁ ପ୍ରଦାନ କରିବା, ମଣ୍ଡିଗୁଡିକରେ ଆନୁସଙ୍ଗିକ ସୁବିଧା କରାଯିବା ଉପରେ କହିଥିଲେ। ବଲାଙ୍ଗୀର ଉପଜିଲାପାଳ କୁମାର ନାଗଭୂଷଣ ଭାଜପାର ଦାବିପତ୍ର ଗ୍ରହଣ କରିଥିଲେ।



ବଲାଙ୍ଗୀର ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.44/ET/SBP/ENGG/2022-23, ତା.26.12.2022ରିଖ

(1)ଇ-ଟେଣ୍ଡର ସଂ.27-eT-DENS-SBP-22
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ ଷ୍ଟେସନ ଠାରେ 2 ଗୋଟି ଲିଫ୍ଟର ବ୍ୟବସ୍ଥା ନିମନ୍ତେ ସିଭିଲ ଇଂଜିନିୟରିଙ୍ଗ୍ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 46,56,703.43, EMD (ଟଙ୍କାରେ): 93,200/- ।

(2)ଇ-ଟେଣ୍ଡର ସଂ.28-eT-DENS-SBP-22
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ଭି.ରାମଚନ୍ଦ୍ରପୁର, ଦେପୁର ଏବଂ ବୁଟୁଖମାର ହଲ୍ଟ ଷ୍ଟେସନଗୁଡ଼ିକରେ ରେଲ ଲେଭେଲ ରୁ ହାଇ ଲେଭେଲ ପର୍ଯ୍ୟନ୍ତ ପ୍ଲାଟଫର୍ମ ଉପରକୁ ଉଠାଇବା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,45,40,817.15, EMD (ଟଙ୍କାରେ): 2,22,800/- ।

(3)ଇ-ଟେଣ୍ଡର ସଂ.08-eT-Bridge-SBP-22
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର/ପୋଲ/ଟିଟିଲାଗଡ଼ ଅଧୀନରେ 30.06.2023 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ପୋଲଗୁଡ଼ିକ ପାଇଁ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) 50,85,553.67, EMD (ଟଙ୍କାରେ): 1,01,800/- ।

(4)ଇ-ଟେଣ୍ଡର ସଂ.40-eT-DENC-SBP-22
କାର୍ଯ୍ୟର ନାମ: କୋଚିଙ୍ଗ୍ ଡିପୋ, ସମ୍ବଲପୁର ଠାରେ ଟାଙ୍କି ଏବଂ ଷ୍ଟେଜିଙ୍ଗ୍ କାର୍ଯ୍ୟଗୁଡ଼ିକ ସହିତ ଅଟୋମେଟିକ୍ କୋଚ୍ ସଫେଇ କାରଖାନାର ସ୍ଥାପନା ନିମନ୍ତେ ସିଭିଲ୍ ଇଂଜିନିୟରିଙ୍ଗ୍ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,38,70,202.78, EMD (ଟଙ୍କାରେ): 2,19,400/- ।

(5)ଇ-ଟେଣ୍ଡର ସଂ.41-eT-DENC-SBP-22
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ବିଭିନ୍ନ ସିନିୟର ସେକ୍ସନ ଇଂଜିନିୟର/P.Ways ନିମନ୍ତେ ଭଣ୍ଡାର ଗୋଦାମର ନିର୍ମାଣ ଏବଂ ଅନ୍ୟ ସରକାରୀ ସୁବିଧାସୁଯୋଗ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2,62,89,225.33, EMD (ଟଙ୍କାରେ): 2,81,500/- ।

କାର୍ଯ୍ୟ ଶେଷ ହେବା ଅବଧି: 06 (ଛଅ)ମାସ (କ୍ରମ ସଂ.1 ପାଇଁ),10 (ଦଶ)ମାସ (କ୍ରମ ସଂ.2 ପାଇଁ), 30.06.2023 (କ୍ରମ ସଂ.3 ପାଇଁ), 12 (ବାର)ମାସ (କ୍ରମ ସଂ.4 ଏବଂ 5 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.20.01.2023ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍)/ ସମ୍ବଲପୁର

PR-861/N/22-23



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

TAILOR APPOINTMENT
Tailors required for a company in Gothapatna.
Ph.No.: 8983031120

ଆବଶ୍ୟକ:- ମର୍ଚ୍ଚାଣ୍ଟ ନାଭି ପୁରୁଷ/ମହିଳା ୮ମ/ଗ୍ରାଜୁଏଟ୍, ଆଇଟିଆଇ, ଡିପ୍ଲୋମା, ଡେକ୍ କ୍ୟାଡେଟ୍, ସିମ୍ୟାନ୍, କମ୍ପ୍ୟୁଟର ଅପରେଟର, ସୁପରଭାଇଜର, ଷ୍ଟୋର୍ ଇନ୍‌ଚାର୍ଜ, ଡ୍ରାଇଭର, ଏକ୍ସମ୍ୟାନ୍, ଦରମା:- ୨୮ ହଜାର/୯୫ ହଜାର । ସମସ୍ତ ସୁବିଧା । ସି.ଭି. ପଠାନ୍ତୁ:
shivmerchantacademy@gmail.com
8112322104, 7052138505

WANTED URGENTLY
Autocad Staff required for a Structural Consultancy Firm. Degree / Diploma Civil, Draftsman Civil and Architectural Diploma Candidates can Contact:
9777247762

See Career Appointment on every Wednesday & Saturday

BHADRAK AUTONOMOUS COLLEGE
Jagannathpur, Bhadrak, Odisha- 756100
Applications are invited for the position of One (01) Research Assistant at P.G. Department of Commerce, Bhadrak Autonomous College, Bhadrak, Odisha under the research project sponsored by OURIIP-2021 Seed Fund. For details please visit website: http://bhadrakcollege.nic.in/.
Sd./- Principal Investigator
OURIIP, Seed Fund,
Bhadrak Autonomous College, Bhadrak

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗ୍ରୁତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"
R-5135


## ବ୍ଲକସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଖପ୍ରାଖୋଲ,୩୦।୧୨(ଡି.ଏନ.ଏ.)

ଶୁକ୍ରବାର ସ୍ଥାନୀୟ ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ଲୋକମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ବିଡିଓ ରଶ୍ମି ରଞ୍ଜନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ୫ ତାରିଖରେ ବ୍ଲକସ୍ତରୀୟ ଲୋକ ମହୋତ୍ସବ ସ୍ଥାନୀୟ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ କିପରି ସୁଚାରୁ ରୂପେ ପାଳନ କରାଯିବ ସେନେଇ ଆଲୋଚନା ହୋଇଥିଲା। ପ୍ରଥମେ ଏକ ମଶାଲ ଶୋଭାଯାତ୍ରା ହରିଶଙ୍କରରୁ ବାହାରି ଗାଁ ପରିକ୍ରମା କରି ପଡିଆରେ ପହଞ୍ଚିଲା ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ଲୋକ ମହୋତ୍ସବ ଉଦ୍‌ଘାଟନ ହେବ ବୋଲି ଆଲୋଚନା ହୋଇଥିଲା। ଏହି ଅବସରରେ ଲୋକ ନୃତ୍ୟ, ଲୋକବାଦ୍ୟ,ଲୋକସଙ୍ଗୀତ ଏକକ ଓ ଦଳଗତ ପ୍ରତିଯୋଗିତା ତଥା ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ବିଡିଓ କହିଥିଲେ। ଲୋକ ମହୋତ୍ସବରେ କଳାକାରମାନେ କିଭଳି ଭାଗ ନେବେ ସେନେଇ ସମସ୍ତେ ଉଦ୍ୟମ କରିବାକୁ ଅନୁରୋଧ କରିଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ସହକାରୀ ଯନ୍ତ୍ରୀ ମହେଶ ଲାଲ ଅଗ୍ରୱାଲ, ସିଡିପିଓ ସୁଜାତା ଦୋରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ପିଆଇଓ ଖିରଧର୍ ବରିହା, ତପନ ମେହେର, ବହୁବଳେନ୍ଦ୍ର ପୁରୋହିତ, ସେକ୍ସନ ଅଧିକାରୀ ବ୍ରଜବନ୍ଧୁ ଠାକୁର, ରାମାନନ୍ଦ ବେହେରା, ମନୋଜ ସାହୁଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

## ବାଲିପଟା ଚାମ୍ପିୟନ




ମାଟୁପାଲିରେ ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ଦେଓଗାଁ,୩୦।୧୨(ଡି.ଏନ.ଏ.)

**୧୮ତମ ପଲ୍ଲିଶ୍ରୀ କ୍ରିକେଟ ଟୁର୍ନାମେଣ୍ଟ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ମାଟୁପାଲିରେ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୧୮ତମ ପଲ୍ଲିଶ୍ରୀ କପ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଛି। ବାଲିପଟା ଓ ଲଣ୍ଡାପଥର ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା ।ଏଥିରେ ବାଲିପଟା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଖେଳକୁ ଭାଗୀରଥି ସୁନା, କ୍ଷୀରୋଦ୍ର ସୁନା, ଡିଲେଶ୍ୱର ଭୂଏ, ଟଙ୍କଧର ପୁଟା, ମନୋଜ ସାହୁ, ଦେବାନନ୍ଦ ଧରୁଆ ପ୍ରମୁଖ ପରିଚାଳନା କରିଥିଲେ। ଯଦୁମଣି ପୁଟା, ନନ୍ଦରାଜ ନନ୍ଦ, ସଂକୀର୍ତ୍ତନ ଭୂଏ, ଜଗଦୀଶ ତାଣ୍ଡି ପ୍ରମୁଖ ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ୨୪ଟି ଆଞ୍ଚଳିକ ଦଳ ଅଂଶଗ୍ରହଣ କରିଥିଲେ। କମିଟି ସମ୍ପାଦକ ବିଦ୍ୟାଧର ପୁଟା ଙ୍କ ସଂଯୋଜନା ତଥା ସଭାପତି ଦେବାନନ୍ଦ ପୁଟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ମମତା କୁମୁରା, ବ୍ଲକ ବିଜେଡି ସଭାପତି ଶୁଶିଳ କୁମାର ଚାନ୍ଦ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। କାହ୍ନା ପୁଟା, ଗଣେଷ ପୁଟା, କପୁର୍ଚନ ଭୂଏ, ହେମନ୍ତ ଧରୁଆ ତଥା ପଲ୍ଲିଶ୍ରୀ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

## ଆକାଉଣ୍ଟରୁ ଲୁଟି ନେଲେ ୧.୪୩ ଲକ୍ଷ ଟଙ୍କା

**ବଲାଙ୍ଗୀରରେ ସାଇବର ଅପରାଧୀ ସକ୍ରିୟ**

**ବଲାଙ୍ଗୀର ଅଫିସ, ୩୦।୧୨:** ବଲାଙ୍ଗୀର ଇଚ୍ଛାପଡାର ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ସାଇବର ଅପରାଧୀ ୧ ଲକ୍ଷ ୪୩ ହଜାର ୨୦୨ ଟଙ୍କା ଲୁଟି ନେଇଥିବା ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଇଚ୍ଛାପଡାର ଦିଲୀପ କୁମାର ସାହୁଙ୍କ ମୋବାଇଲକୁ ଗୁରୁବାର ରାତିରେ ଏକ ଟେକ୍ସଟ୍ ମାସେଜ୍ ଆସିଥିଲା। ଉକ୍ତ ମାସେଜ୍‌ରେ ଫୋନ ପେ ୱାଲେଟକୁ ୫ ହଜାର ଟଙ୍କା ପଠାଯାଇଛି ଏହାକୁ ସେଭ୍ କରିବାକୁ କୁହାଯାଇଥିଲା। ଏହି ମାସେଜ୍ ପାଇବା ପରେ ଏହାକୁ ସେଭ କରିଦେବାରୁ ତାଙ୍କ ଆକାଉଣ୍ଟରୁ ସଙ୍ଗେ ସଙ୍ଗେ ୫ ହଜାର ଟଙ୍କା କଟି ଯାଇଥିଲା। ଏହାପରେ ସାହୁ ଗୁଗୁଲ ସାଇଟକୁ ଯାଇ ଫୋନ ପେ କମ୍ପ୍ଲେନ୍ ନମ୍ବର ଆଣି ଫୋନ୍ କରି ଉପରୋକ୍ତ ବିଷୟ ଜଣାଇଥିଲେ। ଜଣେ ମହିଳା ତାଙ୍କୁ ଫୋନ୍ କରିବେ ବୋଲି କହିଥିଲେ। ଏହାପରେ କଷ୍ଟମର କେୟାରର ଜଣେ ବ୍ୟକ୍ତି ତାଙ୍କୁ ୭୯୦୮୫୩୪୯୭୩ ନମ୍ବରରେ ଫୋନ୍ କରି ତାଙ୍କ ଫୋନକୁ ହ୍ୱାଟସ୍‌ଆପ୍ ଜରିଆରେ ଗୋଟିଏ ଆପ୍ ପଠାଯାଇଛି ତାକୁ ଡାଉନଲୋଡ କରିବାକୁ କହିଥିଲେ। ନିର୍ଦ୍ଦେଶ ମୁତାବକ ଏହା କରିବା ପରେ ତାଙ୍କ ଆକାଉଣ୍ଟରୁ ୧୯ ହଜାର ୯୦୨ ଟଙ୍କା ପୁଣି ଥରେ କଟିଯାଇଥିଲା। ଏହାପରେ ସାହୁ ନିଜ ମୋବାଇଲ ସୁଇଚ୍ ଅଫ୍ କରିଦେଇ ଟାଉନ୍ ଥାନାକୁ ଦୌଡିଥିଲେ। ସେଠାରେ ସମସ୍ତ ବିଷୟ ଶୁଣାଇଥିଲେ। ସବୁ ବିଷୟ ଶୁଣି ସାରିବା ପରେ ଟାଉନ୍ ଥାନା ସାଇବର ଅଧିକାରୀ ଅବିନାଶ ନାଏକ ତାଙ୍କ ମୋବାଇଲରୁ ଉକ୍ତ ନମ୍ବରକୁ ଡିଲିଟ୍ କରି ଦେଇଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ୧୦ଟି ଟ୍ରାଞ୍ଜାକ୍‌ସନ୍‌ରେ ୧ ଲକ୍ଷ ୪୩ ହଜାର ୨୦୨ ଟଙ୍କା କଟି ଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଅଭିଯୋଗ କରିବା ପରେ ଟାଉନ୍ ଥାନାରେ ଏକ ମାମଲା (ନଂ ୭୨୫/୨୨) ରୁଜୁ ହୋଇଛି। ଏଦିଗରେ ତଦନ୍ତ ଜାରି ରହିଥିବା ଏସଡିପିଓ ତୋଫାନ ବାଗ କହିଛନ୍ତି।


**ODISHA PUBLIC SERVICE COMMISSION**

**ADVERTISEMENT No. 16 of 2022-23**

**Recruitment to the Posts of Assistant Professor (Broad Speciality) of Government MCHs in the rank of Group-A, under Health & Family Welfare Department, Odisha**

**WEBSITE: http://opsc.gov.in**

No. D-269: Online applications are invited from the prospective candidates through the proforma application to be made available on the Website of the Commission **(www.opsc.gov.in)** for recruitment to **274 (65- W) (Two Hundred Seventy Four)** posts of **Assistant Professor (Broad Speciality) in Group-A for Government MCHs, under Health & Family Welfare Department, Odisha** in the Academic Level-12 of ORSP (MCT) Rules, 2019 with usual Dearness and other Allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition furnished by the Health & Family Welfare Department, Government of Odisha, out of 274 (65 - W) vacancies, 93 (22 - W) posts are reserved for UR Category, 31 (4 - W) Posts are reserved for SEBC Category, 54 (12 - W) posts are reserved for SC Category and 96 (27 - W) posts are reserved for ST Category. There is no vacancy reserved for PWD, Sports Person and Ex-Serviceman Candidates.
3. **AGE:** A candidate must have attained the age of **21 (Tweny one)** years and must not be above the age of 45 (Forty Five) years as on the 1st day of January, 2022 i.e. he/she must have been born not earlier than 2nd January 1977 and not later than 1st January 2001.
4. **EDUCATIONAL QUALIFICATION:** The candidates must possess a Post Graduate Degree in the concerned Broad Speciality or any other equivalent degree or qualification prescribed by the MCI/NMC from time to time.
5. **METHOD OF SELECTION:** The selection of candidates for recuritment to the post of Assistant Professor in Broad Speciality shall be made on the basis of Written Test of 200 marks as per the guidelines enumerated in Odisha Medical Education Service (Method of Recruitment and Conditions of Service) Rules, 2021.

**Online application shall be available in the website and can be submitted from 22.01.2023 to 17.02.2023 (11.59 P.M.).**

The candidates are advised to visit the website of the Commission at **http://opsc.gov.in** for detailed information for applying to the above post.

CUTTACK
DATE: 29.12.2022
Sd./- SECRETARY
ODISHA PUBLIC SERVICE COMMISSION, CUTTACK
OIPR-12002/11/0240/2223



**ODISHA PUBLIC SERVICE COMMISSION**

**WEBSITE: http://opsc.gov.in**

**ADVERTISEMENT No. 17 of 2022-23**

**RECRUITMENT TO ODISHA CIVIL SERVICES, 2022 UNDER GENERAL ADMINISTRATION & PUBLIC GRIEVANCE DEPARTMENT**

No. D-270: Online applications are invited from the prospective candidates for recruitment to Odisha Civil Services, 2022, through the proforma application to be made available in the Website **(http://opsc.gov.in)**. The link for online application and submission shall be available from **17.01.2023 to 16.02.2023 (Note: 16.02.2023 is the last date for submission of registered online Application)** for admission to the Odisha Civil Services Preliminary Examination, 2022 in the scale of pay for Group-A Service is Rs.56,100/- in Level-12, Cell-1 in the Pay Matrix & Group-B Service is Rs.44,900/- in Leverl-10 Cell-1 in the Pay Matrix provided under Rule-3 of ORSP Rules, 2017.

2. **VACANCY POSITION:** As per requisition filed by the General Administrative & P.G. Department, Government of Odisha, the vacancy position for the Post of Odisha Civil Services Examination, 2022 is 683 (227 - W).
3. **AGE LIMIT:** A candidate must have attained the age of 21 years and must not be above the age of 38 years as on the 1st day of January, 2022 i.e. he/she must not have been born earlier than 2nd January 1984 and not later than 1st January 2001.
4. **EDUCATIONAL QUALIFICATION:** A candidate must hold a Bachelor's Degree from any University incorporated by an Act of the Central or a State Legislature in India or an Educational Institutional established by an Act of Parliament or deemed to be a University under Section - 3 of the Unviersity Grants Commission Act, 1956 or a Foreign University approved by the Central Government from time to time.
5. **METHOD OF SELECTION:** The combined Competitive Recruitment Examinations shall comprise of the following:
(A) Preliminary Examination (Objective Type) for the selection of candidates for Main Examination; and
(B) Main Examination (Written and Interview) for the selection of candidates for the various services and posts.
The details of Plan of Examination, Scheme, Subjects & Syllabus for the Preliminary and Main Examinations is available at Annexure-I of Long Advertisement.
6. **HOW TO APPLY:** Candidates must go through the details of this Advertisement available in the website of OPSC before filling up of online application form.

Candidates must apply online though the website of OPSC **http://opsc.gov.in**. Applications received through any other mode would not be accepted and summarily be rejected.

CUTTACK
DATE: 30.12.2022
Sd./- SECRETARY
ODISHA PUBLIC SERVICE COMMISSION, CUTTACK
OIPR-12002/11/0239/2223

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଅରବିନ୍ଦ



@ ଲିଳାମୋହନ



@ ସୁବ୍ରତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଟକକୁ ପରାସ୍ତ କରି ଫାଇନାଲରେ ଝାରସୁଗୁଡ଼ା

ଦେବଗଡ଼ ୩୦।୧୨(ଡି.ଏନ୍.ଏ.)

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ବାମଣ୍ଡା କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ୩୨ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚରେ କଟକକୁ ପରାସ୍ତ କରି ଝାରସୁଗୁଡ଼ା ଫାଇନାଲରେ ପ୍ରବେଶ କରିଛି। ପ୍ରଗରେସିଭ ଝାରସୁଗୁଡା ବନାମ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ ଝାରସୁଗୁଡା ଦଳ କଟକକୁ ୭୦ରନରେ ପରାସ୍ତ କରିଛି। ଝାରସୁଗୁଡା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୬ ଉଇକେଟ ହରାଇ ୧୯୯ ରନ୍ କରିଥିଲା। ଦଳ ପକ୍ଷରୁ ଦିନେଶ ମାଝି ୪୩ ବଲରେ ୭୬ ରନ, ପୁଷ୍କରରାଜ ୧୯ ବଲରେ ୩୩ ରନ୍ କରିଥିବା ବେଳେ କଟକ ଦଳର ପ୍ରଶାନ୍ତ ରାଣା ୨ ଉଇକେଟ ନେଇଥିଲେ। ଏହାର ଜବାବରେ କଟକ ଦଳ ବ୍ୟାଟିଂ ଆରମ୍ଭ କରି ୨୦ଓଭରରେ ୯ ଉଇକେଟ ହରାଇ ୧୨୯ ରନ୍ କରି ପରାଜୟ ହୋଇଥିଲେ। ଦଳ ପକ୍ଷରୁ ବିନାୟକ ସାହୁ ୩୨ ଓ ସତ୍ୟଜିତ ଦଳାଇ ୨୧ରନ କରିଥିବା ବେଳେ ଝାରସୁଗୁଡା ଦଳର ଓମ ସିଂ ୩ଟି ଏବଂ ପ୍ରେମ ଭରଦ୍ୱାଜ ୨ଟି ଉଇକେଟ ନେଇଥିଲେ। ମ୍ୟାଚରେ ଝାରସୁଗୁଡା ଦଳର ଦିନେଶ ମାଝୀ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ଶ୍ରେଷ୍ଠ ବୋଲର ଭାବେ ଓମ ସିଂଙ୍କୁ ପୁରସ୍କୃତ କରାଯାଇଥିଲା। କ୍ଲବର ଉପସଭାପତି ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ତାଞ୍ଜାନିଆର ଭାରତୀୟ ରାଷ୍ଟ୍ରଦୂତ ବିନୟ ଶ୍ରୀକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ଚିତ୍ତରଞ୍ଜନ ପ୍ରଧାନ ଓ ଭୋଳେଶ୍ୱର ପ୍ରଧାନ ଯୋଗଦେଇ ଉଦ୍‌ବୋଧନ ଦେବା ସହ ପୁରସ୍କାର ବିତରଣ କରିଥିଲେ। କ୍ଲବ ସମ୍ପାଦକ ସୁଜିତ କୁମାର ପ୍ରଧାନ ସ୍ୱାଗତ ଭାଷଣ, ଉପସଭାପତି ସତ୍ୟନାରାୟଣ ପାଣି ଅତିଥି ପରିଚୟ ଓ ମୋତିଲାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଆଜିକାର ମ୍ୟାଚକୁ ଅମ୍ପାୟାର ସତ୍ୟପ୍ରସାଦ ରଥ, ସଞ୍ଜୟ କୁମାର ନାୟକ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ରୋମି ନାୟକ, ରିତିକ ଦେହୁରୀ ଏବଂ ରମାକାନ୍ତ ପ୍ରଧାନ ଧାରାବିବରଣୀ ଦେଇଥିଲେ। କ୍ଲବର ସଦସ୍ୟ ନବୀନ କୁମାର ପାଣି, ପ୍ରଭାତ ପ୍ରଧାନ, ବସନ୍ତ ବେହେରା, ବେଣୁଧର ଗଡ଼ନାଏକ, ଅଜିତ ମୋଦି ପ୍ରମୁଖ ସଦସ୍ୟଙ୍କ ସକ୍ରିୟ ସହଯୋଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଶନିବାର ପ୍ରଗରେସିଭ ଝାରସୁଗୁଡା ବନାମ ଆଭାର ଟାଇଗର ସମ୍ବଲପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ମ୍ୟାନ ଅଫ୍ ଦି ମ୍ୟାଚ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**୩୨ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ**

## ପିସିଆର୍ ଭ୍ୟାନ୍ ପୋଡ଼ିଦେଲେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ସମ୍ବଲପୁର,୩୦।୧୨(ବ୍ୟୁରୋ)

ସମ୍ବଲପୁର-ତିଲେଇବଣି ୫୩ନଂ. ଜାତୀୟ ରାଜପଥ ଧନକଉଡ଼ା ଛକରେ ଶୁକ୍ରବାର ରାତିରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧନକଉଡାରେ ପିଣ୍ଟୁ କଲେତ (୩୦)। ଦୁର୍ଘଟଣା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ଆସିବାରେ ବିଳମ୍ବ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ପୋଲିସ ପିସିଆର୍ ଭାନ୍‌କୁ ଭଙ୍ଗାରୁଜା କରିବା ସହ ଜଳନ୍ତା ଟାୟାର ଗାଡିଭିତରେ ପକାଇ ଦେଇଥିଲେ। ଫଳରେ ଗାଡିଟି ପୋଡି ଯାଇଥିଲା। ଏହାକୁ ନେଇ ରାସ୍ତା ଜାମ ହେବାରୁ ଯାତାୟାତ ପ୍ରଭାବିତ ହୋଇଥିଲା। ଘଟଣାସ୍ଥଳରେ ପୋଲିସର ବରିଷ୍ଠ ଅଧିକାରୀ ଓ ଥାନା ଅଧିକାରୀ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଚାପା ଉତ୍ତେଜନା ଲାଗି ରହିଛି।

# ଖେଳ ଅଭ୍ୟାସ କଲେ ଭାରତ ହକି ଦଳ

ରାଉରକେଲା ଅଫିସ,୩୦।୧୨

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଭାରତ ଦଳ ଶୁକ୍ରବାର ସକାଳ ଓ ସନ୍ଧ୍ୟାରେ ଅଭ୍ୟାସ କରିବା ପାଇଁ ପଡିଆକୁ ଓହ୍ଲାଇଥିଲେ। ସକାଳ ସାଢେ ୯ଟାରେ ସମସ୍ତ ଖେଳାଳି ବିର୍ସାମୁଣ୍ଡା ଷ୍ଟାଡିୟମରେ ପହଞ୍ଚି ପ୍ରଥମେ ୱାର୍ମଅପ୍ କରିଥିଲେ। ପରେ ନୂତନ ଆଷ୍ଟ୍ରୋଟର୍ଫ ଉପରେ ପ୍ଲାଷ୍ଟିକ କୋନ୍ ରଖି ଭାରତ ଦଳର ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଶୁଖଜିତ ସିଂ ୫ ସେଟ ଲେଖାଏଁ ଅଭ୍ୟାସ କରିଥିଲେ। ସେହିପରି ଡିଫେନଡର ଖେଳାଳି ଜନନପ୍ରୀତ ସିଂ ଓ ସୁରେନ୍ଦ୍ର କୁମାର ହକି ବଲ ପାସିଂ ଡିଫେନ୍ସ ଶୈଳୀ ପ୍ରଦର୍ଶନ କରିଥିଲେ। ପରେ ଭାରତୀୟ ଦଳ ବିର୍ସାମୁଣ୍ଡା ଷ୍ଟାଡିମୟରେ ଥିବା ଅତ୍ୟାଧୁନିକ ହୋଟେଲର 'ଏ' ବ୍ଲକ୍‌କୁ ଯାଇଥିଲେ। ସନ୍ଧ୍ୟା ସାଢେ ୬ଟାରେ ପୁଣି ଭାରତୀୟ ଦଳ ଷ୍ଟାଡିୟମରେ ଅଭ୍ୟାସ କରିଥିଲେ।



ଭାରତ ଦଳର ଖେଳାଳି ପଡିଆରେ ଅଭ୍ୟାସ କରୁଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.44/ET/SBP/ENGG/ 2022-23, ତା.26.12.2022ରିଖ

(1)ଇ-ଟେଣ୍ଡର ସଂ.27-eT-DENS-SBP-22
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ ଷ୍ଟେସନ ଠାରେ 2 ଗୋଟି ଲିଫ୍ଟର ବ୍ୟବସ୍ଥା ନିମନ୍ତେ ସିଭିଲ ଇଂଜିନିୟରିଙ୍ଗ୍ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 46,56,703.43, EMD (ଟଙ୍କାରେ): 93,200/-।

(2)ଇ-ଟେଣ୍ଡର ସଂ.28-eT-DENS-SBP-22
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ଜି.ରାମଚନ୍ଦ୍ରପୁର, ଦେଓପୁର ଏବଂ କୁଟୁଖମାର ହଲ୍ଟ ଷ୍ଟେସନଗୁଡ଼ିକରେ ରେଲ ଲେଭେଲ ରୁ ହାଇ ଲେଭେଲ ପର୍ଯ୍ୟନ୍ତ ପ୍ଲାଟଫର୍ମ ଉପରକୁ ଉଠାଇବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,45,40,817.15, EMD (ଟଙ୍କାରେ): 2,22,800/-।

(3)ଇ-ଟେଣ୍ଡର ସଂ.08-eT-Bridge-SBP-22
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର/ପୋଲ/ଟିଟିଲାଗଡ଼ ଅଧୀନରେ 30.06.2023 ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ ପୋଲଗୁଡ଼ିକ ପାଇଁ ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) 50,85,553.67, EMD (ଟଙ୍କାରେ): 1,01,800/-।

(4)ଇ-ଟେଣ୍ଡର ସଂ.40-eT-DENC-SBP-22
କାର୍ଯ୍ୟର ନାମ: କୋଚିଙ୍ଗ୍ ଡିପୋ, ସମ୍ବଲପୁର ଠାରେ ଟାଙ୍କି ଏବଂ ଷ୍ଟେଜିଙ୍ଗ୍ କାର୍ଯ୍ୟଗୁଡ଼ିକ ସହିତ ଅଟୋମେଟିକ୍ କୋଚ୍ ସଫେଇ କାରଖାନାର ସ୍ଥାପନା ନିମନ୍ତେ ସିଭିଲ୍ ଇଂଜିନିୟରିଙ୍ଗ୍ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,38,70,202.78, EMD (ଟଙ୍କାରେ): 2,19,400/-।

(5)ଇ-ଟେଣ୍ଡର ସଂ.41-eT-DENC-SBP-22
କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ବିଭିନ୍ନ ସିନିୟର ସେକ୍ସନ ଇଂଜିନିୟର/P.Ways ନିମନ୍ତେ ଭଣ୍ଡାର ଗୋଦାମର ନିର୍ମାଣ ଏବଂ ଅନ୍ୟ ସରକାରୀ ସୁବିଧାସୁଯୋଗ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 2,62,89,225.33, EMD (ଟଙ୍କାରେ): 2,81,500/-।

କାର୍ଯ୍ୟ ଶେଷ ହେବା ଅବଧି: 06 (ଆଠ)ମାସ (କ୍ରମ ସଂ.1 ପାଇଁ), 10 (ଦଶ)ମାସ (କ୍ରମ ସଂ.2 ପାଇଁ), 30.06.2023 (କ୍ରମ ସଂ.3 ପାଇଁ), 12 (ବାର)ମାସ (କ୍ରମ ସଂ.4 ଏବଂ 5 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.20.01.2023ରିଖ 1500 ଘଡିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ ସମ୍ବଲପୁର
PR-861/N/22-23



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

TAILOR APPOINTMENT
Tailors required for a company in Gothapatna.
Ph.No.: 8983031120

ଆବଶ୍ୟକ:- ମର୍ଚ୍ଚାଣ୍ଟ ନାଭି ପୁରୁଷ/ମହିଳା ୮ମ/ଗ୍ରାଜୁଏଟ୍, ଆଇଟିଆଇ, ଡିପ୍ଲୋମା, ଡେକ୍ କ୍ୟାଡେଟ୍, ସିମ୍ୟାନ୍, କମ୍ପ୍ୟୁଟର ଅପରେଟର, ସୁପରଭାଇଜର, ଷ୍ଟୋର୍ ଇନ୍‌ଚାର୍ଜ, ଡ୍ରାଇଭର, ଏବ୍ଲମ୍ୟାନ୍, ଦରମା:- ୨୮ ହଜାର/୯୫ ହଜାର। ସମସ୍ତ ସୁବିଧା। ସି.ଭି. ପଠାନ୍ତୁ:
shivmerchantacademy@gmail.com
8112322104, 7052138505

WANTED URGENTLY
Autocad Staff required for a Structural Consultancy Firm. Degree / Diploma Civil, Draftsman Civil and Architectural Diploma Candidates can Contact:
9777247762

See Career Appointment on every Wednesday & Saturday

BHADRAK AUTONOMOUS COLLEGE
Jagannathpur, Bhadrak, Odisha- 756100
Applications are invited for the position of One (01) Research Assistant at P.G. Department of Commerce, Bhadrak Autonomous College, Bhadrak, Odisha under the research project sponsored by OURIIP-2021 Seed Fund. For details please visit website: http://bhadrakcollege.nic.in/.
Sd./- Principal Investigator
OURIIP, Seed Fund,
Bhadrak Autonomous College, Bhadrak

MCL
ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି
"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5135


# ଏନ୍ଆଇଟିର ହୀରକ ଜୟନ୍ତୀ ଉଦ୍‌ଯାପିତ

ରାଉରକେଲା ଅଫିସ,୩୦।୧୨

ରାଉରକେଲା ଏନ୍ଆଇଟି ପରିସରରେ ଆୟୋଜିତ ତିନିଦିନିଆ ହୀରକ ଜୟନ୍ତୀ ଉପଲକ୍ଷେ ଗ୍ଲୋବାଲ ଆଲୁମିନି ମିଟ୍ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ୟଙ୍ଗ୍ ଆଚିଭର୍ସ କନକ୍ଲେଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ପୁରାତନ ବିଦ୍ୟାର୍ଥୀମାନଙ୍କୁ ନିଜ ନିଜ କ୍ଷେତ୍ରରେ ସେମାନଙ୍କ ଅତୁଳନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ସେମାନେ ହେଲେ ପ୍ରଶାନ୍ତି ଜେନା, ପ୍ରୀତିସୁଧା ମେହେର, କିଷନ ଅଗ୍ରୱାଲ, ରୁନାକ ପ୍ରଧାନ, ସୁରେଶ ଆର ଦାଶ, ବୈକୁଣ୍ଠ ନାଥ ସାହୁ। ଏହି ଅବସରରେ ଇନ୍‌ଷ୍ଟିଚ୍ୟୁଟ୍‌ର ବିକାଶ ପାଇଁ ଏକ ପ୍ୟାନେଲ ଆଲୋଚନା କରାଯାଇଥିଲା। ପରେ ଅବସରପ୍ରାପ୍ତ ପ୍ରାଧ୍ୟପକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଉଦ୍‌ଘାଟନୀ ଉତ୍ସବରେ ଟେକ୍ ମହିନ୍ଦ୍ରାର ଏମ୍‌ଡି ସି. ପି. ଗୁରୁନାନି ମୁଖ୍ୟ ଅତିଥି, ଇଣ୍ଡିଆନ ଅଏଲ କର୍ପୋରେଶନର ଚେୟାରମ୍ୟାନ ଏସ୍. ଏମ୍ ବୈଦ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏନ୍ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏନ୍ଆଇଟି ରାଉରକେଲା ଆଲୁମିନି ଆସୋସିଏଶନର ସଭାପତି କେ. ବାସା, ଜିତ ଗୋଏଲ, ପ୍ରଫେସର କେ. କେ. ଖଟୁଆ, ଏସ୍. କେ. ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୁମିନି ମିଟ୍‌ରେ ବିଭିନ୍ନ ରାଷ୍ଟ୍ରର ପ୍ରାୟ ୧୮୦ ଜଣ ପୁରାତନ ଛାତ୍ର ଅଂଶଗ୍ରହଣ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଗଙ୍ଗାଜଳ ସେବା ମିଶନ ଉଦ୍‌ଘାଟନ



କୁତ୍ରା, ୩୦।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଗଙ୍ଗାଜଳଠାରେ ଶୁକ୍ରବାର 'ଗଙ୍ଗାଜଳ ସେବା ମିଶନ' ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଉଦ୍‌ଘାଟିତ ହୋଇଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅସହାୟ ବୃଦ୍ଧାବୃଦ୍ଧମାନଙ୍କୁ ସହାୟତା ପ୍ରଦାନ କରିବା ଏବଂ ଆଗାମୀ ଦିନରେ ବୃଦ୍ଧାଶ୍ରମ ନିର୍ମାଣ କରି ଅସହାୟ ବୃଦ୍ଧାବୃଦ୍ଧମାନଙ୍କୁ ରଖି ସେବା ଯୋଗାଇବା। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ ଯୋଗଦେଇଥିଲେ। ଆଗକୁ ଯାହା ସାହାଯ୍ୟ ଦରକାର ହେବ, ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିବା ସହିତ ଏଭଳି ସ୍ୱେଚ୍ଛାସେବୀ ସଙ୍ଗଠନ ଗଠନ କରିଥିବାରୁ ଶୁଭେଚ୍ଛା ଜଣାଇ ଧନ୍ୟବାଦ ଜଣାଇଥିଲେ। ଏଥିରେ ଗଙ୍ଗାଜଳ ଓ କୁରୁଙ୍ଗା ଅଞ୍ଚଳର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସଙ୍ଗଠନର ସଭାପତି ଜାକିମ ଟପ୍ପୋ, ସେକ୍ରେଟାରୀ ମନୋଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟ ୧୭ ଜଣ ମେମ୍ବର ସହଯୋଗ କରିଥିଲେ।

# କିଶୋର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀରେ ସର୍ବଧର୍ମ ପ୍ରାର୍ଥନା

ଝାରସୁଗୁଡ଼ା ଅଫିସ, ୩୦।୧୨

ପୂର୍ବତନ ବାଚସ୍ପତି ସ୍ୱର୍ଗତ କିଶୋର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଜୁ ପଟ୍ଟନାୟକ ସୋସିଆଲ ୱେଲଫେୟାର ଆସୋସିଏଶନ ତରଫରୁ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏଥିରେ ଆସୋସିଏଶନ ସଭାପତି ବିଧାୟିକା ଅଲକା ମହାନ୍ତି, ସମ୍ପାଦକ ଅରୁଣ ଚଇନି ପ୍ରମୁଖ ଉପସ୍ଥିତ ଥିଲେ। ସ୍ମୃତି କମିଟି ତରଫରୁ ସନ୍ଧ୍ୟାରେ ସହର ମୁଖ୍ୟ ମାର୍ଗରେ ଥିବା ଏକ ହୋଟେଲରେ କିଶୋରଙ୍କ ସ୍ମୃତିରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଏହାକୁ ବରିଷ୍ଠ ଆଇନଜୀବୀ ତାପସ ରାୟ ଚୌଧୁରୀ ପରିଚାଳନା କରିଥିଲେ। ଏଥିରେ ହିନ୍ଦୁ,ଜୈନ ଓ ମୁସଲିମ ଆଦି ସମ୍ପ୍ରଦାୟର ଗୁରୁମାନେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ର, ସନ୍ଦୀପ ଅବସ୍ଥି, ମନରଞ୍ଜନ ମହାପାତ୍ର, ସିଦ୍ଧାର୍ଥ ଅବସ୍ଥି, ତପସିଲାଲ ତିୱାରୀ, ନଟବରଲାଲ ଶର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପ୍ରଶାନ୍ତ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।



ପ୍ରାର୍ଥନା ସଭାରେ ଯୋଗଦେଇଥିବା କର୍ମକର୍ତ୍ତା।


ODISHA PUBLIC SERVICE COMMISSION
ADVERTISEMENT No. 16 of 2022-23
Recruitment to the Posts of Assistant Professor (Broad Speciality) of Government MCHs in the rank of Group-A, under Health & Family Welfare Department, Odisha
WEBSITE: http://opsc.gov.in

No. D-269: Online applications are invited from the prospective candidates through the proforma application to be made available on the Website of the Commission (www.opsc.gov.in) for recruitment to 274 (65- W) (Two Hundred Seventy Four) posts of Assistant Professor (Broad Speciality) in Group-A for Government MCHs, under Health & Family Welfare Department, Odisha in the Academic Level-12 of ORSP (MCT) Rules, 2019 with usual Dearness and other Allowances as may be sanctioned by the Government of Odisha from time to time.
2. VACANCY POSITION: As per requisition furnished by the Health & Family Welfare Department, Government of Odisha, out of 274 (65 - W) vacancies, 93 (22 - W) posts are reserved for UR Category, 31 (4 - W) Posts are reserved for SEBC Category, 54 (12 - W) posts are reserved for SC Category and 96 (27 - W) posts are reserved for ST Category. There is no vacancy reserved for PWD, Sports Person and Ex-Serviceman Candidates.
3. AGE: A candidate must have attained the age of 21 (Tweny one) years and must not be above the age of 45 (Forty Five) years as on the 1st day of January, 2022 i.e. he/she must have been born not earlier than 2nd January 1977 and not later than 1st January 2001.
4. EDUCATIONAL QUALIFICATION: The candidates must possess a Post Graduate Degree in the concerned Broad Speciality or any other equivalent degree or qualification prescribed by the MCI/NMC from time to time.
5. METHOD OF SELECTION: The selection of candidates for recruitment to the post of Assistant Professor in Broad Speciality shall be made on the basis of Written Test of 200 marks as per the guidelines enumerated in Odisha Medical Education Service (Method of Recruitment and Conditions of Service) Rules, 2021.
Online application shall be available in the website and can be submitted from 22.01.2023 to 17.02.2023 (11.59 P.M.).
The candidates are advised to visit the website of the Commission at http://opsc.gov.in for detailed information for applying to the above post.
CUTTACK
DATE: 29.12.2022
Sd./- SECRETARY
ODISHA PUBLIC SERVICE COMMISSION, CUTTACK
OIPR-12002/11/0240/2223

ODISHA PUBLIC SERVICE COMMISSION
WEBSITE: http://opsc.gov.in
ADVERTISEMENT No. 17 of 2022-23
RECRUITMENT TO ODISHA CIVIL SERVICES, 2022 UNDER GENERAL ADMINISTRATION & PUBLIC GRIEVANCE DEPARTMENT

No. D-270: Online applications are invited from the prospective candidates for recruitment to Odisha Civil Services, 2022, through the proforma application to be made available in the Website (http://opsc.gov.in). The link for online application and submission shall be available from 17.01.2023 to 16.02.2023 (Note: 16.02.2023 is the last date for submission of registered online Application) for admission to the Odisha Civil Services Preliminary Examination, 2022 in the scale of pay for Group-A Service is Rs.56,100/- in Level-12, Cell-1 in the Pay Matrix & Group-B Service is Rs.44,900/- in Leverl-10 Cell-1 in the Pay Matrix provided under Rule-3 of ORSP Rules, 2017.
2. VACANCY POSITION: As per requisition filed by the General Administrative & P.G. Department, Government of Odisha, the vacancy position for the Post of Odisha Civil Services Examination, 2022 is 683 (227 - W).
3. AGE LIMIT: A candidate must have attained the age of 21 years and must not be above the age of 38 years as on the 1st day of January, 2022 i.e. he/she must not have been born earlier than 2nd January 1984 and not later than 1st January 2001.
4. EDUCATIONAL QUALIFICATION: A candidate must hold a Bachelor's Degree from any University incorporated by an Act of the Central or a State Legislature in India or an Educational Institutional established by an Act of Parliament or deemed to be a University under Section - 3 of the Unviersity Grants Commission Act, 1956 or a Foreign University approved by the Central Government from time to time.
5. METHOD OF SELECTION: The combined Competitive Recruitment Examinations shall comprise of the following:
(A) Preliminary Examination (Objective Type) for the selection of candidates for Main Examination; and
(B) Main Examination (Written and Interview) for the selection of candidates for the various services and posts.
The details of Plan of Examination, Scheme, Subjects & Syllabus for the Preliminary and Main Examinations is available at Annexure-I of Long Advertisement.
6. HOW TO APPLY: Candidates must go through the details of this Advertisement available in the website of OPSC before filling up of online application form.
Candidates must apply online though the website of OPSC http://opsc.gov.in. Applications received through any other mode would not be accepted and summarily be rejected.
CUTTACK
DATE: 30.12.2022
Sd./- SECRETARY
ODISHA PUBLIC SERVICE COMMISSION, CUTTACK
OIPR-12002/11/0239/2223

ରାଜ୍ୟ ପାଇଁ ଘଟଣା ବହୁଳ ଥିଲା ବର୍ଷ ୨୦୨୨। ରାଜନୀତି, ଶିକ୍ଷା, ସ୍ୱାସ୍ଥ୍ୟ, ମନୋରଞ୍ଜନ, ସାହିତ୍ୟ ଆଦି ଅନେକ କ୍ଷେତ୍ରରେ ବହୁ ଘଟଣା ଘଟିଯାଇଛି, ଯାହାକି ସ୍ମୃତି ପାଲଟିଛି। ବିଶେଷକରି ବିଦାୟୀ ବର୍ଷ ଗଜଙ୍କ ପାଇଁ ବିପଦର ବର୍ଷ ହୋଇଯାଇଥିଲା। ଏହିଭଳି କିଛି ଘଟଣାକ୍ରମକୁ ନେଇ ବର୍ଷାନ୍ତରେ ପ୍ରସ୍ତୁତ ସ୍ୱତନ୍ତ୍ର ପୃଷ୍ଠା।

# ସମ୍ମାନ, ବିବାଦ, ଚର୍ଚ୍ଚା

## ୭ ଓଡ଼ିଆଙ୍କୁ ପଦ୍ମ ସମ୍ମାନ

୨୦୨୨ରେ ୭ଜଣ ଓଡ଼ିଆଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକା ତଥା ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ପ୍ରତିଭା ରାୟଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଥିବାବେଳେ କଳା ଓ ସଙ୍ଗୀତ କ୍ଷେତ୍ର ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଡ. ଶ୍ୟାମାମଣୀ ଦେବୀଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସମାଜ ସେବା ପାଇଁ ବାବା ବଳିଆଙ୍କୁ ପଦ୍ମ, ପାରା ଆଥ୍‌ଲେଟ ପ୍ରମୋଦ ଭଗତ୍‌ଙ୍କୁ ପଦ୍ମଶ୍ରୀ, କୋଷଳ ଭାଷା ଓ ସାହିତ୍ୟର ଗବେଷକ ନୃସିଂହ ପ୍ରସାଦ ଗୁରୁଙ୍କୁ ପଦ୍ମଶ୍ରୀ, ବିଜ୍ଞାନ- ଇଞ୍ଜିନିୟରିଂ କ୍ଷେତ୍ରରେ ଆଦିତ୍ୟ ପ୍ରସାଦ ଦାଶଙ୍କୁ ପଦ୍ମଶ୍ରୀ ଏବଂ ବିଶିଷ୍ଟ ପ୍ରଶାସନିକ ଅଧିକାରୀ ଗୁରୁପ୍ରାସାଦ ମହାପାତ୍ରଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।


ଡ. ପ୍ରତିଭା ରାୟ


ଡ. ଶ୍ୟାମାମଣୀ ଦେବୀ


ପ୍ରମୋଦ ଭଗତ୍


ଆଦିତ୍ୟ ପ୍ରସାଦ ଦାଶ


ବାବା ବଳିଆ


ଗୁରୁପ୍ରାସାଦ ମହାପାତ୍ର


ନୃସିଂହ ପ୍ରସାଦ ଗୁରୁ

## ୩ ମହାନଗର ହାତେଇଲା ବିଜେଡି

### ଭୁବନେଶ୍ୱରରେ ପ୍ରଥମ ମହିଳା ମେୟର



ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଆସନ ଚଳିତ ବର୍ଷ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ଏଥିରେ ବିଜେଡି ପ୍ରାର୍ଥୀନୀ ସୁଲୋଚନା ଦାସ ବିଜୟୀ ହୋଇ ବିଏମ୍‌ସିର ପ୍ରଥମ ମହିଳା ମେୟର ହେବାର ସୌଭାଗ୍ୟ ଲାଭ ଅର୍ଜନ କରିଥିଲେ। ସୁଲୋଚନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ତଥା ଭାଜପା ପ୍ରାର୍ଥୀନୀ ସୁନୀତି ମୁଣ୍ଡଙ୍କ ଠାରୁ ପ୍ରାୟ ୬୦ ହଜାର ଭୋଟ ଅଧିକ ପାଇଥିଲେ।

### କଟକରେ ସୁବାସ ସିଂ



କଟକ ମହାନଗର ନିଗମ(ସିଏମ୍‌ସି) ନିର୍ବାଚନରେ ଏଥର ମଧ୍ୟ ବିଜେଡି ବାଜିମାତ କରିଥିଲା। ବିଜେଡି ମେୟର ପ୍ରାର୍ଥୀ ସୁବାସ ସିଂ ବିଜୟୀ ହୋଇ ମହାନଗର ନିଗମ ଅକ୍ତିଆର କରିଥିଲେ। କଂଗ୍ରେସର ଗିରିବାଳା ବେହେରା ଏବଂ ଭାଜପାର ଶ୍ରୀତମ ଦାସଙ୍କ ସହ ସୁବାସଙ୍କ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା।

### ବ୍ରହ୍ମପୁରରେ ସଂଘମିତ୍ରା



ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି)କୁ ବିଜେଡି ଅକ୍ତିଆର କରିଛି। ବିଜେଡି ପ୍ରାର୍ଥୀନୀ ସଂଘମିତ୍ରା ଦଳେଇ ବିଜୟୀ ହୋଇଛନ୍ତି। ସଂଘମିତ୍ରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସର ମଞ୍ଜୁ ରଥଙ୍କୁ ପରାଜିତ କରି ମେୟର ପଦ ଅଳଙ୍କୃତ କରିଥିଲେ।

## ଉପ ନିର୍ବାଚନରେ ୩ ନୂଆ ମୁହଁ

ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ଧାମନଗର ବିଧାୟକ ବିଷ୍ଣୁ ସେଠୀ ଏବଂ ପଦ୍ମପୁର ବିଧାୟକ ବିଜୟରଞ୍ଜନ ସିଂ ବରିହାଙ୍କ ମୃତ୍ୟୁ ପରେ ୨୦୨୨ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ମେ' ୩୧ରେ ଅନୁଷ୍ଠିତ ବ୍ରଜରାଜନଗର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀନୀ ତଥା ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ତ୍ରୀ ଅଳକା ମହାନ୍ତି ନିର୍ବାଚିତ ହୋଇଥିଲେ।


ଅଳକା ମହାନ୍ତି

ସେହିପରି ନଭେମ୍ବର ୩ରେ ଅନୁଷ୍ଠିତ ଧାମନଗର ଉପନିର୍ବାଚନରେ ସ୍ୱର୍ଗତ ବିଷ୍ଣୁଙ୍କ ପୁତ୍ର ତଥା ଭାଜପା ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ ବିଜୟୀ ହୋଇଥିଲେ।


ସୂର୍ଯ୍ୟବଂଶୀ ସୁରଜ

ପଦ୍ମପୁର ବିଧାନସଭା ଆସନ ପାଇଁ ଡିସେମ୍ବର ୫ରେ ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱର୍ଗତ ବରିହାଙ୍କ ଝିଅ ବର୍ଷା ସିଂ ବରିହା ବିଜେଡି ପ୍ରାର୍ଥୀନୀ ହୋଇ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଭୋଟ୍‌ରେ ବିଜୟୀ ହୋଇଥିଲେ।


ବର୍ଷା ସିଂ ବରିହା

## କୋଟିଆ ପାଇଁ ପଡ଼ୋଶୀ କୂଟ




ଆନ୍ଧ୍ର ଆଖିରେ ଲାଖିଯାଇଛି କୋରାପୁଟର କୋଟିଆ। ଓଡ଼ିଶା ସୀମା ଏହି ଭୂଖଣ୍ଡ ଉପରେ ନିଜର ହକ୍ ସାବ୍ୟସ୍ତ କରିବାକୁ କଳ, ବଳ, କୌଶଳ ଲଗାଇ ଦେଇଛି ପଡ଼ୋଶୀ ରାଜ୍ୟ। ମନ୍ତ୍ରୀମଣ୍ଡଳରେ ସାମିଲ ହୋଇଥିବା ସାଲୁର ବିଧାୟକ ପିଡିକା ରାଜନ ଦୋରାଙ୍କୁ ଏପ୍ରିଲ୍‌ରେ ଏହି ବିବାଦୀୟ ଭୂଖଣ୍ଡର ଦାୟିତ୍ୱ ଦିଆଯିବା ପରେ ଅନୁପ୍ରବେଶ ବଢ଼ିଛି। ଆନ୍ଧ୍ର ପ୍ରଶାସନ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି ଜୋର ଜବରଦସ୍ତ ସେଠାରେ କରୁଛି ଉନ୍ନୟନମୂଳକ କାର୍ଯ୍ୟ। ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେଉଛି। କୋଟିଆ ମାମଲା ସୁପ୍ରିମ୍‌କୋର୍ଟରେ ପହଞ୍ଚିଥିବାବେଳେ ରାଜ୍ୟ ସରକାରଙ୍କ ପାଇଁ କୋଟିଆକୁ ହାସଲ କରିବା ଅଧିକ ଚ୍ୟାଲେଞ୍ଜ ପାଲଟିଛି।

# ସଙ୍କଟରେ ଐତିହ୍ୟପ୍ରାଣୀ

ଜଙ୍ଗଲରୁ ଜମି। ପାହାଡ଼ରୁ ଭୂଇଁ। ଶିକାରୀଙ୍କ ଫାଶ, ଜମିରେ ବିଷ, ଓହଳି ରହିଥିବା ବିଦ୍ୟୁତ୍ ତାରରେ ଅଣନିଃଶ୍ୱାସୀ ଐତିହ୍ୟ ତାଲିକାଭୁକ୍ତ ଜୀବ ହାତୀ। ସ୍ଥଳଭାଗରେ ବାସ କରୁଥିବା ସର୍ବବୃହତ୍ ସ୍ତନ୍ୟପାୟୀ ପ୍ରାଣୀର ମୃତ୍ୟୁକୁ ନେଇ ବିଦାୟୀ ବର୍ଷରେ ରାଜ୍ୟରୁ ଯେଉଁଚିତ୍ର ସାମ୍ନାକୁ ଆସିଛି, ତାହା ଯେତିକି ସ୍ପର୍ଶକାତର ସେତିକି ଚିନ୍ତାଜନକ ମଧ୍ୟ। ୨୦୨୨ରେ ଓଡ଼ିଶାରେ ଦେଖିବାକୁ ମିଳିଛି ହାତୀ-ମଣିଷ ସଂଘର୍ଷର ତୀବ୍ର ରୂପ। ଉପକୂଳରୁ ଉତ୍ତର, ଦକ୍ଷିଣରୁ କେନ୍ଦ୍ରାଞ୍ଚଳ, ପୂର୍ବରୁ ପଶ୍ଚିମ ବର୍ଷତମାମ ହାତୀ ମୃତ୍ୟୁ ସାଜିଥିଲା ଶିରୋନାମା। ଏଥିରେ ଯୋଡ଼ି ହୋଇଥିଲା ବନ ବିଭାଗର କେଲେଙ୍କାରୀ। ବନ୍ୟପ୍ରାଣୀ ଅଙ୍ଗ ଚାଲାଣକାରୀଙ୍କ ସହ ସଲାସୁତରା କରି ବନ କର୍ମଚାରୀ ହାତୀ ମୃତ୍ୟୁ ଘଟଣାକୁ ଘୋଡ଼ାଇଦେବାକୁ କରିଥିଲେ ଯଥାସାଧ୍ୟ ଉଦ୍ୟମ। ଏପରି କି ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ୨୦୨୨କୁ ହାତୀ ପାଇଁ ଖରାପ ବର୍ଷ ବୋଲି ବିବେଚନା କରିଥିଲେ।



## କଙ୍କାଳ କଳଙ୍କ

ଆଠଗଡ଼ ବନଖଣ୍ଡରୁ ଚଳିତବର୍ଷ ଫେବୃୟାରୀ ଏବଂ ଜୁନ୍‌ରେ ମାଟି ତଳୁ ମିଳିଥିଲା ୫ଟି ହାତୀ କଙ୍କାଳ। ଏଥିରୁ ୩ଟି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏବଂ ୨ଟି ବନ ବିଭାଗ ଜବତ କରିଥିଲା। ଏହି ଘଟଣାକୁ ନେଇ ବନ ବିଭାଗ କେବଳ ରାଜ୍ୟ ନୁହେଁ ବରଂ ସାରା ଦେଶରେ ନିନ୍ଦିତ ହୋଇଥିଲା। ଏଥିରେ ବନ କର୍ମଚାରୀଙ୍କ ସମ୍ପୃକ୍ତି ପଦାକୁ ଆସିଥିଲା। ଏପରି ଏକ ସ୍ପର୍ଶକାତର ଘଟଣାରେ ୫ଜଣ ବନ୍ଧା ହୋଇଥିଲେ। ତେବେ କୌଣସି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତେବେ କେନ୍ଦ୍ର ସରକାର ଉଦ୍‌ବେଗ ବ୍ୟକ୍ତ କରିବା ପରେ ରାଜ୍ୟ ସରକାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଲେ। ୨ ମାସରେ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏସ୍‌ଆଇଟି ତଦନ୍ତ ବାଟବଣା ହୋଇଯାଇଛି। ସେପଟେ ଆଠଗଡ଼ ଘଟଣାରେ ତଦନ୍ତ ନ ସରୁଣୁ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଜୁଲାଇରେ ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜର ଦୁଇଟି ସ୍ଥାନରୁ ଅର୍ଦ୍ଧ ଦଗ୍ଧ ହାତୀ ହାଡ଼ ଜବତ କରାଯାଇଥିଲା। ଶିକାର ପରେ ହାତୀକୁ କୌଣସି ଦହନଶୀଳ ପଦାର୍ଥରେ ପୋଡ଼ି ଦିଆଯାଇଥିବା ସନ୍ଦେହ ଉପୁଜିଥିଲା।

## ହାଇକୋର୍ଟଙ୍କ ଉଦ୍‌ବେଗ

ଶିମିଳିପାଳରେ ଏକ ହାତୀର ଶିକାର ପରେ ପ୍ରମାଣ ନଷ୍ଟ କରିବା ପାଇଁ ତାକୁ ପୋଡ଼ି ଜୀବାଶ୍ମକୁ ନଦୀରେ ଭସାଇ ଦିଆଯାଇଥିଲା। ଏଥିରେ ବନ କର୍ମଚାରୀ ସାମିଲ ଥିବା ଜଣାପଡ଼ିଥିଲା। ଏହି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇ ନିଜ ଆଡୁ ମାମଲାର ଶୁଣାଣି କରିଥିଲେ। ପୂର୍ବରୁ ହାତୀ ମୃତ୍ୟୁ ଘଟଣାକୁ ନେଇ ହାଇକୋର୍ଟରେ ମାମଲା ଚାଲୁଥିବା ବେଳେ ଶିମିଳିପାଳରେ ଏଭଳି ଘଟଣା ଘଟିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଉ ସମ୍ପୃକ୍ତ ବନ କର୍ମଚାରୀଙ୍କୁ କାହିଁକି ଗିରଫ କରାଯାଇ ନାହିଁ ବୋଲି ପ୍ରଶ୍ନ କରିଥିଲେ। ହାଇକୋର୍ଟଙ୍କ ତାଗିଦ ପରେ ବନ ବିଭାଗ ୩ କର୍ମଚାରୀଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାର ମୁଖ୍ୟ ସାକ୍ଷୀଙ୍କୁ ଅଭିଯୁକ୍ତମାନେ ଧମକ ଦେବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।




## ୭୫ ବର୍ଷରେ ହାଇକୋର୍ଟ

ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ ପାଳନ ୨୦୨୨ ମସିହାକୁ ନ୍ୟାୟିକ ବ୍ୟବସ୍ଥାରେ ଏକ ମାଇଲ ଖୁଣ୍ଟର ମାନ୍ୟତା ଦେଇଛି। ଓଡ଼ିଶା ଜୁଡିସିଆଲ ଏକାଡେମୀର ଜଷ୍ଟିସ ଗତିକୃଷ୍ଣ ମିଶ୍ର ଅଡିଟୋରିୟମଠାରେ ଜୁଲାଇ ୨୬ ତାରିଖରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏହାକୁ ଉଦ୍‌ଘାଟନ କରିଥିବାବେଳେ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ ଭର୍ଚୁଆଲରେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଜିଲାର ୨୨ ଜଣ ଆଇନଜୀବୀଙ୍କୁ ଲୟର୍ସ ଅଫ୍ ଦି ଇୟର ଆୱାର୍ଡ-୨୦୨୧ ପ୍ରଦାନ କରାଯାଇଥିଲା। ସୁପ୍ରିମକୋର୍ଟର ତତ୍କାଳୀନ ପ୍ରଧାନ ବିଚାରପତି ଏଚ୍.ଜେ. କାନିଆ ୧୯୪୮ ଜୁଲାଇ ୨୬ ତାରିଖରେ ଓଡ଼ିଶା ହାଇକୋର୍ଟକୁ ଉଦ୍‌ଘାଟନ କରିଥିଲେ। ହାଇକୋର୍ଟର ପ୍ରଥମ ବିଚାରପତି ହୋଇଥିଲେ ଜଷ୍ଟିସ ବୀର କିଶୋର ରାୟ।

## ଜୀବନ ହାରିଲେ ବିଚାରପତି



କଟକ ସ୍ୱତନ୍ତ୍ର ପୋକ୍ସୋ (ପ୍ରୋଟେକସନ ଅଫ୍ ଚିଲଡ୍ରେନ୍ ଫ୍ରମ୍ ସେକ୍ସୁଆଲ ଅଫେନ୍ସ) କୋର୍ଟର ବିଚାରପତି ସୁବାସ କୁମାର ବିହାରୀ (୫୦)ଙ୍କ ଆତ୍ମହତ୍ୟା ଘଟଣା ଚଳିତବର୍ଷ ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେପ୍ଟେମ୍ବର ୨ ତାରିଖ ବିଚାରପତିଙ୍କ ବାପାଙ୍କ ଶ୍ରାଦ୍ଧ ଦିବସରେ ଏଭଳି ଆତ୍ମହତ୍ୟା ଘଟଣା ସମସ୍ତଙ୍କୁ ଚକ୍‌ିତ କରିଥିଲା। ସେ ଗତ ୨ ବର୍ଷ ମଧ୍ୟରେ ୭୬ଟି କେସ୍‌ର ରାୟ ଦେଇଥିବା ବେଳେ ୧୦ଟିରୁ ଊର୍ଦ୍ଧ୍ୱ ମାମଲାରେ ଅଭିଯୁକ୍ତ ବିରୋଧଙ୍କୁ ଦଣ୍ଡ ବିଧାନ କରି ନ୍ୟାୟ ବ୍ୟବସ୍ଥାରେ ଏକ ଉଲ୍ଲେଖନୀୟ ଛାପ ସୃଷ୍ଟି କରିଥିଲେ।

## ୬ ନୂତନ ବିଚାରପତି ନିଯୁକ୍ତି

ଦୀର୍ଘବର୍ଷ ଧରି ବିଚାରପତି ପଦ ଫାଙ୍କା ସମସ୍ୟାକୁ ଅନେକାଂଶରେ ଦୂର କରିଛି ଚଳିତବର୍ଷର ୬ ନୂତନ ବିଚାରପତିଙ୍କ ନିଯୁକ୍ତି। ଆବଶ୍ୟକ ସଂଖ୍ୟକ ବିଚାରପତି ନ ଥିବାରୁ ମାମଲା ଫଇସଲା ହୋଇ ନ ପାରି ବର୍ଷ ବର୍ଷ ଧରି ପଡ଼ିରହିବା ନ୍ୟାୟିକ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଥିଲା। ଜଷ୍ଟିସ୍ ଭି. ନରସିଂହ, ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ ଏମ୍. ଏସ୍. ରମଣ, ଜଷ୍ଟିସ ସଞ୍ଜୟ କୁମାର ମିଶ୍ର, ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ନିଯୁକ୍ତି ଓଡ଼ିଶା ହାଇକୋର୍ଟ ପାଇଁ ଶୁଭଙ୍କର ହୋଇଛି। ଏଥିସହ ତ୍ରିପୁରା ହାଇକୋର୍ଟରୁ ଜଷ୍ଟିସ୍ ଶୁଭାଶିଷ ତାଳପତ୍ରଙ୍କୁ ବଦଳି କରାଯାଇ ଓଡ଼ିଶା ହାଇକୋର୍ଟରେ ନିଯୁକ୍ତି ଦିଆଯାଇଥିଲା। ଫଳରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସମେତ ମୋଟ ୨୨ ଜଣ ବିଚାରପତି ଏବେ ହାଇକୋର୍ଟରେ କାର୍ଯ୍ୟରତ ଅଛନ୍ତି।

## ହାଇକୋର୍ଟ ବେଞ୍ଚକୁ ଝଟକା

ଦୀର୍ଘ ୬ଦଶନ୍ଧିରୁ ଅଧିକ ସମୟ ଧରି ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିକୁ ନେଇ କୁହୁଳୁଥିବା ଅସନ୍ତୋଷ ୨୦୨୨ ଶେଷ ଆଡ଼କୁ ନେଇଥିଲା ଉଗ୍ରରୂପ। ସମ୍ବଲପୁର ଜିଲା କୋର୍ଟ ଭିତରେ ଭଙ୍ଗାରୁଜା, ବିଚାରପତିଙ୍କୁ କୋର୍ଟ ପରିସରରୁ ବାହାର କରିଦେବା ଘଟଣା ଜାତୀୟ ରାଜନୀତିକୁ ଚର୍ଚ୍ଚିତ କରିଥିଲା। ଏହି ଘଟଣାରେ ୨୩ ଜଣ ଓକିଲ, ୮ କିନ୍ନର, ଜଣେ ବାର୍ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ସୁପ୍ରିମ୍‌କୋର୍ଟ ଏଥିରେ କ୍ଷୋଭବ୍ୟକ୍ତ କରିବା ସହ ରାଜ୍ୟ ସରକାର ଓ ରାଜ୍ୟ ପୋଲିସ ବିଭାଗକୁ କଡ଼ା ସମାଲୋଚନା କରିଥିଲେ। ଏଥିସହ ୪୩ ଓକିଲଙ୍କ ଲାଇସେନ୍ସ ୧୮ ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିବାବେଳେ ପ୍ରାୟ ୧୬୦୦ ଲାଇସେନ୍ସକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ କରିଥିଲେ। ପରେ ୪୩ ଓକିଲଙ୍କୁ ଛାଡ଼ି ଅନ୍ୟମାନଙ୍କ ଲାଇସେନ୍ସ କାର୍ଯ୍ୟକ୍ଷମ କରାଯାଇଥିଲା।



## ଓଟିଏମ୍ ହାତକୁ ନେଲେ ସରକାର



କ୍ଷତିରେ ଚାଲୁଥିବା ଓଡ଼ିଶା ଟେକ୍ସଟାଇଲ ମିଲ (ଓଟିଏମ୍) ବନ୍ଦ କରିଦେବାକୁ ନେଇ ୧୯।୬।୨୦୦୧ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବୋର୍ଡ ଅଫ ଇଣ୍ଡଷ୍ଟ୍ରିଜ୍ କର୍ତ୍ତୃପକ୍ଷ। ଏହାର ସମ୍ପତ୍ତି ବିକ୍ରି କରି ବକେୟା ପାଉଣା ଭରଣା କରିବାକୁ ସେତେବେଳେ ଥିଲା ଏକମାତ୍ର ଲକ୍ଷ୍ୟ। ହେଲେ ଓଟିଏମ୍ ଉପରେ ଭରସା କରି ପରିବାର ପ୍ରତିପୋଷଣ କରୁଥିବା ଶ୍ରମିକ ଓ ସ୍ଥାନୀୟ ଅଞ୍ଚଳବାସୀ ଚାହୁଁଥିଲେ ଓଟିଏମ୍‌କୁ ରାଜ୍ୟ ସରକାର ନିଅନ୍ତୁ। ଦୀର୍ଘ ୨୧ ଧରି ହାଇକୋର୍ଟରେ ଚାଲିଥିବା ମାମଲା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚ ଚଳିତ ଡିସେମ୍ବରରେ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଥିଲା। ରାଜ୍ୟ ସରକାର ୧୫୦ କୋଟିରେ ଓଟିଏମ୍‌କୁ କିଣିବା ସହ ଶ୍ରମିକମାନଙ୍କ ବକେୟା ଅର୍ଥ ପ୍ରଦାନ କରାଯିବା ୨୦୨୨ର ଏକ ଯୁଗାନ୍ତକାରୀ ଘଟଣା ବୋଲି କୁହାଯାଇପାରେ।

# ଅପରାଧ

## ରହସ୍ୟରେ ନାଗ ସାମ୍ରାଜ୍ୟ



ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ଅଭିନେତା, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ବ୍ଲାକ୍‌ମେଲିଂ କରି ବିପୁଳ ଅର୍ଥ ଲୁଟ୍ ସହ ସୌଖୀନ ଜୀବନ ବିତାଉଥିବା ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗ ପୋଲିସ ହାତରେ ଧରାପଡ଼ି ଏବେ ଜେଲରେ। ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବଂ ସହଯୋଗୀ ଖଗେଶ୍ୱର ପାତ୍ରଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ପରେ ଅର୍ଚ୍ଚନାଙ୍କ ଆର୍ଥିକ କାରବାରର ଚେର ଖୋଜିବାକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ମାମଲାରେ ବହୁ ରାଜନେତା ଏବଂ ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଥିବା କୁହାଯାଉଥିବାବେଳେ ସେମାନଙ୍କ ପର୍ଦ୍ଦାଫାଶକୁ ନେଇ ଏଯାବତ୍ କୌଣସି ସୁରାକ୍ ମିଳିପାରି ନାହିଁ। ବିଶେଷକରି ହସ୍ପିଟାଲକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିବାବେଳେ ଅର୍ଚ୍ଚନା ଗଣମାଧ୍ୟମ ଆଗରେ ଦେଖାଇଥିବା ଦମ୍ଭୋକ୍ତି ପରବର୍ତ୍ତୀ ମୁହୂର୍ତ୍ତରେ ଶିଥିଳ ପଡ଼ିଯାଇଥିଲା। ମତେ ୩୦ମିନିଟ ସମୟ ଦିଅନ୍ତୁ, ସବୁ କଥା କହିବି, ଏପରି କି ରାଜ୍ୟ ଦୋହଲିଯିବା ଭଳି ତଥ୍ୟ ପ୍ରକାଶ କରିବି ବୋଲି କହିଥିଲେ ମଧ୍ୟ, ସେମିତି କିଛି କହିଥିବା ଦେଖିବାକୁ ମିଳିଲା ନାହିଁ। ଶାସକ ଦଳର ଏକାଧିକ ନେତା ମନ୍ତ୍ରୀଙ୍କ ସହ ଅର୍ଚ୍ଚନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ବିରୋଧୀ ତୁମ୍ବିତୋଫାନ କରିଥିଲେ।

## ବାବୁସାନ-ତୃପ୍ତି-ପ୍ରକୃତି କଳି





ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁସାନ ମହାନ୍ତି, ସ୍ତ୍ରୀ ତୃପ୍ତି ଏବଂ ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କ ମଧ୍ୟରେ ହୋଇଥିବା ହାଇଡ୍ରାମା ଘଟଣା ବେଶ ଚର୍ଚ୍ଚାରେ ରହିଥିଲା। ପ୍ରକୃତିଙ୍କ ସହ ବାବୁସାନ ଅତ୍ୟଧିକ ମିଳାମିଶା କରିବାକୁ ନେଇ ସହିପାରି ନ ଥିଲେ ତୃପ୍ତି। ଜୁଲାଇ ୨୩ ସକାଳେ ବାବୁସାନ ଏବଂ ପ୍ରକୃତି କାର୍ ଯୋଗେ ଭୁବନେଶ୍ୱର ବିମାନବନ୍ଦରକୁ ବାହାରିଥିବା ବେଳେ ସତ୍ୟନଗର ରାସ୍ତା ମଝିରେ ତୃପ୍ତି ତାଙ୍କ ବାପା ଏବଂ ଅନ୍ୟମାନଙ୍କ ସହଯୋଗରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ପ୍ରକୃତିଙ୍କୁ କାର୍ ଭିତରୁ ଟାଣି ଆଣି ତୃପ୍ତି ଏବଂ ତାଙ୍କ ସହ ଥିବା ଲୋକମାନେ ମାଡ଼ ମାରୁଥିବା ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ପ୍ରକୃତିଙ୍କ ମା' କୃଷ୍ଣପ୍ରିୟା ମିଶ୍ର ଖାରବେଳନଗର ଥାନାରେ ତୃପ୍ତି ଏବଂ ବାପା ଲଳିତ ଶତପଥୀଙ୍କ ନାମରେ ଏତଲା ଦେଇଥିଲା। ଅପରପକ୍ଷରେ ସ୍ୱାମୀ ବାବୁସାନଙ୍କୁ ପ୍ରକୃତି କବଳିତ କରି ବିଭିନ୍ନ ସମୟରେ ଧମକ୍ ଦେବା ସହ ଗାଳିଗୁଲଜ କରୁଥିବା ଦର୍ଶାଇ ତୃପ୍ତି ମଧ୍ୟ ଏତଲା ଦେଇଥିଲେ। ପରେ ତୃପ୍ତି ଓ ତାଙ୍କ ବାପା ଲଳିତଙ୍କ ସହ ଅନ୍ୟ ୮ ଜଣଙ୍କ ବିରୋଧରେ ପ୍ରକୃତି ୫.୧୦ କୋଟି ଟଙ୍କାର ମାନହାନି ମାମଲା କରିଥିଲେ।

## ପ୍ରମୋଦିନୀଙ୍କୁ ନ୍ୟାୟ

ଏକତରଫା ପ୍ରେମ। ଏଥିରେ ବିଫଳ ହେବାରୁ ଏସିଡ୍ ମାଡ଼। ଏଭଳି କୁତ୍ସିତ କାଣ୍ଡ ଘଟାଇଥିବା ମୁଖ୍ୟ ଅଭିଯୁକ୍ତ ଯବାନ ସନ୍ତୋଷ ବେଦାନ୍ତ ଏବଂ ତାଙ୍କ ସହଯୋଗୀ ବିଶ୍ୱଜିତ୍ ଦଳସିଂହରାୟଙ୍କୁ ଘଟଣାର ୧୩ ବର୍ଷ ପରେ ମିଳିଛି ୧୪ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ। ଏଥିସହ ବହୁଚର୍ଚ୍ଚିତ ଏସିଡ୍ ପୀଡ଼ିତା ପ୍ରମୋଦିନୀ ରାଉଳଙ୍କୁ ମିଳିଛି ନ୍ୟାୟ। ବିଳମ୍ବିତ ହେଲେ ବି ମେ' ୮ରେ ପ୍ରକାଶ ପାଇଥିବା ଏହି ରାୟ ପ୍ରମୋଦିନୀଙ୍କୁ ଦେଇଥିଲା ଆତ୍ମସନ୍ତୁଷ୍ଟି। ଜଗତ୍‌ସିଂପୁର ଜିଲା ତିର୍ତ୍ତୋଲ ଆଦିକବି ସାରଳା ଦାସ କଲେଜରେ ଯୁକ୍ତ ୨ ପଢୁଥିବାବେଳେ ୨୦୦୯ରେ ଏପ୍ରିଲ୍ ୧୮ରେ ପ୍ରମୋଦିନୀଙ୍କୁ ଏସିଡ୍ ମାଡ଼ ହୋଇଥିଲା। ଏଥିରେ ତାଙ୍କ ଶରୀରର ୮୦% ପୋଡ଼ିଯାଇଥିବାବେଳେ ସେ ହରାଇଥିଲେ ଦୃଷ୍ଟିଶକ୍ତି।

## ମେମୋରି ଚିପ୍ ପାଇଁ ହତ୍ୟା



ଏକ ମେମୋରି ଚିପ୍ ପାଇଁ କ୍ୟାମେରାମ୍ୟାନ ମାନସ ସ୍ୱାଇଁଙ୍କୁ ଅପହରଣ ପରେ ହତ୍ୟା କରିଥିଲେ 'ସମ୍ପୂର୍ଣ୍ଣା' ୱେବ୍ ଚ୍ୟାନେଲର ମାଲିକାଣୀ ଶର୍ମିଷ୍ଠା ରାଉତ। ଏହି ଘଟଣାରେ ଶର୍ମିଷ୍ଠାଙ୍କ ସମେତ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଗିରଫ ହୋଇଥିଲେ। ମାନସ ଏକ ବାହାଘର କାମରେ ଭଦ୍ରକ ଯାଇଥିବାବେଳେ ତାଙ୍କୁ ଅଭିଯୁକ୍ତମାନେ ଅପହରଣ କରି ଆଣିବା ପରେ ଏୟାରଫିଲ୍ଡସ୍ଥିତ ଦୟାଲ ଆଶ୍ରମରେ ରଖି ନିର୍ଯ୍ୟାତନା ଦେଇଥିଲେ। ମାନସଙ୍କ ମୃତ୍ୟୁ ପରେ ମୃତଦେହକୁ ନେଇ ନୟାଗଡ଼ରେ ପୋତି ଦେଇଥିଲେ।

## ରାଗିଂରୁ ରୁଚିକାଙ୍କ ଆତ୍ମହତ୍ୟା



ରାଜଧାନୀ ଭୁବନେଶ୍ୱରସ୍ଥିତ ରାଜ୍ୟର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କାରୁବାକୀ ଛାତ୍ରୀ ନିବାସରେ ରହୁଥିବା ଯୁକ୍ତ ୩ ଛାତ୍ରୀ ରାଗିଂର ଶିକାର ହୋଇ ଜୁଲାଇ ୨ରେ ହଷ୍ଟେଲ ରୁମରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସବୁଠୁ ବଡ଼ କଥା ହେଲା ତାଙ୍କ ପକେଟରୁ ଏକ ସୁଇସାଇଡ୍ ନୋଟ ଜବତ ହୋଇଥିବା ବେଳେ ସେଥିରେ ୩ ଜଣ ସିନିୟର ନିର୍ଯ୍ୟାତନା ଦେଉଥିବା ଉଲ୍ଲେଖ ଥିଲା। ଆଇପିଏସ୍ ଅଫିସର ହେବାର ସ୍ୱପ୍ନ ଦେଖୁଥିବା ମେଧାବୀ ଛାତ୍ରୀ ରୁଚିକା ରାଗିଂର ଶିକାର ହୋଇ ଏଭଳି ପଦକ୍ଷେପ ନେବେ କେହି ଗ୍ରହଣ କରିପାରି ନ ଥିଲେ। ପୋଲିସ ଏହି ଘଟଣାକୁ ତଦନ୍ତ କରୁଥିବା ବେଳେ ରୁଚିକାଙ୍କୁ ନ୍ୟାୟ ଦେବାକୁ ଅନେକ ଛାତ୍ର ସଂଗଠନ ଆଗେଇ ଆସିଥିଲେ। ୩ ସିନିୟରଙ୍କୁ ସାମ୍ନାକୁ ଅଣା ଯାଉ ନ ଥିବାରୁ ନ୍ୟାୟ ପାଇଁ ରୁଚିକାଙ୍କ ମା' ବିଦ୍ୟୁତପ୍ରଭା, ପରିବାର ସଦସ୍ୟ ଓ ବିଭିନ୍ନ ଛାତ୍ର ସଂଗଠନର କର୍ମକର୍ତ୍ତା କଲେଜ ଫାଟକ ସାମ୍ନାରେ ଧାରଣା ଦେଇଥିଲେ।

## ହର ହର ଶମ୍ଭୁ...



ହରହର ଶମ୍ଭୁ...। ୨୦୨୨ରେ ଅନ୍ୟତମ ଚର୍ଚ୍ଚିତ ଫ୍ୟୁଜନ ସଙ୍ଗ୍ ପାଲଟିଥିଲା ଏହି ଗୀତ। କେନ୍ଦୁଝର ଜିଲା ବଡ଼ବିଲର କଣ୍ଠଶିଳ୍ପୀ ଜିତୁ ଏବଂ ଅଭିଲିପ୍ସା ପାଶ୍ଚାତ୍ୟ ଶୈଳୀରେ ଗାଇଥିବା ଏହି ଗୀତ ପହଞ୍ଚିଥିଲା ବହୁ କୋଟି ଶ୍ରୋତାଙ୍କ ହୃଦୟରେ। ଶିବ ସ୍ତୋତ୍ରକୁ ନେଇ ପ୍ରସ୍ତୁତ ଏହି ଭଜନ ୩୨ ମିଲିୟନରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ପ୍ରଶଂସା ସାଉଁଟିଥିଲା।

## ନକଲି ଔଷଧ କାରବାର



କରୋନା ପରଠାରୁ ଅର୍ଥାତ୍ ୨୦୨୨ରେ ଓଡ଼ିଶାରେ ନକଲି ମେଡିସିନ କାରବାର ବଢ଼ିଯାଇଥିଲା। ଉଚ୍ଚ ରକ୍ତଚାପର ଚିକିତ୍ସା ପାଇଁ ବ୍ୟବହୃତ ଟେଲ୍‌ମା-୪୦ ଓ ଟେଲ୍‌ମା-ଏଏମ୍ ଟାବ୍‌ଲେଟର ନକଲି କାରବାରକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ସେପ୍ଟେମ୍ବର ୭ରେ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ କଟକର ଦୁଇ ଷ୍ଟକିଷ୍ଟ ଜାଉଁଳିଆପଟିର ପୂଜା ଏଣ୍ଟରପ୍ରାଇଜର ଓ ମାଣିକଘୋଷ ବଜାରର ଭି. ଆର. ଡ୍ରଗ ଏଜେନ୍ସିରେ ଚଢ଼ାଉ କରାଯାଇ ବିପୁଳ ନକଲି ମେଡିସିନ ଜବତ ହୋଇଥିଲା। ଉଭୟଙ୍କ ବିରୋଧରେ ୨ଟି ମାମଲା ରୁଜୁ ସହ ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇଥିଲା। ସେମାନଙ୍କ ନିକଟରୁ ରାଜ୍ୟର ଅନ୍ୟ ଅଞ୍ଚଳକୁ ଯାଇଥିବା ଲକ୍ଷ ଲକ୍ଷ ଟଙ୍କା ନକଲି ଔଷଧ କଟକ, ଭୁବନେଶ୍ୱର, ବାଲେଶ୍ୱର, ବରଗଡ଼ ଓ ଝାରସୁଗୁଡ଼ାରୁ ଫେରସ୍ତ ଅଣାଯାଇଥିଲା। ବିହାରରୁ ଉକ୍ତ ନକଲି ମେଡିସିନ ଆସିଥିବା ତଦନ୍ତବେଳେ ଜଣାପଡ଼ିଥିଲା।

## ଓମିକ୍ରନ୍‌ରୁ ବିଏଫ୍.୭



ବର୍ଷ ଆରମ୍ଭରୁ ଅର୍ଥାତ୍ ଜାନୁୟାରୀରେ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ ପାଇଁ ତୃତୀୟ ଲହର ଓଡ଼ିଶାବାସୀଙ୍କୁ ଭୟ ଓ ଆଶଙ୍କା ଭିତରକୁ ଠେଲି ଦେଇଥିଲା। ଏଥିସହ ଡେଲ୍‌ଟା ଭାରିଆଣ୍ଟ ମଧ୍ୟ ଜୀବନ ନେଇଥିଲା। ସଂକ୍ରମଣ ହଠାତ୍ ହୁହୁ ହୋଇ ବଢ଼ିଯାଇଥିଲା। ମାତ୍ର ୨୦ଦିନ ଭିତରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୨ଶହରୁ ୧୧ ହଜାର ଟପିଥିଲାବେଳେ ମୃତ୍ୟୁ ମଧ୍ୟ ୨୦ରୁ ଅଧିକ ଥିଲା। ଗୋଷ୍ଠୀ ସଂକ୍ରମଣ ହେବାରୁ ରାଜ୍ୟ ସରକାର ପୁଣି କଟକଣାକୁ କଡ଼ାକଡ଼ି କରିଦେଇଥିଲେ। ପ୍ରତିଷେଧକ ସ୍ୱରୂପ ବୁଷ୍ଟର ଡୋଜ୍ ଟିକାକରଣ ଆରମ୍ଭ ହୋଇଥିଲା। ତେବେ ଜଟିଳ ସ୍ଥିତି ବେଶିଦିନ ରହି ନ ଥିଲା। ଧୀରେ ଧୀରେ ଜୀବନଯାତ୍ରା ସ୍ୱାଭାବିକ ହୋଇଥିଲେ ମଧ୍ୟ ବର୍ଷ ଶେଷକୁ ଏବେ କରୋନାର ଆଉଏକ ଭାରିଆଣ୍ଟ ବିଏଫ୍-୭ ଆତଙ୍କ ଦେଖାଦେଇଛି।

## ରୁଷିଆରୁ ଯାତ୍ରା ରାୟଗଡ଼ାରେ ଶେଷ

ରାୟଗଡ଼ା ପରିଭ୍ରମଣରେ ଆସିଥିବା ଦୁଇ ରୁଷୀୟ ପର୍ଯ୍ୟଟକଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ବର୍ଷାନ୍ତରେ ଚର୍ଚ୍ଚାରେ ଥିଲା ଦକ୍ଷିଣ ଓଡ଼ିଶା। ରୁଷିଆର ସାଂସଦ, ଖ୍ୟାତନାମା ଧନୀକ ବ୍ୟବସାୟୀ ତଥା ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ତୀବ୍ର ସମାଲୋଚକ ପାଭେଲ ଆଣ୍ଟୋଭ ଏବଂ ତାଙ୍କ ସହ ଆସିଥିବା ଭ୍ଲାଡିମିର ବିଦାନୋଭ୍‌ଙ୍କ ସନ୍ଦେହଜନକ ମୃତ୍ୟୁ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପାଲଟିଛି ଚର୍ଚ୍ଚିତ ପ୍ରସଙ୍ଗ। ପାଭେଲ ଆଣ୍ଟୋଭ୍, ଭ୍ଲାଡିମିର ବଦାନୋଭ୍, ତୁରଭ ମିଖାଇଲ ଏବଂ ତାଙ୍କ ସ୍ତ୍ରୀ ପାନାସାଙ୍କୋ ମିତଲିଆ ୧୯ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେମାନଙ୍କ ସହ ଗାଇଡ୍ ଜିତେନ୍ଦ୍ର ସିଂ ମଧ୍ୟ ଆସିଥିଲେ। ୨୧ ତାରିଖରେ ସେମାନେ ପ୍ରଥମେ ଦାରିଙ୍ଗବାଡ଼ି ଏବଂ ପରେ ରାୟଗଡ଼ା ଯାଇଥିଲେ। ହୋଟେଲ ସାଇ ଇଣ୍ଟରନ୍ୟାଶନାଲରେ ରହଣି କରୁଥିବା ସମ୍ପୃକ୍ତ ପର୍ଯ୍ୟଟକ ଗୋଷ୍ଠୀ ବିଳମ୍ବିତ ରାତିରେ ପାଭେଲଙ୍କ ଜନ୍ମଦିନ ପାଳିଥିଲେ। ତେବେ ୨୨ ତାରିଖ ସକାଳୁ ବିଦାନୋଭ ଚେତାଶୂନ୍ୟ ଅବସ୍ଥାରେ ମିଳିଥିଲେ। ତାଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାର ଦିନକ ପରେ ୨୪ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ପାଭେଲଙ୍କ ଛାତରୁ ଖସିପଡ଼ି ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିଲା।


ପାଭେଲ ଆଣ୍ଟୋଭ

## ବଡ଼ଭାଇ ପରିବାରର ୫ଜଣଙ୍କୁ ହତ୍ୟା କଲେ ସାନ

ସମ୍ପତ୍ତି ପାଇଁ ବିବାଦ କେତେ ଯେ ଭୟଙ୍କର ହୋଇପାରେ ତାହା କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ ଏପ୍ରିଲ୍ ୧୧ତାରିଖ ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡରୁ ସ୍ପଷ୍ଟ ହୋଇଥିଲା। ପାରିବାରିକ ବିବାଦକୁ ନେଇ ସାନ ଭାଇ ଶିବ ସାହୁ ନିଜ ବଡ଼ ଭାଇ ତଥା ଅଲେଖ ସାହୁଙ୍କ ସମେତ ଭାଉଜ ରଶ୍ମିରେଖା ପୃଷ୍ଟି, ଝିଆରୀ ପାୟଲ ଓରଫ ସ୍ମୃତିସନ୍ଧ୍ୟା, ପୁତୁରା ସ୍ମୃତି ସ୍ୱରୂପ ଓ ସ୍ମୃତି ସାଇଙ୍କୁ କଟୁରୀରେ ହାଣି ହତ୍ୟା କରିଥିଲେ। ହତ୍ୟା ପରେ ଅଭିଯୁକ୍ତ ବାଲିଚନ୍ଦ୍ରପୁର ଥାନାରେ ଆତ୍ମସମର୍ପଣ କରି ଦୋଷ ସ୍ୱୀକାର କରିଥିଲେ।

## ଗାଡ଼ି ମଡ଼ାଇ ବିଧାୟକ ଲହୁଲୁହାଣ

ଚଳିତ ବର୍ଷ ବିବାଦରେ ରହିଥିଲେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ। ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ମାର୍ଚ୍ଚ ୧୨ରେ ନିର୍ବାଚନ ଚାଲିଥିବା ବେଳେ ବିଧାୟକ ଜଗଦେବ ପୋଲିସ କର୍ମଚାରୀ ଏବଂ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେଇଥିଲେ। ଏଥିରେ ୨୭ଜଣ ଆହତ ହୋଇଥିଲେ। ଏପରିକି ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ ଜଗଦେବ। ବାଣପୁର ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଜଗଦେବଙ୍କୁ ଗିରଫ କରି ଜେଲ ପଠାଇଥିଲା। ପରେ ବିଜେଡିରୁ ଜଗଦେବଙ୍କୁ ନିଲମ୍ବିତ କରାଯାଇଥିଲା।





## କେସିଙ୍ଗା ଏସ୍‌ଡିପିଓ ହେଲେ କୋରାପୁଟ ଏସ୍‌ପି

କେସିଙ୍ଗା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଥାନାରେ ୨୦୦୯ ବ୍ୟାଚ ଆଇପିଏସ ଅଫିସର ଅଭିନାଶ ଶୋଙ୍କର ଏସ୍‌ଡିପିଓ ଭାବେ ଗତ ଜାନୁୟାରୀ ୨୦୨୨ରେ ଯୋଗଦେଇଥିଲେ। ସେ କେସିଙ୍ଗା ସର୍କଲର ବିଭିନ୍ନ ଥାନାର ଦାୟିତ୍ୱରେ ସୂଚାରୁ ରୁପେ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କୁ ଓଡିଶା ଗୃହ ବିଭାଗ ଚିଠି ନ.୪୫୮୩୫/୩୦।୧୨।୨୦୨୨ ଅନୁସାରେ ଶୋଙ୍କରଙ୍କୁ କୋରାପୁଟ ଏସ୍‌ପି ଭାବେ ପଦୋନ୍ନତି ହୋଇ ବଦଳି କରାଯାଇଛି।

### ସଂକ୍ଷେପରେ

## ଛେଳି ମଡ଼କ, ଦିନକରେ ୧୧ ମୃତ

ଭବାନୀପାଟଣା,୩୦।୧୨(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦେଦର ପଞ୍ଚାୟତ ଗୋଲାମୁଣ୍ଡା ଗ୍ରାମରେ ଗୁରୁବାର ଛେଳି ମଡକ ଦେଖିବାକୁ ମିଳିଛି। ଏହି ଗ୍ରାମର ମୋହନ ଭୋଇଙ୍କ ୧୧ ଛେଳିଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ତାଙ୍କ ପରିବାର ଏବେ ଦୁଃଖରେ ଭାଙ୍ଗି ପଡିଛନ୍ତି। ପ୍ରକାଶ ଯେ, ମୋହନଙ୍କ ସ୍ତ୍ରୀ ନିକଟସ୍ଥ ଜଙ୍ଗଲକୁ ନିଜ ୩୫ ପଟ ଛେଳି ଚରାଇବାକୁ ନେଇଥିଲେ। କିଛି ଘଣ୍ଟା ପରେ ଛେଳି ଚରୁଥିବା ସ୍ଥାନକୁ ଦେଖିବାକୁ ଗଲାବେଳେ ସେଠାରେ ୧୧ଟି ମରି ପଡିଥିବା ଦେଖିବାକୁ ପାଇଥିଲେ। ଏହି ଛେଳିଙ୍କ ମୃତଦେହ ଅଳ୍ପ ବ୍ୟବଧାନଗୁଡିକରେ ରହିଥିବାବେଳେ ପ୍ରାୟ ପେଟ ଫୁଲିଯାଇଥାଏ ଦେଖିବାକୁ ମିଳିଥିଲା। ତେବେ ବିଷାକ୍ତ ଖାଦ୍ୟ ଯୋଗୁ ଛେଳିଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଅବସ୍ଥା ଛେଳିଗୁଡିକର ଅବସ୍ଥା ବର୍ତ୍ତମାନ ସୁଦ୍ଧା ମଧ ଠିକ ଥିବାବେଳେ ଆଗକୁ ତାଙ୍କ ଅବସ୍ଥା କ'ଣ ହେବ ତାହା ସମୟ କହିବ।

## ସିର୍ଜାପାଲି ରୟାଲ କ୍ଲବ ପକ୍ଷରୁ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

ତୁଣ୍ଡଲା,୩୦।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଧାନ ଫାର୍ମ ହାଉସଠାରେ ରାତ୍ରକାଳୀନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ରୟାଲ କ୍ଲବ ସଭାପତି ଅନିଲ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ଉପସଭାପତି ଚିତ୍ତରଞ୍ଜନ ମଣ୍ଡଳ (ବାବୁଲି), ବିଜୁ ଯୁବ ଜନତା ଦଳ ସଭାପତି ଆଦିତ୍ୟ ନନ୍ଦ, ଭବାନୀପାଟଣା ପ୍ରଗତି କଲେଜ ସମ୍ପାଦକ ଅଜୟ କୁମାର ପଣ୍ଡା ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦାଶ, ଅନ୍ୟତମ ଅଥିତି ଭାବେ ସ୍ଥାନୀୟ ପଞ୍ଚାୟତ ସମିତି ସଭ୍ୟା ସୀତୟା ସାହୁ ରହିଥିଲେ। ଖେଳ ୨୪ଟି ଦଳ ମଧରେ ହୋଇଥିଲା। ଫାଇନାଲ ମ୍ୟାଚ କେସିଙ୍ଗା ଓ ସଇଁତଲା ମଧରେ ହୋଇଥିବା ବେଳେ ସଇଁତଲା ଦଳ ବିଜୟୀ ହୋଇଥିଲେ। ଶେଷରେ ବିଜୟୀ ଦଳକୁ ଅଥିତିମାନଙ୍କ ଦ୍ୱାରା ପୁରସ୍କାର ଦିଆଯାଇଥିଲା। କ୍ଲବ ସମ୍ପାଦକ ମୋହିତ କୁମାର ପଧାନ ଧନ୍ୟବାଦ ଦେଇଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୂଆପଡ଼ା ଅଫିସ,୩୦।୧୨: ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ପଗାରପାଣି ଗାଁରେ ଜଣେ ଯୁବକ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ସଲଚନା ମିଳିଛି। ସେ ହେଲେ ହେମସିଂ ମାଝି (୨୬)। ଶୁକ୍ରବାର ଭୋରୁ ହେମସିଂ ଶୌଚ ପାଇଁ ଗାଁ ପୋଖରୀକୁ ଯାଉଥିବା ବେଳେ ଏକ ଭାଲୁ ଆସି ହଠାତ ଆକ୍ରମଣ କରିଥିଲେ। ଏହା ଦେଖି ଶୌଚ ପାଇଁ ଯାଉଥିବା ଅନ୍ୟ ବ୍ୟକ୍ତିମାନେ ଘଟଣାସ୍ଥଳକୁ ଯାଇ ଭାଲୁକୁ ଘଉଡାଇବା ସହ ଗୁରୁତର ଅବସ୍ଥାରେ ହେମସିଂଙ୍କୁ ଉଦ୍ଧାର କରି ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ହୋମସିଂଙ୍କ ନାକୁ କାଢି ନେଇଥିବା ବେଳେ ଶରୀରର ଅନେକ ସ୍ଥାନର ମାଂସ ସବୁ କାଢି ନେଇଛି। ବର୍ତ୍ତମାନ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

# ୫ କି.ମି. ଖଟିଆରେ ବୁହାହେଲେ ଗର୍ଭବତୀ

■ କଳାହାଣ୍ଡିରେ ପୁଣି ଜନନୀ ଯନ୍ତ୍ରଣା

■ ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ

ଭବାନୀପାଟଣା,୩୦।୧୨(ସ୍ୱ.ପ୍ର.)

କଳାହାଣ୍ଡିରେ ପୁଣି ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ଭାରରେ ବୁହା ହେଲେ ଗର୍ଭବତୀ। ରାସ୍ତା ସମସ୍ୟା ଯୋଗୁ ଗାଁକୁ ଯାଇ ପାରିଲାନି ଆମ୍ବୁଲାନ୍ସ। ଆଉ ସେଥି ପାଇଁ ଖଟିଆ ପାଲଟିଲା ଆମ୍ବୁଲାନ୍ସ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଥୁଆମୂଳ ରାମପୁର ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ୨୫ କି.ମି. ଦୂରରେ ଥିବା ଖମନପଡା ଗାଁରେ। ଗାଁର ଦ୍ରୋପଦୀ ଗୌଡ଼ଙ୍କୁ ପ୍ରସବ ଯନ୍ତ୍ରଣା ହୋଇଥିଲା। ପ୍ରସବ ନିମନ୍ତେ ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଖବର ପାଇ ଆମ୍ବୁଲାନ୍ସ ଆସିଥିଲା। କିନ୍ତୁ ଗାଁକୁ ରାସ୍ତା ଓ ନଦୀରେ ପୋଲ ନ ଥିବାରୁ ଆମ୍ବୁଲାନ୍ସ ଆଗକୁ ଯାଇ ପାରି ନ ଥିଲା। ପରେ ପରିବାର ଓ ଗ୍ରାମବାସୀ ମିଶି ଦ୍ରୋପଦୀଙ୍କୁ ଖଟିଆରେ ବୋହି ଇନ୍ଦ୍ରାବତୀ ନଦୀ ପାରି କରାଇ ଗାଁରୁ ୫ କି.ମି. ଡେଲାଗାଁ ପର୍ଯ୍ୟନ୍ତ ବୋହି ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସରେ ଦ୍ରୋପଦୀଙ୍କୁ ନେଇ ଥୁଆମୂଳ ରାମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଦ୍ରୋପଦୀ ଏକ ଶିଶୁପୁତ୍ର ଜନ୍ମ ଦେଇଥିବା ଜଣାପଡିଛି। ଖମାନପଡା ଗାଁକୁ ସବୁଦିନିଆ ରାସ୍ତା ନ ଥିବାରୁ ଅନେକ ସମୟରେ ଏଭଳି ଚିତ୍ର ସାମ୍ନାକୁ ଆସୁଛି। ଗ୍ରାମବାସୀ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳୁନାହିଁ। ଗ୍ରାମବାସୀ ନଦୀରେ ଏକ କାଠ ପୋଲ ନିର୍ମାଣ କରିଛନ୍ତି। ହେଲେ ବାରମ୍ବାର ଏଭଳି ଚିତ୍ର ସାମ୍ନାକୁ ଆସିଲେ ମଧ ଓ ଗ୍ରାମବାସୀଙ୍କ ଅଭିଯୋଗ ପରେ ସୁଦ୍ଧା ଶୋଇ ଥାଇ ଚେଇଁ ଥିବା ଅଭିନୟ କରୁଛି ଉଭୟ ଶାସନ ଓ ପ୍ରଶାସନ।



ଖଟିଆରେ ବୁହା ଗର୍ଭବତୀ।

# ଧର୍ମଗଡ଼ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି




ଧର୍ମଗଡ ବ୍ଲକ ସରପଞ୍ଚ ସଂଘର ଆୟୋଜିତ ଶୋଭାଯାତ୍ରା।

ଧର୍ମଗଡ଼,୩୦।୧୨(ଡି.ଏନ.ଏ.)

### ବ୍ଲକ ସରପଞ୍ଚ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡକୁ ଜିଲା ଦାବି ନେଇ ଶୁକ୍ରବାର ସ୍ଥାନୀୟ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଧର୍ମଗଡ ମା' ଭଣ୍ଡାର ଘରଣୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଆସି ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର କରାଯିବ ବୋଲି କୁହାଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଧର୍ମଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ହାଡିରାମ ଦୁର୍ଗାଙ୍କ ନେତୃତ୍ୱରେ ଛିଲିପା ପଞ୍ଚାୟତ ସରପଞ୍ଚ ବିଭୁଦତ୍ତ ପ୍ରଧାନି, ବ୍ରାହ୍ମଣ ଛେଣ୍ଡିଆର ମନୋଜ କୁମାର ନାଏକ, ବଡବସୁଲର ମକୁନ୍ଦ ଶବର, ବଡଫୁର୍ଲାର ପଙ୍କଜିନି ଶବର, ବୋଡ଼େନର ଅର୍ଜୁନ ବାଗ, ଧଅଁରପୁରର ଗୌରୀ ସେଠୀଆ, ପର୍ଲାର ବ୍ରିଜଲାଲ ନାଏକ, ବଡଘୁମରର ଜନ୍ମେଜୟ ନାଏକ, ଗଡିଆଯୋରର ଉଦିତ ନାଏକ, ଛଞ୍ଚାଣ ବାହିଲିର ପ୍ରୀତି ବେମାଲ, ଖଇରପଦର ପ୍ରୀତି ବେମାଲ, କାଙ୍କେରି ମମତା କେତକୀ, ସନ୍ଧି କୁଲିହାରି ଜଗତରାମ ବାଗ, ଜୟନ୍ତପୁର ଜୟନ୍ତୀ ବାଗ, ତମ୍ବାଛଡ଼ା ପଞ୍ଚାୟତର ଆଶୁତୋଷ ପଟ୍ଟଯୋଷୀଙ୍କ ସମେତ ନିର୍ବାଚିତ ସଦସ୍ୟଙ୍କ ପ୍ରତିନିଧିମାନେ ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇଥିଲେ। ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଷୀ, ବିଜୁ ଜନତା ଦଳର ନେତା ଥବିର ପ୍ରସାଦ ସାହୁ, ଭାଜପା ନେତା ଲକ୍ଷ୍ମୀକାନ୍ତ ବାଗ, ତିଳୋତ୍ତମା ନାଏକ ପ୍ରମୁଖ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

## ଆନ୍ଧ୍ରରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ନୂଆପଡ଼ା ଅଫିସ,୩୦।୧୨

ନୂଆପଡା ଜିଲା କୋମନା ଥାନା ଭେଲା ଗ୍ରାମର ଜଣେ ଟ୍ରାକ୍ଟର ଡ୍ରାଇଭର ପରିବାର ସହ ଆନ୍ଧ୍ରକୁ ଏକ ଇଟା ଭାଟିରେ କାମ କରିବାକୁ ଯାଇ ଟ୍ରାକ୍ଟର ଚାପାରେ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ମୃତକ ଜଣକ ହେଲେ କୋମନା ଥାନା ଭେଲା ଗ୍ରାମର ଉଗ୍ରେସନ ରଣା (୩୦)। ସୂଚନା ଅନୁସାରେ ଗତ କିଛି ମାସ ତଳେ ଉଗ୍ରେସନ ସ୍ତ୍ରୀ ସୁନାଫୁଲ ଓ ଦୁଇ ପିଲାକୁ ସାଙ୍ଗରେ ନେଇ ଆନ୍ଧ୍ରପ୍ରଦେଶର ଏକ ଇଟାଭାଟିରେ କାମ କରିବାକୁ ଯାଇଥିଲେ। ପରିବାରର ୩ଜଣ ସଦସ୍ୟ ଇଟା ତିଆରି କାମରେ ନିୟୋଜିତ ଥିବା ବେଳେ ଉଗ୍ରେସନ କମ୍ପାନୀର ଟ୍ରାକ୍ଟର ଡ୍ରାଇଭର ଭାବେ କରୁଥିଲେ। ଶୁକ୍ରବାର ସକାଳ ୮ଟାରେ ଉଗ୍ରେସନ ଇଟାଭାଟିରେ ଟ୍ରାକ୍ଟର ଚଳାଉଥିବା ବେଳେ ଉଲଟି ପଡିଥିଲା। ଉଗ୍ରେସନ ଟ୍ରାକ୍ଟର ତଳେ ଚାପି ହୋଇ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ନୂଆପଡା ଦାଦନପ୍ରବଣ ତଥା ଆଦିବାସୀ ଅଧୁଷିତ ଜିଲା। ଏଠାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୫୦ ଦିନର କାମ ଯୋଗାଇ ଦେବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଛି। ହେଲେ ଜିଲା ପ୍ରଶାସନର ଉଦାରତା ଓ ଅବହେଳା ଯୋଗୁ ଜିଲାର ଲୋକେ କାମ ନ ପାଇ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଇ ମୃତ୍ୟୁମୁଖରେ ପଡୁଥିବା ଅନେକ ନଜରି ରହିଛି। ଜିଲାରେ ଆଗରୁ ଅନେକ ଦାଦନ ଶ୍ରମିକ ମୃତ୍ୟୁ ହୋଇ ଗାଁକୁ ଶବ ହୋଇ ଫେରିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଛି। ହେଲେ ଜିଲା ପ୍ରଶାସନ କିମ୍ବା ଶ୍ରମ ବିଭାଗ ଗୁରୁତ୍ୱ ଦେଉନାହିଁ। ଏ ସମ୍ପର୍କରେ ସାଧାରଣ ଜନତାଠାରୁ ଆରମ୍ଭ କରି ନେତା ପର୍ଯ୍ୟନ୍ତ ଜିଲା ପ୍ରଶାସନଠାରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଲାଇସେନ୍ସ ପ୍ରାପ୍ତ ଶ୍ରମିକ ଦଲାଲଙ୍କ ନାମରେ ୨୫ଜଣ ଶ୍ରମିକ ନେବା ପାଇ ଅନୁମତି ଥିବା ବେଳେ ଅଧିକ ଚାଲାଣ କରୁଛନ୍ତି। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା ଓ ଅତିରିକ୍ତ ଶ୍ରମ ଅଧିକାରୀ ଦିବ୍ୟ ଶଙ୍କର ଧରୁଆଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

## ମଣ୍ଡିର ଅବ୍ୟବସ୍ଥା ନେଇ ଭାଜପାର ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭବାନୀପାଟଣା,୩୦।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲାର ମଣ୍ଡିଗୁଡିକର ଅବ୍ୟବସ୍ଥା ଓ ଚାଷୀମାରଣ ନିତୀ ବିରୋଧରେ ଶୁକ୍ରବାର ଭାଜପା ପକ୍ଷରୁ ଜିଲାପାଳଙ୍କୁ ୮ଦଫା ଦାବି ପ୍ରଦାନ କରାଯାଇଛି। ଏଥିରେ ଫେବୃୟାରୀ ଓ ମାର୍ଚ୍ଚ ମାସରେ ଥିବା ଟୋକନଗୁଡିକୁ ଜାନୁୟାରୀ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରିବା, ମିଲର୍ସ ଓ ଦଲାଲ ଦ୍ୱାରା ମଣ୍ଡିଗୁଡିକରେ କୁଇଣ୍ଟାଲ ପ୍ରତି ୬ କିଗ୍ରା କଟନି ଛଟନି ବନ୍ଦ କରିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ୨୦୪୦ ଟଙ୍କା କୁଇଣ୍ଟାଲ ପ୍ରତି ଦରକୁ ପ୍ରତି ଚାଷୀ ପାଇବାର ବ୍ୟବସ୍ଥା କରିବା, ଚାଷୀଙ୍କୁ ବସ୍ତା ଓ ସୁତା ଏସଏଚଜି ଓ ପାକ୍ସ ଯୋଗାଣ କରନ୍ତୁ ଓ ପୂର୍ବ ବର୍ଷଗୁଡିକର ବସ୍ତା ଫେରାଯାଉ ଆଦି ବିଭିନ୍ନ ଦାବି ଉଲ୍ଲେଖ କରାଯାଇଛି। କଳାହାଣ୍ଡି ଏମପି ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ସାଧାରଣ ସମ୍ପାଦକ ଯୁଗୋଲ କିଶୋର ପୋଢ, ଭଣ୍ଡେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ହାତକୁ ହାତ ଯୋଡ଼ କାର୍ଯ୍ୟକର୍ତ୍ତା ସମ୍ମିଳନୀ




ଉପସ୍ଥିତ କଂଗ୍ରେସ କର୍ମୀ।

ନୂଆପଡ଼ା ଅଫିସ,୩୦।୧୨

ନୂଆପଡା ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱ ଓ କୋମନା ବ୍ଲକ ସଭାପତି କୈଳାସ ଚନ୍ଦ୍ର ବାଗଙ୍କ ସଭାପତିତ୍ୱରେ ଶୁକ୍ରବାର କୋମନାଠାରେ କଂଗ୍ରେସର ହାତକୁ ହାତ ଯୋଡ଼ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋମନା ପର୍ଯ୍ୟବେକ୍ଷକ ଭାବେ ଜିଲା ସମ୍ପାଦକ ସୌରଭ ଚନ୍ଦ୍ରକାର ମୁଖ୍ୟଅତିଥି ଭାବରେ ଯୋଗଦେଇ କୋମନା ବ୍ଲକରେ କଂଗ୍ରେସ ଭୂମିକା କ'ଣ ରହିବ ଓ ଆଗାମୀ ୨୦୨୪ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବା ପାଇଁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଭକ୍ତରାମ ଶବର, ନୂଆପଡା ଯୁବ ବିଧାନସଭା ସଭାପତି ଶାହରୁଖ ଖାନ, କୋମନା ବ୍ଲକ ସଭାପତି ନରେନ୍ଦ୍ର ନାଗ, ଭୀମ ଯାଦବ, ବିରାଟ ତାଣ୍ଡି, ଦେବାଶିଷ ତାଣ୍ଡି, ଦେବେନ୍ଦ୍ର ତାଣ୍ଡି, ଅସିତ ଦୁରିଆ, ଗଣ୍ଡାରାମ ମାଝି, କ୍ଷେତ୍ର ମୋହନ ମାଝି ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତଥିଲେ।

## ଦର୍ଶକଙ୍କୁ ଆକର୍ଷିତ କଲା ଜନଜାତି ସାମଗ୍ରୀ



ଜନଜାତି ସାଧନ କେନ୍ଦ୍ର ପକ୍ଷରୁ ନିର୍ମିତ ଆଦିବାସୀ କୁଟୀର।

ଭବାନୀପାଟଣା,୩୦।୧୨(ସ୍ୱ.ପ୍ର.)

### କଳାହାଣ୍ଡି କନ୍‌କ୍ଲେଭ

ଭବାନୀପାଟଣା ଟାଉନ ହଲରେ ଆୟୋଜିତ କଳାହାଣ୍ଡି କନ୍‌କ୍ଲେଭ 'ଚାଲ ଦେଖମା ଆମର୍ କଳାହାଣ୍ଡି'ରେ ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ ଏକ ଜନଜାତି ସାମଗ୍ରୀ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଜନଜାତି ସାଧନ କେନ୍ଦ୍ର ପକ୍ଷରୁ ନିର୍ମିତ ଆଦିବାସୀ କୁଟୀର, ମଞ୍ଚା, ଲୁପ୍ତପ୍ରାୟ ଅଳଙ୍କାର, ଅସ୍ତ୍ରଶସ୍ତ୍ର, କୃଷି ଓ ଘରୋଇ ଉପକରଣ ଅତିଥି ଓ ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ଲୋକେ ସମସ୍ତ ସାମଗ୍ରୀ ଦେଖିବା ସହ ଫଟୋ ଉଠାଇଥିଲେ। ଏହାକୁ ଡିଜାଇନ କରିଥିଲେ ଯୁବ ଲେଖକ ତଥା କେନ୍ଦ୍ରର ଗାଇଡ ଡିଲେଶ୍ୱର ରଣା, ଉଛଳା ସିଆରସିସି ଅଜିତ ପଧାନ ଓ ଯୁବ ଲେଖକ ତଥା ସରିଆଁ ସିଆରସିସି ସୁଧୀର କୁମାର ଧଙ୍ଗଡ଼ାମାଝି। ସହଯୋଗ କରିଥିଲେ କେନ୍ଦ୍ରର ଇନଚାର୍ଜ ଯୁଗେଶ୍ୱର ମାଝି, ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାଶ ଓ ବନ୍ଧପାରୀ ସିଆରସିସି ତ୍ରିନାଥ ଶ୍ୟାମ କୁମାର। କଳାହାଣ୍ଡି ଶିକ୍ଷା ବିଭାଗର ଏହି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ପ୍ରିମିୟର ଲିଗ୍: ନ୍ୟୁଷ୍ଟାର ଚାମ୍ପିୟନ

ଜୁନାଗଡ,୩୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନକଟିଗୁଡା ପଞ୍ଚାୟତରେ ଚାଲିଥିବା ନକଟିଗୁଡା ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ନ୍ୟୁଷ୍ଟାର ଓ ଷ୍ଟାର ଲାଇନ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟାର ଲାଇନକୁ ୧୮ରନ୍‌ରେ ହରାଇ ନିଉଷ୍ଟାର ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ନକଟିଗୁଡା ସରପଞ୍ଚ ହାକିମ କୁମାର ଟହଲିଆ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସ୍କୁଲ ପ୍ରଧାନ ଶିକ୍ଷକ ବିଭୁ ରଞ୍ଜନ ସରାଫ, ଜିଆରଏସ୍ ସୁଶାନ୍ତ ମେହେର, ଯୋଗାଣ ସହାୟକ ପ୍ରଭାସ ଚନ୍ଦ୍ର ସରାଫଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟ ଯୋଗଦେଇଥିଲେ।




ସରପଞ୍ଚ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

## ବ୍ଲକସ୍ତରୀୟ ଯାଦବ ସମାବେଶ, କର୍ମକର୍ତ୍ତା ନିର୍ବାଚନ

କର୍ଲାମୁଣ୍ଡା,୩୦।୧୨(ଡି.ଏନ.ଏ.)

### ଗରୁଡଧ୍ୱଜ ସଭାପତି, ନରୋତ୍ତମ ସମ୍ପାଦକ

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାସ୍ଥିତ ବେଲପଡା ପାଟଖଣ୍ଡା ଯାତ୍ରା ପଡିଆଠାରେ କର୍ଲାମୁଣ୍ଡା ବ୍ଲକସ୍ତରୀୟ ଯାଦବ ସମାବେଶ ଓ ବ୍ଲକସ୍ତରୀୟ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଗରୁଡଧ୍ୱଜ ଗହୀରଙ୍କ ସଭାପତିତ୍ୱରେ ଜିଲା ଯାଦବ ମହାସଭା ସଭାପତି ତଥା କେସିଙ୍ଗା ନଗରପାଳ ନୃପରାଜ ଯାଦବ ମୁଖ୍ୟଅତିଥି, ଉତ୍କଳ ଯାଦବ ମହାସଭା ସାଧାରଣ ସମ୍ପାଦକ କୀର୍ତ୍ତନ ନାଏକ ମୁଖ୍ୟବକ୍ତା, ଜିଲା ସାଧାରଣ ସମ୍ପାଦକ ସଞ୍ଜୟ ଧଙ୍ଗଡା ମାଝି, ଜିଲା ଉପସଭାପତି ଦୁଲଭ ମାହାର, ଜିଲା ଯୁବ ଯାଦବ ସଭାପତି ଗୋବିନ୍ଦ ବନଛୋର, ପୂର୍ବତନ ବ୍ଲକ ସଭାପତି ଲୋକନାଥ ଗହୀର, ବ୍ଲକ ଯୁବଯାଦବ ସଭାପତି ଅରବିନ୍ଦ ଗହୀର, ବରିଷ୍ଠ ଯାଦବ ସଙ୍ଗଠକ ମୋହନ ଥାପା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯାଦବ ସମାଜର ସାଙ୍ଗଠାନିକ ଅଭିବୃଦ୍ଧି, ଜନଗଣନା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର କନଷ୍ଟେବଲ ନିଯୁକ୍ତିରେ ଓବିସିଙ୍କ ପ୍ରତି ସ୍ଥାନ ସଂରକ୍ଷଣ କରାଯାଇ ନ ଥିବାରୁ ନିନ୍ଦା କରାଯାଇଥିଲା। ନୀଳମଣି ଗହୀର ସଭା ସଂଯୋଜନା କରିଥିବା ବେଳେ ବ୍ଲକ ସାଧାରଣ ସମ୍ପାଦକ ନରୋତ୍ତମ ସେଲମା ବିବରଣୀ ପାଠ କରିଥିଲେ। କର୍ମକର୍ତ୍ତା ନିର୍ବାଚନରେ ଲଗାତାର ଭାବେ ତୃତୀୟ ଥର ପାଇଁ ଶିକ୍ଷାବିତ ଗରୁଡଧ୍ୱଜ ଗହୀର ଓ ନରୋତ୍ତମ ସେଲମା ସାଧାରଣ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଉପସଭାପତି ଭାବେ ମୂରଲୀ ପୋଢ ଓ ମାୟାଧର ଭୋଇ, ଯୁଗ୍ମସମ୍ପାଦକ ଭାବେ ମକରଧ୍ୱଜ ବାଗ ଓ କୋଷାଧକ୍ଷ ଭାବେ ବିଦେଶୀ ଘିଭେଲା ମନୋନୀତ ହୋଇଥିଲେ। ସମାବେଶରେ ବ୍ଲକର ସମସ୍ତ ଅଞ୍ଚଳରୁ ପ୍ରାୟ ୨ଶହରୁ ଅଧିକ ଯାଦବ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗଜାନନ ଗହୀର, ତରୁଣ ଗହୀର, ବୃନ୍ଦାବନ ବାଗ, ଶିଶିର ଗହୀର, ପ୍ରଦୀପ ଗହୀର (ସୁରୁ), ରତ୍ନାକାର ଭୋଇ, ପୁଣ୍ଡାରୀକାକ୍ଷ ଗହୀର, ନୀଳମଣି ବାଗଙ୍କ ସମେତ ତେରେସିଂହା ଓ କୁନ୍ଦେଇପାଲି ଗ୍ରାମ ଯାଦବ କମିଟି ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କ୍ରାନ୍ତି ଦିବସ

ଭବାନୀପାଟଣା,୩୦।୧୨(ସ୍ୱ.ପ୍ର.)

ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନାୟକ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଦେଶ ପାଇଁ ଅବଦାନ ଅତୁଳନୀୟ। ଏହି ଅବସରରେ ନେତାଜୀଙ୍କ ମହାନ୍ ଆଦର୍ଶକୁ ପାଥେୟ କରି ଜନସାଧାରଣଙ୍କ ମଧରେ କ୍ରାନ୍ତିକାରୀ ଚେତନା ଜାଗ୍ରତ ନିମନ୍ତେ ଶୁକ୍ରବାର କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ଭବାନୀପାଟଣା ଟାଉନହଲ୍‌ଠାରେ କ୍ରାନ୍ତି ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗବେଷକ ଅନୀଲ ଧୀର, ଉଦ୍‌ଘାଟକ ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା, ସମ୍ମାନିତ ଅତିଥି ଇଂ ମୀନକେତନ ମିଶ୍ର ଓ ମୁଖ୍ୟବକ୍ତା ଭାବେ ଭାରତୀୟ ଶିକ୍ଷଣ ମଣ୍ଡଳର ବିସ୍ତାରକ ରାଜୀବ ନୟନ ଓଝା ଯୋଗଦେଇଥିଲେ। ପରିଷଦ ଅଧକ୍ଷା ଡ. ସୁନୀତି ମୁଣ୍ଡ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ପରିଷଦ ପକ୍ଷରୁ ଅବିଭକ୍ତ କଳାହାଣ୍ଡି ଜିଲାର ୧୮ଟି ବ୍ଲକ୍ ଏକ କ୍ରାନ୍ତିଯାତ୍ରା ପରିକ୍ରମା କରିବ। ଜନସାଧାରଣଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ପ୍ରତି ଏହି ପଦଯାତ୍ରା ସଚେତନ କରାଇବ। ଏହି ଅବସରରେ ମୁଖ୍ୟଅତିଥି ଗବେଷକ ଅନୀଲ ଧିର ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଭାରତୀୟ ରାଷ୍ଟ୍ରୀୟ ସେନାରେ ଓଡିଆଙ୍କ ଭୂମିକା ଓ ଆଜିର ଭାରତରେ ନେତାଜୀଙ୍କ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରାଜୀବ ନୟନ ଓଝା ଯୁବ ସମାଜକୁ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସର୍ବୋଦୟ ସାହିତ୍ୟ ସଂସଦର ସମ୍ପାଦକ ଯୋଗଦେଇ ସତ୍ୟର ସ୍ୱରକୁ କେହି ଯୋରଜବରଦସ୍ତ ଗଳାରୁଦ୍ଧ କରିପାରିବେନାହିଁ। ସମୟ ଆସିବ ପାପମାନେ ନିଜ କୁଣ୍ଡରେ ଅବଗାହନ କରିବେ ଇଚ୍ଛାମୃତ୍ୟୁର ଅଭିଳାଷ ବୋଲି କହିଥିଲେ। କାର୍ଯ୍ୟକ୍ରମ ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସୁରେନ୍ଦ୍ର ପଣ୍ଡାଙ୍କ ପ୍ରୋତ୍ସାହନରେ କ୍ରାନ୍ତି ସଂଗୀତ ଗାନ କରିଥିଲେ ଲେଖକ କଳା ପରିଷଦର କଳାକାରମାନେ। ଏହା ପରେ କବି ସନ୍ତୋଷ ରଥ, ପଦ୍ମଲୋଚନ ମିଶ୍ର, ସୁଦର୍ଶନ ଦାସ, ସତ୍ୟନାରାୟଣ ମହାପାତ୍ର, ଯାଦବେନ୍ଦ୍ର ସାହା, ଡିଲେଶ୍ୱର ରଣା, ସୁଧିର ଧଙ୍ଗଡାମାଝି ଓ ସୁମତି ମୁଣ୍ଡ ସ୍ୱରଚିତ କ୍ରାନ୍ତିକବିତା ପାଠ କରିଥିଲେ। ନାଟ୍ୟାୟନ ପକ୍ଷରୁ ନାଟକ 'ଆଜାଦ୍' ପରିବେଷଣ କରାଯାଇଥିଲା। ଶେଷରେ ତ୍ରିରଙ୍ଗା ପତକା ଉତ୍ତୋଳନ କରି କ୍ରାନ୍ତିଯାତ୍ରାର ଶୁଭାରମ୍ଭ ହୋଇଥିଲା। କ୍ରାନ୍ତିଯାତ୍ରାରେ ଜିଲାର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏହି ଯାତ୍ରା ୨୩ ଜାନୁୟାରୀ ୨୦୨୩ରେ ପରାକ୍ରମ ଦିବସରେ ଉଦ୍‌ଯାପିତ ହେବ ବୋଲି ପରିଷଦ ଅଧକ୍ଷା ମୁଣ୍ଡ ଘୋଷଣା କରିଥିଲେ। ଏହି ମହତ୍ ଅଭିଯାନରେ ସାମିଲ୍ ହୋଇ ବିକଶିତ କଳାହାଣ୍ଡି ଗଠନରେ ସହଭାଗୀ ହେବାକୁ ସେ ନିବେଦନ କରିଛନ୍ତି।

### ନିଜ ଅଧିକାରର ସୁରକ୍ଷା, ସୁସ୍ଥ ସମାଜ ଗଠନ ପାଇଁ କ୍ରାନ୍ତିଯାତ୍ରା




କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ।


ବରଗଡ଼ ଟାଉନ ଥାନାରେ କଂସ ମହାରାଜ।


ଗୋପପୁରରେ ବକାସୁର ବଧ।


ହାଟପଦାସ୍ଥିତ କଂସ ଦରବାର।

## ସଂସ୍କୃତ ମହାବିଦ୍ୟାଳୟରେ ରେଡ୍‌କ୍ରସ ଉଦ୍‌ଘାଟନ

ପଦ୍ମପୁର, ୩୦।୧୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ବରିକେଲ ଲାଲଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟରେ ରେଡ୍‌କ୍ରସ ଉଦ୍‌ଘାଟନ ହୋଇଛି। ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରଗଡ ଜିଲା ରେଡ୍‌କ୍ରସ ସଂଯୋଜକ ପ୍ରାଧ୍ୟାପକ ପରମାନନ୍ଦ ରଥ, ଜିଲା ସମ୍ପାଦକ ତଥା ଆବାହକ ଡ. ମାନଭଞ୍ଜନ ପାଣିଗ୍ରାହୀ, ଡ. ଖ୍ୟାତିମୟ ତ୍ରିପାଠୀ ରେଡ୍‌କ୍ରସର ମହତ୍ତ୍ୱ ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। କାଉନସେଲର ରମେଶ ପୂଜାହାରୀ ମହାବିଦ୍ୟାଳୟରେ ରେଡ୍‌କ୍ରସର ଆବଶ୍ୟକତା ଥିଲା। ତାହା ପୂରଣ ହୋଇଥିବାରୁ ସମ୍ପୃକ୍ତ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଅଧ୍ୟାପକ ଭାଗିରଥି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୀତାରାମ ସାହୁ, ଡା. ବନମାଳି ଚୌହାନ, ଅଧ୍ୟାପିକା ମନ୍ଦାକିନୀ ପାଢୀ, ସଂହିତା ବେହେରା, ବିଜୟ ରଞ୍ଜନ ମେହେର, ଅଭୟ ମହାନ୍ତି, ଫକୀର ମୋହନ ସାହା, ରାଜକୁମାର ମଲ୍ଲିକ, ସଂକୀର୍ତ୍ତନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଅଜୟ ସାହୁ ଧନ୍ୟବାଦ ଦେଇଥିଲେ।

## ଧନୁଯାତ୍ରା ହୀରକ ଜୟନ୍ତୀ

# କିଛି କଥା, କିଛି ବ୍ୟଥା

ମଥୁରାନଗରୀ,୩୦।୧୨

### ଧୂଳିରେ ଧନୁଯାତ୍ରା

ମଥୁରାନଗରୀରେ ଧୂଳି ସମସ୍ୟା ନୂଆ ନୁହେଁ। ଏଥିପାଇଁ ପୂର୍ବରୁ ସହର ମୁଖ୍ୟରାସ୍ତା ଗୁଡ଼ିକରେ ନିୟମିତ ଦୁଇଓଳି ପାଣି ସିଞ୍ଚନ କରାଯାଉଥିଲା। ଏପରିକି ପୌର ପରିଷଦ ପକ୍ଷରୁ ଧୂଳିଉଠା ମେଶିନ ବ୍ୟବହାର କରାଯାଉଥିଲା। ମାତ୍ର ଏବେ ଧୂଳିଉଠା ମେଶିନ ଗାଡ଼ି ଆଉ ସହରରେ ବୁଲିବା ଦେଖିବାକୁ ମିଳୁନାହିଁ। ପୌର ପରିଷଦ ଅଫିସ୍ ପରିସରରେ ତାହା ଖତ ଖାଉଥିବ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ଧନୁଯାତ୍ରା ଯୋଗୁ ଏହି ସମସ୍ୟା ଆହୁରି ବଢ଼ିଯାଇଛି। ଶୁକ୍ରବାରଠାରୁ ପାଣି ସିଞ୍ଚନ ହୋଇଛି, ମାତ୍ର ତାହା ଧର୍ମକୁ ଆଖିଠାର ଭଳି। ଧନୁଯାତ୍ରା ଦେଖିବାକୁ ଆସୁଥିବା ଦର୍ଶକ ଧୂଳିରେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ସେହିପରି ମଥୁରାନଗରୀରୁ ଗୋପପୁରକୁ ସଂଯୋଗ କରୁଥିବା ଯମୁନା ଫେୟାର ୱେଦର ରାସ୍ତାରେ ଏହି ସମସ୍ୟା ଆହୁରି ଜଟିଳ ହୋଇପଡ଼ିଛି। ଏଭଳି ସ୍ଥଳେ ଧୂଳିଉଠା ମେଶିନ ଗାଡ଼ି ବ୍ୟବହାର ସହିତ ନିୟମିତ ଦୁଇଓଳି ମୁଖ୍ୟରାସ୍ତା ଗୁଡ଼ିକରେ ଯଥା ଯମୁନା ନଦୀ ଫେୟାରୱେଦର ରାସ୍ତାରେ ପାଣି ସିଞ୍ଚନ କରାଯାଉ ବୋଲି ଉଭୟ ମଥୁରା, ଗୋପବାସୀ ଦାବି କରିଛନ୍ତି ।

### ପଲ୍ଲିଶ୍ରୀ ମେଳାରୁ ଗାଏବ ଅତିଥିଙ୍କ ଉପଢ଼ୌକନ

ଯମୁନା କୂଳରେ ଓରମାସ୍ ପକ୍ଷରୁ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ ହୋଇଥିଲା। ମେଳାକୁ ଉଦ୍‌ଘାଟନ ପାଇଁ ଅତିଥି ଭାବେ ମନ୍ତ୍ରୀ, ବିଧାୟିକା ପ୍ରମୁଖ ପହଞ୍ଚିଥିଲେ। ଅତିଥିଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟାଗ୍ ଗୁଡ଼ିକରେ ଉପଢ଼ୌକନ ରଖାଯାଇଥିଲା। ତେବେ ଅତିଥିଙ୍କୁ ସମ୍ବର୍ଦ୍ଧନା ଦେବା ପୂର୍ବରୁ ତାହା ସେଠାରୁ ଗାଏବ ହୋଇ ଯାଇଥିଲା। କେବଳ ସେତିକି ନୁହେଁ, ହକି ବିଶ୍ୱକପ୍ ପାଇଁ କିଛି ନିର୍ଦ୍ଦିଷ୍ଟ ପ୍ରତିଭାଙ୍କୁ ଦେବା ପାଇଁ ସ୍ୱତନ୍ତ୍ର ଟି-ସାର୍ଟ ମଧ୍ୟ ରଖାଯାଇଥିଲା। ହେଲେ ସମ୍ପୃକ୍ତ ପ୍ରତିଭାଙ୍କୁ ଦେବାବେଳେ ତାହା ବି ନ ଥିଲା। ବିଡ଼ମ୍ବନାର ବିଷୟ, ଆୟୋଜକଙ୍କ ବାରଣ ସତ୍ତ୍ୱେ ଖବର ସଂଗ୍ରହ ଆଳରେ ସେଠାକୁ ଯାଇଥିବା କିଛି ତଥାକଥିତ ସାମ୍ବାଦିକ ସେହି ଉପଢ଼ୌକନ, ଟି-ସାର୍ଟ ନେଇଯିବା ଏବେ ମଥୁରାନଗରୀରେ ଚର୍ଚ୍ଚାର ବିଷୟ ହୋଇଛି।

### ଷ୍ଟେଜ୍‌କୁ ନ ଭାବ ଫଟୋ ଷ୍ଟୁଡ଼ିଓ

ଧନୁଯାତ୍ରାରେ ରାଜଦରବାର, ରଙ୍ଗମହଲ ମଞ୍ଚ (ଷ୍ଟେଜ୍)ର ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଷ୍ଟେଜ ଉପରକୁ ଚଢ଼ିବା ପାଇଁ କଟକଣା ବି ରହିଛି। ଏପରିକି ଦୃଶ୍ୟାଭିନୟ ନ ଥିଲେ ଧନୁଯାତ୍ରା କଳାକାର ମଧ୍ୟ କମିଟିର ବିନାନୁମତିରେ ମଞ୍ଚ ଉପରକୁ ଯାଇପାରିବେ ନାହିଁ। ମାତ୍ର ଷ୍ଟେଜକୁ କିଛି ଲୋକ ଫଟୋ ଷ୍ଟୁଡ଼ିଓ ଭାବୁଥିବା ପରିଲକ୍ଷିତ ହୋଇଛି । ଗୁରୁବାର ରଙ୍ଗମହଲ ମଞ୍ଚରେ ଧନୁଯାତ୍ରା ରଙ୍ଗୋଲିରେ ଭାଗ ନେଇଥିବା ଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଯେଉଁ ଶିଳ୍ପୀ ଏବଂ ଅନୁଷ୍ଠାନ ଭାଗ ନେଇଥିଲେ, ଧନୁଯାତ୍ରା ପ୍ରଚାର ପ୍ରସାର କମିଟିର ଆବାହିକା ତାଙ୍କ ନାମ ଘୋଷଣା କରି ମଞ୍ଚକୁ ଆମନ୍ତ୍ରଣ କରିଥିଲେ। କଂସ ମହାରାଜ ସେମାନଙ୍କୁ ପୁରସ୍କୃତ ମଧ୍ୟ କରିଥିଲେ। ମାତ୍ର ମଞ୍ଚରେ ଫଟୋ ହେବା ସହିତ ଧନୁଯାତ୍ରା ଦର୍ଶକଙ୍କୁ ନିଜ ଚେହେରା ଦେଖାଇବା ତଥା ଗଣମାଧ୍ୟମରେ ଆସିବା ଆଶା ରଖି ରଙ୍ଗୋଲିରେ ଭାଗ ନେଇଥିବା ଅନ୍ୟ କିଛି ଲୋକ ମଞ୍ଚ ଉପରକୁ ଚଢ଼ିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

### ପରିବାର ପାଇଁ ନୁହେଁ ଫୋର୍ ହ୍ୱିଲର ପାସ୍

ଧନୁଯାତ୍ରା କମିଟିର କର୍ମକର୍ତ୍ତା ତଥା ସରକାରୀ ଅଧିକାରୀ କିଛି ଫୋର୍ ହ୍ୱିଲର୍ ପାସ୍ ହାତେଇଛନ୍ତି। ଏହାସହିତ ଆଉ କେତେକ ଭେଇକିଲ୍ ପାସ୍ ପ୍ରଦାନ କରୁଥିବା ଅଧିକାରୀଙ୍କୁ ହାତ ପାତି ସେଭଳି ପାସ୍ ପାଇଥିବାବେଳେ ସମ୍ପୃକ୍ତ ଅଧିକାରୀ ନିଜ ପରିଚିତ ଲୋକଙ୍କୁ ସେହି ପାସ୍ ଦେଉଥିବା କୁହାଯାଉଛି। ତେବେ ଧନୁଯାତ୍ରାରେ ଭେଇକିଲ୍ ପାସ୍‌ର ଅପବ୍ୟବହାର ହେଉଛି, ଏହା କାହାକୁ ଅଜଣା ନାହିଁ ବୋଲି ଖୋଦ୍ ମଥୁରାବାସୀ କହୁଛନ୍ତି। ସରକାରୀ କାର୍ଯ୍ୟରେ ହିଁ କିଛି ନିର୍ଦ୍ଦିଷ୍ଟ ବିଭାଗୀୟ ଅଧିକାରୀ କେବଳ ନାଲିବତୀ ଲଗାଇ ପାରିବେ। କିନ୍ତୁ ନାଲିବତୀ ଗାଡ଼ିକୁ ପରିବାର କାର୍ଯ୍ୟରେ ବ୍ୟବହାର କରିପାରିବେ ନାହିଁ। ସେହିପରି କିଛି ଧନୁଯାତ୍ରା କମିଟି କର୍ମକର୍ତ୍ତାଙ୍କୁ ଫୋର୍ ହ୍ୱିଲର ପାସ୍ ଦିଆଯାଇଛି। ମାତ୍ର ତାହା ସେମାନଙ୍କ ପରିବାରଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ। କିନ୍ତୁ ଅନେକ ସ୍ଥଳେ ଏଭଳି ଫୋର୍ ହ୍ୱିଲର ପାସ୍‌ର ଅପବ୍ୟହାର କରାଯାଉଛି ଏବଂ ସେହି ଗାଡ଼ି ସିଧାସଳଖ ମଞ୍ଚ ନିକଟରେ ପହଞ୍ଚୁଥିବା ଯୋଗୁ ଟ୍ରାଫିକ୍ ସମସ୍ୟା ଜଟିଳ ହୋଇପଡୁଛି। ଅନ୍ୟଥା ବାଇକ୍ ଆରୋହୀଙ୍କୁ ହଟହଟା କରାଯାଉଛି। ଖୋଦ୍ ମଥୁରାବାସୀ ଏଥିରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।



### ଆଜିର ଆକର୍ଷଣ

୩୧।୧୨।୨୨(ଶନିବାର)

**ମଥୁରାନଗରୀ**

କଂସ ମହାରାଜଙ୍କ ବ୍ରହ୍ମଚାରୀ ଅଞ୍ଚଳରେ ଦିଗ୍‌ବିଜୟ, ରାକ୍ଷସୀ ରାକ୍ଷସଙ୍କ ନିଧନ ଖବର ପାଇ କଂସ ମର୍ମାହତ, ପାରିଷଦ ବର୍ଗଙ୍କ ସହିତ ଆପାତ ବୈଠକ ।

**ଗୋପପୁର**

କୃଷ୍ଣ, ବଳରାମଙ୍କ ବାଲ୍ୟଲୀଳା, ଯାମଳାର୍ଜୁନ ଭଞ୍ଜନ, କାଳୀୟ ଦଳନ, ବିଶ୍ୱରୂପ ଦର୍ଶନ, ଗୋପୀଙ୍କ ଦଧିବିକା ।

## ଫାଇନାଲରେ ବୁରୋମୁଣ୍ଡା, ଖଏରପାଲି

ପଦ୍ମପୁର, ୩୦।୧୨(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଦୀପ୍ତିପୁରଠାରେ ୧୧ତମ ଖ୍ରୀଷ୍ଟମାସ କପ୍‌ର ଶୁକ୍ରବାର ଚତୁର୍ଥ ଦିବସରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ତେଲମହୁଲ ଓ ବୁରୋମୁଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ତେଲମହୁଲ ଦଳ ପ୍ରଥମେ ବ୍ୟାଟିଂ କରି ୧୨ଓଭରରେ ୧୪୫ରନ କରିଥିଲା। ଜବାବରେ ବୁରୋମୁଣ୍ଡା ଦଳ ୧୧ ଓଭରରେ ୧୫୦ରନ କରି ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ବୁରୋମୁଣ୍ଡା ଦଳର ଖେଳାଳି ବିରେନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ସେମିଫାଇନାଲ ଜମଲା ଓ ଖଏରପାଲି ଦଳ ମଧ୍ୟରେ ହୋଇଥିଲା। ଜମଲା ଦଳ ପ୍ରଥମେ ବ୍ୟାଟିଂ କରି ୧୦ଓଭରେ ସମସ୍ତ ଉଇକେଟ୍ ହରାଇ ୮୬ ରନ କରିଥିଲା। ଜବାବରେ ଖଏରପାଲି ଦଳ ୧୦.୨ଓଭରରେ ୫ ଉଇକେଟ ହରାଇ ୮୭ରନ୍ କରି ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଖଏରପାଲି ଦଳର ପ୍ରଶାନ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କୃତ ହୋଇଥିଲେ। ଖେଳରେ ସଞ୍ଜୟ ଦୀପ, ରାଜେଶ ରଞ୍ଜନ କୁମାର, କେମାଇକେଲ ନାଗ, ସୁଜୟ ସାଗର ଅତିଥି ଭାବେ ଯୋଗ ଦେଇଥିଲେ। ଶନିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଭାପତି ସୁଜୟ ସାଗର ସୂଚନା ଦେଇଛନ୍ତି। ଖ୍ରୀଷ୍ଟଦତ୍ତ ନନ୍ଦ, ସୁମିଲ ବେହେରା, ଅନ୍ତର୍ଯାମୀ ପଧାନ, ଶନମ ସାହୁ ଖେଳ ପରିଚାଳନା କରିଥିଲେ।

## କୃଷ୍ଣଙ୍କୁ ମାରିବା ପାଇଁ ପୁତନାଙ୍କୁ ପ୍ରେରଣ

ଅମରପାଲି,୩୦।୧୨(ଡି.ଏନ.ଏ.)

**ବୀରମହାରାଜପୁର ଆଞ୍ଚଳିକ ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମ ପରିସରରେ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ଥିଲା ଚତୁର୍ଥ ସନ୍ଧ୍ୟା। ମହାରାଜ କଂସଙ୍କ ଦରବାରରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ କମିଟିର ବରିଷ୍ଠ ଉପଦେଷ୍ଟା ଦୟାନିଧି ହୋତା ପୌରୋହିତ୍ୟ କରିଥିଲେ। ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା,ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷ ଶାନ୍ତିଲତା ମିଶ୍ର,ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଭୂଷଣ କୁମାର ପାତ୍ର,ମୁର୍ଷୁଣ୍ଡି ସରପଞ୍ଚ ମନୋଜ କୁମାର ସାହୁ,କାଦୋଦର ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ,ତହସିଲଦାର ବିବୁଧ ଗଣନାୟକ ଓ ବିଡିଓ ମୋତିଲାଲ ସୁଲିଆ,ବିଇଓ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବିନାଶ ହୋତା ସଭା ସଂଯୋଜନା କରିଥିବା ବେଳେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗିରିଧାରୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚର ବିଶିଷ୍ଟ କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁକ୍ତାକାଶ ରଙ୍ଗମଞ୍ଚରେ ନାଟ୍ୟାଭିକ୍ରମେ କଂସଙ୍କୁ ନାରଦ ମହାମୁନି ମୃତ୍ୟୁ ରହସ୍ୟର କାରଣ ପ୍ରକାଶ ଏବଂ କୃଷ୍ଣଙ୍କୁ ମାରିବା ପାଇଁ ପୁତନା କୁ ପ୍ରେରଣ କରାଯାଇଥିଲା ।ସେହିପରି ଗୁରୁବାର ସନ୍ଧ୍ୟାରେ ଧୀରେନ୍ଦ୍ର ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କଂସଙ୍କ ଆଦେଶରେ ବେହେରା ଏକ ଭଜନ ପରିବେଷଣ କରିଥିଲେ । ଯାହା ଦର୍ଶକଙ୍କ ମନକୁ ବେଶ ଛୁଇଁଥିଲା। ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ସାମାଜିକ କର୍ମୀ ସନ୍ତୋଷ ମିଶ୍ର, ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ତଥା ଧନୁଯାତ୍ରା କମିଟିର କାର୍ଯ୍ୟକାରୀ ସଭାପତି ନାରାୟଣ ଲୁହା ପ୍ରମୁଖ ସାଂସ୍କୃତିକ ବାର୍ତ୍ତା ଦେଇଥିଲେ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ ଅଭିମନ୍ୟୁ ବର୍ଗର୍ତ୍ତି। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଯୁଗଳ କିଶୋର ମିଶ୍ର। ଧନ୍ୟବାଦ ଦେଇଥିଲେ କମିଟିର ସଭାପତି ସତ୍ୟଞ୍ଜିବ ମିଶ୍ର। ଉକ୍ତ ଧନୁଯାତ୍ରାରେ ଗୋପାଳ ସାହୁ କଂସ ଭୂମିକାରେ ଅଭିନୟ କରୁଛନ୍ତି। ମଞ୍ଚରେ କଂସ ଦ୍ୱାରା କରାସନ୍ଧ ପରାସ୍ତ, ବିଜୁଳିକନ୍ୟାଙ୍କ ଶୂନ୍ୟବାଣୀରେ କଂସ ବିଚଳିତ ହେବା ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ରଙ୍ଗ ସଭାରେ ସମ୍ବଲପୁରୀ ନୃତ୍ୟ ସହିତ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା।

## ଛେଳି ମଡ଼କ, ଦିନକରେ ୧୧ ମୃତ

ଭବାନୀପାଟଣା,୩୦।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦେଦର ପଞ୍ଚାୟତ ଗୋଲାମୁଣ୍ଡା ଗ୍ରାମରେ ଗୁରୁବାର ଛେଳି ମଡକ ଦେଖିବାକୁ ମିଳିଛି। ଏହି ଗ୍ରାମର ମୋହନ ଭୋଇଙ୍କ ୧୧ ଛେଳିଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ତାଙ୍କ ପରିବାର ଏବେ ଦୁଃଖରେ ଭାଙ୍ଗି ପଡିଛନ୍ତି। ପ୍ରକାଶ ଯେ, ମୋହନଙ୍କ ସ୍ତ୍ରୀ ନିକଟସ୍ଥ ଜଙ୍ଗଲକୁ ନିଜ ୩୫ ପଟ ଛେଳି ଚରାଇବାକୁ ନେଇଥିଲେ। କିଛି ଘଣ୍ଟା ପରେ ଛେଳି ଚରୁଥିବା ସ୍ଥାନକୁ ଦେଖିବାକୁ ଗଲାବେଳେ ସେଠାରେ ୧୧ଟି ମରି ପଡିଥିବା ଦେଖିବାକୁ ପାଇଥିଲେ। ଏହି ଛେଳିଙ୍କ ମୃତଦେହ ଅଳ୍ପ ବ୍ୟବଧାନଗୁଡିକରେ ରହିଥିବାବେଳେ ପ୍ରାୟ ପେଟ ଫୁଲିଯାଇଥାଏ ଦେଖିବାକୁ ମିଳିଥିଲା। ତେବେ ବିଷାକ୍ତ ଖାଦ୍ୟ ଯୋଗୁ ଛେଳିଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଅବସ୍ଥା ଛେଳିଗୁଡିକର ଅବସ୍ଥା ବର୍ତ୍ତମାନ ସୁଦ୍ଧା ମଧ୍ୟ ଠିକ ଥିବାବେଳେ ଆଗକୁ ତାଙ୍କ ଅବସ୍ଥା କ'ଣ ହେବ ତାହା ସମୟ କହିବ।

## ବିନ୍ଧ୍ୟବାସିନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ

ପାଇକମାଲ,୩୦।୧୨(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ଏମ୍‌ଇ ସ୍କୁଲ ଖେଳ ପଡିଆରେ ବିନ୍ଧ୍ୟବାସିନୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ଉକ୍ତ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୧୮ ପ୍ରକାର ପ୍ରତିଯୋଗିତା ହୋଇଥିଲା। ଖେଳ ଶିକ୍ଷକ ଦୟାସାଗର ନାୟକ, ଦୁର୍ଯ୍ୟୋଧନ ତ୍ରିପାଠୀ, ରାଧାକାନ୍ତ ପୁରୋହିତ, ଜୟଦେବ ପ୍ରଧାନ, ରବିଚନ୍ଦ୍ର ପାଣ୍ଡେ, ସୁବାସ ପ୍ରଧାନ, ହିମାଂଶୁ ପ୍ରଧାନ, ପ୍ରଶାନ୍ତ ସାହୁ, ସବିତା ଭୋଇ, ମଧୁସ୍ମିତା ପ୍ରଧାନା, ଅମ୍ଳାନ ପଣ୍ଡା, ତେଜରାଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ାବିତ୍ କୁସୁମ ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଆ ଅଧ୍ୟାପିକା ରଞ୍ଜିତା ମହାନ୍ତି ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରାଜେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ମିନକେତନ ବେହେରା ବିବରଣୀ ପଠନ କରିଥିଲେ। ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ ସଭାପତିତ୍ୱରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅଧ୍ୟାପିକା ନିରୁପମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଦିନ ସପ୍ତାହ ଉଦ୍‌ଯାପିତ


ବଡ଼ଦିନ ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ ।

ମଥୁରାନଗରୀ,୩୦।୧୨

ବରଗଡ଼ ଗାନ୍ଧୀନଗର ସ୍ଥିତ ସିଏନ୍‌ଆଇ ଚର୍ଚ୍ଚରେ ବଡ଼ଦିନ ସପ୍ତାହ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ମହିଳା କଲେଜ ଅଧ୍ୟକ୍ଷ ଦଧିବାମନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ରାଜନ ଦୀପ ଉତ୍ସବ ପରିଚାଳନା କରିଥିଲେ। ଶ୍ୟାମ କୁମାର ଦୀପ ବାକ୍ୟ ପରିବେଷଣ କରିଥିଲେ। ଅଶ୍ଳିଷା କୁମ୍ଭାର ଏବଂ ପ୍ରେରଣା ନନ୍ଦ ସଙ୍ଗୀତ ପରିବେଷଣ କରିଥିଲେ। ଆଚାର୍ଯ୍ୟ ଅମୂଲ୍ୟ ସୁନା ଶେଷ ପ୍ରାର୍ଥନା କରିଥିଲେ। ମଣ୍ଡଳୀ ସମ୍ପାଦକ ଚନ୍ଦ୍ରଶେଖର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ତରଭା ଉର୍ସ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ତରଭା, ୩୦।୧୨(ଡି.ଏନ.ଏ.)

ଆସନ୍ତା ଜାନୁୟାରୀ ୫ ଓ ୬ ତାରିଖ ଦୁଇଦିନ ଧରି ହେବାକୁ ଥିବା ତରଭା ଫକୀର ବାବାଙ୍କ ଉର୍ସ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ତରଭା ବ୍ଲକ ସଭାଗୃହରେ ଆୟୋଜିତ ବୈଠକରେ ବିଡ଼ିଓ ବିନୟ ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ତହସିଲଦାର ସୂର୍ଯ୍ୟମଣି ଭୋଇ, ଆଇଆଇସି ସୁବ୍ରତ ପାଣିଗ୍ରାହୀ,ଏବିଡ଼ିଓ ତଥା ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ ନାଏକ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମସଜିଦ ମଜାର କମିଟି ସଭାପତି ଅଜନବୀ ଖାନ, ଆକବର ଅଲ୍ଲୀ,ଏହେସାନ ଖାନ, ମୁକ୍ତାର ଖାନ, ନବାବ ଖାନ, ମହମ୍ମଦ ନୌସାଦ, ମନହର ଖାନ, ଶାନ୍ତି କମିଟିର ସଭ୍ୟ ଅଶୋକ ସାହୁ, ମାନଭଞ୍ଜନ ମିଶ୍ର, କପିଳାସ ସେଠ,ଭୋଳା ବର୍ମା, ମନୋଜ ମନହୀରା, ରାଜେଶ ମେହେର, ପୂର୍ବତନ ଏନଏସି ଅଧ୍ୟକ୍ଷ ଶୈଳେନ୍ଦ୍ର ସାହୁ, ସୁରଜ ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜାତୀୟ ସେବା ଶିବିର ଉଦ୍‌ଯାପିତ

ସରଣ୍ଡା,୩୦।୧୨(ଡି.ଏନ.ଏ.)


ଜାତୀୟ ସେବା ଶିବିରରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀମାନେ।

ବରଗଡ଼ ଜିଲା ଅତାବିରା ବ୍ଲକ ପାହାଡଶ୍ରୀଗିଡା ସ୍ଥିତ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଶୀତକାଳୀନ ଜାତୀୟ ସେବା ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଗତ ୨୩ ତାରିଖରୁ ଆରମ୍ଭ ହୋଇଥିଲା। କଲେଜ ଅଧ୍ୟକ୍ଷ ରାମକୃଷ୍ଣ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ, କୋଭିଡ ୧୯, ନିଶା ନିବାରଣ, ସଡ଼କ ସୁରକ୍ଷା ଅଭିଯାନ, ସାଇବର କ୍ରାଇମ, ନାରୀ ନିର୍ଯାତନା, ସ୍ୱାସ୍ଥ୍ୟ ସଚେତନତା ଆଦି ପ୍ରସଙ୍ଗରେ ଛାତ୍ରମାନଙ୍କୁ ତାଲିମ ଦିଆଯାଇଥିଲା। ସ୍ୱେଚ୍ଛାସେବୀମାନେ ଗ୍ରାମବାସୀଙ୍କ ନିକଟରେ ଏହି ସଚେତନତା ବାର୍ତ୍ତାକୁ ପହଞ୍ଚାଇଥିଲେ। ଏହି ଅବସରରେ ମହାଖଣ୍ଡ(ପୋଷ୍ୟ ଗ୍ରାମ)ଠାରୁ ସୁସ୍ଥ ସମାଜ, କୋଭିଡ ୧୯ ଏବଂ ନିଶା ନିବାରଣ ସମ୍ପର୍କରେ ଏକ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରୋଗାମ ଅଫିସର ଶେଖ୍ ରିଜୱାନ ଉଲ୍ଲାଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଆତୃଷ ପ୍ରଧାନ, ସରୋଜ କୁମାର ନାଗ, ଭୀଷ୍ମଦେବ ସାହୁ, ଅଶ୍ୱିନୀ ପ୍ରଧାନ, ନିହାରିକା ଭୋଇ, ପ୍ରକାଶ ବିଶାଳ, ପ୍ରକାଶ କଠାର, ସୁରେନ୍ଦ୍ର ଭୋଇ ଏବଂ ବିଶ୍ୱମ୍ଭର ଭୁଏ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଚୟନ ଶିବିର

ପାଇକମାଲ,୩୦।୧୨(ଡି.ଏନ.ଏ.)


କଳାକାର ଚୟନ ଶିବିରରେ ମଞ୍ଚାସୀନ ବିଚାରକବୃନ୍ଦ।

ବରଗଡ ଜିଲା ପାଇକମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ଚୟନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତି ସୁରେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱ ଓ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଲଳିତ ଜଗତଙ୍କ ସଂଯୋଜନାରେ ଏହି ଶିବିର ହୋଇଥିଲା। ଏଥିରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିଲ କୁମାର ପାଣିଗ୍ରାହୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଭବାନୀ ପଟେଲ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁନୀଲ ଭୋଇ ଓ ବିଏଲ୍‌ସି ରୋହିଣୀ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ବିଚାରକ ଭାବେ ଶାନ୍ତିଲାଲ ପ୍ରଧାନ, ଶୁକଦେବ ବେରିଆ, ପ୍ରେମସାଗର ଫୌଜଦାର ଓ ଦୁର୍ଲଭ ହରିପାଲ ପ୍ରମୁଖ ଯୋଗ ଦେଇଥିଲେ। କାଗଜପତ୍ର ଯାଞ୍ଚ ପାଇଁ କଳାକାର ମହାସଂଘର ଚିତ୍ତରଞ୍ଜନ ସରାଫ, ବିଭୀଷଣ ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ, ବ୍ଲକ କିରାଣୀ ଚନ୍ଦନ ପ୍ରଧାନ, ସଂଯୋଜକ ସହାୟକ ଚୂଡ଼ାମଣି ମହଲା, ମୋହିତ ବାଗ ଏବଂ ସମସ୍ତ କଳାକାର ସହଯୋଗ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୫୦ ହଜାର ଲୁଟ୍

**କୁଚିଣ୍ଡା,୩୦।୧୨(ଡି.ଏନ.ଏ.):** ବସ୍‌ଷ୍ଟାଣ୍ଡର ଜନଗହଳିପୂର୍ଣ୍ଣ ସ୍ଥାନରୁ ଶୁକ୍ରବାର ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଭାଙ୍ଗି ୫୦ ହଜାର ଟଙ୍କା ଲୁଟି ନେଇଥିବା କୁଚିଣ୍ଡା ଥାନାରେ ଅଭିଯୋଗ ହୋଇଛି । ମହୁଲପାଲି ଥାନା କୁସୁମୀ ଫାଣ୍ଡି ଅନ୍ତର୍ଗତ ରଙ୍ଗିଆଟିକ୍ରା ଗ୍ରାମର ଫଗୁ କିଷାନ କୁଚିଣ୍ଡା ଷ୍ଟେଟ ବ୍ୟାଙ୍କ ଶାଖାରୁ ୫୦ହଜାର ଓ କୁଚିଣ୍ଡା ସମବାୟ ବ୍ୟାଙ୍କରୁ ୧ହଜାର ଟଙ୍କା ଉଠାଇଥିଲେ। ସେ ୧ହଜାର ଟଙ୍କା ଶାର୍ଟ ପକେଟରେ ରଖିଥିବାବେଳେ ୫୦ହଜାର ଟଙ୍କା ବାଇକ୍ ଡିକିରେ ରଖି ବସ୍‌ଷ୍ଟାଣ୍ଡ ଆସିଥିଲେ। ସେଠାରେ ବାଇକ୍ ରଖି ନିକଟସ୍ଥ ଦୋକାନରୁ ଦରକାରୀ ସାମଗ୍ରୀ କିଣିବା ସମୟରେ ଦୁର୍ବୃତ୍ତମାନେ ଡିକିଭାଙ୍ଗି ଟଙ୍କା ଲୁଟି ନେଇଥିଲେ। କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ ଲୁଟେରାଙ୍କ କୌଣସି ସନ୍ଧାନ ପାଇ ନାହିଁ। ଏ ନେଇ କୁଚିଣ୍ଡା ପୋଲିସ ଥାନାରେ ଏକ ମାମଲା ରୁଜୁ କରିଛି।

### ପୁସ୍ତକ ଉନ୍ମୋଚନ

**ଝାରସୁଗୁଡ଼ା ଅଫିସ,୩୦।୧୨:** ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ପରିଷଦ ଝାରସୁଗୁଡ଼ା ଆନୁକୂଲ୍ୟରେ ଜିଲା ସଂସ୍କୃତି ଭବନଠାରେ ସରୋଜ କୁମାର ମିଶ୍ରଙ୍କ ରଚିତ ଓଡ଼ିଆ ଉପନ୍ୟାସ 'ଫେରିଲା ଫଗୁଣ' ଉନ୍ମୋଚିତ ହୋଇଯାଇଛି। କବି ଗୌନ୍ତିଆ ଜମିମୁଲ୍ଲାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅଧାପିକା ମନ୍ଦାକିନୀ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ତର୍ଯାମୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଗାଳ୍ପିକ ଓ ସମୀକ୍ଷକ ଶିବାଶିଷ ପାଢ଼ୀ, ମୁଖ୍ୟବକ୍ତା ସାହିତ୍ୟିକ ଡ. ଅଚ୍ୟୁତ କୁମାର ରଥ ବିଧିବିଜ୍ଞାନ ବୈଜ୍ଞାନିକ ସୁନ୍ଦରଗଡ଼ ଓ ସମ୍ମାନିତ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ଶିବପ୍ରିୟା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ରୂପେ ଝାରସୁଗୁଡ଼ା ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ମଞ୍ଚାସୀନ ଥିଲେ। ମେହବୁବ ମେହତାବ ଧନ୍ୟବାଦ ଦେଇଥିଲେ।

### ସିର୍ଜାପାଲି ରୟାଲ କ୍ଲବ ପକ୍ଷରୁ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

**ତୁଣ୍ଡଲା,୩୦।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଧାନ ଫାର୍ମ ହାଉସଠାରେ ରାତ୍ରକାଳୀନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ରୟାଲ କ୍ଲବ ସଭାପତି ଅନିଲ କୁମାର ଦାଶ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ଉପସଭାପତି ଚିତ୍ତରଞ୍ଜନ ମଣ୍ଡଳ (ବାବୁଲି), ବିଜୁ ଯୁବ ଜନତା ଦଳ ସଭାପତି ଆଦିତ୍ୟ ନନ୍ଦ, ଭବାନୀପାଟଣା ପ୍ରଗତି କଲେଜ ସମ୍ପାଦକ ଅଜୟ କୁମାର ପଣ୍ଡା ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ପ୍ରମୋଦ କୁମାର ଦାଶ, ଅନ୍ୟତମ ଅଥିତି ଭାବେ ସ୍ଥାନୀୟ ପଞ୍ଚାୟତ ସମିତି ସଭ୍ୟା ସୀତୟା ସାହୁ ରହିଥିଲେ। ଖେଳ ୨୪ଟି ଦଳ ମଧରେ ହୋଇଥିଲା। ଫାଇନାଲ ମ୍ୟାଚ କେସିଙ୍ଗା ଓ ସଇଁତଳା ମଧରେ ହୋଇଥିବା ବେଳେ ସଇଁତଳା ଦଳ ବିଜୟୀ ହୋଇଥିଲେ। ଶେଷରେ ବିଜୟୀ ଦଳକୁ ଅଥିତିମାନଙ୍କ ଦ୍ୱାରା ପୁରସ୍କାର ଦିଆଯାଇଥିଲା। କ୍ଲବ ସମ୍ପାଦକ ମୋହିତ କୁମାର ପଧାନ ଧନ୍ୟବାଦ ଦେଇଥିଲେ।

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବ ସିଏସି

**ସମ୍ବଲପୁର,୩୦।୧୨(ବ୍ୟୁରୋ)**

**ଜାନୁୟାରୀ ୫ରେ ସୁପ୍ରିମକୋର୍ଟରେ ପକ୍ଷ ରଖିବ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ଉପରେ ସୁପ୍ରିମକୋର୍ଟ ରାଜ୍ୟ ସରକାର ଓ ରାଜ୍ୟ ପୋଲିସ ବିଭାଗକୁ କଡା ସମାଲୋଚନା କରିଥିଲେ। ଏହାସହ ପଶ୍ଚିମ ଓଡ଼ିଶା ଓକିଲସମୂହ କ୍ରିୟା ଅନୁଷ୍ଠାନ କମିଟି (ସିଏସି)କୁ ଆନ୍ଦୋଳନରୁ ଓହରିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଜରୁରୀ ବୈଠକ ହେବା ପରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ପାଳନ କରିବାକୁ ସିଏସି ସ୍ଥିର କରିଛି। ସିଏସି ପକ୍ଷରୁ ଅସନ୍ତା ଜାନୁୟାରୀ ୫ ତାରିଖ ପରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଛି। ସିଏସି ପକ୍ଷରୁ ଆଇନଜୀବୀ ଆଶୋକ ପଣ୍ଡା ପକ୍ଷ ରଖିବେ। ଏହା ଶୁଣିବା ପରେ ସୁପ୍ରିମକୋର୍ଟ କ'ଣ ନିର୍ଦ୍ଦେଶ ଦେବେ ଏବେ ତାହାକୁ ଅପେକ୍ଷା କରାଯିବ।

ସୁପ୍ରିମକୋର୍ଟ ସିଏସିକୁ ନିସର୍ତ୍ତ ଭାବେ ଆନ୍ଦୋଳନରୁ ଓହରିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ସିଏସି ଏହି ନିର୍ଦ୍ଦେଶ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ଏହା ସହ ଡିସେମ୍ବର ୧୨ରେ ସମ୍ବଲପୁର ସମେତ ରାଜ୍ୟର ବିଭିନ୍ନ ଓକିଲସଂଘ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏଥିରେ କ୍ଷୋଭ ପ୍ରକାଶ କରି ଆନ୍ଦୋଳନ କରିଥିବା ରାଜ୍ୟର ବିଭିନ୍ନ ଜିଲାର ୨୭ ବାର୍‌କୁ ମଧ ସୁପ୍ରିମକୋର୍ଟ ରିପୋର୍ଟ ତଲବ କରିଛନ୍ତି। ଏ ସମ୍ପର୍କରେ ସିଏସି ଆବାହକ ଆଶୋକ ଦାସ କହିଛନ୍ତି, ସୁପ୍ରିମକୋର୍ଟ ସର୍ବୋଚ୍ଚ ଅଟନ୍ତି। ଆଇନଜୀବୀଙ୍କ ସମେତ ଭାରତୀୟ ନାଗରିକ ତାଙ୍କର ନିର୍ଦ୍ଦେଶ ପାଳନ କରନ୍ତି। ତେଣୁ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ଉପରେ ଦେଇଥିବା ନିର୍ଦ୍ଦେଶକୁ ପାଳନ କରିବୁ। ଏହାକୁ ନେଇ ଆମ ପକ୍ଷ ସୁପ୍ରିମକୋର୍ଟରେ ରଖାଯିବ ଓ ପରବର୍ତ୍ତି ନିର୍ଦ୍ଦେଶକୁ ଅପେକ୍ଷା କରାଯିବ। ହେଲେ ଲୋକଙ୍କ ହାଇକୋର୍ଟ ଦାବି ଯଥାର୍ଥ। ଏହା ଜନସାଧାରଣଙ୍କ ଦାବି ହୋଇଥିବାରୁ ଜାରି ରହିବ ବୋଲି କହିଥିଲେ।

ସୂଚନାଯୋଗ୍ୟ ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ନଭେମ୍ବର ୩୦ରେ ପୋଲିସ ଓ ଆନ୍ଦୋଳନକାରୀ କୋର୍ଟ ବାହାରେ ଧସ୍ତାଧସ୍ତି ହୋଇଥିଲେ। ବିଚାରପତିମାନେ ଫେରିଯାଇଥିଲେ। ଏହା ଉପରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇ ପକ୍ଷ ରଖିବାକୁ କହିଥିଲେ। ଏହାସହ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ସିଏସିକୁ ନିର୍ଦ୍ଦେଶ ଦେଇଥିଲେ। ପରେ ଡିସେମ୍ବର ୧୨ରେ ପୁଣି ଆନ୍ଦୋଳନ ସମୟରେ ଅଭାବନୀୟ ଘଟଣା ଘଟିଥିଲା। କୋର୍ଟ ଭଙ୍ଗାରୁଜା ସହ ବିଚାରପତିମାନଙ୍କୁ କୋର୍ଟ ପରିସରରୁ ବାହାର କରିଦିଆଯାଇଥିଲା। ଏହି ଘଟଣାରେ ଜିଲା ଓକିଲ ସଂଘର ସମସ୍ତ ସଦସ୍ୟଙ୍କୁ ବାର୍ କାଉନସିଲ ଅଫ ଇଣ୍ଡିଆ ନିଲମ୍ବନ କରିବାକୁ ରାଜ୍ୟ ବାର୍ କାଉନସିଲକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ୪୩ ଓକିଲଙ୍କ ଲାଇସେନ୍ସ ୧୮ ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିଲେ। ପରେ ୪୩ ଜଣଙ୍କୁ ଛାଡି ସମସ୍ତଙ୍କ ଉପରେ ନିଲମ୍ବନ ଆଦେଶ ପ୍ରତ୍ୟାହର କରାଯାଇଥିଲା। ହେଲେ ଆଜିପର୍ଯ୍ୟନ୍ତ ଓକିଲମାନେ ଯୋଗଦାନ କରି ନାହାନ୍ତି। ଅନ୍ୟପଟେ ପୋଲିସ ୩୦ ଜଣ ଓକିଲ, ୮ କିନ୍ନର ଓ ଜଣେ ବାର କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ୨ ଥର ଖାରଜ ହୋଇସାରିଛି। ଏବେ କିଭଳି ଜାମିନ ମିଳିବ ସେ ନେଇ ଓକିଲ ସଂଘ ଓ ସିଏସି ପ୍ରୟାସ ଆରମ୍ଭ କରିଛି।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଝାରସୁଗୁଡ଼ା ଅଫିସ,୩୦।୧୨**

ଲଖନପୁର ବ୍ଲକ୍ ତିଲିଆ ପଞ୍ଚାୟତ ତରଫରୁ ପଞ୍ଚାୟତ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ବର୍ଷରୁ କମ୍ ଓ ୧୭ବର୍ଷରୁ ଊର୍ଦ୍ଧ୍ୱ ବୟସର ଛାତ୍ରୀଛାତ୍ର ଭାଗ ନେଇଥିଲେ। ମୋଟ ୧୨ ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ଏଥିମଧ୍ୟରେ ଫୁଟ୍‌ବଲ୍, ଦୌଡ, ଲମ୍ବଡିଆଁ, ଉଚ୍ଚଡିଆଁ, ଶଟ୍‌ପୁଟ୍ ଆଦି ରହିଥିଲା । ଏହାକୁ ତୁଳସୀ ସାହୁ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ସଞ୍ଜୟ ମହାକୁଡ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ସଭାରେ ତିଲିଆ ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ ମୁଖ୍ୟଅତିଥି, ସମିତିସଭ୍ୟା ସକୁନ୍ତଳା ବିଶ୍ୱାଳ, ନାଏବ ସରପଞ୍ଚ ଦୁର୍ଗା ପ୍ରସାଦ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ସବ୍ୟସାଚୀ ନାୟକ, ଜିଆର୍‌ଏସ୍ ପ୍ରକାଶ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।


ମୁଖ୍ୟଅତିଥି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

# ଫୁଟ୍‌ବଲ୍ ପ୍ରତିଯୋଗିତା: କେରୁଆଲବାହାଲ ଚାମ୍ପିୟନ

**ଝାରସୁଗୁଡ଼ା ଅଫିସ,୩୦।୧୨**

ଲଖନପୁର ବ୍ଲକ୍ କୁଶ୍ରାଲୋଇ ପଞ୍ଚାୟତ ତରଫରୁ ଖଣ୍ଡସା ଖେଳପଡିଆରେ ପଞ୍ଚାୟତସ୍ତରୀୟ ଫୁଟ୍‌ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଗୋଟି ଦଳ ଅଂଶଗ୍ରହଣ କରିଥିଲେ। କେରୁଆଲବାହାଲ ଓ କୁଶ୍ରାଲୋଇ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କେରୁଆଲବାହାଲ ଦଳ ପେନାଲ୍‌ଟି ଗୋଲ୍‌ରେ କୁଶ୍ରାଲୋଇକୁ ହରାଇ ଚାମ୍ପିୟନ ହୋଇଛି। ନବୀନ ଦେଓ, ସଞ୍ଜୟ ସାହୁ, ଅରୁଣ ପ୍ରଧାନ ଓ କିଶୋର ମାଝି ପ୍ରମୁଖ ଖେଳ ପରିଚାଳନା କରିଥିଲେ। କୁଶ୍ରାଲୋଇ ସରପଞ୍ଚ ରଘୁମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ସଭା ହୋଇଥିଲା।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

ଏଥିରେ ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ଷଣ୍ଢ ମୁଖ୍ୟଅତିଥି ଓ ସମିତିସଭ୍ୟା ଦମୟନ୍ତୀ ସା, ନାଏବ ସରପଞ୍ଚ ତରୁଣୀ ସେଠ୍, ପଞ୍ଚାୟତ ନିର୍ବାହୀ ଅଧିକାରୀ ବେଦବ୍ୟାସ ଜଗଦଳା, ୱାର୍ଡସଭ୍ୟ କ୍ଷମାସାଗର ଦୀପ, ୱାର୍ଡସଭ୍ୟା ସାବିତ୍ରୀ ଲୁହାର, ରୀତା ଓରାମ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ।

# ନାଟ୍ୟକାର ସୃଷ୍ଟି କରୁଛି ଯୁବ ଉଦୟନ

**ସମ୍ବଲପୁର,୩୦।୧୨(ବ୍ୟୁରୋ)**

ସମ୍ବଲପୁର ସହର ଝାଡୁଆପଡ଼ା ଆରଣ୍ୟକ ମଞ୍ଚରେ ଚାଲିଥିବା ୨୫ତମ ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଶୁକ୍ରବାର କଳାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟପ୍ରତିଭା ଡ. ଶ୍ୟାମସୁନ୍ଦର ଧର ଅଧକ୍ଷତା କରିଥିଲେ। ମୁଖ୍ୟ ଆଲୋଚକ ଭାବେ ନାଟ୍ୟବିତ ଡ. ଦ୍ୱାରିକାନାଥ ନାୟକ ଯୋଗଦେଇ ନାଟକ ସହ ଯୁବଉଦୟନ ଅନୁଷ୍ଠାନର ସମ୍ପୃକ୍ତି ଓ ସମ୍ବଲପୁରୀ ମଞ୍ଚ ନାଟକର ଆରମ୍ଭ, ପ୍ରଗତି ବିଷୟରେ ଆଲୋଚନା କରିଥିଲେ। ଯୁବଉଦୟନ ପକ୍ଷରୁ ପ୍ରତିଯୋଗିତା ଆରମ୍ଭ ହେବା ପରେ ଶତାଧିକ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ସୃଷ୍ଟି ହୋଇପାରିଛନ୍ତି ଓ ଏହି ପ୍ରତିଯୋଗିତା ଶତାଧିକ କଳାକାରଙ୍କୁ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି। ବର୍ତ୍ତମାନ ନୂଆଧାରା ନେଇ ଏହି ପ୍ରତିଯୋଗିତାକୁ ଆଗକୁ ନେବାର ସମୟ ଆସିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଚଳିତ ପ୍ରତିଯୋଗିତାର ୩ ବିଚାରକଙ୍କ ମଧ୍ୟରୁ ପଦ୍ମଲୋଚନ ଦାଶ, ଶିବଲାଲ ସାଗର ଯୋଗଦେଇ ପ୍ରଦର୍ଶିତ ନାଟକର ତ୍ରୁଟି ବିଚ୍ୟୁତି ଆଦି ଦିଗ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ସହ ଧନ୍ୟବାଦ ଦେଇଥିଲେ।


ଝାଡୁଆପଡାରେ ଅନୁଷ୍ଠିତ ସମାବେଶ।

# ସାଦ୍ରି ଭାଷାରେ ହକି ବିଶ୍ୱକପ୍ ଗୀତ ଉନ୍ମୋଚିତ

**ରାଉରକେଲା ଅଫିସ,୩୦।୧୨**

ରାଉରକେଲାରେ ପ୍ରଥମ ଥର ହକି ବିଶ୍ୱକପ୍ ଖେଳା ଯାଉଥିବାରୁ ଏହାକୁ ନେଇ ନୂତନ ଗୀତ 'ଚଲାରେ ଭୟାମାନ ହକି ଦେଖକ ରାଉରକେଲା' ଶୁକ୍ରବାର ଉନ୍ମୋଚିତ ହୋଇଛି। ରାଉରକେଲା ଛେଣ୍ଡ ସ୍ଥିତ ବର୍ଷା ପ୍ରଡକ୍ସନ ଓ ବର୍ଷା ଏଣ୍ଟରଟେନମେଣ୍ଟର ମିଳିତ ଆନୁକୂଲ୍ୟରେ ମୋହନ ସାହୁ ହକି ସାଦ୍ରି ଭାଷାରେ ଏହି ଲଘୁ ସଙ୍ଗୀତ ଉନ୍ମୋଚନ କରିଥିଲେ। ଏଥିରେ ଓପିଜି ପ୍ରଡକ୍ସନର ମୁଖ୍ୟ ଓପି ସିଂ, ଅମିତ ମେୟର, କବିତା, ଅବିନାଶ, ଅମୀର, କାର୍ତ୍ତିକ ମୋହନ, ପ୍ରୀତମ ଓ ନିର୍ଦ୍ଦେଶକ ବିଜୟ ନନ୍ଦ ଉପସ୍ଥିତ ଥିଲେ। ଏହି ଗୀତକୁ ଝାଡ଼ଖଣ୍ଡର ଲୋକପ୍ରିୟ ଗାୟକ ଅନିଶ ମାହାଲି ଗାଇଛନ୍ତି। ଗୀତକୁ ରବି ରାମଜୀ ସଂଯୋଜନା କରିଛନ୍ତି।

# କୁଦୋପାଲିରେ ହେବ ଛବିଳ ସାଏଙ୍କ ପ୍ରତିମୂର୍ତ୍ତି


କୁଦୋପାଲିରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ।

**ସମ୍ବଲପୁରରେ ଅମୃତ ମହୋତ୍ସବ**

**ସମ୍ବଲପୁର,୩୦।୧୨(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କୁଦୋପାଲି ବୀରଭୂମିରେ ଶହୀଦ ଛବିଳ ସାଏଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ। ଶୁକ୍ରବାର ଭୂମି ପୂଜନ ସହ ଏହି ମାଟିରେ ଇଂରେଜମାନଙ୍କ ସହ ଯୁଦ୍ଧକରି ୫୭ ଜଣ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅନୁଷ୍ଠିତ ସଭାରେ ଛତିଶଗଡ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ବ୍ରିଜମୋହନ ଅଗ୍ରୱାଲ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଅମୃତ ମହୋତ୍ସବର ଅଧକ୍ଷ ଗିରିଶ ପଟେଲ, ରେଙ୍ଗାଲି ବିଧାୟକ ନାଉରି ନାଏକ, କମିଟି ଉପାଧକ୍ଷ ଲକ୍ଷ୍ମଣ ଦେହୁରି, ଲୋକକବି ପଦ୍ମଶ୍ରୀ ହଳଧର ନାଗ ଅତିଥି ଭାବେ ଯୋଗଦାନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଉଦ୍‌ଯାପନୀ ସଭା ହୋଇଥିଲା। ଅମୃତ ମହୋତ୍ସବ ପାଳନର ଉଦ୍ଦେଶ୍ୟ ଉପରେ ଅତିଥିମାନେ ଅଭିଭାଷଣ ରଖି ଏହି ବୀରମାଟିଠାରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶହୀଦ ଛବିଳ ସାଏ ଓ ତାଙ୍କର ଅନୁଗାମୀ ବୀର ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଛତିଶଗଡ ବିଧାୟକ ଅଗ୍ରୱାଲ କହିଥିଲେ, ସମ୍ବଲପୁର ସହର ପାଦଦେଶରେ ଥିବା କୁଦୋପାଲି ମହା ସଂଗ୍ରାମର କ୍ଷେତ୍ର। ରାଜ୍ୟ, କେନ୍ଦ୍ର, ନିର୍ବାଚତ ପ୍ରତିନିଧି ଦୃଷ୍ଟି ଦେଲେ ଏ ରଣଭୂମି ଏକ ଐତିହାସିକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବ ବୋଲି କହି ପାଞ୍ଚ ଲକ୍ଷ ଟଙ୍କାର ଅନୁଦାନ ଦେବାକୁ ସଭାରେ ଘୋଷଣା କରିଥିଲେ। ଅମୃତ ମହୋତ୍ସବ ଅଧକ୍ଷ ପଟେଲ, ରେଙ୍ଗାଲି ବିଧାୟକ ନାଏକ, ଐତିହାସିକ ଦୀପକ କୁମାର ପଣ୍ଡା ବୀରମାଟି କୁଦୋପାଲିର ସ୍ମୃତି ଚାରଣ କରିଥିଲେ।

# କୁଦୋପାଲିରେ ଶହୀଦ ସଂଗ୍ରହାଳୟ ନିର୍ମାଣ ଦାବି

**ସମ୍ବଲପୁର,୩୦।୧୨(ବ୍ୟୁରୋ)**

୧୮୫୭ କ୍ରାନ୍ତିର ମୂକସାକ୍ଷୀ ସମ୍ବଲପୁର କୁଦୋପାଲି ଘାଟିରେ ଗୋଟିଏ ଦିନରେ ୫୩ ଜଣ ଇଂରେଜ ଗୁଳିରେ ଶହୀଦ ହେବା ସହ ୫ ଜଣ ଫାଶିଖୁଣ୍ଟରେ ଝୁଲିଥିବା ଇତିହାସରେ ଉଲ୍ଲେଖ ରହିଛି। ବୀର ସୁରେନ୍ଦ୍ର ସାଏଙ୍କ ଗରିଲା ଯୁଦ୍ଧର ଏକ ପ୍ରମୁଖ ଘାଟି ହେଉଛି କୁଦୋପାଲି ଶହୀଦ ବିହାର। ୧୮୫୭ ଡିସେମ୍ବର ୩୦ରେ ଇଂରେଜମାନଙ୍କ ଅତର୍କିତ ଆକ୍ରମଣରେ ୫୩ଜଣ ପ୍ରାଣ ହରାଇଥିଲେ। ସଂଗ୍ରାମୀ ଛବିଳ ସାଏଙ୍କ ସମେତ ଜଣେ ଇଂରେଜ ସୈନ୍ୟଙ୍କୁ ମଧ୍ୟ ଫାଶି ହୋଇଥିଲା। କୁଦୋପାଲି ଗାଁର ବାଲକି ଗଣ୍ଡା, ବାଲ ମୁକୁନ୍ଦ କନ୍ଧ, ଚୁନ୍ଦି କୁଡା, ବୁଧୁ ଗଣ୍ଡା, ହାଡୁ ଗଣ୍ଡା ପ୍ରମୁଖ ସଂଗ୍ରାମୀ ନାମ ରହିଛି। ଶହୀଦମାନଙ୍କ ସ୍ମୃତିରକ୍ଷା ନେଇ ସେଭଳି ବ୍ୟବସ୍ଥା କରାଯାଇ ପାରି ନାହିଁ। କୁଦୋପାଲି ଗାଁରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଶୁକ୍ରବାର ଆୟେଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଶହୀଦମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ପ୍ରଦ୍ୟୁମ୍ନ ସେଠ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ର ଅଭାବ ଦର୍ଶାଇ ୧୯୮୬ରେ ପ୍ରତିଷ୍ଠା ହୋଇଥିବା ପ୍ରାଥମିକ ବିଦ୍ୟାଳୟକୁ ସରକାର ବନ୍ଦ କରଦେଇଛନ୍ତି। ଏହାକୁ ପୁଣି ଖୋଲିବା ପାଇଁ ଦାବି କରାଯାଇଥିଲା। କୌଣସି କାରଣରୁ ସ୍କୁଲ ଖୋଲା ନ ଗଲେ ସେଠାରେ ଶହୀଦଙ୍କ ନାମରେ ସଂଗ୍ରହାଳୟ ସ୍ଥାପନ କରାଯାଇ ଇତିହାସକୁ ସ୍ଥାନିତ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀଶ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରଫୁଲ୍ଲ ଭୋଇ ଧନ୍ୟବାଦ ଦେଇଥିଲେ।

# ବୃଦ୍ଧଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ,୩୦।୧୨**

ସେକ୍ଟର-୭ ଥାନା ଅଧୀନ ମୁଣ୍ଡାରୀ ବସ୍ତିରେ ଜଣେ ବୃଦ୍ଧଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଦଶରଥ ନାଗ(୬୬)। ଘରେ କେହି ନ ଥିବାବେଳେ ସେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୦।୨୨) ରୁଜୁ କରି ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗୁରୁବାର ସନ୍ଧ୍ୟାରେ ପରିବାର ଲୋକେ ଏକ ବାହାଘର ଭୋଜି ଖାଇବାକୁ ଯାଇଥିବା ବେଳେ ଦଶରଥ ଆଜବେଷ୍ଟସ ଲୁହା ପାଇପରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ରାତି ସାଢେ ୯ଟାରେ ପରିବାର ଲୋକେ ଭୋଜି ଖାଇ ଘରକୁ ଫେରିବା ପରେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଲିଓ କପ କ୍ରିକେଟ ଉଦ୍‌ଯାପିତ: ଜିମଖାନା ଚାମ୍ପିୟନ

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୩୦।୧୨(ଡିଏନଏ)**

ବେଲପାହାଡ଼ ଲିଓ ୟୁଥ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଟିଆର୍‌ଏଲ୍ ଷ୍ଟାଡିୟମରେ ଚାଲିଥିବା ଲିଓ କପ କ୍ରିକେଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଥିବାବେଳେ ରାଉରକେଲା ଜିମଖାନା ଓ ବ୍ରଜରାଜନଗର ଏମ୍ପିଶନ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଜିମଖାନା ଦଳ ପ୍ରଥମେ ବ୍ୟାଟିଂ କରି ନର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୬୩ ରନ ସଂଗ୍ରହ କରିଥିଲା। ଜବାବରେ ଏମ୍ପିଶନ ଦଳ ସମାନ ଓଭରରେ ୯ ଉଇକେଟ ହରାଇ ୧୧୩ ରନ କରି ପରାଜିତ ହୋଇଥିଲା। ବିଜେତା ଦଳକୁ ଚାମ୍ପିୟ ଟ୍ରଫି ସହ ୧୫ ହଜାର ଟଙ୍କା ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ସହ ୧୦ ହଜାର ନଗଦ ଟଙ୍କା ସହ ପୁରସ୍କୃତ କରାଯାଇଥିଲା। ପ୍ରଶାନ୍ତ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ସାଗର ରାଉତଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ସହିତ ମ୍ୟାନ ଅଫ ଦି ସିରିଜ ବିବେଚିତ କରାଯାଇଥିଲା। ଅମ୍ପେୟାର ଭାବେ ଦୀପକ ପଟେଲ ଓ ବିଭୂତି ପାତ୍ର ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଲଖନପୁର କୋଇଲାଖଣି କ୍ଷେତ୍ରର ଜିଏମ୍ ସଞ୍ଜୟ ଝା ମୁଖ୍ୟଅତିଥି, ଲିଓ ୟୁଥ୍ ଆସୋସିଏଶନ ସଭାପତି ତଥା ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା, ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀ ଅଧିକାରୀ ଡା. ସନ୍ତୋଷ ମିଶ୍ର, ଏମ୍ପି ପ୍ରତିନିଧି ତପନକାନ୍ତ ଜେନା, ଭାଜପା ଜିଲା ସଭାପତି ମଙ୍ଗଳ ସାହୁ, ଭାଜପା ପୂର୍ବତନ ଜିଲା ସଭାପତି ପ୍ରମୋଦ ସେନାପତି, ଜିଲା କ୍ରିକେଟ ସଂଘ ସଭାପତି ପ୍ରଜ୍ୱଳ ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।


ଖେଳାଳିଙ୍କ ଗହଣରେ ଅତିଥିମାନେ।

# ଶୋଭାଯାତ୍ରାରେ ଦମ୍ପତିଙ୍କ ଶେଷଯାତ୍ରା

**ଗୋଟିଏ ଜୁଇ ଜଳିଲା, ଝିଅଦେଲେ ମୁଖାଗ୍ନି**

**ସମ୍ବଲପୁର,୩୦।୧୨(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଡଙ୍ଗାପାଲ ଗ୍ରାମର ବୃଦ୍ଧ ଦମ୍ପତି କାର୍ତ୍ତିକ ପ୍ରଧାନ ଓ ଅନସୂୟାଙ୍କ ଶୋଭାଯାତ୍ରା ସହ ଜୀବନର ଶେଷଯାତ୍ରା ସମ୍ପନ୍ନ ହୋଇଛି। ଗାଁ ମଶାଣିରେ ଗୋଟିଏ ଜୁଇରେ ଜଳିଛି ଉଭୟଙ୍କ ମୃତଶରୀର। ଦୁଲଦୁଲି ବାଜା, ଘଣ୍ଟ, ଶଙ୍ଖ ନାଦ ସହ ଗାଁଦାଣ୍ଡଠାରୁ ମଶାଣି ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇଉଠିଥିଲା। ସମସ୍ତଙ୍କ ମୁହଁରେ ଗୋଟିଏ କଥା ଭାଗ୍ୟବାନ ଏହି ବୃଦ୍ଧ ଦମ୍ପତି, ଏକାଠି ହୋଇ ଜୀବନ ବିତାଇଲେ, ଶେଷରେ ଏକାଠି ହୋଇ ଆରପାରିକି ଚାଲିଗଲେ। ଶୁକ୍ରବାର ବୁର୍ଲା ମେଡିକାଲରେ ଅନସୂୟାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ଅଣାଯାଇଥିଲା। ଘରେ କାର୍ତ୍ତିକଙ୍କ ମୃତଦେହ ଗତକାଲିଠାରୁ ରହିଥିଲା। ପ୍ରଥମେ ଅନସୂୟା ଓ ପରେ କାର୍ତ୍ତିକଙ୍କ କୋକେଇ ମଶାଣିକୁ ଶୋଭାଯାତ୍ରାରେ ବାହାରିଥିଲା। ଗାଁ ପରିକ୍ରମା ପରେ ଗାଁ ଦେବୀ ମନ୍ଦିରରେ ଦେଇ ମଶାଣିରେ ପହଞ୍ଚିଥିଲା। ଗାଁର ପ୍ରତ୍ୟେକ ଘର ସମ୍ମୁଖରେ ମହିଳାପୁରୁଷ ଛିଡା ହୋଇ ଶେଷ ଦର୍ଶନ କରିଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଝିଅ ପ୍ରଭାତୀ ମୁଖାଗ୍ନି ଦେଇଥିଲେ। ଗରିବ ଶ୍ରେଣୀର ହୋଇଥିବାରୁ ଗ୍ରାମବାସୀ ସହଯୋଗ କରିଥିଲେ। ସ୍ଥାନୀୟ ସରପଞ୍ଚ ବାସନ୍ତି ପ୍ରଧାନ, ସମିତି ସଭ୍ୟ ଜୟନ୍ତ ପ୍ରଧାନ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ଦେବା ସହ ଯଥାସମ୍ଭବ ସହାୟତା କରିଥିଲେ। ଭାଜପା ନେତା ଦେବେନ୍ଦ୍ର ମହାପାତ୍ର ମଧ ମେଡିକାଲରେ ପହଞ୍ଚି ମୃତଦେହ ଘରକୁ ପହଞ୍ଚାଇବାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗୁରୁବାର ସନ୍ଧ୍ୟାରେ ବହୁଦିନରୁ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିବା କାର୍ତ୍ତିକ ଘରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଅନ୍ୟପଟେ ସ୍ତ୍ରୀ ଅନସୂୟା ଦୁଇଦିନ ପୂର୍ବରୁ ହଠାତ୍ ତଳେ ପଡିଯାଇ ଆହତ ହୋଇଥିଲେ। ବୁର୍ଲା ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଉଭୟଙ୍କ ମୃତ୍ୟୁ ପ୍ରାୟ ୫ରୁ ୭ ମିନିଟ ବ୍ୟବଧାନରେ ହୋଇଥିବା ପରିବାର ବର୍ଗ କହିଛନ୍ତି।


ଡଙ୍ଗାପାଲ ଗ୍ରାମ ଶ୍ମଶାନରେ ଗୋଟିଏ ଜୁଇରେ ଦମ୍ପତି ।

## ସଂକ୍ଷେପରେ

### ଲାଠ ଡିଷ୍ଟ୍ରିବ୍ୟୁଟର ଉପରେ ଜିଏସ୍‌ଟି ଚଢ଼ାଉ

**ଟିଟିଲାଗଡ଼,୩୦।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ସହରସ୍ଥିତ ଲାଠ ଡିଷ୍ଟ୍ରିବ୍ୟୁଟର ଔଷଧ ହୋଲସେଲର ଗୋଦାମରେ ଶୁକ୍ରବାର ସକାଳେ ଜିଏସଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଜିଏସଟି ଡେପୁଟି କମିଶନର କିଶୋର ଚନ୍ଦ୍ର ମେହେରଙ୍କ ନେତୃତ୍ୱରେ କଳାହାଣ୍ଡି ଏସିଟିଓ ଟଙ୍କଧର ସାହୁ, ଅତିରିକ୍ତ ସିଟିଓ ହରେକୃଷ୍ଣ ସାହୁ, ନୂଆପଡା ଏସିଟିଓ ନନ୍ଦକିଶୋର ଜାଲ, ବଲାଙ୍ଗୀର ଏସିଟିଓ ସରୋଜ ବରିହା ପ୍ରମୁଖ ଔଷଧ ହୋଲସେଲରଙ୍କ ଗୋଦାମର ଖାନତଲାସି ଜାରି ରଖିଛନ୍ତି। ଗୋଦାମରେ ଥିବା ସମସ୍ତ ବିଲ ଭାଉଚର, କମ୍ପ୍ୟୁଟର ତନଖି ସହ ସମସ୍ତ ପ୍ରକାର ଔଷଧର ପରିମାଣ ଟିକିନିଖି ଭାବରେ ଜିଏସଟି ଅଧିକାରୀ, କର୍ମଚାରୀ ଲିପିବଦ୍ଧ କରୁଥିବା ଦେଖାଯାଇଥିଲା। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଚଢ଼ାଉ ଚାଲିଥିବା ଜଣାଯାଇଛି ।

### କଫ୍ ସିରପ୍ ଜବତ: ଦୁଇ କୋର୍ଟ ଚାଲାଣ

**ଖପ୍ରାଖୋଲ,୩୦।୧୨(ଡି.ଏନ.ଏ.):** ଶୁକ୍ରବାର ଖପ୍ରାଖୋଲ ଥାନା ପୋଲିସ ବେଆଇନ କଫ ସିରପ୍ କାରବାର ଅଭିଯୋଗରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ ଜଣ ହେଲେ ପାଟିମାଲ ଗାଁର ସିଦ୍ଧେ ପ୍ରଧାନ (୩୮) ଓ ଧଣ୍ଡାମୁଣ୍ଡା ଗାଁର ରାମ ମାଝୀ (୩୦) ବୋଲି ପୋଲିସ ସୂଚନା ଦେଇଛି। ବେଆଇନ ଭାବେ କଫ ସିରପ୍ ରଖିବା ସୂଚନା ପାଇ ଗୁରୁବାର ରାତିରେ ପୋଲିସ ଚଢ଼ାଉ କରି ଅଭିଯୁକ୍ତଙ୍କ ଠାରୁ ୧୨ ବୋତଲ କୋରେକ୍ସ କଫ ସିରପ୍ ଜବତ କରିଥିଲା । ଏନେଇ ପୋଲିସ ନଂ୨୫୪/୨୨ରେ ଏକ ମାମଲା ରୁଜୁ କରି ଦୁଇ ଜଣକୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

### ବେଆଇନ ଗଚ୍ଛିତ ୪୩୯ ଧାନବସ୍ତା ଜବତ

**ଲୋଇସିଂହା,୩୦।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଭାଲିଆମୁଣ୍ଡା ଗ୍ରାମରେ ଯୋଗାଣ ଓ ରାଜସ୍ୱ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ଗ୍ରାମର ଏକ ଗୋଦାମରେ ବେଆଇନ ଭାବେ ଗଚ୍ଛିତ ଥିବା ୪୩୯ ଧାନ ବସ୍ତା ଜବତ ହୋଇଛି । ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆମୁଣ୍ଡା ସାପ୍ତାହିକ ବଜାର ନିକଟରେ ଏକ ଗୋଦାମ ରହିଛି । ଉକ୍ତ ଗୋଦାମରେ ବେଆଇନ ଭାବେ ଚାଲାଣ ଉଦ୍ଦେଶ୍ୟରେ ଧାନ ଗଚ୍ଛିତ ରହିଥିବା ଜିଲା ଯୋଗାଣ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା । ଏହି କ୍ରମରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ଶରତ ରାଉତ,ବ୍ଲକ ସହକାରୀ ଯୋଗାଣ ଅଧିକାରୀ ସୌମ୍ୟ ରଞ୍ଜନ ମହାନନ୍ଦ, ସୁଶାନ୍ତ ସାହୁ, ବିଜୟ କୁଲୁ ଓ ସ୍ଥାନୀୟ ରାଜସ୍ୱ ଅଧିକାରୀ ଉକ୍ତ ଗୋଦାମରେ ଅତର୍କିତ ଭାବେ ଚଢ଼ାଉ କରିଥିଲେ । ଗୋଦାମରେ ବେଆଇନ ଭାବେ ବହୁ ପରିମାଣର ଧାନ ବସ୍ତା ଗଚ୍ଛିତ ଥିବା ଅଧିକାରୀ ଦେଖିବାକୁ ପାଇଥିଲେ । ଗଚ୍ଛିତ ଧାନ ସମ୍ପର୍କରେ ଗୋଦାମ ମାଲିକ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏହାପରେ ଗୋଦାମରେ ଥିବା ୪୩୯ ବସ୍ତା ଧାନକୁ ଜବତ କରାଯାଇଛି । ଏନେଇ ଅଧିକ ତଦନ୍ତ ଜାରି ରହିଥିବା ବ୍ଲକ ସହକାରୀ ଯୋଗାଣ ଅଧିକାରୀ ମହାନନ୍ଦ କହିଛନ୍ତି ।

# 'ମହିଳାଙ୍କ ସମସ୍ୟା ନ ବୁଝିଲେ ମହଙ୍ଗା ପଡ଼ିବ'

### ୮ ଦଫା ଦାବି ନେଇ ଜିଲାପାଳ ଅଫିସ ଘେରିଲେ ଅଙ୍ଗନୱାଡି କର୍ମୀ

**ବଲାଙ୍ଗୀର ଅଫିସ, ୩୦।୧୨**

୮ ଦଫା ଦାବି ନେଇ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ୍ ବଲାଙ୍ଗୀର ଜିଲା ଶାଖା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ସଂଘ ଜିଲା ସଭାନେତ୍ରୀ ସ୍ନିଗ୍ଧାରାଣୀ ନନ୍ଦ ଏବଂ ସମ୍ପାଦିକା ବିନୋଦିନୀ ପୁଟେଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଅଙ୍ଗନୱାଡି ଏବଂ ସହାୟିକା ଯୋଗଦାନ କରିଥିଲେ । ଦୀର୍ଘ ସମୟ ଧରି ଜିଲାପାଳ କାର୍ଯ୍ୟାଳୟ ଘେରାଉ କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରତିବାଦ ଜଣାଇଥିଲେ । ୮ ଦଫା ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଶୁଣାଇଥିଲେ । ଉକ୍ତ ଦାବିପତ୍ରରେ ୨୦୧୮ରେ ବହିଷ୍କୃତ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି, ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ଚାକିରି ମାନ୍ୟତା ଦେବା ଏବଂ ଯେତେଦିନ ପର୍ଯ୍ୟନ୍ତ ମାନ୍ୟତା ଦିଆ ନ ଯିବ ସେତେଦିନ ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୧୮ ହଜାର ଏବଂ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ କରାଯିବାକୁ ଦାବି କରାଯାଇଛି। ଅଙ୍ଗନୱାଡି କର୍ମଚାରୀ, ମିନି ଅଙ୍ଗନୱାଡି କର୍ମଚାରୀ ଏବଂ ସହାୟିକାଙ୍କୁ ୫ ଲକ୍ଷ ଅବସରକାଳୀନ ସହାୟତା ରାଶି ଏବଂ ପେନସନ୍ ମାସିକ ୫ ହଜାର ଟଙ୍କା ପ୍ରଦାନ କରାଯିବା ପାଇଁ ଦାବି କରାଯାଇଛି। ନୂତନ ଶିକ୍ଷାନୀତିରେ ଅଭିଜ୍ଞତା ଓ ଯୋଗ୍ୟତା ଆଧାରରେ ବୟସ ସୀମା ନ ରଖି ସମସ୍ତ ଅଙ୍ଗନୱାଡି କର୍ମଚାରୀଙ୍କୁ ପ୍ରି-ପ୍ରାଇମେରୀ ଶିକ୍ଷୟିତ୍ରୀ ମାନ୍ୟତା ଦେବା ଏବଂ ୫୦ ପ୍ରତିଶତ କର୍ମୀଙ୍କୁ ପଦୋନ୍ନତି ଦିଆଯାଉଥିବା ବେଳେ ଆଉ ୫୦ ପ୍ରତିଶତ ସ୍ନାତକ ଏବଂ ତଦୁର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀଙ୍କୁ ସୁପରଭାଇଜର ପଦବୀରେ ପଦୋନ୍ନତି ଦିଆଯିବା ଆଦି ଦାବି କରାଯାଇଛି। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀମାନେ ସରକାରଙ୍କ ଅବହେଳା ଏବଂ ଉଦାସୀନତା ବିରୁଦ୍ଧରେ ଗର୍ଜିଥିଲେ। ମହିଳାଙ୍କ ସମସ୍ୟା ନ ବୁଝିଲେ ମହଙ୍ଗା ପଡିବ ବୋଲି ଚେତାବନୀ ଶୁଣାଇଥିଲେ। ପରେ ଜିଲାପାଳ କାର୍ଯ୍ୟାଳୟ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା।

# କ୍ରିକେଟ: ବାଗବାହାଲି ଚାମ୍ପିୟନ

**ଲୋଇସିଂହା,୩୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଆଗଲାପାଲି ଗ୍ରାମରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାଉଁନ୍ତପୁରକୁ ହରାଇ ବାଗବାହାଲି ଚାମ୍ପିୟନ ହୋଇଛି। ଗ୍ରାମର ଜୟଦୁର୍ଗା ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଗତ ୨୬ ତାରିଖ ଠାରୁ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା। ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ ବାଗବାହାଲି ଓ ସାଉଁନ୍ତପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବାଗବାହାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫୨ ରନ ସଂଗ୍ରହ କରିଥିଲା। ୫୩ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିବାକୁ ଯାଇ ସାଉଁନ୍ତପୁର ଦଳ ନିର୍ଦ୍ଧାରିତ ଓଭରରେ ୨୭ ରନ କରିବାରେ ସକ୍ଷମ ହୋଇଥିଲେ। ୨୭ ରନରେ ବାଗବାହାଲି ବିଜୟୀ ହୋଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲା। ବାଗବାହାଲି ଦଳର ଚନ୍ଦନ ମ୍ୟାନ ଅଫ୍ ଦ ମ୍ୟାଚ ଓ ସାଉଁନ୍ତପୁର ଦଳର ରଜତଙ୍କୁ ଟୁର୍ନାମେଣ୍ଟ ଅଫ ଦ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅରୁଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏଚ୍. ନନ୍ଦ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଏଚ୍. ଚୌହାନ, ଆର.ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୬ ହଜାର ଟଙ୍କା ଆୟୋଜକଙ୍କ ତରଫରୁ ଦିଆଯାଇ ପୁରସ୍କୃତ କରାଯାଇଥିଲା।

# ୫୦ହଜାର ଟଙ୍କା ଲୁଟ

### ଦିନ ଦ୍ୱିପ୍ରହରେ ବାଇକ୍ ଆତଙ୍କ

**କଣ୍ଟାବାଞ୍ଜି,୩୦।୧୨(ଡି.ଏନ.ଏ.)**

ଶୁକ୍ରବାର ବଲାଙ୍ଗୀର ଜିଲା ତୁରେକେଲା ରାସ୍ତାରେ ୨ଜଣ ବାଇକ୍ ଆରୋହୀଙ୍କ ଠାରୁ ଦୁର୍ବୃତ୍ତମାନେ ୫୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି । ପ୍ରକାଶ ଯେ, ପୂର୍ବାହ୍ନରେ ତୁରେକେଲା ଥାନା ବର୍ଲା ଗାଁର ପ୍ରଦୀପ ବନଛୋର ଓ ଭକ୍ତବନ୍ଧୁ ନିଆଲ ଉଭୟେ କଣ୍ଟାବାଞ୍ଜି ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖାକୁ ଯାଇଥିଲେ। ଭକ୍ତବନ୍ଧୁ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା କାଢି ଉଭୟ ବାଇକ୍ ଯୋଗେ ଗାଁକୁ ଯାଉଥିଲେ। ସ୍ଥାନୀୟ ତୁରେକେଲା ରାସ୍ତା ପିଡବ୍ଲୁଡି ବଙ୍ଗଳା ନିକଟରେ ଅନ୍ୟ ଏକ ଆପଚିରେ ଦୁଇ ଜଣ ଅଜଣା ବ୍ୟକ୍ତି ଆସି ସାମ୍ନା ପଟରୁ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଏକ ପଲସର ଗାଡିରେ ଦୁଇ ଜଣ ଯୁବକ ଆସି ଭକ୍ତବନ୍ଧୁ ଓ ପ୍ରଦିପ ଯାଉଥିବା ବାଇକ୍ ଡିକିରୁ ଟଙ୍କା ନେବାକୁ ଉଦ୍ୟମ କରିବା ବେଳେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପଲସରରେ ଥିବା ୨ ଲୁଟେରା ଡିକିରୁ ୫୦ ହଜାର ଟଙ୍କା ଥିବା ଗୋଟିଏ ବଣ୍ଡଲ ନେଇ ଫେରାର ମାରିଥିଲେ। ପ୍ରଦିପ ଓ ଭକ୍ତବନ୍ଧୁ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଛନ୍ତି। ଥାନା ଆଇଆଇସି ରଶ୍ମିତା ବେହେରା ଓ ଏଏସଆଇ ପରମାନନ୍ଦ ମାଝି ସଦଳବଳେ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲେ। ଲୁଟ ହୋଇଥିବା ସ୍ଥାନ ନିକଟରେ ଥିବା ଏକ ଦୋକାନର ସି.ସି.ଟିଭି ଫୁଟେଜକୁ ଆଧାର କରି ଅନୁସନ୍ଧାନ କରାଯାଉଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଲୁଟେରାଙ୍କ ପତ୍ତା ମିଳି ପାରିନାହିଁ। ଏହାର କେସ ନଂ ୩୪୧/୨୨ ।

# ବିଭାଗୀୟ ଅଧିକାରୀଙ୍କ ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ

### ୨୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ

**କୋକସରା,୩୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର କୋକସରା ଗ୍ରାମ ଦେଇ ବରଗଡ଼ରୁ ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥ ଯାଇଛି। ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଜାଗା ଚିହ୍ନଟ ଓ ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଜାତୀୟ ରାଜପଥ, ପୂର୍ତ୍ତ ବିଭାଗ ଅଧିକାରୀ ଓ ତହସିଲର ବିଭାଗୀୟ ଅଧିକାରୀମାନେ କୋକସରା ସହର ରହିଥିବା ଜାତୀୟ ରାଜପଥର ଦୁଇ କଡରେ ଜାଗା ଅବସ୍ଥିତି ଚିହ୍ନଟ ଆରମ୍ଭ କରିଛନ୍ତି। ଆଗକୁ ଜମି ଅଧିଗ୍ରହଣ ହୋଇ ରାସ୍ତା ସମ୍ପ୍ରସାରଣ ହେବା ନେଇ ସୂଚନା ମିଳିଛି। ଏହି ସମୟରେ ଜାତୀୟ ରାଜପଥ କେସିଙ୍ଗାର ନିର୍ବାହୀ ଯନ୍ତ୍ରୀ, ତହସିଲଦାର ଦେବବ୍ରତ କରାଟି, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ରାଜସ୍ୱ ସୁପରଭାଇଜର ଅଜୟ ରାଜ ଶିକା, କୋକସରା ରାଜସ୍ୱ ନିରୀକ୍ଷିକା ଝାନ୍ସିରାଣି ଦିଶାରୀ, କୋର୍ଟ ଅମିନ ସୁନିଲ କୁମାର ପଟ୍ଟନାୟକ, ମହେନ୍ଦ୍ର ମାଝି ଓ ପୂର୍ତ୍ତ ବିଭାଗର ଅଧିକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅନେକ ବର୍ଷ ଧରି ଜାତୀୟ ରାଜପଥ ଦୁଇ କଡ଼ରେ ସରକାରୀ ଜମି ଜବରଦଖଲ କରି ଘର କରି ରହୁଥିବା ଲୋକଙ୍କ ମଧ୍ୟରେ ଆଗକୁ କ'ଣ ହେବ ସେ ନେଇ ଅଜଣା ଆଶଙ୍କା ଉଙ୍କି ମାରୁଛି।



ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଅଧିକାରୀମାନେ ଜାଗା ଚିହ୍ନଟ କରୁଛନ୍ତି।

# ହକି ବିଶ୍ୱକପ ଉପଲକ୍ଷେ କବାଡ଼ି, ଭଲିବଲ ପ୍ରତିଯୋଗିତା



ଜଣେ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ଖଡ଼ିଆଳ,୩୦।୧୨(ଡି.ଏନ.ଏ.)**

ନୂଆପଡା ଜିଲା ପ୍ରଶାସନ ପକ୍ଷରୁ ହକି ବିଶ୍ୱକପ ଉପଲକ୍ଷେ ଖଡ଼ିଆଳ ବ୍ଲକ ମଣ୍ଡୋସିଲ ଗ୍ରାମପଞ୍ଚାୟତସ୍ଥିତ ବିଜେପୁର ଖେଳପଡ଼ିଆଠାରେ ଭଲିବଲ ଓ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ପୁରୁଷଙ୍କ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଭଲିବଲ ପ୍ରତିଯୋଗିତାରେ ମଣ୍ଡୋସିଲ ପୁରୁଷ ଦଳ ଚାମ୍ପିୟନ ହୋଇଥିବା ବେଳେ କବାଡିରେ ବିଜେପୁର ଉଭୟ ପୁରୁଷ ଓ ମହିଳା ଦଳ ଚାମ୍ପିୟନ ହୋଇଛି। ମଣ୍ଡୋସିଲ ସରପଞ୍ଚ ସୁବାସିନୀ ପାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତା ପାଇଁ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ହୋଇ ପାରିବ ଓ ଆସନ୍ତା ହକି ବିଶ୍ୱକପ ଦେଖିବା ଓ ସମର୍ଥନ କରିବାରେ ଲୋକଙ୍କୁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ। ଏହି ଅବସରରେ ନାଏବ ସରପଞ୍ଚ ନିତ୍ୟାନନ୍ଦ ଶବର, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଠାକୁର, ୱାର୍ଡ ସଭ୍ୟସଭ୍ୟା ଚନ୍ଦ୍ରଧ୍ୱଜ ପନକା, ଦିପେ କନପାନ, ରାଜ କୁମାରି ଶବରଙ୍କ ସହ ୧୧ଜଣ ସଭ୍ୟସଭ୍ୟାଙ୍କ ସହ ପଞ୍ଚାୟତ ଜନସାଧାରଣ ଯୋଗଦେଇଥିଲେ ।

# ମଞ୍ଚରେ ଉପସ୍ଥାପନ ହେଲା ଅଞ୍ଚଳର ସମସ୍ୟା

### ଜୟ ମା' ବସ୍ତ୍ରେନ ଧନୁଯାତ୍ରା

**ଲାଠୋର,୩୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଜୟ ମା' ବସ୍ତ୍ରେନ ଧନୁଯାତ୍ରା କମିଟି ସଭାପତି ହରି ବାରିକଙ୍କ ନେତୃତ୍ୱରେ ଚାଲିଥିବା ୧୩ତମ ଧନୁଯାତ୍ରା ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଅଞ୍ଚଳର ବିଭିନ୍ନ ସମସ୍ୟା ମଞ୍ଚରେ ଉପସ୍ଥାପନ ହୋଇଥିଲା। ବିଜେଡିର ବଲାଙ୍ଗୀର ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳର ବିକାଶ ପାଇଁ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୁପମା ପଟେଲ ଏବଂ ହଲନଭଟା ସରପଞ୍ଚ ରଶ୍ମିତା ଦାସ ଯୋଗଦେଇ ସାଧାରଣ ଲୋକଙ୍କ ପାଖରେ କିପରି ସରକାରୀ ଯୋଜନା ପହଞ୍ଚ ପାରିବ ଏବଂ ଏଥିରୁ ଜନସାଧାରଣ କିପରି ଉପକୃତ ହେବେ ସେ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଖବରଦାତା ଭୁବନେଶ୍ୱର ବାରିକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ଜିଲାର ଉପାନ୍ତ ଲାଠୋର ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବ ଲାଗି ରହିଥିବା କହିଥିଲେ । ଏପରିକି ଲାଠୋର ଗ୍ରାମରେ ରହିଥିବା ସର୍ବ ପୁରାତନ ୧୦୮ ବର୍ଷରେ ପଦାର୍ପଣ କରିଥିବା ସରକାରୀ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ଏଡି ପୁରାତନ ବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ଖାଇବା ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ପିଲା ଖୋଲାଆକାଶ ତଳେ ଖାଉଥିବା କହିଥିଲେ। ସେହିପରି ଅଞ୍ଚଳବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଲାଠୋର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପ୍ରଦାନ କରିବା ତଥା ଦାଦନ ଶ୍ରମିକଙ୍କ ପାଇଁ ରହିଥିବା ଲାଭକାରୀ ଯୋଜନା ସବୁର ସଫଳ ରୂପାୟନ ପାଇଁ ପ୍ରଶାସନକୁ ସେ ଅନୁରୋଧ କରିଥିଲେ। ଧନୁଯାତ୍ରା ମହୋତ୍ସବର ସପ୍ତମ ସନ୍ଧ୍ୟାରେ କଂସ ନିଜର ପୁରାତନ ମନ୍ତ୍ରୀ ଅକ୍ରୁରଙ୍କୁ ଡକାଇ ପୁନର୍ବାର ମହାମନ୍ତ୍ରୀ ପଦରେ ଅଭିଷିକ୍ତ କରିଥିଲେ ଏବଂ ଧନୁଯାତ୍ରା ଦେଖିବା ପାଇଁ ତାଙ୍କୁ ଗୋପନଗରୀକୁ ପ୍ରେରଣ କଲେ କୃଷ୍ଣ ବଳରାମଙ୍କୁ ଆଣିବା ପାଇଁ। କଂସ ଭୂମିକାରେ ଜଗଦାନନ୍ଦ ମିଶ୍ର ଏବଂ ମହାମନ୍ତ୍ରୀ ଭୂମିକାରେ ଦିଲୀପ ପୋଦ୍ଦଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖୁଥିବା ଦେଖାଯାଉଛି। ଏହି ଅବସରରେ ଝିଙ୍କ୍ରିପାଲି ଏବଂ ଟଙ୍କପାଣି ଧନୁଯାତ୍ରା କମିଟି ସଦସ୍ୟମାନଙ୍କୁ ନିମନ୍ତ୍ରଣ କରି ଧନୁଯାତ୍ରା କମିଟି ସଦସ୍ୟ ସୁଶିଲ ଅଗ୍ରୱାଲଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କମିଟି ସମ୍ପାଦକ ସଚ୍ଚିକାନ୍ତ ଦାସ,ସଦସ୍ୟ ରମାକାନ୍ତ ମହାନ୍ତି, ପ୍ରକାଶ ବେହେରା, ନୀଳମଣି ବେହେରା,ବିଦ୍ୟାଧର ଗୁର୍ଲା, ବିଶ୍ୱହରୀ ନାଗଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରୁଛନ୍ତି।



ସପ୍ତମ ସନ୍ଧ୍ୟାରେ କଂସଙ୍କ ଦ୍ୱାରା ପୁରାତନ ମନ୍ତ୍ରୀ ଅକ୍ରୁରଙ୍କୁ ମହାମନ୍ତ୍ରୀ ପଦରେ ଅଭିଷିକ୍ତ ଦୃଶ୍ୟର ଏକ ଝଲକ୍।


## ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି

ପତ୍ର ସଂଖ୍ୟା: ୪୦୭/ଡିସିଓ ତାରିଖ: ୩୦।୧୨।୨୦୨୨

**ବିଜ୍ଞାପନ**

ଏତଦ୍ଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି '୨୫ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୩' ଆସନ୍ତା ଜାନୁୟାରୀ ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମ, ଭବାନୀପାଟଣାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୨୦୦ ଗୋଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯିବ। ଷ୍ଟଲଗୁଡ଼ିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବସାଇଟ୍ www.kalahandi.nic.inରେ ପ୍ରକାଶ କରାଯାଇଅଛି। ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲଗୁଡ଼ିକ ଆବଣ୍ଟନ କରାଯିବ। ତା୦୩।୦୧।୨୦୨୩ରିଖରୁ ଷ୍ଟଲ ଆରକ୍ଷଣ କରିବା ଆରମ୍ଭ ହେବ।

ସ୍ୱା./- ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି

## OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR

Phone: 0680-2291405, E-Mail: eerw_gm1@yahoo.co.in

No. O-1549 **Government of Odisha**

**e-Procurement Notice**

Bid Identification No. Online Tender//08//SERWDG-I//2022-23

Letter No. 3978//RWDG-I//BAM Date: 28.12.2022

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.54.62 Lakh |
| 3 | Period of Completion | : | 03 (Three) Calendar Months as shown in Column No. 05 of Annexure |
| 4 | Date & time of availability of Bid Documents in the Portal | : | From 02.01.2023 at 11.30 A.M. to 07.01.2023 upto 5.00 P.M. |
| 5 | Last Date/Time for receipt of Bids in the portal | : | 07.01.2023 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Superintending Engineer
R.W. Division-I, Ganjam, Berhampur
OIPR-25085/11/0010/2223

## GOVERNMENT OF ODISHA No. B-1072

## "e" PROCUREMENT NOTICE WORKS DEPARTMENT

E-mail: ceroads.bbsr@gmail.com

RFP Identification No. CE-DPI&R-05/2022-23

1. The Chief Engineer, D.P.I. & Roads, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Project" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of Work : Road works
3. No. of Project : 1 No.
4. Tender Paper Cost : Rs.10,000.00
5. Class of Contractor : Super Class
6. Available of bid document in the website : From 10.00 hours of 17.01.2023 to 16.00 hours of 17.02.2023
7. Date of Pre-Application conference : 27.01.2023 at 12.30 hours
8. Date of opening of Bid : Dt.17.02.2023 at 16.30 hours
9. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Chief Engineer (DPI & Roads), Odisha**
OIPR-34111/11/0075/2223

## OFFICE OF THE DEAN & PRINCIPAL M.K.C.G. MEDICAL COLLEGE, BERHAMPUR - 760 004, (GANJAM)

Tel.: 0680 2292746/Fax: 0680 2292809//E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com, Website: www.mkcgmch.org

No. 13593/MCB-2022/Welfare/ Dated, Berhampur the 30th December, 2022

**5th CORRIGENDUM**

No. E-775: As per the Tender Call Notice No. 11182 Dt.04.11.2022, the last date for submission of tender towards Outsourcing of Parking of Vehicles at MKCG Medical College Campus, Berhampur was on Dt.27.12.2022. Since only one firms have submitted the tender with in due period, hence the last date for submission of tender is extended upto Dt.10.01.2023 by 05.00 P.M. and will be opened on the same date (i.e. Dt.10.01.2023 at 05.00 P.M.). The other terms & conditions in the tender remains unaltered.

Sd./- Dean & Principal
MKCG Medical College, Berhampur
OIPR-10013/11/0030/2223

## QUOTATION CALL NOTICE
## ORMAS, DRDA CAMPUS, NABARANGPUR

No. CAD-4320: Sealed quotations are invited from potential supplier, tent house and electrical decorators, Video Graphers, Printers, Security Service Agencies, CCTV suppliers to take up different works for organizing Pallishree Mela - 2022, Nabarangpur on the occasion of **Mandei** from **10th to 14th December, 2022**. The different quotation call notice has been issued vide Qtn. No. 255, 256, 257, 258, 259, 260, 261 & 262 dated 31.11.2022. The tender papers are available at the website of **www.nabarangpur.nic.in**.
The last date of submitting quotations is **15.11.2022 by 3.00 P.M.** and the sealed quotations will be opened at 3.30 P.M. on 15.11.2022. The sealed quotations will be received through **Speed Post/Regd. Post** of the Postal Department only (other means of receipt of quotation will be summarily rejected). For more details, please visit: **www.Nabarangpur.nic.in**.

**Sd./- CDO-cum-EO, ZP, Nabarangpur**
OIPR-19254/11/0003/2223

## OFFICE OF THE CDM & PHO & DISTRICT MISSION DIRECTOR, BHADRAK
## DISTRICT HEALTH MISSION

(Department of Health & FW, Govt. of Orissa)

Advt. No. 14737 Date: 29.12.2022

**REQUEST FOR PROPOSAL (RFP) FOR HIRING OF VEHICLES FOR MVC UNDER SUNETRA (UEHP)**

No. E-774: Sealed proposals as per the Prescribed RFP document are invited from interested eligible bidders (Individuals/Tour Operators/Travel Agencies/Firms) for hiring of 1 (One) No. of Vehicle for Mobile Vision Centre (MVC) on **Monthly Basis** for the year 2022-23. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website **www.bhadrak.nic.in**. Interested bidders fulfilling the eligibility criteria may submit their proposal (with EMD and documents as per RFP. The bidders have to submit their proposal to the Office of the CDM & PHO, BHADRAK. The details of proposal complete in all respect superscribing **"Tender for hiring of vehicle on Monthly rental Basis for MVC under SUNETRA (UEHP) & the advertisement reference No. ............................"** on the envelope and should reach to the Office of the CDM & PHO, Bhadrak on or before 19.01.2023 (till 4 P.M.) by Speed Post or Registered Post only. The technical and financial bids shall be opened at the Office of the CDM & PHO, Bhadrak on 25.01.2023 date at 12.00 Noon. The authority reserves the right to reject any or all the proposals without assigning any reason threrof.

**Sd./- CDM & PHO, Bhadrak**
OIPR-10123/11/0007/2223

## ସଂକ୍ଷେପରେ

### ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଡୁଙ୍ଗୁରିପାଲି,୩୦।୧୨ (ଡି.ଏନ.ଏ.): ଶୁକ୍ରବାର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରାମପୁର ରାସ୍ତାର ବାଙ୍କିପାଲି ହାଇସ୍କୁଲ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଠାକୁର ବାଗ (୪୮)। ପ୍ରକାଶ ଯେ, ସନ୍ଧ୍ୟା ୭ଟା ସମୟରେ ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା ଗ୍ରାମର ଠାକୁର ନିଜ ବାଇକ୍ ଯୋଗେ ସ୍ତ୍ରୀଙ୍କୁ ନେଇ ଶ୍ୱଶୁର ଘର ପାଙ୍କେଲ ଗ୍ରାମରୁ ମାୟାବର୍ହା ଫେରୁଥିବା ବେଳେ ବାଙ୍କିପାଲି ହାଇସ୍କୁଲ ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଫଳରେ ଉଭୟ ସ୍ୱାମୀ ସ୍ତ୍ରୀ ବାଇକ୍‌ରୁ ରାସ୍ତା କଡ଼କୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଦୁହିଁଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଠାକୁର ବାଗଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ସ୍ତ୍ରୀ ହେମ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ବାମ ଗୋଡ଼ ପାଦରେ ଗଭୀର ଆଘାତ ଲାଗିଛି। ଏନେଇ ପରିବାର ପକ୍ଷରୁ ରାମପୁର ଥାନାରେ ଏତଲା ଦିଆଯାଇଛି। ପୋଲିସ ତଦନ୍ତ ଜାରି ରଖିଛି।

### ଟେଣ୍ଟ ହାଉସ ମାଲିକ ସଂଘର ବାର୍ଷିକୋତ୍ସବ

ଜାମଟିକ୍ରା, ୩୦।୧୨(ଡି.ଏନ.ଏ.) ବରଗଡ ଜିଲା ଅତାବିରାର ଏକ କଲ୍ୟାଣ ମଣ୍ଡପରେ ବ୍ଲକ ଟେଣ୍ଟ ହାଉସ ମାଲିକ ସଂଘର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ନଟରାଜ କଳା ପରିଷଦର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୁମନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟେଣ୍ଟ ମାଲିକ ସଂଘ ସଭାପତି ପ୍ରବିର ପ୍ରଧାନ, ସମ୍ପାଦକ ସୁଦୟ ଭୋଇ, ଯଶୋବନ୍ତ ପଣ୍ଡା, ଈଶ୍ୱର ପ୍ରଧାନ, ଗୋପକାହ୍ନୁ ପ୍ରଧାନ, ରାମକୃଷ୍ଣ ଗେଜୋ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅତାବିରା ଟେଣ୍ଟ ହାଉସ ମାଲିକ ସ୍ୱର୍ଗତ ବୀରବଲ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

# ସୁବର୍ଣ୍ଣପୁରରେ ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ବିଶାଳ ରାଲି

ସୋନପୁର,୩୦।୧୨(ନି.ପ୍ର.)



ସୁବର୍ଣ୍ଣପୁରରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ବିଶାଳ ରାଲି।

■ ୩୯ ଦିନରେ ଆନ୍ଦୋଳନ, ୧୪୮୦ କେନ୍ଦ୍ରରେ ତାଲା

■ ୨୨ ହଜାରରୁ ଊର୍ଦ୍ଧ୍ୱ ଶିଶୁ ପ୍ରାକ୍ ଶିକ୍ଷାରୁ ବଞ୍ଚିତ

ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଅଲ୍ ଓଡିଶା ଲେଡିଜ୍ ୱାର୍କର୍ସ ଆସୋସିଏଶନ ଡାକରାରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଶୁକ୍ରବାର ସୁବର୍ଣ୍ଣପୁରରେ ରାଲି କରିଛନ୍ତି। ଗତ ୩୯ ଦିନ ଧରି ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଥିଲା ବେଳେ ରାଜ୍ୟ ସରକାର ଦାବି ପ୍ରତି ଅଣଦେଖା କରୁଛନ୍ତି। ତେଣୁ ସଂଘ ଆନ୍ଦୋଳନ ବ୍ୟାପକ କରିବା ସହିତ ଜିଲା ସଦର ମହକୁମାରେ ଶକ୍ତି ପ୍ରଦର୍ଶନ କରିଛି। ହଜାର ହଜାର ଅଙ୍ଗନୱାଡି କର୍ମୀ ଓ ସହାୟିକା ରୟାଲ ପଡିଆରୁ ବାହାରି ସହର ପରିକ୍ରମା କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଲାର ସୋନପୁର, ତରଭା, ବିନିକା, ଡୁଙ୍ଗୁରିପାଲି, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଅଧିକାଂଶ ଅଙ୍ଗନୱାଡି କର୍ମୀ ଓ ସହାୟିକା ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ରାଜ୍ୟ ସରକାର ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ବହିଷ୍କୃତ ହୋଇଥିବା ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି, ମିନି ଅଙ୍ଗନୱାଡି ଉଚ୍ଛେଦ କରି ମିନି ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ, ଅବସରକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା, ପେନସନ ମାସିକ ୫ ହଜାର ଟଙ୍କା ପ୍ରଦାନ ଆଦି ଦାବି କରିଥିଲେ। ସଂଘର ଜିଲା ସଭାନେତ୍ରୀ ମମତା ପଣ୍ଡା ଓ ସମ୍ପାଦିକା ପୁଷ୍ପାଞ୍ଜଳି ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ ତାଙ୍କ ପ୍ରକୋଷ୍ଠରେ ଭେଟି ସେମାନଙ୍କ ନ୍ୟାର୍ଯ୍ୟ ଦାବି ଓ ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ୮ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରା ଯାଇଥିଲା। ଆନ୍ଦୋଳନରେ ଗୀତାଞ୍ଜଳି ପୂଜାହାରୀ, ସୁକାନ୍ତି ଦାଶ, ସୌଭାଗ୍ୟ ମହାକୁର, ରାମେଶ୍ୱର କର୍ଣ୍ଣ, ବଲ୍ଲଭୀ ବାନଛୋର, ଜୟନ୍ତୀ ସେଠ୍ ଓ ରଜେଶ୍ୱରୀ ପଟ୍ଟନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଆନ୍ଦୋଳନ ଯୋଗୁ ଜିଲାରେ ୧୪୮୦ଟି ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲୁଛି। କୁନିକୁନି ପିଲାମାନଙ୍କର ପ୍ରାକ୍ ଶିକ୍ଷା କାର୍ଯ୍ୟକ୍ରମ ବନ୍ଦ ରହିଛି। ସରକାରଙ୍କ ରନ୍ଧାଖାଦ୍ୟ ବନ୍ଦ ଥିବାରୁ ଅଣ୍ଡା ଭଳି ପୁଷ୍ଟିକର ଖାଦ୍ୟରୁ ଶିଶୁମାନେ ବଞ୍ଚିତ ଅଛନ୍ତି। ଜିଲାର ମୋଟ ୨୨ ହଜାର ୨୯୯ ଶିଶୁଙ୍କ ପ୍ରାକ୍ ଶିକ୍ଷା ବନ୍ଦ ରହିଛି। (ଫଟୋ କ୍ୟାପସନ୍-ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ପ୍ରତିବାଦ କରୁଛନ୍ତି।

# ଆନ୍ତଃ ଜିଲାସ୍ତରୀୟ ବ୍ରାହ୍ମଣ ସମାଜ କର୍ମକର୍ତ୍ତା ଚୟନ

ସୋନପୁର, ୩୦।୧୨ (ନି.ପ୍ର.)

ସୋନପୁର ଛନଛାନ ଡୁଙ୍ଗୁରୀସ୍ଥିତ ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆନ୍ତଃ ଜିଲାସ୍ତରୀୟ ବ୍ରାହ୍ମଣ ସମାଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ବ୍ରାହ୍ମଣ ସମାଜର ଆହ୍ୱାନକ୍ରମେ ଆୟୋଜିତ ଏହି ବୈଠକରେ ସୁବର୍ଣ୍ଣପୁର ଜିଲା ସମେତ ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର ଏବଂ କଳାହାଣ୍ଡି ଜିଲାର ବ୍ରାହ୍ମଣମାନେ ଯୋଗ ଦେଇଥିଲେ। ଏହି ୫ ଜିଲାକୁ ନେଇ ଆନ୍ତଃ ଜିଲାସ୍ତରୀୟ ବ୍ରାହ୍ମଣ ସମାଜ ଗଠନ ହେବା ସହ କର୍ମକର୍ତ୍ତା ଚୟନ ହୋଇଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ସମ୍ବଲପୁର ଜିଲାର ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର, ଉପସଭାପତି ଭାବେ ବଲାଙ୍ଗୀର ଜିଲାର ଡ. ରାଧେଶ୍ୟାମ ବ୍ରହ୍ମା, ସଂପାଦକ ଭାବେ କଳାହାଣ୍ଡି ଜିଲାର ଚିତ୍ରସେନ ଦାଶ ଏବଂ ସହ ସଂପାଦକ ଭାବେ ବୌଦ୍ଧ ଜିଲାର ଦେବାଶିଷ ପୁରୋହିତଙ୍କୁ ଚୟନ କରାଯାଇଛି। ସେହିପରି ସୁମନ୍ତ ଷଡଙ୍ଗୀ ଏବଂ ରାଧେଶ୍ୟାମ ପୁରୋହିତଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। କାର୍ଯ୍ୟକାରୀ କମିଟିରେ ଶ୍ୟାମା ଓଁ ପ୍ରସାଦ ମିଶ୍ର, ଡ. ପୁରୁଷୋତ୍ତମ ମିଶ୍ର, ସଚ୍ଚିଦାନନ୍ଦ ଦାଶ, ଉପେନ୍ଦ୍ର ଚାନ୍ଦ ଓ ସରୋଜ କୁମାର ଦାଶ ପ୍ରମୁଖ ରହିଛନ୍ତି। ଝାରସୁଗୁଡା ଜିଲା ବ୍ରାହ୍ମଣ ସମାଜର ପ୍ରତିନିଧି ଭାବେ ଶୁଭେନ୍ଦୁ ଦାଶ ଯୋଗଦେଇ ଝାରସୁଗୁଡା ପର୍ଶୁରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବା ପାଇଁ ଆନ୍ତଃ ଜିଲାସ୍ତରୀୟ ବ୍ରାହ୍ମଣ ସମାଜକୁ ନିମନ୍ତ୍ରଣ ଜଣାଇଥିଲେ। ଆସନ୍ତାବର୍ଷ ସାରା ଓଡିଶାର ବ୍ରାହ୍ମଣମାନଙ୍କୁ ନେଇ ସୋନପୁରରେ ଏକ ମହାସଭାର ଆୟୋଜନ ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ୫ ଜିଲାର ଶତାଧିକ ବ୍ରାହ୍ମଣ ସପରିବାର ଏହି ବୈଠକରେ ଯୋଗ ଦେଇଥିଲେ।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ପାଇକମାଳ,୩୦।୧୨(ଡି.ଏନ.ଏ.)

ପାଇକମାଳ ବ୍ଲକର ମିଠାପାଲି ସେଣ୍ଟରରେ ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଆମ୍ବେଦକର ୱାରିୟର ସଂଘ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଶୁକ୍ରବାର ଦାବିପତ୍ର ପ୍ରଦାନ କରାଯାଇଛି। ୭ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ଏ ନେଇ ପଦକ୍ଷେପ ଗ୍ରହଣ କରା ନ ଗଲେ ସଂଘ ପକ୍ଷରୁ ପାଇକମାଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅଭିଯୋଗ ଅନୁସାରେ, ଗତ ତା.୧୬।୦୭।୨୦୨୨ରିଖରେ ପାଇକମାଳ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଅଙ୍ଗନୱାଡି କର୍ମୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏଥିପାଇଁ ଯୋଗ୍ୟ ପ୍ରାର୍ଥିନୀମାନେ ଆବଶ୍ୟକ ପ୍ରମାଣ ସହିତ ଅନ୍‌ଲାଇନ ଯୋଗେ ଆବେଦନ କରିଥିଲେ। ତେବେ ମିଠାପାଲି ସେଣ୍ଟର ପାଇଁ କର୍ମୀ ଚୟନରେ ଅନିୟମିତତା ହୋଇଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସଂଘର ପାଇକମାଳ ବ୍ଲକ ସଭାପତି ଜୟକୁମାର ଜାଲ, ଝାରବନ୍ଧ ବ୍ଲକ ସଭାପତି ମହେଶ କୁମାର ବାଘ, ସୁଜନ ବାଗ, ମୁରଲୀ ସୁନା, ଜଗନ୍ନାଥ ବେଶ୍ରା, ସୁଶାନ୍ତ ରାବଣ, ପିତାମ୍ବର ବାଗ, ଦେବଚନ୍ଦ୍ର ବାଗ, ସ୍ୱର୍ଣ୍ଣ ବିଭାର, ସୁନିଲ ମହାନନ୍ଦ, ରାଧେଶ୍ୟାମ ସୁନା ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ପେନସିଲ୍ ମୁନର ଯାଦୁରେ ଜୀବନ୍ତ ପାଉଛି ଚିତ୍ର

ବାଉଁଶୁଣୀ, ୩୦।୧୨(ଡି.ଏନ.ଏ.)


ନିବାସ ସୁନା ପେନସିଲରେ ଚିତ୍ର ଆଙ୍କୁଛନ୍ତି।

ପେନସିଲ ମୁନର ଯାଦୁରେ ଜୀବନ୍ତ ଭଳି ଆଙ୍କି ପକାଉଛନ୍ତି ଚିତ୍ର। ପେନସିଲ ହାତରେ ଧରିବା ମାତ୍ରେ ଆଙ୍କି ପକାଉଛନ୍ତି ଦେବାଦେବୀ, ମହାପୁରୁଷ, ସିନେତାରକା ଭଳି ଅନେକ ଗୁଡ଼ିଏ ଚିତ୍ର। କୁହାଯାଏ ଗୁରୁ ବିନା କାର୍ଯ୍ୟ ଅସମ୍ଭବ ହେଲେ ବିନା କୌଣସି ତାଲିମ, ବିନା ଗୁରୁରେ ଆଜି ଆଙ୍କି ପକାଉଛନ୍ତି ଭଳିକି ଭଳି ଚିତ୍ର। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ପଲସାଗୋରା ପଞ୍ଚାୟତ କୁଣ୍ଡାମାଲ ଗ୍ରାମର ନିବାସ ସୁନା। ପିଲାଟି ଦିନରୁ ଇଚ୍ଛା ଥିଲା ଜଣେ ଭଲ ଚିତ୍ରଶିଳ୍ପୀ ହେବା ପାଇଁ। ପିଲାଟି ଦିନରୁ ପାଠ ପଢିବା ସହ ଟିକିଏ ସମୟ ପାଇଲେ ଆଙ୍କି ଦିଅନ୍ତି ବିଭିନ୍ନ ଚିତ୍ର। ଘର କାନ୍ଥରେ ଶୋଭାପାଉଛି ଦେଶର ମହାପୁରୁଷମାନଙ୍କ ଫଟୋ। ଯାହା ସେ ଆଙ୍କିଛନ୍ତି। ହେଲେ ନିବାସଙ୍କ ବଡ଼ ଚିତ୍ରଶିଳ୍ପୀ ହେବାର ସ୍ୱପ୍ନ ଆଜି ସ୍ୱପ୍ନ ହୋଇ ରହିଯାଇଛି। ସେ ଜଣେ ଚିତ୍ରଶିଳ୍ପୀ ସହ ଜଣେ ମେଧାବୀ ଛାତ୍ର ହୋଇ ମଧ୍ୟ ଆଗକୁ ବଢିବାରେ ଅର୍ଥ ସାଜିଛି ବାଧକ। ୭ ବର୍ଷ ହେବ ମାଆ ଆରପାରିକୁ ଚାଲିଗଲେ। ଏବେ ଭଉଣୀ ଆଉ ତାଙ୍କ ବାପାଙ୍କ ସହ ରହୁଛନ୍ତି ନିବାସ। ଯେତେବେଳେ ନିବାସ ବାପାଙ୍କୁ କୁହେ ମୁଁ ଭଲ ଆର୍ଟ କଲେଜରେ ପାଠ ପଢିବି ବଡ଼ ଚିତ୍ରଶିଳ୍ପୀ ହେବି ସେତେବେଳେ ବାପାଙ୍କ ଆଖିରୁ ଆସିଯାଏ ଲୁହ। କାରଣ ବାପା ଜଣେ ଦିନ ମଜୁରିଆ। ପୁଅର ପେନସିଲ,କଲର୍ ଖର୍ଚ୍ଚ ପାଇଁ ପର ଘରେ ମୂଲ ଲାଗି ଟଙ୍କା ଆଣେ। ଏବେ ଅସହାୟ ପରିବାର ନିବେଦନ କରିଛନ୍ତି ଯଦି ସରକାରଙ୍କ କିମ୍ବା ଜିଲା ପ୍ରଶାସନ ତରଫରୁ ଭଲ ଆର୍ଟ କଲେଜରେ ପାଠ ପଢିବାର ବ୍ୟବସ୍ଥା କରିବେ ତାହେଲେ ଆଗାମୀ ଦିନରେ ଭଲ ଚିତ୍ରଶିଳ୍ପୀ ହୋଇପାରିବ। ପୂର୍ବରୁ ସୁନିଲ ଓ ରିଶିବ ଚିତ୍ର ଆଙ୍କି ଚର୍ଚ୍ଚାରେ ଥିଲେ ଏବେ ନିବାସ ମଧ ଭଳିକି ଭଳି ଚିତ୍ର ଆଙ୍କି ଲୋକଙ୍କ ମନ ଜିଣିପାରୁଛନ୍ତି। ଯଦି ବୌଦ୍ଧ ଜିଲା ପ୍ରଶାସନ ଏହି ଚିତ୍ରଶିଳ୍ପୀମାନଙ୍କୁ ସହଯୋଗ କରନ୍ତେ ତାହେଲେ ଆଗାମୀ ଦିନରେ ବୌଦ୍ଧ ଜିଲା ଏକ ଚିତ୍ରଶିଳ୍ପୀର ଜିଲାର ପରିଚୟ ପାଇ ପାରନ୍ତା।

# ଧନୁଯାତ୍ରାରେ ଭାରତ ମସଲାର ସ୍ୱତନ୍ତ୍ର ଅଫର

ମଥୁରାନଗରୀ,୩୦।୧୨



ଧନୁଯାତ୍ରାରେ ଖୋଲିଥିବା ଭାରତ ମସଲା କମ୍ପାନୀ ଷ୍ଟଲରେ ଗ୍ରାହକଙ୍କ ଭିଡ଼।

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଭାରତ ମସଲା ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର୍ ରଖିଛି। ଦୀର୍ଘବର୍ଷ ଧରି ବ୍ୟବସାୟରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର୍ ରଖି ଆସିଥିବା ଭାରତ ମସଲା ଏଥର ମଧ୍ୟ ଧନୁଯାତ୍ରା ମହୋତ୍ସବରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ସୁଯୋଗ ଆଣିଦେଇଛି। କୋଭିଡ୍ କଟକଣା ଯୋଗୁ ଦୀର୍ଘ ଦୁଇବର୍ଷ ପରେ ଆରମ୍ଭ ହୋଇଥିବା ଧନୁଯାତ୍ରା ମହୋତ୍ସବରେ ଭାରତ ମସଲାର ଏହି ଅଫର୍ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଛି। ଏହି ମହୋତ୍ସବର ହୀରକ ଜୟନ୍ତୀରେ ଭାରତ ମସଲାର ଅଫର୍ ନେବାକୁ ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼ ଜମିଛି। ବ୍ୟବସାୟିକ ମନୋଭାବକୁ ଏଡ଼ାଇ ଦେଇ କମ୍ପାନୀ ଉତ୍ତମ ମାନ, ପରିମାଣ ଏବଂ ଗୁଣବତ୍ତାକୁ ବଜାୟ ରଖି ସ୍ୱାସ୍ଥ୍ୟକାରକ ଖାଦ୍ୟ ପଦାର୍ଥ ଏବଂ ବିଭିନ୍ନ ପ୍ରକାର ମସଲା ଗ୍ରାହକଙ୍କୁ ଯୋଗାଇ ଦେଇଆସୁଛି ବୋଲି ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ ପଣ୍ଡା ଏବଂ ନିର୍ଦ୍ଦେଶିକା ନନ୍ଦିତା ପଣ୍ଡା ସୂଚନା ଦେଇଛନ୍ତି। ଏହାଦ୍ୱାରା ଗୃହିଣୀମାନେ ସ୍ୱତନ୍ତ୍ର କ୍ରୟୋଜନିତ ପଦ୍ଧତିରେ ପ୍ରସ୍ତୁତ ଶିଳବଟାର ସ୍ୱାଦ ବାରିପାରିବେ। ଭାରତ ମସଲା ଷ୍ଟଲ୍‌ରେ ଗୋଟିଏ ମସଲା କିଣିଲେ ଆଉ ଗୋଟିଏ ମସଲା ମାଗଣାରେ ମିଳୁଛି। ଏହାସହିତ ଆହୁରି ଆକର୍ଷଣୀୟ ଉପହାର ମିଳୁଛି ବୋଲି ସେଲ୍ସ ମ୍ୟାନେଜର ଡମ୍ବରୁଧର ସାହୁ ସୂଚନା ଦେଇଛନ୍ତି। ଧନୁଯାତ୍ରାର ହୀରକ ଜୟନ୍ତୀ ଅବସରରେ ୧୦ ଦିନ ଧରି ହେବାକୁ ଥିବା ଭାରତ ମସଲା କମ୍ପାନୀର ଏହି ସୁଯୋଗ ନେବାକୁ ଗ୍ରାହକଙ୍କୁ ନିବେଦନ କରାଯାଇଛି।

# ଭଏସ୍ ଅଫ ସୁବର୍ଣ୍ଣପୁର, ବାଜି ମାରିଲେ ହୃଷୀକେଶ

ସୋନପୁର,୩୦।୧୨(ନି.ପ୍ର.)



ପ୍ରଥମ ୫ ପ୍ରତିଯୋଗୀଙ୍କୁ ଭଏସ୍ ଅଫ ସୁବର୍ଣ୍ଣପୁର ସମ୍ମାନ ପ୍ରଦାନ କରାଯାଉଛି।

ପ୍ରସିଦ୍ଧ କଣ୍ଠଶିଳ୍ପୀ ଫକୀର ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭଏସ୍ ଅଫ ସୁବର୍ଣ୍ଣପୁର ସିଜନ-୧ ପ୍ରତିଯୋଗିତା ସୋନପୁର ପୁରୁଣା ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲାର ୫୪ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୧୫ ଜଣ ପ୍ରତିଯୋଗୀ ଚୟନ ହୋଇଥିଲେ। ଚୂଡାନ୍ତ ପର୍ଯ୍ୟାୟରେ ୫ ଜଣ କୃତି ପ୍ରତିଯୋଗୀଙ୍କୁ ଭଏସ୍ ଅଫ ସୁବର୍ଣ୍ଣପୁର ଘୋଷଣା କରା ଯାଇଥିଲା। ତେବେ ବାଜି ମାରି ନେଇଥିଲେ ବରିଷ୍ଠ ଗାୟକ ହୃଷୀକେଶ ସାହୁ(୭୦)। ପ୍ରସିଦ୍ଧ ଷୋଳଭରଣୀ ବାଦ୍ୟକାର ସ୍ୱର୍ଗତ ପୁରନ୍ଦର ବାରିକ୍‌ଙ୍କ ସ୍ମୃତିରେ ପ୍ରଥମ ପୁରସ୍କାର ହୃଷିକେଶଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଯୁବ ପ୍ରତିଭା ଅଭିଳାଷ ମିଶ୍ରଙ୍କୁ ବିଶିଷ୍ଟ ଗାୟକ ସ୍ୱର୍ଗତ ବୃନ୍ଦାବନ ନାଏକଙ୍କ ସ୍ମୃତିରେ ଦ୍ୱିତୀୟ ପୁରସ୍କାର ଓ ବିଶିଷ୍ଟ ମଞ୍ଚ କଳାକାର ସ୍ୱର୍ଗତ ଜଗତରାମ ବାରିକ୍‌ଙ୍କ ସ୍ମୃତିରେ ଯୁବ କଳାକାର ଅମିତ ଷଡଙ୍ଗୀଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରାବଣୀ ମିଶ୍ରଙ୍କୁ ଚତୁର୍ଥ ଓ ଲଳିତ ଜାମୁଡାଲିଆଙ୍କୁ ପଞ୍ଚମ ପୁରସ୍କାର ପ୍ରଦାନ କରି ଭଏସ୍ ଅଫ ସୁବର୍ଣ୍ଣପୁର ଘୋଷଣା କରାଯାଇଛି। ବିଚାରକ ଭାବରେ ଓଲିଉଡର ସଙ୍ଗୀତ ନିର୍ଦ୍ଦେଶକ ରମେଶ ମହାନନ୍ଦଙ୍କ ସହିତ ପ୍ରସିଦ୍ଧ ସମ୍ବଲପୁରୀ ଗାୟକ ନବୀନ କୁଅଁର, ଅନଙ୍ଗ ସାଇଦେଓ ଓ ବେଦଶୃତି ମହାପାତ୍ର ଯୋଗଦାନ କରିଥିଲେ। ଶିଳ୍ପୀ କଳା ଅନୁଷ୍ଠାନ ସମ୍ବଲପୁରର କଳାକାରମାନେ ବାଦ୍ୟଯନ୍ତ୍ରରେ ବିଶେଷ ସହଯୋଗ କରିଥିଲେ। ଅନୁଷ୍ଠାନର ସଭାପତି ଶିବପ୍ରସାଦ ଗୁରୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳକ ମନୋଜ କୁମାର ବାରିକ ଓ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ଆଧୁନିକ ପିଢୀର ଯୁବ ସଙ୍ଗୀତ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ପୌରାଧ୍ୟକ୍ଷା ତାମସୀ ତାମସ୍ୱିତା ନାଏକ, ନାଟ୍ୟଶ୍ରୀ ଗଦାଧର ବାରିକ, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ ଓ ଅରବିନ୍ଦ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ, ଉପସଭାପତି ସନ୍ତୋଷ କୁମାର ମିଶ୍ର, କାର୍ଯ୍ୟକ୍ରମ ସଂଯୋଜକ ଉମେଶ କୁମ୍ଭାର, ସହ ସମ୍ପାଦକ ଗଣପତି ବାଘ, ପଞ୍ଚାନନ ନାଏକ, ସୌମ୍ୟକାନ୍ତ ମିଶ୍ର, ସୌମ୍ୟରଞ୍ଜନ ସେଠୀ ଓ ବଳରାମ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ବିଶେଷ ସହଯୋଗ କରିଥିଲେ।

**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି**

ପତ୍ର ସଂଖ୍ୟା: ୪୦୭/ଡିସିଓ    ତାରିଖ: ୩୦।୧୨।୨୦୨୨

**ବିଜ୍ଞାପନ**

ଏତଦ୍ଵାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି '୨୫ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୩' ଆସନ୍ତା ଜାନୁୟାରୀ ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମ, ଭବାନୀପାଟଣାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୨୦୦ ଗୋଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯିବ। ଷ୍ଟଲଗୁଡ଼ିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବସାଇଟ୍ www.kalahandi.nic.inରେ ପ୍ରକାଶ କରାଯାଇଅଛି। ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲଗୁଡ଼ିକ ଆବଣ୍ଟନ କରାଯିବ। ତା୦୩।୦୧।୨୦୨୩ରିଖରୁ ଷ୍ଟଲ ଆରକ୍ଷଣ କରିବା ଆରମ୍ଭ ହେବ।

ସ୍ୱା./- ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି

**OFFICE OF THE DEAN & PRINCIPAL
M.K.C.G. MEDICAL COLLEGE,
BERHAMPUR - 760 004, (GANJAM)**

Tel.: 0680 2292746/Fax: 0680 2292809//E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com, Website: www.mkcgmch.org

No. 13593/MCB-2022/Welfare/ Dated, Berhampur the 30th December, 2022

**5th CORRIGENDUM**

No. E-775: As per the Tender Call Notice No. 11182 Dt.04.11.2022, the last date for submission of tender towards Outsourcing of Parking of Vehicles at MKCG Medical College Campus, Berhampur was on Dt.27.12.2022. Since only one firms have submitted the tender with in due period, hence the last date for submission of tender is extended upto Dt.10.01.2023 by 05.00 P.M. and will be opened on the same date (i.e. Dt.10.01.2023 at 05.00 P.M.). The other terms & conditions in the tender remains unaltered.

Sd./- Dean & Principal
MKCG Medical College, Berhampur
OIPR-10013/11/0030/2223

**OFFICE OF THE SUPERINTENDING ENGINEER
RURAL WORKS DIVISION-I, GANJAM, BERHAMPUR**

Phone: 0680-2291405, E-Mail: eerw_gm1@yahoo.co.in

No. O-1549    Government of Odisha

**e-Procurement Notice**

Bid Identification No. Online Tender//08//SERWDG-I//2022-23
Letter No. 3978//RWDG-I//BAM    Date: 28.12.2022

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.54.62 Lakh |
| 3 | Period of Completion | : | 03 (Three) Calendar Months as shown in Column No. 05 of Annexure |
| 4 | Date & time of availability of Bid Documents in the Portal | : | From 02.01.2023 at 11.30 A.M. to 07.01.2023 upto 5.00 P.M. |
| 5 | Last Date/Time for receipt of Bids in the portal | : | 07.01.2023 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Superintending Engineer
R.W. Division-I, Ganjam, Berhampur
OIPR-25085/11/0010/2223

**QUOTATION CALL NOTICE
ORMAS, DRDA CAMPUS, NABARANGPUR**

No. CAD-4320: Sealed quotations are invited from potential supplier, tent house and electrical decorators, Video Graphers, Printers, Security Service Agencies, CCTV suppliers to take up different works for organizing Pallishree Mela - 2022, Nabarangpur on the occasion of **Mandei** from **10th to 14th December, 2022**. The different quotation call notice has been issued vide Qtn. No. 255, 256, 257, 258, 259, 260, 261 & 262 dated 31.11.2022. The tender papers are available at the website of **www.nabarangpur.nic.in**.
The last date of submitting quotations is **15.11.2022 by 3.00 P.M.** and the sealed quotations will be opened at 3.30 P.M. on 15.11.2022. The sealed quotations will be received through **Speed Post/Regd. Post** of the Postal Department only (other means of receipt of quotation will be summarily rejected). For more details, please visit: **www.Nabarangpur.nic.in**.

Sd./- CDO-cum-EO, ZP, Nabarangpur
OIPR-19254/11/0003/2223

GOVERNMENT OF ODISHA    No. B-1072

**"e" PROCUREMENT NOTICE
WORKS DEPARTMENT**

E-mail: ceroads.bbsr@gmail.com
RFP Identification No. CE-DPI&R-05/2022-23

1. The Chief Engineer, D.P.I. & Roads, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Project" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of Work : Road works
3. No. of Project : 1 No.
4. Tender Paper Cost : Rs.10,000.00
5. Class of Contractor : Super Class
6. Available of bid document in the website : From 10.00 hours of 17.01.2023 to 16.00 hours of 17.02.2023
7. Date of Pre-Application conference : 27.01.2023 at 12.30 hours
8. Date of opening of Bid : Dt.17.02.2023 at 16.30 hours
9. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (DPI & Roads), Odisha
OIPR-34111/11/0075/2223

**OFFICE OF THE CDM & PHO &
DISTRICT MISSION DIRECTOR, BHADRAK
DISTRICT HEALTH MISSION**
(Department of Health & FW, Govt. of Orissa)

Advt. No. 14737    Date: 29.12.2022

**REQUEST FOR PROPOSAL (RFP) FOR
HIRING OF VEHICLES FOR MVC UNDER SUNETRA (UEHP)**

No. E-774: Sealed proposals as per the Prescribed RFP document are invited from interested eligible bidders (Individuals/Tour Operators/Travel Agencies/Firms) for hiring of 1 (One) No. of Vehicle for Mobile Vision Centre (MVC) on **Monthly Basis** for the year 2022-23. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website **www.bhadrak.nic.in**. Interested bidders fulfilling the eligibility criteria may submit their proposal (with EMD and documents as per RFP. The bidders have to submit their proposal to the Office of the CDM & PHO, BHADRAK. The details of proposal complete in all respect superscribing **"Tender for hiring of vehicle on Monthly rental Basis for MVC under SUNETRA (UEHP) & the advertisement reference No. ..............................."** on the envelope and should reach to the Office of the CDM & PHO, Bhadrak on or before 19.01.2023 (till 4 P.M.) by Speed Post or Registered Post only. The technical and financial bids shall be opened at the Office of the CDM & PHO, Bhadrak on 25.01.2023 date at 12.00 Noon. The authority reserves the right to reject any or all the proposals without assigning any reason threrof.

Sd./- CDM & PHO, Bhadrak
OIPR-10123/11/0007/2223

## ସଂକ୍ଷେପରେ

### ଜାଲରେ ଛନ୍ଦିହୋଇ ମତ୍ସ୍ୟଜୀବୀ ମୃତ

ଦେବଗଡ଼,୩୦।୧୨(ଡି.ଏନ୍.ଏ.): ମାଛ ଧରିବା ପାଇଁ ଗୋହିରା ଡ୍ୟାମରେ ଜାଲ ବିଛାଉଥିବା ବେଳେ ଡଙ୍ଗା ଓଲଟିଯିବାରୁ ପାଣିରେ ବୁଡି ଜଣେ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ଘଟିଛି। ଖବର ମୁତାବକ ରିଆମାଳ ଥାନା ତଥା କଂସର ଫାଣ୍ଡି ଅନ୍ତର୍ଗତ ଗୋହିରା ଡ୍ୟାମ ନିକଟସ୍ଥ ଗୋଲବଦନପୁର ଗ୍ରାମର ଅରକ୍ଷିତ ପେଣ୍ଢେଇ(୫୫) ଶୁକ୍ରବାର ଅପରାହ୍ନ ପ୍ରାୟ ୪ଟାରେ ମାଛ ଧରିବା ପାଇଁ ହୁଲି ଡଙ୍ଗାରେ ଗୋହିରା ଡ୍ୟାମ ଭିତରକୁ ଯାଇଥିଲେ। ମାତ୍ର ଗଭୀର ଜଳରେ ଡଙ୍ଗାଟି ହଠାତ ଓଲଟି ପଡିବାରୁ ଜୀବନ ବଞ୍ଚାଇବାକୁ ଅରକ୍ଷିତ ପାଣି ମଧକୁ ଡେଇଁପଡିଥିଲେ। ମାତ୍ର ସେ ମାଛ ଧରିବା ପାଇଁ ପୂର୍ବରୁ ବିଛାଇଥିବା ଜାଲରେ ଛନ୍ଦି ହୋଇପଡ଼ିବାରୁ ପହଁରି ନ ପାରି ପାଣିରେ ବୁଡି ଯାଇଥିଲେ। ଏହା ଦେଖି ଅଳ୍ପ ଦୂରରେ ଥିବା ତାଙ୍କର ଜଣେ ସମ୍ପର୍କୀୟ ପାଣିକୁ ଡେଇଁ ଛନ୍ଦି ହୋଇଥିବା ଜାଲ ମଧରୁ ଅରକ୍ଷିତଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ରୋଶନ ସାହୁ ବିଜେଡି ପଶ୍ଚିମ ଓଡ଼ିଶା ଆଇଟି କୋଅର୍ଡିନେଟର ନିଯୁକ୍ତ

ସୁନ୍ଦରଗଡ଼, ୩୦।୧୨(ଡି.ଏନ.ଏ.): ରୋଶନ ସାହୁଙ୍କୁ ବିଜୁ ଯୁବ ଜନତା ଦଳ



(ବିଜେଡି)ର ପଶ୍ଚିମ ଓଡ଼ିଶା ଜୋନ ଆଇଟି କୋର୍ଡିନେଟର ଭାବେ ନିଯୁକ୍ତ କରାଯାଇଛି। ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାରୁ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଡ. ବ୍ୟୋମକେଶ ରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ବିଜୁ ଯୁବ ଜନତା ଦଳ ସମ୍ବଲପୁର ଜୋନ ସଭାପତି ଦେବାଶିଷ ପରିଡା, ବିଜୁ ଯୁବ ଜନତା ଦଳ ଜିଲା ସଭାପତି ବିନୟ ଟପ୍ପୋଙ୍କଠାରେ ସୁନ୍ଦରଗଡ ବିଜୁ ଯୁବଜନତା ଦଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହା ସହ ରୋଶନ ସାହୁଙ୍କୁ ଜିଲା ବିଜେଡି ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

### ଚିନ୍ମୟ ବିଦ୍ୟାଳୟର ନୂତନ କୋଠରି ଉଦଘାଟିତ

ଦେବଗଡ଼,୩୦।୧୨(ଡି.ଏନ୍.ଏ.) : ସୁନାମୁଣ୍ଡାସ୍ଥିତ ଚିନ୍ମୟ ବିଦ୍ୟାଳୟରେ ନୂତନ ରସାୟନ ବିଜ୍ଞାନ ପରୀକ୍ଷାଗାର କୋଠାରୀ ଉଦ୍‌ଘାଟିତ ହୋଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରମିଳା ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ମିଶ୍ର ନିଜ ପିତା ସ୍ୱର୍ଗତ ରବି ନାରାୟଣ ମିଶ୍ର ଓ ମାତା ରେଣୁକା ମିଶ୍ରଙ୍କ ସ୍ମୃତି ଉଦେଶ୍ୟରେ ଏହି କୋଠରୀ ନିର୍ମାଣ କରି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ନିଗମାନନ୍ଦ, ସେକ୍ରେଟାରୀ ପ୍ରଭୂଦତ୍ତ ମିଶ୍ର, ପ୍ରମୋଦ କୁମାର ମିଶ୍ର, ପ୍ରଦୀପ କୁମାର ମିଶ୍ର, ସଦସ୍ୟ ଅଶୋକ ଦେବ, ଜଗବନ୍ଧୁ ଶତପଥୀ, ଜଗଦୀଶ ନନ୍ଦ, ବିଭୂତି ଗଙ୍ଗଦେ, କମଳ ଲୋଚନ ମିଶ୍ର ଓ ବିଦ୍ୟାଳୟର ଅଧକ୍ଷ ସୁଜିତ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣା ଏଡ଼ାଇବା ପାଇଁ ପଦକ୍ଷେପ

**ଜିଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ**

ଦେବଗଡ,୩୦।୧୨(ଡି.ଏନ୍.ଏ.)



ଜିଲାସ୍ତରୀୟ ସଡକ ସୁରକ୍ଷା ସମିତି ବୈଠକରେ ଉପସ୍ଥିତ ଅଧିକାରୀ।

ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ସଡକ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକଙ୍କ ଆବାହକତ୍ୱ ଓ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲିକ, ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ମଙ୍ଗଳ ଅଧିକାରୀ ଡୋମିନିକ ଟପ୍ପୋ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଦେବଗଡ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ କୁମାର ସୋରେନ, ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚଓ ଧନଞ୍ଜୟ ମହାନ୍ତ, ଦେବଗଡ ଅବକାରୀ ଇନ୍ସପେକ୍ଟର ମଧୁସୂଦନ ସାହୁ, ଟ୍ରାଫିକ ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ, ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ)ର କନିଷ୍ଠ ଯନ୍ତ୍ରୀ ଦୁବରାଜ ହେମ୍ବ୍ରମ ଏବଂ ଏନ୍‌ଏଚଏଆଇର ରାଉରକେଲା, କେନ୍ଦୁଝର ଓ ସମ୍ବଲପୁରର ଡେପୁଟି ଜେନେରାଲ ମ୍ୟାନେଜରମାନଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲାରେ ଗତବର୍ଷ ଏବଂ ଚଳିତବର୍ଷ ହୋଇଥିବା ସଡକ ଦୁର୍ଘଟଣା ଉପରେ ସମୀକ୍ଷା କରାଯିବା ସହ ଏହାର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରାଯାଇଥିଲା। ସେହିପରି କାରଣ ଏବଂ ନିରାକରଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ସଡକ ଦୁର୍ଘଟଣା ଏଡାଇବା ପାଇଁ ବିଭିନ୍ନ ସ୍ଥାନରେ ଅଧିକ ସାଇନେଜ ସ୍ଥାପନ, ସ୍ପିଡ ବ୍ରେକର ବ୍ୟବସ୍ଥା, ଡ୍ରଙ୍କେନ ଡ୍ରାଇଭିଙ୍ଗ (ମଦ୍ୟପାନ କରି ଗାଡି ଚାଳନା) ରୋକିବା ଏବଂ ରାସ୍ତାର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ସାଙ୍ଗକୁ ଦ୍ରୁତଗତି ନିୟନ୍ତ୍ରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକ ଆୟୋଜନରେ ବିଭାଗୀୟ କର୍ମଚାରୀ ରୁଦ୍ର ନାରାୟଣ ଭଞ୍ଜ ଓ ପିଙ୍କେଶ୍ୱର ସାହୁଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ।

# କୃଷକ ମେଳା: ଅଂଶଗ୍ରହଣ କଲେ ୨ଶହ ଚାଷୀ




କୁଆଁରମୁଣ୍ଡା,୩୦।୧୨(ଡି.ଏନ୍.ଏ.)

ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା କରି କୃଷି କାର୍ଯ୍ୟ କଲେ ଭଲ ଅମଳ ମିଳିଥାଏ। ଫଳରେ ଚାଷୀ ଲାଭବାନ ହେବା ସହ ତାର ପରିବାରର ଆର୍ଥିକ ଅଭିବୃଦ୍ଧି ଘଟିଥାଏ ବୋଲି ଶନିବାର କୁଆଁରମୁଣ୍ଡା ବ୍ଲକ ପଦମପୁର ପଞ୍ଚାୟତ ସରନ୍ଦମାଳଠାରେ ଆୟୋଜିତ କୃଷକ ମେଳାରେ ଉପସ୍ଥିତ ବ୍ଲକ କୃଷି ଅଧିକାରୀ ପବିତ୍ର ମୋହନ ସାହୁ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ମୃର୍ତ୍ତିକାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ସମ୍ପର୍କରେ ଚାଷୀମାନଙ୍କୁ ବିଭିନ୍ନ ପ୍ରକାର କୌଶଳ କିଭଳି ଆପଣାଇ ହେବ ସେ ବିଷୟରେ ଅବଗତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦମପୁର ସରପଞ୍ଚ ଦିଲ୍ଲୀପ ଏକା, ସମିତି ସଭ୍ୟ ଖଗେଶ୍ୱର ଅମାଟ, ବ୍ଲକ ମତ୍ସ୍ୟ ବିଭାଗ ଅଧିକାରୀ ଶ୍ରଦ୍ଧାଞ୍ଜଳି ସାହୁ, ଉଦ୍ୟାନ କୃଷି ବିଭାଗ କର୍ମଚାରୀ ରାଜେଶ ସାହୁ, କୃଷି ଓଭରସିଆର ସୁଦେଷ୍ଣା ନାଏକ, ମିନା ପଟେଲ, ନାମିତ ଚୌଧୁରୀ, ଚୁମକି ପ୍ରଧାନ, ଜୟନ୍ତୀ ପ୍ରଧାନ, ମହେଶ ସାହୁ, ଶ୍ୱେତାଲିନା କାନୁନଗୋ, ଦୀପା ପଟେଲ, ରୋସ୍ନୀମୟି ପଟେଲ ପ୍ରମୁଖ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ।

# ସେବକର ଶୀତକାଳୀନ ସମ୍ମିଳନୀ




ସୁନ୍ଦରଗଡ଼,୩୦।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବକର ଶୀତକାଳୀନ ବାର୍ଷିକ ସମ୍ମିଳନୀ 'ସେବକ କନକ୍ଲେଭ -୨୦୨୨' ରଙ୍ଗିଆମୁଣ୍ଡା ସ୍ଥିତ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେବକରେ କାର୍ଯ୍ୟରତ ପ୍ରତ୍ୟେକ ପ୍ରକଳ୍ପର କର୍ମକର୍ତ୍ତା ଏହି ବାର୍ଷିକ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଆନ୍ତ-ପ୍ରକଳ୍ପ ଭିତ୍ତିକ ସଂଯୋଗୀକରଣ, ପ୍ରକଳ୍ପର ସଫଳତାର ଉପସ୍ଥାପନା, ଅଭିନବିକରଣ ତଥା ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଥିଲା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବକର ଅଧକ୍ଷ ଅମିୟକାନ୍ତ ନାଏକ ସାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସେବକର ପ୍ରତିଷ୍ଠାତା ଗୋପାଳ ଚନ୍ଦ୍ର ଓଝା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସମାଜ ମଙ୍ଗଳ କାର୍ଯ୍ୟରେ ନିୟୋଜିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ଅତି ଗରିବ, ନିରାଶ୍ରୟ, ନିଷ୍ପେସିତ, ଆଦିବାସୀ, ପାରମ୍ପାରିକ ବନବାସୀଙ୍କ ପାଇଁ ଅନ୍ଧାରରେ ଏକ ଧ୍ରୁବତାରା ସଦୃଶ ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ତଥା ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଉଜ୍ଜଳପୁର ଟିମ୍ ଲିଡର ଦିଗାମ୍ବର ଉପାଧ୍ୟାୟଙ୍କ ଦ୍ୱାରା ପ୍ରସ୍ତୁତ ପୁସ୍ତିକା ପ୍ରତିବିମ୍ବର ଉନ୍ମୋଚନ କରାଯାଇଥିଲା। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ତଥା ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ପୃଷ୍ଟେଠ ଏକାଭିମୁଖିତା ଯୋଜନା ଉପରେ ଉପସ୍ଥାପନା କରିଥିଲେ। ହରିପ୍ରିୟା ନାଏକ ଆଞ୍ଚଳିକ ସାଧନ କେନ୍ଦ୍ର, ସ୍ନେହଲତା ନାଏକ ତଥ୍ୟ ଲିଖନ ଉପରେ ତଥା ସେବକର ବିତ୍ତ ପରିଚାଳକ ନିଳାମ୍ବର ଉପାଧ୍ୟାୟ ଆର୍ଥିକ ଓ ମାନବ ସମ୍ବଳ ପରିଚାଳନା ନୀତି ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ବରିଷ୍ଠ ଅଧିକାରୀ ଦିଗାମ୍ବର ଉପାଧ୍ୟାୟ ସଫଳ କାହାଣୀ ଲିଖନ ପ୍ରକ୍ରିୟା, ବିକାଶ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା, ଗୁଣାତ୍ମକ ମାନର ଫଟୋଗ୍ରାଫି ଉପରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ବେଦବ୍ୟାସ ଧୂଆଁ ଓ ଅର୍ଚ୍ଚନା ଭିତ୍ରିଆ ସଂଯୋଜନା କରିଥିଲେ। ଏହି ଅବସରରେ ସେବକର ତତ୍ତ୍ୱାବଧାନରେ ଓ ନାବାର୍ଡର ସହଯୋଗରେ ଚାଲିଥିବା ଛେଦଲଗନ କୃଷି ଉତ୍ପାଦ ସଂସ୍ଥାର ବ୍ରାଣ୍ଡ ଆଦିଭୂମିର ଶୁଭ ଉଦ୍‌ଘାଟନ କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ନାବାର୍ଡ ଡିଡିଏମ ତାପସ କୁମାର ବେହେରା, ଜଳ ସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଦାମୋଦର ଦେହୁରିଆ, ଜାତୀୟ ସ୍ୱାସ୍ଥ୍ୟ ମିଶନର ପିପିଏମ କୋର୍ଡିନେଟର ରାଜ କୁମାର ଦେହେରୀ ଯୋଗଦାନ କରି ସେବକର କାର୍ଯ୍ୟଶୈଳୀର ଭୂୟସୀ ପ୍ରଶଂସା କରିଥିଲେ। ସଙ୍ଗଠନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା କର୍ମକର୍ତ୍ତା ତଥା ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିବାବେଳେ ଦ୍ୱିତୀୟ ଅଧିବେଶନରେ କର୍ମକର୍ତ୍ତାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା। ସଫଳ କାହାଣୀ ଲିଖନରେ ଠଣସୁନ୍ଦର ଗନ୍ଧା ପ୍ରଥମ, ମନୋରଞ୍ଜନ ପରିଡା ଦ୍ୱିତୀୟ ଓ ତୃପ୍ତିମୟୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବ୍ୟାନର ପ୍ରତିଯୋଗିତାରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨, ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପ୍ରକଳ୍ପ ଓ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ପ୍ରକଳ୍ପ କ୍ଷେତ୍ରରେ ଶ୍ରେଷ୍ଠ ବ୍ୟକ୍ତିଗତ ପ୍ରଦର୍ଶନ ନିମନ୍ତେ ସମୀର ରାଉତିଆ, ନୂତନ ନନ୍ଦୀ, ଅଭିଷେକ ତନ୍ତୀ, ସୁଶୀଲ ପ୍ରଧାନ, ପ୍ରଭାତି ନାଏକ ଓ ଗଙ୍ଗାଧର କିଶାନ ତଥା ଶ୍ରେଷ୍ଠ ଫଟୋଗ୍ରାଫୀ ନିମନ୍ତେ ମନୋଜ ଦାନି, ମନୋରଞ୍ଜନ ମଲ୍ଲିକ ଓ ସୁରଭି ଖରସେଲଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରକଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ନିମନ୍ତେ ମା ଗୃହ କୁଚିଣ୍ଡା, ମା ଗୃହ ଲତଡେଗା ଓ ଓଟିଇଏଲପି ପ୍ଲସ ଜୋଡା ପ୍ରକଳ୍ପକୁ ସମ୍ମାନିତ କରାଯାଇଥିଲା।

# ଟିମନା ଗ୍ରାମରେ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବଡ଼ଗାଁ, ୩୦।୧୨(ଡି.ଏନ୍.ଏ.)

**ଗୁଠିଆପଡା ୨ ଗୋଲରେ ବିଜୟୀ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଟିମନା ଗ୍ରାମରେ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଶୁକ୍ରବାର ମଧ୍ୟାହ୍ନରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଗୁଠିଆପଡା ୨ ଗୋଲରେ ବିଜୟୀ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସମିତି ସଭ୍ୟ ସଞ୍ଜୟ ଗନ୍ଧା ଓ ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଗୋବିନ୍ଦ ଗନ୍ଧା ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ୧୬ଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଗୁଠିଆପଡା ଓ ବଂଶୀକାର ଦଳ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ଗୁଠିଆପଡା ୨ ଗୋଲରେ ବଂଶୀକାରକୁ ହରାଇ ବିଜୟୀ ହୋଇଛି। ଶନିବାର ଅପରାହ୍ନରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ। ଚାମ୍ପିୟନ ଓ ଉପ ବିଜେତା ଟିମ୍‌କୁ ଖାସି ସହିତ ଟ୍ରଫି ପୁରସ୍କୃତ କରାଯିବ। ଅଶୋକ ପ୍ରଧାନ ଖେଳ ପରିଚାଳନା କରୁଥିଲାବେଳେ ଆୟୋଜକ କ୍ଲବ୍‌ର କିଶୋର ସୁନ୍ୟାନୀ, ଲୋଚନ କମାର, ରିଙ୍କୁ ପ୍ରଧାନ, ଗୁରୁଚରଣ ନାଏକ, ଗୁରୁଦେବ ଲାକ୍ରା ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି।

# ଉତ୍ସବ ପ୍ରଧାନପାଟ-୨୦୨୩ ରାଲି ସବ୍‌କମିଟିର ବୈଠକ

ଦେବଗଡ଼,୩୦।୧୨(ଡି.ଏନ୍.ଏ.)

ଦେବଗଡ଼ ଜିଲା ପ୍ରଶାସନ ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆସନ୍ତା ଜାନୁୟାରୀ ୨୦ ରୁ ଆରମ୍ଭ ହେବାକୁ ଥିବା ଜିଲା ମହୋତ୍ସବ 'ଉତ୍ସବ ପ୍ରଧାନପାଟ-୨୦୨୩' ନିମନ୍ତେ ଶୁକ୍ରବାର ଉତ୍ସବ ରାଲି (ଶୋଭାଯାତ୍ରା) କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଲି ସବକମିଟିର ଅଧକ୍ଷ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଙ୍କୁର ମଲ୍ଲିକ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ସହକାରୀ କଲେକ୍ଟର କୈବଲ୍ୟ କିଶୋର କର ଓ ବନମାଳୀ ସେଠୀ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ସବ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଚଳିତବର୍ଷ ରାଲିକୁ କିଭଳି ଅଧିକ ଆକର୍ଷଣୀୟ ଏବଂ ସରସ ସୁନ୍ଦର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ରାଲି ଆସନ୍ତା ୨୦ ତାରିଖ ୧ଟାରେ ସ୍ଥାନୀୟ ମଠ ସାହି ସ୍ଥିତ ମା' କନକ ଦୁର୍ଗା ମନ୍ଦିରରୁ ବାହାରି ସହର୍ ପରିକ୍ରମା କରି ପ୍ରଧାନପାଟରେ ପହଁଞ୍ଚିବ ବୋଲି ସୂଚନା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଗୁରୁ, ଶଶାଙ୍କ ଶେଖର ଝାଙ୍କର, ଟିକେସର ଗୁରୁ, ଶୁକଦେବ ଭଞ୍ଜ, ଜନ୍ମେଜୟ ନାୟକ, ଉଦିତ ନାୟକ, ସମୀର ପ୍ରଧାନ, ଭୋଳା ଦାସ, ପ୍ରଦୀପ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, କଳାହାଣ୍ଡି**

ପତ୍ର ସଂଖ୍ୟା: ୪୦୭/ଡିସିଓ ତାରିଖ: ୩୦।୧୨।୨୦୨୨

**ବିଜ୍ଞାପନ**

ଏତଦ୍ୱାରା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି '୨୫ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୩' ଆସନ୍ତା ଜାନୁୟାରୀ ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡ଼ିୟମ, ଭବାନୀପାଟଣାଠାରେ ଅନୁଷ୍ଠିତ ହେବ। ଏଥିପାଇଁ ୨୦୦ ଗୋଟି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ କରାଯିବ। ଷ୍ଟଲଗୁଡ଼ିକ ଆରକ୍ଷଣ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ପାଇଁ ଏହାର ସବିଶେଷ ବିସ୍ତୃତ ବିବରଣୀ ଜିଲ୍ଲା ୱେବସାଇଟ୍ www.kalahandi.nic.inରେ ପ୍ରକାଶ କରାଯାଇଅଛି। ଆରକ୍ଷଣର କ୍ରମିକ ନମ୍ବର ଅନୁସାରେ ଷ୍ଟଲଗୁଡ଼ିକ ଆବଣ୍ଟନ କରାଯିବ। ତା୦୩।୦୧।୨୦୨୩ରିଖରୁ ଷ୍ଟଲ ଆରକ୍ଷଣ କରିବା ଆରମ୍ଭ ହେବ।

ସ୍ୱା./- ଜିଲ୍ଲା ସଂସ୍କୃତି ଅଧିକାରୀ, କଳାହାଣ୍ଡି



**OFFICE OF THE DEAN & PRINCIPAL**
**M.K.C.G. MEDICAL COLLEGE, BERHAMPUR - 760 004, (GANJAM)**

Tel.: 0680 2292746/Fax: 0680 2292809//E-mail: prin_mkcgmcberhampur@yahoo.com, mkcgmc.bam@gmail.com, mkcgmc2.bam@gmail.com, Website: www.mkcgmch.org

No. 13593/MCB-2022/Welfare/ Dated, Berhampur the 30th December, 2022

**5th CORRIGENDUM**

No. E-775: As per the Tender Call Notice No. 11182 Dt.04.11.2022, the last date for submission of tender towards Outsourcing of Parking of Vehicles at MKCG Medical College Campus, Berhampur was on Dt.27.12.2022. Since only one firms have submitted the tender with in due period, hence the last date for submission of tender is extended upto Dt.10.01.2023 by 05.00 P.M. and will be opened on the same date (i.e. Dt.10.01.2023 at 05.00 P.M.). The other terms & conditions in the tender remains unaltered.

Sd./- Dean & Principal
MKCG Medical College, Berhampur
OIPR-10013/11/0030/2223



**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**

Phone: 0680-2291405, E-Mail: eerw_gm1@yahoo.co.in

No. O-1549 Government of Odisha

**e-Procurement Notice**

Bid Identification No. Online Tender//08//SERWDG-I//2022-23
Letter No. 3978//RWDG-I//BAM Date: 28.12.2022

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.54.62 Lakh |
| 3 | Period of Completion | : | 03 (Three) Calendar Months as shown in Column No. 05 of Annexure |
| 4 | Date & time of availability of Bid Documents in the Portal | : | From 02.01.2023 at 11.30 A.M. to 07.01.2023 upto 5.00 P.M. |
| 5 | Last Date/Time for receipt of Bids in the portal | : | 07.01.2023 upto 5.00 P.M. |
| 6 | Name and Address of the Officer Inviting Bid | : | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Superintending Engineer
R.W. Division-I, Ganjam, Berhampur
OIPR-25085/11/0010/2223



**QUOTATION CALL NOTICE**
**ORMAS, DRDA CAMPUS, NABARANGPUR**

No. CAD-4320: Sealed quotations are invited from potential supplier, tent house and electrical decorators, Video Graphers, Printers, Security Service Agencies, CCTV suppliers to take up different works for organizing Pallishree Mela - 2022, Nabarangpur on the occasion of **Mandei** from **10th to 14th December, 2022**. The different quotation call notice has been issued vide Qtn. No. 255, 256, 257, 258, 259, 260, 261 & 262 dated 31.11.2022. The tender papers are available at the website of **www.nabarangpur.nic.in**.
The last date of submitting quotations is **15.11.2022 by 3.00 P.M.** and the sealed quotations will be opened at 3.30 P.M. on 15.11.2022. The sealed quotations will be received through **Speed Post/Regd. Post** of the Postal Department only (other means of receipt of quotation will be summarily rejected). For more details, please visit: **www.Nabarangpur.nic.in**.

Sd./- CDO-cum-EO, ZP, Nabarangpur
OIPR-19254/11/0003/2223


# ସୁନ୍ଦରଗଡ଼ ଦଳକୁ ୨୬ ମେଡାଲ



ଉତ୍କଳ କରାଟେ ସ୍କୁଲ ସୁନ୍ଦରଗଡ଼ ଶାଖାର ପ୍ରତିଯୋଗୀ।

ସୁନ୍ଦରଗଡ଼,୩୦।୧୨(ଡି.ଏନ୍.ଏ.)

**ସର୍ବଭାରତୀୟ କରାଟେ ଚାମ୍ପିୟନଶିପ**

ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ୧୨ତମ ସର୍ବ ଭାରତୀୟ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଚାରୋଟି ରାଜ୍ୟରୁ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଉତ୍କଳ କରାଟେ ସ୍କୁଲ ସୁନ୍ଦରଗଡ଼ ଶାଖାରୁ ଏଥିରେ ୨୬ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ୩ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଏବଂ ୧୭ଟି ବ୍ରୋଞ୍ଜ ପଦକ ଏପରି ମୋଟ ୨୬ଟି ପଦକ ଜିତିଛନ୍ତି। ସୁକୋକାଇ କରାଟେ ୟୁନିୟନ ଇଣ୍ଡିଆର ସର୍ବଭାରତୀୟ ମୁଖ୍ୟ ପ୍ରଶିକ୍ଷକ ତଥା ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ଆୟୋଜିତ ଉତ୍ସବରେ ଏମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶୁକ୍ରବାର ସ୍ଥାନୀୟ ଭବାନୀ ଭବନ ପଡିଆସ୍ଥିତ ଉତ୍କଳ କରାଟେ ସ୍କୁଲରେ ଏହି କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଯୋଗ ଦେଇଥିବାବେଳେ ସମାଜସେବୀ ସ୍ନେହଲତା ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାକୁ ଅନୁଷ୍ଠାନର ସଭାପତି ଦେବାଶିଷ କବି ପରିଚାଳନା କରିଥିବାବେଳେ ଉପସଭାପତି ବିଜୟ ବରୁଆ ଅତିଥି ପରିଚୟ ଏବଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଭା ଶେଷରେ ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ଗଣେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସକିଆ ପରବିନ, ତୁଷାର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।


GOVERNMENT OF ODISHA No. B-1072

**"e" PROCUREMENT NOTICE**
**WORKS DEPARTMENT**

E-mail: ceroads.bbsr@gmail.com
RFP Identification No. CE-DPI&R-05/2022-23

1. The Chief Engineer, D.P.I. & Roads, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha and as part of this endeavour, Govt. of Odisha has decided to undertake the following "Project" under EPC Contract (Engineering, Procurement and Construction) basis and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of Work : Road works
3. No. of Project : 1 No.
4. Tender Paper Cost : Rs.10,000.00
5. Class of Contractor : Super Class
6. Available of bid document in the website : From 10.00 hours of 17.01.2023 to 16.00 hours of 17.02.2023
7. Date of Pre-Application conference : 27.01.2023 at 12.30 hours
8. Date of opening of Bid : Dt.17.02.2023 at 16.30 hours
9. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (DPI & Roads), Odisha
OIPR-34111/11/0075/2223



**OFFICE OF THE CDM & PHO & DISTRICT MISSION DIRECTOR, BHADRAK**
**DISTRICT HEALTH MISSION**
(Department of Health & FW, Govt. of Orissa)

Advt. No. 14737 Date: 29.12.2022

**REQUEST FOR PROPOSAL (RFP) FOR HIRING OF VEHICLES FOR MVC UNDER SUNETRA (UEHP)**

No. E-774: Sealed proposals as per the Prescribed RFP document are invited from interested eligible bidders (Individuals/Tour Operators/Travel Agencies/Firms) for hiring of 1 (One) No. of Vehicle for Mobile Vision Centre (MVC) on **Monthly Basis** for the year 2022-23. The eligibility criteria, terms of reference and the formats for submission of Bid are set forth in the RFP document which can be downloaded from the website **www.bhadrak.nic.in**. Interested bidders fulfilling the eligibility criteria may submit their proposal (with EMD and documents as per RFP. The bidders have to submit their proposal to the Office of the CDM & PHO, BHADRAK. The details of proposal complete in all respect superscribing **"Tender for hiring of vehicle on Monthly rental Basis for MVC under SUNETRA (UEHP) & the advertisement reference No. ............................."** on the envelope and should reach to the Office of the CDM & PHO, Bhadrak on or before 19.01.2023 (till 4 P.M.) by Speed Post or Registered Post only. The technical and financial bids shall be opened at the Office of the CDM & PHO, Bhadrak on 25.01.2023 date at 12.00 Noon. The authority reserves the right to reject any or all the proposals without assigning any reason threrof.

Sd./- CDM & PHO, Bhadrak
OIPR-10123/11/0007/2223

## କୋର୍ ସେକ୍ଟରରେ ୫.୪% ବୃଦ୍ଧି

**ନୂଆଦିଲ୍ଲୀ:** ଚଳିତ ବର୍ଷ ନଭେମ୍ବର ମାସରେ ଦେଶର କୋଇଲା, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ୍ ଭଳି ୮ଟି ଭିତ୍ତିଭୂମି କ୍ଷେତ୍ରରେ ଉତ୍ପାଦନ ହାର ୫.୪% ବୃଦ୍ଧି ପାଇଛି ବୋଲି ଶୁକ୍ରବାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ଅଶୋଧିତ ତେଲ, ପ୍ରାକୃତିକ ଗ୍ୟାସ ଉତ୍ପାଦ ଆଦି ହ୍ରାସ ପାଇଥିବା ଜଣାପଡିଛି। ଚଳିତ ବର୍ଷ ଅକ୍ଟୋବରରେ ଶିଳ୍ପ କ୍ଷେତ୍ରର ଉତ୍ପାଦନ ଅଭିବୃଦ୍ଧି ହ୍ରାସ ପାଇ ୦.୯%କୁ ଖସି ଆସିଛି। ତେବେ ଦେଶରେ କୋଇଲା ଉତ୍ପାଦନ ୧୨.୩%, ସାର ୬.୪%, ଇସ୍ପାତ ୧୦.୮%, ସିମେଣ୍ଟ ୨୮.୬% ଏବଂ ବିଦ୍ୟୁତ୍ ଉତ୍ପାଦନ ପୂର୍ବ ବର୍ଷ ତୁଳନାରେ ନଭେମ୍ବର ୨୦୨୨ରେ ଏହା ୧୨.୧% ବୃଦ୍ଧି ପାଇଛି।

# ବୃଦ୍ଧି ପାଉଛି ଦେଶର ରାଜସ୍ୱ ନିଅଣ୍ଟ

ନୂଆଦିଲ୍ଲୀ,୩୦।୧୨



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ କୋଭିଡ୍ ମାନ୍ଦାବସ୍ଥା ମଧ୍ୟରେ ଦେଶର ରାଜସ୍ୱ ନିଅଣ୍ଟ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ମାସ ମଧ୍ୟରେ ଦେଶର ରାଜସ୍ୱ ନିଅଣ୍ଟ ବୃଦ୍ଧି ପାଇ ପ୍ରାୟ ୯.୭୮ ଲକ୍ଷ କୋଟି ଟଙ୍କାରେ ରହିଛି। ଏହା ସରକାରଙ୍କ ଆର୍ଥିକ ବର୍ଷର ଲକ୍ଷ୍ୟର ପ୍ରାୟ ୫୯% (୫୮.୯) ବୋଲି କୁହାଯାଉଛି। ଅପରପକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ଦେଶର ରାଜସ୍ୱ ନିଅଣ୍ଟ ୪୬.୨% ପ୍ରତିଶତ ରହିଥିଲା। ବିଶେଷକରି ସରକାରଙ୍କ ପକ୍ଷରୁ ଜାରି ପରିସଂଖ୍ୟାନରୁ ଏହା ଜଣାପଡିଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ସରକାରଙ୍କ ରାଜସ୍ୱ ବଢି ୧୪.୬୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ସରକାରଙ୍କ ଖର୍ଚ୍ଚ ଏହି ଅବଧି ମଧ୍ୟରେ ୨୪.୪୩ ଲକ୍ଷ କୋଟି ଟଙ୍କାରେ ରହିଛି। ଏହା ଚଳିତ ଆର୍ଥିକ ବର୍ଷର ବଜେଟ ଲକ୍ଷ୍ୟର ୬୪.୧% ଏବଂ ୬୧.୯% । ଏଥିରେ ରାଜସ୍ୱ ୧୪.୨୩ ଲକ୍ଷ କୋଟି ଟଙ୍କା ରହିଥିଲା। ୧୨.୨୫ ଲକ୍ଷ କୋଟି ଟଙ୍କା ଟିକସ ସଂଗ୍ରହରୁ ଏବଂ ୧.୯୮ ଲକ୍ଷ କୋଟି ଅଣଟିକସରୁ ଆସିଛି ବୋଲି କୁହାଯାଇଛି। ଟିକସ ରେଭେନ୍ୟୁ ବଜେଟ ଲକ୍ଷ୍ୟର ୬୩.୩% ଏବଂ ଅଣ-ଟିକସ ରେଭେନ୍ୟୁରୁ ୭୩.୫% ଅନ୍ତର୍ଭୁକ୍ତ ରହିଛି। ଗତ ଆର୍ଥିକ ବର୍ଷର ସମାନ ଅବଧିର ୭୩.୫% ଏବଂ ୯୧.୮ ରୁ କମ୍ ରହିଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ମେ'ରେ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପ୍ରଭାବକୁ ହ୍ରାସ କରିବା ପାଇଁ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ (ଏକ୍ସସାଇଜ୍ ଡ୍ୟୁଟି) ହ୍ରାସ କରିଥିଲେ। ଏହାଦ୍ୱାରା ସରକାରଙ୍କ ରାଜସ୍ୱହାନି ହୋଇଥିଲା। ଏପରିକି ସରକାରଙ୍କ ଦ୍ୱାରା ଚଳିତ ବର୍ଷ କରାଯାଉଥିବା ଅତିରିକ୍ତ ଖର୍ଚ୍ଚ ଯୋଗୁ ରାଜସ୍ୱ ନିଅଣ୍ଟ ସରକାରଙ୍କ ଅନୁମାନଠାରୁ ୧ଲକ୍ଷ କୋଟି ଟଙ୍କା ଅଧିକ ରହିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ ମଧ୍ୟ କହିଥିଲେ, ଭାରତ ନିଜର ରାଜସ୍ୱ ନିଅଣ୍ଟକୁ ଜିଡିପିର ୬.୪% ରେ ରଖିବା ପାଇଁ ଉଦ୍ୟମ କରିବ। ଏପରିକି ମନ୍ତ୍ରୀ ଗତ ବଜେଟ ଅଭିଭାଷଣରେ ମଧ୍ୟ ଏଭଳି କିଛି ମତ ଉପସ୍ଥାପନ କରିଥିଲେ।

## ଖସିଲା ଶେୟାର ବଜାରର କାରବାର

ନୂଆଦିଲ୍ଲୀ,୩୦।୧୨

ଦିନକ ପରେ ପୁଣି ଥରେ ଷ୍ଟକ୍ ବଜାର କାରବାରରେ ପରିବର୍ତ୍ତନ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୯୩ (୨୯୩.୧୪) ପଏଣ୍ଟ ଖସି ୬୦,୮୪୧ (୬୦,୮୪୦.୭୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୮୬ (୮୫.୭୦) ପଏଣ୍ଟ ହ୍ରାସ ଘଟି ୧୮,୧୦୫ (୧୮,୧୦୫.୩୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ବିଏସଇରେ ପଞ୍ଜୀକୃତ ସମସ୍ତ ନିବେଶକ କମ୍ପାନୀର ବଜାର ପୁଞ୍ଜି ୧୬.୪୩ ଲକ୍ଷ କୋଟି ହ୍ରାସ ଘଟି ୨୮୨.୪୪ ଲକ୍ଷ କୋଟିରେ ରହିଛି। ସୂଚନାଯୋଗ୍ୟ , ଚଳିତ ବର୍ଷରେ ଏହା ଶେଷ କାର୍ଯ୍ୟ ଦିବସ ହୋଇଥିବା ବେଳେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି।

## ନାଲ୍‌କୋର ନୂତନ ଡାଉନଷ୍ଟ୍ରିମ୍ ଉତ୍ପାଦର ଶୁଭାରମ୍ଭ




ଭୁବନେଶ୍ୱର,୩୦।୧୨

ନବରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ନୂତନ ଡାଉନଷ୍ଟ୍ରିମ୍ ଉତ୍ପାଦର ଶୁଭାରମ୍ଭ କରାଯାଇଛି। ବିଶେଷକରି କମ୍ପାନୀର ନୂତନ ଡାଉନଷ୍ଟ୍ରିମ୍ ଉତ୍ପାଦ 'ଆଲୁମିନିୟମ୍ ଏଲ୍‌ଇଡି କ୍ୟାପ୍ ଷ୍ଟକ୍ ଏଲୋୟ ଏଏ୧୧୦୦ର କଏଲ୍ ଫର୍ମ ଏଚ୧୨ ସହ ଶୁଭାରମ୍ଭ କରାଯାଇଛି। ଏପରିକି ନିକଟରେ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରସ୍ଥିତ ନାଲ୍‌କୋ କର୍ପୋରେଟ୍ କାର୍ଯ୍ୟାଳୟ ପରିଦର୍ଶନ ସମୟରେ କେନ୍ଦ୍ର ଖଣି ସଚିବ ବିବେକ ଭରଦ୍ୱାଜଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଅନୁଗୋଳସ୍ଥିତ ନାଲ୍‌କୋର ସ୍ମେଲଟର ୟୁନିଟ୍‌ର ଆର୍‌ପିୟୁଠାରୁ ଉକ୍ତ ଉତ୍ପାଦର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନାଲ୍‌କୋ ସିଏମ୍‌ଡି ଶ୍ରୀଧର ପାତ୍ର, ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଯୁଗ୍ମ ସଚିବ ଡ. ବୀଣା କୁମାରୀ ଡି, ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଉନ୍ମୋଚନ କାର୍ଯ୍ୟକ୍ରମର ଏକ ଅଂଶ ଭାବେ ଉତ୍ପାଦନ ୟୁନିଟ୍ ଅର୍ଥାତ୍ ଅନୁଗୋଳ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ ରୋଲ୍ଡ ପ୍ରଡକ୍ଟ ୟୁନିଟ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଉତ୍ପାଦର ପ୍ରଥମ ସାମଗ୍ରୀକୁ ମଧ୍ୟ ପଠାଯାଇଥିଲା । ଉଲ୍ଲେଖଯୋଗ୍ୟ, ଏଲୋୟ ଏଏ୧୧୦୦ ଆଲୁମିନିୟମ୍ ଏଲ୍‌ଇଡି କ୍ୟାପ୍ ଷ୍ଟକ୍‌କୁ ଆଲୁମିନିୟମ୍ କପ୍ ଉତ୍ପାଦନ ପାଇଁ ବ୍ୟବହୃତ କରାଯାଏ।

## ଜାନୁଆରୀ ୨ରୁ ନୂଆ ଧାରାବାହିକ 'ତୁ ଖରା ମୁଁ ଛାଇ'




ଭୁବନେଶ୍ୱର,୩୦।୧୨

ରାଜ୍ୟର ପ୍ରମୁଖ ଘରୋଇ ମନୋରଞ୍ଜନଭିତ୍ତିକ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକ ପକ୍ଷରୁ ନୂତନ ବର୍ଷର ପରିପ୍ରେକ୍ଷୀରେ ମେଗା ଓଡିଆ ନୂଆ ଧାରାବାହିକ ପ୍ରସାରଣ କରିବାକୁ ଯାଉଛଇ। ଏପରିକି ଆସନ୍ତା ଜାନୁଆରୀ ୨ରୁ ଜୀ ସାର୍ଥକର ନୂଆ ଧାରାବାହିକ 'ତୁ ଖରା ମୁଁ ଛାଇ'ର ପ୍ରସାରଣ ସୋମବାରରୁ ଶନିବାର ରାତି ୮ଟା ୩୦ରେ ହେବ ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ବିଶେଷ କରି ଓଡ଼ିଆ ଘରର କାହାଣୀକୁ ନେଇ ପ୍ରସାରିତ ହେବାକୁ ଯାଉଥିବା ଏହି ଧାରାବାହିକଟି ମାନିନୀର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି। ମାନିନୀ ଏପରି ଏକ ଚରିତ୍ର ଯେ ସେ ଯୁଆଡେ ଯାଏ କିଛି ନା କିଛି ବିଗାଡି ଦିଏ, ଏପରିକି ନାୟକ ଅଭିମନ୍ୟୁଙ୍କୁ କିନ୍ତୁ ସବୁକିଛି ପରଫେକ୍ଟ ଦରକାର ହୋଇଥାଏ। ଉକ୍ତ କାହାଣୀର ଏହି ଦୁଇ ଭିନ୍ନ ଚରିତ୍ର କିପରି ଆଗକୁ ବଢୁଛନ୍ତି, କାରଣ ଜଣେ ପରଫେକ୍ଟସନିଷ୍ଟ ଆଉ ଜଣେ ଖାମଖିଆଲି ଭାବେ କାର୍ଯ୍ୟ କରିଥାଏ। ଏମାନଙ୍କ ଯୋଡି ବନିବ ତ, ଯଦି ଦୁଇ ଜଣଙ୍କ ସମ୍ପର୍କ ଯୋଡି ହୁଏ ତେବେ କେତେଦୂର ଚିରସ୍ଥାୟୀ ହେବ ବୋଲି କୁହାଯାଉଛି।

## କେନ୍ଦ୍ର କୋଇଲା ସଚିବ ଓ କୋଲ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଜେଏସ୍‌ପି ଗସ୍ତ




କେନ୍ଦ୍ର କୋଇଲା ସଚିବ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧ୍ୟକ୍ଷଙ୍କ ସହ ଜେଏସ୍‌ପି ଚେୟାରମ୍ୟାନ ଓ ଅନ୍ୟ ଅଧିକାରୀମାନେ।

ଅନୁଗୋଳ ଅଫିସ, ୩୦।୧୨

କେନ୍ଦ୍ର କୋଇଲା ସଚିବ ଅମ୍ରିତ ଲାଲ ମୀନା ଏବଂ କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ଗୁରୁବାର ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର କୋଲ୍ ଗ୍ୟାସିଫିକେଶନ ପ୍ଲାଣ୍ଟ (ସିଜିପି) ପରିଦର୍ଶନ କରିଥିଲେ। ଜେଏସ୍‌ପି ପକ୍ଷରୁ ଦୁଇ ଅଧିକାରୀଙ୍କୁ ସିଜିପିକୁ ସ୍ୱାଗତ କରାଯାଇଥିଲା। ଜେଏସ୍‌ପି ପକ୍ଷରୁ ଏକ ଟୁଇଟ୍‌ରେ କୁହାଯାଇଛି ଯେ, କୋଲ୍ ଗ୍ୟାସିଫିକେଶନ ହେଉଛି କୋଇଲାର ଭବିଷ୍ୟତ। ଶକ୍ତି ଉତ୍ସ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରାଇବା ସହିତ ଆମଦାନୀର ବିକଳ୍ପ ଭାବେ ଏହା ସହାୟତା କରିବ। ଏହି ଗସ୍ତବେଳେ ଜେଏସ୍‌ପି ଚେୟାରମ୍ୟାନ ନବୀନ ଜିନ୍ଦଲ, ପରାମର୍ଶଦାତା ଗୋଷ୍ଠୀର ଉପାଧ୍ୟକ୍ଷ ଭି.ଆର୍. ଶର୍ମା, ଜେଏସ୍‌ପି ସିଇଓ ଦୀନେଶ କୁମାର ସରୋଗୀ, ଇଡି ଦାମୋଦର ମିତ୍ତଲ ଏବଂ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ସୋନାଲିକାର ଅଫିସିଆଲ ୱେବ୍‌ସାଇଟ୍‌ରେ ଟ୍ରାକ୍ଟର ମୂଲ୍ୟ ପ୍ରଦର୍ଶିତ

ନୂଆଦିଲ୍ଲୀ,୩୦।୧୨

ଦେଶର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ ତଥା ୧ ନମ୍ବର ରପ୍ତାନିକାରୀ ଭାବେ ପରିଚିତ ସୋନାଲିକା ଟ୍ରାକ୍ଟର୍ସ ପକ୍ଷରୁ ଏକ ଆକର୍ଷଣୀୟ ସେବା ଓ ସୁବିଧା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷର କିଷାନ ଦିବସ ଅବସରରେ ଦେଶର କୃଷକଙ୍କ ସୁବିଧା ଓ କମ୍ପାନୀର ଉତ୍ପାଦଗୁଡିକର ମୂଲ୍ୟରେ ସ୍ୱଚ୍ଛତା ପ୍ରଦର୍ଶନ ପାଇଁ କମ୍ପାନୀର ସମସ୍ତ ଟ୍ରାକ୍ଟର ରେଞ୍ଜର ମୂଲ୍ୟକୁ ଅନ୍‌ଲାଇନରେ ପ୍ରଦର୍ଶିତ କରିବାକୁ ସୋନାଲିକା ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏପରିକି ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ଅନେକ ସଫଳତା ପାଇବା ସହ ପାର୍ବଣ ଖୁସିକୁ ବୃଦ୍ଧି ମଧ୍ୟ ସମସ୍ତଙ୍କ ସହ ପାଳନ କରିଛି। ଏପରିକି ଶକ୍ତିଶାଳୀ ଇଞ୍ଜିନ୍ ସହ କଷ୍ଟମାଇଜ୍‌ଡ ଟ୍ରାକ୍ଟର ଅଭିନବ ଟ୍ରାନ୍ସମିଶନ ଓ ଠିକ୍ ହାଇଡ୍ରାଉଲିକ୍ ଆଦି ସୋନାଲିକାକୁ ବିଶ୍ୱବ୍ୟାପୀ ୧୪୦ଟି ଦେଶରେ ଏକ ଶକ୍ତିଶାଳୀ ଉପସ୍ଥିତି ରଖିବା ପାଇଁ ସଶକ୍ତ କରିଛି। ଏ ସମ୍ପର୍କରେ ସୋନାଲିକା ଟ୍ରାକ୍ଟର୍ସର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଏକ ଟ୍ରାକ୍ଟର କିଣିବା ପାଇଁ ନିଷ୍ପତ୍ତିକୁ ସରଳ କରିବାରେ ମୂଲ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କିନ୍ତ ଅନେକ ପିଢି ହେବ ମୂଲ୍ୟ ଉପରେ ସ୍ୱଚ୍ଛତା ଏକ ବଡ ଆହ୍ୱାନ ଭାବେ ରହିଆସିଛି। ଆମେ ଆମର ଅଫିସିଆଲ ୱେବ୍‌ସାଇଟ୍‌ରେ ଟ୍ରାକ୍ଟର ରେଞ୍ଜର ମୂଲ୍ୟକୁ ଉନ୍ମୋଚନ କରି ଉତ୍ସାହିତ ରହିଛୁ ଯାହା ୨୦୨୩ ଆର୍ଥିକ ବର୍ଷରେ ସମଗ୍ର କୃଷି ସମୁଦାୟ ପାଇଁ ପାର୍ବଣ ଉତ୍ସାହକୁ ବୃଦ୍ଧି କରିବ।

## ଫୁର୍‌ସତ୍

# କଇଁଛକୁ ଆକ୍ରମଣ କରି ଯୁବକ ଜେଲ ଗଲେ

ୱାଶିଂଟନ୍



ନିଶା ମଣିଷର ସବୁଠାରୁ ବଡ଼ ଶତ୍ରୁ। ଯେତେବେଳେ ସେ ନିଶାରେ ଥା'ନ୍ତି, ସେତେବେଳେ କିଛି ଅଜବ କାମ କରିଥା'ନ୍ତି। ତାହା ମଜାଳିଆ ଏବଂ ଆଶ୍ଚର୍ଯ୍ୟ ମଧ୍ୟ ହୋଇପାରେ। ଆମେରିକାର ଜଣେ ବ୍ୟକ୍ତି ନିଶାରେ ଏକ ଦୁର୍ଲଭ କଇଁଛକୁ ଆକ୍ରମଣ କରି ଏବେ ଜେଲ ଯାଇଥିବା ଜଣାପଡିଛି। ରିପୋର୍ଟ ମୁତାବକ, ୨୦୨୧ରେ ଆମେରିକାର ଇଷ୍ଟ ସାନ ଜୋସ୍‌ରେ ଥିବା ଏକ ପ୍ଲେ ସ୍କୁଲରେ ଜିଓର୍ଜି ରୋବଲେସ୍ ନାମକ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ଏକ କଇଁଛକୁ ଆକ୍ରମଣ କରିଥିଲେ। ଆଫ୍ରିକାନ୍ ସୁଲକାଟା ପ୍ରଜାତିର ଉକ୍ତ ଦୁର୍ଲଭ କଇଁଛର ବୟସ ୭୦ ବର୍ଷ। ରିପୋର୍ଟ ଅନୁସାରେ, ଉକ୍ତ ବ୍ୟକ୍ତି ଚୋରି କରିବା ଉଦ୍ଦେଶ୍ୟରେ ଆସିଥିଲେ। ହେଲେ ସେଠାରେ କଇଁଛକୁ ଦେଖି ଶତ୍ରୁ ଭାବି ତାକୁ ଉଠାଇ ଫୋପାଡି ଦେଇଥିଲେ। ଏ ସବୁକୁ ତାଙ୍କ ପଡୋଶୀ ଦେଖି ପାଟି କରିବାକୁ ଲାଗିଥିଲେ। ଉକ୍ତ ବ୍ୟକ୍ତି ଏକ ମୁନିଆ ଅସ୍ତ୍ରରେ କଇଁଛର ମୁଣ୍ଡ ଏବଂ ପିଠିକୁ ଆକ୍ରମଣ କରିଥିଲେ। ସେଥିପାଇଁ ଉକ୍ତ ବ୍ୟକ୍ତିଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ୧୦ ବର୍ଷ ପର୍ଯ୍ୟନ୍ତ ତାଙ୍କୁ ପ୍ରାଣୀ ପାଳିବାକୁ ବାରଣ ହୋଇଛି। ତେବେ ଉକ୍ତ ବ୍ୟକ୍ତି ଜଣକ ସେଦିନ ପ୍ଲେ ସ୍କୁଲରୁ କିଛି ବିଦ୍ୟୁତ୍ ସରଞ୍ଜାମ ଚୋରି କରିଥିବା ଜଣାପଡିଛି।

## ଟପ୍‌ଲେସ୍ ହେଲେ ଉର୍ଫି



**ମୁମ୍ବାଇ:** ଅଭିନେତ୍ରୀ ଉର୍ଫି ଜାଭେଦ ସବୁବେଳେ ତାଙ୍କ ଡ୍ରେସ୍ ପାଇଁ ଚର୍ଚ୍ଚାରେ ରହିଥାନ୍ତି। କେବେ ଅଖାରେ ତିଆରି ପୋଷାକ ପିନ୍ଧି ଲାଇମ୍‌ଲାଇଟ୍‌ରେ ରୁହନ୍ତି ତ କେବେ ସାଇକେଲ ଚେନ। ଆଉ କେବେ ମୋବାଇଲ ଚାର୍ଜରରେ ତିଆରି ଡ୍ରେସ ପିନ୍ଧି ଲୋକଙ୍କ ଦୃଷ୍ଟି ଆକର୍ଷଣ କରନ୍ତି। ଏବେ ଆଉ ଏକ ଭିନ୍ନ ଡିଜାଇନର ଡ୍ରେସ ପିନ୍ଧି ପୁଣି ଥରେ ସେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଅଭିନେତ୍ରୀ ମିନିସ୍କର୍ଟ ସହିତ ଟପ୍ ବଦଳରେ ଡାଏମଣ୍ଡର ନେକ୍‌ଲେସ୍ ପିନ୍ଧି ନଜରକୁ ଆସିଛନ୍ତି। ଅନେକେ ଉର୍ଫିଙ୍କ ନୂଆ ଲୁକ୍ ପସନ୍ଦ କରୁଥିବାବେଳେ ଆଉ କେତେ ୟୁଜର୍ସ ଟ୍ରୋଲ କରିଛନ୍ତି।

## ହସ୍ପିଟାଲ ମେସେଜ୍ ଦେଖି ଡରିଗଲେ ୮ ହଜାର ରୋଗୀ

**ଲଣ୍ଡନ:** ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୮,୦୦୦ ରୋଗୀଙ୍କ ପାଖକୁ ଏକସମୟରେ ଏକ ମେସେଜ୍ ଆସିଥିଲା। ଯାହାକୁ ଦେଖି ସମସ୍ତେ ବ୍ୟସ୍ତ ଏବଂ କାନ୍ଦି ପକାଇଥିଲେ। ବ୍ରିଟେନ୍‌ର ଏକ ଆସ୍କେନ ହସ୍ପିଟାଲରେ ଏପରି ଘଟଣା ଘଟିଛି। ରିପୋର୍ଟ ମୁତାବକ, ହସ୍ପିଟାଲ ପକ୍ଷରୁ ରୋଗୀଙ୍କୁ ଖ୍ରୀଷ୍ଟମାସ ମେସେଜ୍ ଦେବାକୁ ଚାହିଁଥିଲେ। ହେଲେ ଭୁଲ୍ ବଶତଃ ମେଡିକାଲ ଷ୍ଟାଫ୍ ସମସ୍ତ ରୋଗୀଙ୍କୁ ମସ୍ତିଷ୍କ କ୍ୟାନ୍‌ସର ହୋଇଥିବା ନେଇ ମେସେଜ ପଠାଇଦେଇଥିଲେ। ଏଥିରେ ସମସ୍ତେ ବ୍ୟସ୍ତବିବ୍ରତ ହେବା ସହ ଚିନ୍ତାରେ ପଡିଯାଇଥିଲେ। ଏହାର କିଛି ସମୟ ପରେ ସମସ୍ତ ରୋଗୀଙ୍କୁ ଅନ୍ୟ ଏକ ମେସେଜ୍ ଆସିଥିଲା। ଯେଉଁଥିରେ କି ହସ୍ପିଟାଲ ପକ୍ଷରୁ ଭୁଲ୍ ମେସେଜ୍ ଯାଇଥିବା ନେଇ ଅନ୍ୟ ଏକ ମେସେଜ୍ ଜରିଆରେ ଭୁଲ୍ ମାଗି ସତ କଥା ଜଣାଇଥିଲେ। ଏଥିସହ ଖ୍ରୀଷ୍ଟମାସର ଶୁଭେଚ୍ଛା ଜଣାଇଥିଲେ।

## କସ୍‌ମେଟିକ୍ ସର୍ଜରିରୁ ମୃତ୍ୟୁ

**ୱାଶିଂଟନ୍:** ସୁନ୍ଦର ଦେଖାଯିବା ପାଇଁ ଆମେରିକାର ଜଣେ ମହିଳା ତାଙ୍କ କସ୍‌ମେଟିକ୍ ସର୍ଜରି କରିଥିଲେ। କିନ୍ତୁ କିଛିଦିନ ମଧ୍ୟରେ ଉକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଚିକାଗୋର ମହିଳା ସୁକ୍ରେତା ଟାଲିବର୍ ତାଙ୍କ କସ୍‌ମେଟିକ୍ ସର୍ଜରି ପାଇଁ ୧୨ ଡିସେମ୍ବରରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅପରେଶନର କିଛି ସମୟ ପରେ ତାଙ୍କ ଅନ୍ତଃ ରକ୍ତସ୍ରାବ ଆରମ୍ଭ ହୋଇଥିଲା। ସେଥିପାଇଁ ତାଙ୍କ ପରିବାର ତାଙ୍କୁ ଅନ୍ୟ ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଡାକ୍ତରମାନେ ତାଙ୍କ ମୃତ୍ୟୁର କାରଣ ଅନ୍ତଃ ରକ୍ତସ୍ରାବ ବୋଲି କହିଛନ୍ତି। ଏପରି ସର୍ଜରି ବହୁତ ବିପଦପୂର୍ଣ୍ଣ ହୋଇଥାଏ। ତେବେ ଏହି ସର୍ଜରିରେ ଲକ୍ଷେରେ ୨୦ ଜଣଙ୍କ ଏହିପରି ମୃତ୍ୟୁ ହେଉଥିବା ଜଣାପଡିଛି।

## ରାଜସ୍ଥାନର ପ୍ରଥମ ମହିଳା ବଡି ବିଲ୍ଡର




**ଜୟପୁର:** ଇଚ୍ଛାଶକ୍ତି ଥିଲେ ମଣିଷ ସମସ୍ତ କାର୍ଯ୍ୟ କରିପାରିବ। ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ତାକୁ ପଛରେ ପକାଇ ପାର କରିଯିବ। ଏପରି କିଛି କରିଛନ୍ତି ରାଜସ୍ଥାନର ଜଣେ ମହିଳା। ପ୍ରିୟା ସିଂ ଥାଇଲାଣ୍ଡର ଇଣ୍ଟର ନ୍ୟାଶନାଲ ବଡି ବିଲ୍ଡିଂ ଚାମ୍ପିୟନ୍‌ଶିପ୍‌ରେ ଜିତି ଦେଶର ନାମ ଉଚ୍ଚା କରିଛନ୍ତି। ଏଥିସହ ସେ ଅନ୍ୟ ମହିଳାଙ୍କ ପାଇଁ ମଧ୍ୟ ଏକ ପ୍ରେରଣା ପାଲଟିଛନ୍ତି। ପ୍ରିୟାଙ୍କ ୮ ବର୍ଷ ବୟସରେ ବିବାହ ହୋଇଯାଇଥିଲା। ବୈବାହିକ ଜୀବନ ପାଇଁ ଯେପରି ତାଙ୍କ ସ୍ୱପ୍ନ ମରି ଯାଇଥିଲା। ସେ ଜଣେ ବଡି ବିଲ୍ଡର ହେବାକୁ ଚାହୁଁଥିଲେ। ସେ ଏପରି ସମାଜରୁ ଥିଲେ ଯେଉଁଠାରେ କି ବିବାହ ପରେ ମହିଳାଙ୍କୁ ସବୁବେଳେ ଓଢଣି ତଳେ ରହିବାକୁ ପଡୁଥିଲା। ହେଲେ ନିଜ ସ୍ୱପ୍ନକୁ ଭାଙ୍ଗିବାକୁ ଦେଇ ନ ଥିଲେ ପ୍ରିୟା । ସେ ଏପରି ପରମ୍ପରାରୁ ବାହାରି ନିଜକୁ ବଡି ବିଲ୍ଡର କରିବାରେ ଲାଗିପଡିଲେ। ଏଥିରେ ତାଙ୍କ ୨ ଝିଅଙ୍କ ସବୁବେଳେ ସହାୟତା ରହିଛି। ସେଥିପାଇଁ ଆଜି ସେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଛନ୍ତି। ସେ ପରିଶ୍ରମ କରି ଇଣ୍ଟର ନ୍ୟାଶନାଲ ବଡି ବିଲ୍ଡିଂରେ ସ୍ୱର୍ଣ୍ଣ ପଦକ ଜିତି ରାଜସ୍ଥାନର ପ୍ରଥମ ମହିଳା ବଡି ବିଲ୍ଡର ହୋଇପାରିଛନ୍ତି। ଏଥିସହ ତାଙ୍କୁ ପ୍ରୋ କାର୍ଡ ମଧ୍ୟ ମିଳିଯାଇଛି।







(ବାମରୁ) ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବିରେନ ସିଂଙ୍କୁ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ରାୟପୁରଠାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କୁ ଏବଂ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଥିରୁଭାନନ୍ତପୁରମ୍‌ଠାରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କୁ ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣ ପତ୍ର ଓ ଜର୍ସି ଦେଇ ନିମନ୍ତ୍ରଣ କରୁଛନ୍ତି।

# ଶିକାରୀଙ୍କୁ ଛାଡ଼ି ବେପାରୀ ପଛରେ ଅଧିକାରୀ

**ବାରିପଦା ଅଫିସ/ ଉଦଳା,୩୦।୧୨(ଡି.ଏନ୍.ଏ.)**

■ ୩ ବର୍ଷରେ ଜବତ ହେଲାଣି ୫ ବାଘ ଚମଡ଼ା
■ ମହାବଳ ଛାଲ ବିକ୍ରି ଘଟଣାରେ ଆଉ ଜଣେ ଗିରଫ

ମହାବଳ, କଲରାପତରିଆ ଓ କଳା ବାଘ ପାଇଁ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଏବେ ବନ୍ୟପ୍ରାଣୀଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ଅଧିକାରୀ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟି ଯୋଗୁ ଅନେକ ଜୀବଜନ୍ତୁଙ୍କ ବଂଶ ଲୋପ ହେବାକୁ ବସିଲାଣି। ବିରଳ ମହାବଳ ସମେତ ହାତୀ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଅବାଧ ଶିକାର ବଢ଼ିବାରେ ଲାଗିଛି। ଉପରିସ୍ଥ ଅଧିକାରୀମାନେ ଧର୍ମକୁ ଆଖିଠାର ସଦୃଶ ବିଭାଗର ଦୋଷକୁ ଘୋଡ଼ାଇବାରେ ବ୍ୟସ୍ତ ରହୁଥିବା ବେଳେ ବିଲୁପ୍ତପ୍ରାୟ ପ୍ରାଣୀଙ୍କ ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିଛି। ଗତ ୩ ବର୍ଷ ମଧ୍ୟରେ କ୍ରାଇମବ୍ରାଞ୍ଚ ଓ ବନ ବିଭାଗ ଚଢ଼ାଉ କରି ୫ ବାଘ ଚମଡ଼ା ଜବତ କରିବା ସହ ୮ଜଣଙ୍କୁ ଗିରଫ କରିବା ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ସେହିପରି ଶିମିଳିପାଳରେ ହାତୀ ଶିକାର ଚିରାଚରିତ ଘଟଣାରେ ପରିଣତ ହେଲାଣି। ଅଧିକାରୀମାନେ କେବଳ ବେପାରୀଙ୍କୁ ଧରି ନିଜ ଦାୟିତ୍ୱ ଶେଷ କରୁଥିବା ବେଳେ ଶିକାରୀଙ୍କ ପାଖରେ ପହଞ୍ଚି ନ ପାରିବା ବିଭାଗର ଅପାରଗତାକୁ ପଦାରେ ପକାଇଛି। ଜନ୍ତୁ ଶିକାର ଓ ଚମଡ଼ା ବିକ୍ରି ଘଟଣାରେ ବନ ଅଧିକାରୀ ଓ ସେମାନଙ୍କ ଆତ୍ମୀୟସ୍ୱଜନଙ୍କ ସମ୍ପୃକ୍ତି ରହୁଥିବା ନଜିର ରହିଛି। ରକ୍ଷକ ହୋଇ ଯଦି ଭକ୍ଷକ ସାଜିବେ ତେବେ ନିରୀହ ବନ୍ୟପ୍ରାଣୀଙ୍କୁ ସୁରକ୍ଷା କିଏ ଦେବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ଉଦଳା-ବାରିପଦା ରାସ୍ତାର ବିସିପୁର ଛକ ନିକଟରେ ମହାବଳ ବାଘ ଚମଡ଼ା ବିକ୍ରି ଲାଗି ଡିଲ୍ ଚାଲିଥିବା ବେଳେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ୭ଫୁଟ ଲମ୍ବ ଓ ୫ଫୁଟ ଓସାରର ଏକ ମହାବଳ ବାଘ ଚମଡ଼ାକୁ ଜବତ କରିଥିଲା। ଏହି ଘଟଣାରେ ଉଦଳା ଥାନା ମୂଷାଖାଇ ଅଞ୍ଚଳର ଦେବାଶିଷ ପାତ୍ର ନାମକ ଜଣେ ବେପାରୀଙ୍କୁ ଏସ୍‌ଟିଏଫ୍ ମାଡ଼ି ବସିଥିଲା। ତା' ପରଦିନ ମୁଖ୍ୟ କାର୍ପେଟଦାର ଦେବକୁଣ୍ଡ ନିକଟସ୍ଥ ଶ୍ରୀଦାମଚନ୍ଦ୍ରପୁର ଅଞ୍ଚଳର ଫାଗୁ ହାଁସଦାଙ୍କୁ ମଧ୍ୟ ଗିରଫ କରିଥିଲା। ଅଧିକ ତଦନ୍ତ ଜାରି ରହିଥିବା ବେଳେ ଶୁକ୍ରବାର ଅନ୍ୟତମ ଅଭିଯୁକ୍ତ ଶାସଙ୍ଗବେଡ଼ା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମାଝି ଗିରଫ ହୋଇଛନ୍ତି। ସେହିପରି ଗତ ଜାନୁୟାରୀ ୬ ତାରିଖ ରାତିରେ ଏସ୍‌ଟିଏଫ ଚଢ଼ାଉ କରି ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱ ରାଗ୍‌ଧା କଲେଜ ନିକଟରୁ ଦୁଇଟି କଲରାପତରିଆ ବାଘ ଚମଡ଼ା ଜବତ କରିଥିଲା। ଏହା ସହିତ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତଦ୍ୱୟ ହେଲେ ଖୁଣ୍ଟା ଥାନା ଅଧୀନ କ୍ଷୀରପଦା ଗ୍ରାମର ପ୍ରଶାନ୍ତ ମହାନ୍ତି ଓ ବଡ଼ସାହି ଥାନା ଅଧୀନ ବାଲିଯୋଡ଼ା ଗ୍ରାମର ଗୁରା ବିନ୍ଧାଣୀ। ୨୦୨୧ ସେପ୍ଟେମ୍ବର ୨୦ରେ ବାରିପଦା ସହର ଗାନ୍ଧୀ ପାର୍କ ନିକଟରୁ ଏସ୍‌ଟିଏଫ୍ ଚଢ଼ାଉ କରି ୨ଫୁଟ ଲମ୍ବର କଲରାପତରିଆ ବାଘ ଚମଡ଼ା ଜବତ କରିଥିଲା। ଏଥିରେ ସମ୍ପୃକ୍ତ ଥିବା ଜଣେ ବନ କର୍ମଚାରୀଙ୍କ ଇଞ୍ଜିନିୟରିଂ ପଢ଼ୁଆ ପୁଅ ସମେତ ୨ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବଡ଼ସାହି ଥାନା ଉଠାଣିନୂଆଗାଁ ଗ୍ରାମର ବିକାଶ ବେଷ୍ଟକାର ଓ ଖାନୁଆ ପଞ୍ଚାୟତ ପଳାଶବଣି ଗ୍ରାମର ବିକାଶ ବିନୟ ସିଂ। ଫେସବୁକ୍ ମାଧ୍ୟମରେ ବାଘ ଚମଡ଼ା ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ ଇଞ୍ଜିନିୟରିଂ ଛାତ୍ର ଜଣକ ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇଥିଲେ। ଜଣେ ବନ ଅଧିକାରୀଙ୍କ ପୁଅ ବାଘ ଚମଡ଼ା ବିକ୍ରି କରୁଥିବା ବେଳେ ଜଙ୍ଗଲରେ ବନ୍ୟଜନ୍ତୁ କିପରି ସୁରକ୍ଷିତ ରହିବେ ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ସେହିପରି ୨୦୨୦ ସେପ୍ଟେମ୍ବର ୩ ତାରିଖ ରାତିରେ ବିଶୋଇ ଥାନା ଅଧୀନ ଖେଜୁରିକଟାସ ଗ୍ରାମ ନିକଟରୁ ବନ ବିଭାଗ ଚଢ଼ାଉ କରି ୫ଫୁଟ ୨ଇଞ୍ଚ ଲମ୍ବର ଏକ କଲରାପତରିଆ ବାଘ ଚମଡ଼ା ଜବତ କରିଥିଲା। ବିକ୍ରି କରିବାକୁ ଆଣିଥିବା ଅଭିଯୁକ୍ତ ଜଣକ ଥିଲେ ବଡ଼ବାଲିଚୁଆ ଗ୍ରାମର ଲକ୍ଷ୍ମଣ ନାଏକ। ଅନ୍ୟ ୩ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ଶିମିଳିପାଳ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି।

# ବିଶ୍ୱକପ୍ ହକି ପାଇଁ ଆଉ ୩ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ)**

ଆସନ୍ତା ୨୦୨୩ ଜାନୁୟାରୀ ୧୩ରୁ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଏହି ବିଶ୍ୱ କ୍ରୀଡ଼ା ଦେଖିବାକୁ ଓଡ଼ିଶା ଆମନ୍ତ୍ରଣ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ରାଜ୍ୟର ମନ୍ତ୍ରୀମାନେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ଗତ ୩ ଦିନ ମଧ୍ୟରେ ୧୪ ଜଣ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ଶୁକ୍ରବାର ଆଉ ୩ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବିରେନ ସିଂଙ୍କୁ ଭେଟି ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣ କରିଛନ୍ତି। ମନ୍ତ୍ରୀ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ସହିତ ରୁପାର ଅଶୋକ ଚକ୍ର ପ୍ରଦାନ କରିଛନ୍ତି। ସେହିପରି କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଥିରୁଭାନନ୍ତପୁରମ୍‌ଠାରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କୁ ସାକ୍ଷାତ୍ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱକପ୍‌କୁ ଆସିବା ଲାଗି ନିମନ୍ତ୍ରଣ ପତ୍ର ଓ ଜର୍ସି ପ୍ରଦାନ କରିଛନ୍ତି। ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କୁ ରାୟପୁରଠାରେ ସାକ୍ଷାତ୍ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱକପ୍ ପାଇଁ ନିମନ୍ତ୍ରଣ ପତ୍ର, ଜର୍ସି ସହିତ ରୁପାର ଏକ ଅଶୋକ ଚକ୍ର ପ୍ରଦାନ କରି ନିମନ୍ତ୍ରଣ କରିଛନ୍ତି।

# ବନ୍ଦ ଘରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ପିପିଲି,୩୦।୧୨(ସ୍ୱ.ପ୍ର.)**

ପିପିଲି ଥାନା ଅନ୍ତର୍ଗତ ଭାରତୀପୁର ଗ୍ରାମର ଏକ ବନ୍ଦ ଘରୁ ଶୁକ୍ରବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହକୁ ଜବତ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ରେଣୁକା ମହାରଣା। ତେବେ ଝିଅ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ (ନଂ.୧୬/୨୨) ପ୍ରାଥମିକ ତଦନ୍ତ ଚଳାଇଛି। ରେଣୁକା ବାଲେଶ୍ୱର କୋର୍ଟରେ ଗତ ୪ବର୍ଷ ହେଲା ଟାଇପିଷ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୨ଦିନ ତଳେ ସେ ଭାରତୀପୁରସ୍ଥିତ ଘରକୁ ଛୁଟିରେ ଆସିଥିଲେ। କୌଣସି କାରଣକୁ ନେଇ ସେ ସବୁବେଳେ ଡିପ୍ରେସନରେ ରହୁଥିଲେ। ଶୁକ୍ରବାର ସକାଳେ ରେଣୁକା ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ଖୋଲି ନ ଥିଲେ। କବାଟ ଭଙ୍ଗାଯିବା ପରେ ରେଣୁକା ଫ୍ୟାନରେ ଲୁଗା ଲଗାଇ ବେକରେ ବାନ୍ଧି ଝୁଲୁଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପିପିଲି ସରକାରୀ ମେଡିକାଲକୁ ନେଇଥିବା ବେଳେ ଡାକ୍ତର ରେଣକାଙ୍କୁ ମୃତ ଘୋଷଣା କରିଥିଲେ। ପିପିଲି ଥାନା ଅଫିସର ଆଲଫାରାଣି ସାମଲ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛନ୍ତି।

# ରାଉରକେଲାରେ ବିମାନ ଉଡ଼ାଣର ପରୀକ୍ଷଣ



ରାଉରକେଲା ବିମାନ ବନ୍ଦରରେ ଏଟିଆର-୭୨ ବିମାନ ଅବତରଣ କରିଛି।

**ରାଉରକେଲା ଅଫିସ,୩୦।୧୨**

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ରାଉରକେଲାରେ ବିମାନ ଉଡ଼ାଣର ପରୀକ୍ଷଣ ସଫଳ ହୋଇଛି। ହକି ବିଶ୍ୱକପ୍ ପୂର୍ବରୁ ରାଉରକେଲା ବିମାନବନ୍ଦରରେ ୭୨ ସିଟ୍ ବିଶିଷ୍ଟ ଯାତ୍ରୀବାହୀ ବିମାନ (ଏଟିଆର-୭୨) ଅବତରଣ କରିଛି। ଏହି ବିମାନ ଶୁକ୍ରବାର ଅପରାହ୍ନ ୩ଟା ୨୦ମିନିଟ୍ ସମୟରେ ରାଉରକେଲାରେ ଅବତରଣ କରିଥିଲା। ଏହାପରେ ପ୍ରାୟ ୩ଟା ୪୫ ମିନିଟ୍ ପରେ ଉକ୍ତ ବିମାନ ଝାରସୁଗୁଡା ଅଭିମୁଖେ ଉଡ଼ାଣ ଭରିଥିଲା। ଏହି ସମୟରେ ବାଣିଜ୍ୟ ଓ ପରିବହନ ସଚିବ ଉଷା ପାଢୀ, କ୍ରୀଡା ଓ ଯୁବସେବା ସଚିବ ଆର୍. ଭିନିଲ କ୍ରିଷ୍ଣା, ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଦେବଦତ୍ତା ସୁରନଜିତା ଜେନା, ସୁନ୍ଦରଗଡ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ପାନପୋଷ ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ଆର୍‌ଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ, ରାଜ୍ୟ ସରକାର, ଆର୍‌ଏସ୍‌ପି ଏବଂ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଉରକେଲା ବିମାନ ବନ୍ଦରରୁ ବାଣିଜ୍ୟିକ ବିମାନ ଚଳାଚଳ ପାଇଁ ଗତ ୧୯ ତାରିଖରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକଙ୍କଠାରୁ ୨ସି ଲାଇସେନ୍ସ ମିଳିଥିଲା। ଆସନ୍ତା ଜାନୁୟାରୀ ୭ରେ ହକି ବିଶ୍ୱକପ୍ ଥିବାରୁ ରାଉରକେଲାରୁ ନିୟମିତ ବିମାନ ସେବା ଆରମ୍ଭ ହେବ ବୋଲି ଜଣାପଡିଛି।

# ଶ୍ରୀମନ୍ଦିରରେ ଦୀପ ନିଆଁ ଲାଗି ନାବାଳକ ଆହତ

**ପୁରୀ ଅଫିସ,୩୦।୧୨:** ଶ୍ରୀମନ୍ଦିର ଭିତର କାଠ ନିକଟରେ ଦୀପ ନିଆଁ ଲାଗି ଜଣେ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ସେ ହେଲେ ଦେବରାଜ ଭୂୟାଁ। ଦକ୍ଷିଣା ଥାଳିରେ ଦୀପଧରି ଜଣେ ସେବାୟତ ବୁଲୁଥିବା ସମୟରେ ତାଙ୍କ ବାମ ହାତ କହୁଣି ଲାଗିଯାଇଥିଲା। ଫଳରେ ହାତରେ ଫୋଟକା ହୋଇଯାଇଛି। ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଅଛନ୍ତି। ଦେବରାଜ ବାପା ହେମନ୍ତ କୁମାର ଭୂୟାଁ ଓ ମା ଲିପିକାଙ୍କ ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିବାବେଳେ ଏହି ଘଟଣା ଘଟିଥିଲା। ତେବେ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ବେଳେ ସେବାୟତ ଦୀପ ଜଳୁଥିବା ଦକ୍ଷିଣାଥାଳି ନେଇ ଗହଳି ଭିତରେ ବୁଲିବା ଘଟଣାକୁ ନିନ୍ଦା କରାଯାଇଛି।

# ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପିର ଅତ୍ୟାଧୁନିକ ଅସ୍ତ୍ରୋପଚାର ପ୍ରକ୍ରିୟା ଶିଖାଇଲେ ଡା. ମନୋଜ ସାହୁ

**ଭୁବନେଶ୍ୱର, ୩୦।୧୨ (ବ୍ୟୁରୋ)**



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦିନକୁ ଦିନ ଓଡ଼ିଶାର ଖ୍ୟାତି ବଢ଼ିବାରେ ଲାଗିଛି। ବିଗତ ଦିନଗୁଡ଼ିକରେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ରୋଗୀଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା। ମାତ୍ର ଏବେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ରୋଗୀ ଭୁବନେଶ୍ୱର ଆସି ଚିକିତ୍ସିତ ହେଉଛନ୍ତି। ଏପରିକି ଓଡ଼ିଶାର ଡାକ୍ତର ଅନ୍ୟ ରାଜ୍ୟକୁ ଯାଇ ଉନ୍ନତ ଚିକିତ୍ସା ପ୍ରଣାଳୀ ଶିଖାଉଛନ୍ତି। ରାଜ୍ୟର ପେଟରୋଗ ବିଶେଷଜ୍ଞ ପ୍ରଫେସର ଡା. ମନୋଜ ସାହୁ ପଶ୍ଚିମବଙ୍ଗରେ ଡାକ୍ତରଙ୍କୁ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପି ଅସ୍ତ୍ରୋପଚାର ପ୍ରକ୍ରିୟା ଶିଖାଇଛନ୍ତି। ଏହି ଅସ୍ତ୍ରୋପଚାରର ଅତ୍ୟାଧୁନିକ ପ୍ରକ୍ରିୟା ଏବଂ ଜ୍ଞାନକୌଶଳକୁ ରୋଗୀ ସେବାରେ ବହୁଳ ବିନିଯୋଗ କରିବା ଲକ୍ଷ୍ୟ ନେଇ କୋଲକାତାସ୍ଥିତ ରବୀନ୍ଦ୍ରନାଥ ଟେଗୋର୍ ହସ୍ପିଟାଲ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୬୦ରୁ ଊର୍ଦ୍ଧ୍ୱ ଡାକ୍ତର ପ୍ରଫେସର ସାହୁଙ୍କଠାରୁ ଥାର୍ଡ ସ୍ପେସ୍ ଏଣ୍ଡୋସ୍କୋପିର ଅତ୍ୟାଧୁନିକ ଅସ୍ତ୍ରୋପଚାର ସଂକ୍ରାନ୍ତ ଜ୍ଞାନ ଆହରଣ କରିଥିଲେ। ଏହାଦ୍ୱାରା ବିନା କୌଣସି କଟାକଟିରେ ବିଭିନ୍ନ ଛାତି ରୋଗ ଓ ପେଟ ରୋଗର ସଫଳ ଅସ୍ତ୍ରୋପଚାର କରାଯାଇପାରିବ। ରୋଗୀମାନେ ଅସ୍ତ୍ରୋପଚାରର ଦିନେ କିମ୍ବା ଦୁଇଦିନ ମଧ୍ୟରେ ସୁସ୍ଥ ହୋଇ ଘରକୁ ଫେରି ପାରିବେ। ସୂଚନାଯୋଗ୍ୟ, ଏହି ଜ୍ଞାନକୌଶଳ ଜାପାନ ଓ ଜର୍ମାନୀ ଆଦି ଦେଶରୁ ଆରମ୍ଭ ହୋଇଥିବାବେଳେ ଭାରତର ମାତ୍ର କିଛି ଡାକ୍ତରଖାନାରେ ଏହାର ବିନିଯୋଗ କରାଯାଉଛି। ଓଡ଼ିଶାର ଭୁବନେଶ୍ୱରଠାରେ ୨୦୧୪ରୁ ଏହି ଜ୍ଞାନକୌଶଳ ଜରିଆରେ ସଫଳ ଅସ୍ତ୍ରୋପଚାର କରାଯାଉଛି। ତେବେ ପୂର୍ବ ଭାରତର ସମସ୍ତ ଛୋଟ ବଡ଼ ହସ୍ପିଟାଲରେ ଏହି ସେବା ଦିଆଯିବା ପାଇଁ ଡା. ସାହୁ ଏପରି ପ୍ରୟାସ ଜାରି ରଖିଛନ୍ତି।


GOVERNMENT OF ODISHA 'e'mail-sebicbpd@gmail.com
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, BARIPADA IRRIGATION CIRCLE, BARIPADA
'e' Procurement Notice No.ACEBIC-02/2022-23
No.A-940:

| Procurement Officer | Name of Work | Bid Identification No. | Cost of Work (Rs.in lakhs) | Bid Security (Rs.) E.M.D. | Cost of bid documents (Rs.) | Class of Contractor | Period of Completion | Bid documents available online for bidding | | Date of Opening of Technical bid (Cover-I) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Additional Chief Engineer, Baripada Irrigation Circle, Baripada | Construction of Museum cum Park Complex at Khadkhai Dam under Rairangpur Irrigation Division, Rairangpur | ACEBIC-RID-01 | 131.36 | Bid Security declaration Annexure-III of Section-6 | 10,000.00 | 'B' & 'A' Class | 12 (Twelve) Calendar Months) | 31.12.22 from 10.00 AM | 16.01.23 upto 5.00 PM | 17.01.23 at 11.00 AM |

Further details conditions can be seen from the Govt. website www.tendersorissa.gov.in.
OIPR-32162/11/0003/2223 Sd./- Additional Chief Engineer, Baripada Irrigation Circle, Baripada



# ନିୟନ୍ତ୍ରିତ ବଜାର କମିଟି ବାଲୁଗାଁ, ଜି-ଖୋର୍ଦ୍ଧା
## ୨୦୨୨-୨୩ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା

ବିଜ୍ଞାପନ ସଂଖ୍ୟା ୧୨୬ ତାରିଖ.୨୯.୧୨.୨୦୨୨

ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ୬ଗୋଟି ବ୍ଲକ ଯଥା-ଖୋର୍ଦ୍ଧା, ଟାଙ୍ଗୀ, ଚିଲିକା, ବାଣପୁର, ବୋଲଗଡ଼, ବେଗୁନିଆ ବ୍ଲକର ସମସ୍ତ ଧାନ ଚାଷୀ ଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସରକାର ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଉପରୋକ୍ତ ବ୍ଲକର ୯୭ଗୋଟି ଧାନ କ୍ରୟ କେନ୍ଦ୍ର ଦ୍ୱାରା ଚଳିତ ଖରିଫ ୨୦୨୨-୨୩ ବିପଣନ ବର୍ଷ ପାଇଁ ତା.୩୦.୧୨.୨୦୨୨ ରିଖ ଠାରୁ ସରକାରଙ୍କ ନିର୍ଦ୍ଧାରିତ ସହାୟକ ମୂଲ୍ୟ ଓ ଧାର୍ଯ୍ୟ ଦିବସରେ ଧାନ କ୍ରୟ କରାଯାଉଅଛି । ଏଣୁ ସମ୍ପୃକ୍ତ ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରିଥିବା ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ସଫାକରି ଏଫ୍.ଏ.କ୍ୟୁ ମାନକୁ ଉନ୍ନୀତ କରାଇ ନିର୍ଦ୍ଧାରିତ ଦିବସରେ ମଣ୍ଡିକୁ ଆଣିବାକୁ ଅନୁରୋଧ । ଚାଷୀଭାଇ ଓ ଭଉଣୀମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଆସିଥିବା ଏସ୍.ଏମ୍.ଏସ୍. ଅନୁସାରେ କେଉଁଦିନ, କେଉଁଠି ଓ କେତେ ପରିମାଣର ଧାନ ବିକ୍ରୟ କରିପାରିବେ ଏହା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଅବଗତ ହୋଇପାରିବେ, ଚଳିତ ବର୍ଷ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତି କ୍ରମେ ଚାଷୀ ଭାଇ ଓ ଭଉଣୀମାନେ ଟୋକନ ପିଛା ସର୍ବାଧିକ ୬୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିପାରିବେ । ଟୋକନର ଅବଧି ୩୦ ଦିନ ରହିବ । ଧାନ ବିକ୍ରି, ମଣ୍ଡି ଓ ଟୋକନ ସମ୍ବନ୍ଧୀୟ ଅଧିକ ତଥ୍ୟ ପାଇବା ପାଇଁ ସରକାରଙ୍କ ଦ୍ୱାରା ଜାରି ଦେୟମୁକ୍ତ ନମ୍ବର ୧୯୬୭କୁ ଯୋଗାଯୋଗ କରିପାରିବେ ।

### ଧାନର ଗୁଣାତ୍ମକ ମାନ

| କ୍ର. ନଂ. | ଧାନରେ ମିଶ୍ରିତ ବା ବାହ୍ୟ ପଦାର୍ଥ ସର୍ବାଧିକ ପରିସୀମା (ଶତକଡ଼ା) | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା | ଏଫ୍.ଏ.କ୍ୟୁ ମାନର ଧାନର ନିର୍ଦ୍ଧାରିତ ସରକାରୀ ସହାୟକ ମୂଲ୍ୟ |
|---|---|---|---|
| ୧. | କ) ବାଲି, ଗୋଡ଼ି, ମାଟି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ (ଖ) କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା, ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ (*ଖରାପ, ପାଣିଫୁଲା ଏବଂ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୧% ୧% | ୧.ସାଧାରଣ ଧାନ- ଟ.୨୦୪୦.୦୦ ୨. ଗ୍ରେଡ ଏ ଧାନ- ଟ.୨୦୬୦.୦୦ |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା | ୫% | ଉପଜିଲ୍ଲାପାଳ, ଖୋର୍ଦ୍ଧା-ଫୋନ୍-୦୬୭୫୫-୨୨୦୬୧୭, ଜିଲ୍ଲା ଯୋଗାଣ ଅଧିକାରୀ-ମୋ-୯୪୩୮୨୦୦୦୪୯ ଜିଲ୍ଲା ଯୋଗାଣ ଅଫିସ୍ କଣ୍ଟ୍ରୋଲ ରୁମ୍-୯୪୩୭୨୦୧୬୨୧ ଉପନିବନ୍ଧକ ସମବାୟ ସମିତି ସମୂହ, ଖୋର୍ଦ୍ଧା- ୯୪୩୭୮୨୨୫୬୭୫, ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ଖୋର୍ଦ୍ଧା-୦୬୭୫୫-୨୨୦୫୧୮ ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି,ବାଲୁଗାଁ ମୋ-୯୯୩୮୧୪୧୨୬୯ |
| ୩. | ଅପରିପକ୍ୱ,ସବୁଜ,କଞ୍ଚା,ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% | |
| ୪. | ଗ୍ରେଡ 'ଏ' ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ 'ଏ' ଧାନ ନିମନ୍ତେ ।) | ୬% | |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶର ପରିମାଣ । | ୧୭% | |

**କୋଭିଡ୍ ୧୯ କରୋନା ନିୟମକୁ ଗୁରୁତର ସହ ପାଳନ କରନ୍ତୁ ଓ ସଦାସର୍ବଦା ମାସ୍କ ପରିଧାନ କରନ୍ତୁ ଓ ମଣ୍ଡିରେ ଧାନ ବିକ୍ରୟ କରିବାବେଳେ ନିଜ ନିଜ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରନ୍ତୁ ।**
**"ଚାଷୀ ହସିଲେ ଦୁନିଆ ହସେ"**

ସ୍ୱା./-ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି,ବାଲୁଗାଁ
ସ୍ୱା./-ଉପଜିଲ୍ଲାପାଳ, ଖୋର୍ଦ୍ଧା ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି,ବାଲୁଗାଁ



**Bhubaneswar Municipal Corporation**
*Progress through Partnership for better Bhubaneswar*
No.: 60896 Date: 28.12.2022
EOI No. 57870, Dated: 12.12.2022
File No. XXII(L) 47/2002

**CORRIGENDUM - 2**
**Expression of Interest (EOI) for Management of Ward Offices by Mission Shakti SHG During the year 2023-24**

No. C-2168: Bhubaneswar Municipal Corporation (BMC) invited Expression of Interest vide No. 57870 dated 12.12.2022 in sealed cover from interested Mission Shakti SHGs to be engaged for managing Ward Offices of BMC during the year 2023-24. The last date of submission of proposal is 28.12.2022 upto 5 P.M. which has been extended to 16.01.2023, upto 5.00 P.M. Subsequently, the dates for opening of proposal is scheduled to be held on 16.01.2023 at 5.30 P.M. in the Mini Conference Hall of BMC.
The detailed terms and conditions of the Expression of Interest is available in website i.e., **http://www.bmc.gov.in**.

Sd./- Additional Commissioner
Bhubaneswar Municipal Corporation
OIPR-13002/11/0197/2223



**MUNICIPAL COUNCIL, JATNI**
Phone:-0674-2490826, Mail-municipalityjatni@gmail.com
No.4958 Date:28.12.2022
**"e" Procurement Notice**

**No.C-2170:** Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Tender Reference No : EO/JMC/063/2022-23
2. Tender I.D No : 2022_ORULB_84498_1 to 85
3. Name of the Work : Civil Construction works as mentioned in website
4. No. of works : 85 nos.
5. Estimated Cost : Rs.1,99,000/-.and Rs. 20,00,000/-
6. Period of Completion : 30 days
7. Date and Time of Bidding : 02.01.2023 to 16.01.2023 upto 5.30 PM
8. Last date and time for receipt of bids in the portal : 16.01.2023 upto 5.30 PM
9. Bids received online shall be opened on : 17.01.2023 at 11.30 AM
10. Name and addres of the Officer inviting Bid : Executive Officer Jatni Municipality

Further details can be seen from the procurement portal i.e. www.tendersorissa.gov.in.

OIPR-13041/11/0043/2223 Sd./- Executive Officer, Jatni Municipality



**OFFICE OF PANCHAYAT SAMITI, CHAMPUA**
**BID IDENTIFICATION No. TCN No. 02/2022-23**
No. 5040/DEV Dtd.: 26.12.2022

**No. i-303:1.** The Block Development Officer, Champua invites sealed Percentage Rate tenders in Single Cover System and Double Cover System on behalf of Govt. of Odisha for the construction of works as detailed as cited in the Notice Board, from registered and eligible class of civil contractor of the State PWD/(R&B)/Water Resources/Rural Works/MI/ CPWD for the following works eventually to be drawn up in the P.W.D. P-1 Agreement form in conformity with the Detailed Tender Call Notice.

a) As per Codal Provision works more than Rs.50.00 lakhs should be in Double Cover mode i.e. Cover-I contains (Technical Bid) Cover-II contains (Financial Bid) to be fill up separately indicating therein as "Cover-I and Cover-II" respectively and finally put together in one Cover. After due scrutiny the Cover-II will be opened. For Sl. No. 01, Work experience certificate last 02 years to be produce (minimum upto Rs.40.00 lakhs). Those bidders have no experience certificate which the tender will be rejected.
Technical Bid contains experience certificate with Tools like (Shuttering Plate, Mixture Machine, Water Tanker) either Own or Lease Basis.

2) The tender paper (including Tender Call Notice, approved tender schedule & DTCN) will be available in the office from Dt.30.12.2022 to 09.01.2023 upto 1.00 P.M.

3) Bids shall be received by this agency upto 4.00 P.M. on date 12.01.2023 through Registered Post/Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.

4) The bid will be opened on Dt.13.01.2023 at 11.00 A.M. in the office of the undersigned in the presence of the members of the District Level Tender/Purchase Committee and the bidders or their authorised representative. If the office happens to be closed on the date of receipt/opening of the bids as specified, above will be received/opened on the next working day at the same time and venue.

Sd./- Block Development Officer, Champua
OIPR-19121/11/0004/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୪ ପରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା

**ନୂଆଦିଲ୍ଲୀ,୩୦।୧୨**

ଆସନ୍ତା ମକର ସଂକ୍ରାନ୍ତି (ଜାନୁଆରୀ ୧୪) ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିପାରନ୍ତି ବୋଲି ରାଜନୈତିକ ମହଲରେ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ବଜେଟ ଅଧିବେଶନ ପୂର୍ବରୁ ମନ୍ତ୍ରୀସ୍ତରରେ ଅଦଳବଦଳ ହୋଇପାରେ। ଏଥିସହିତ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଦଳର ରାଜନୈତିକ ଆବଶ୍ୟକତାକୁ ନେଇ ମଧ୍ୟ ସାଂଗଠନିକ ସ୍ତରରେ ଅଦଳବଦଳ କରାଯିବାର ସମ୍ଭାବନା ରହିଥିବା କୁହାଯାଉଛି। ମନ୍ତ୍ରୀମାନଙ୍କ ପ୍ରଦର୍ଶନ ଏବଂ ଯୋଗ୍ୟ ଏମ୍‌ପିମାନଙ୍କୁ ପାଳିକରି କ୍ୟାବିନେଟରେ ସାମିଲ କରିବା ନିମନ୍ତେ ଏହି ସମ୍ପ୍ରସାରଣ କରାଯିବ। ଯେଉଁମାନେ ମନ୍ତ୍ରିମଣ୍ଡଳରୁ ବାଦ୍ ପଡ଼ିବେ ସେମାନଙ୍କୁ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଗତବର୍ଷ ଜୁନ୍ ୮ରେ ମୋଦି ତାଙ୍କ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିଥିଲେ। ସେତେବେଳେ କେତେକ ପ୍ରମୁଖ ନେତାଙ୍କ ସମେତ ୧୨ ଜଣଙ୍କୁ କ୍ୟାବିନେଟରୁ ବାଦ୍ ଦିଆଯାଇ ସେମାନଙ୍କ ସ୍ଥାନରେ ଅନ୍ୟମାନଙ୍କୁ ନିଆଯାଇଥିଲା। ଏଥର ମଧ୍ୟ ସେହିଭଳି ଅଦଳବଦଳ କରାଯାଇପାରେ ବୋଲି ଆଶା କରାଯାଉଛି। ମନ୍ତ୍ରିମଣ୍ଡଳରେ ଲୋକସଭାରୁ ଅଧିକ ସଦସ୍ୟଙ୍କୁ ସାମିଲ କରିବା ସହ ଗୁଜରାଟରେ ଭାଜପାକୁ ସର୍ବାଧିକ ଆସନରେ ବିଜୟ କରାଇଥିବାରୁ ପୁରସ୍କାର ସ୍ୱରୂପ ସେଠାର କେତେଜଣ ଏମ୍‌ପିଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି କୁହାଯାଉଛି।



ମହିଳା ବିରୋଧୀ ହିଂସା ବିରୋଧରେ ସଚେତନତା ସୃଷ୍ଟି ଲାଗି ଚେନ୍ନାଇର ମାରିନା ବେଳାଭୂମିରେ ୧୮୧ ମହିଳା ସହାୟକ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ବାଲୁକା ଚିତ୍ରକଳାକୁ ଉଦ୍‌ଘାଟନ କରିବା ଲାଗି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶୁକ୍ରବାର ସେଠାରେ ପହଞ୍ଚିଛନ୍ତି।

# ଘରବାହୁଡ଼ା ଯୋଜନା ନାହିଁ: ଆଜାଦ

**ନୂଆଦିଲ୍ଲୀ,୩୦।୧୨**

କଂଗ୍ରେସ ଛାଡ଼ି ନୂଆ ଦଳ ଗଢ଼ିଥିବା ବରିଷ୍ଠ ନେତା ଗୁଲାମ ନବୀ ଆଜାଦ ପୁଣି ପୁରୁଣା ଦଳକୁ ଫେରିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ତାଙ୍କୁ ଦଳକୁ ଫେରାଇ ଆଣିବା ଲାଗି କେତେଜଣ କଂଗ୍ରେସ ନେତା ପରଦା ଆଢୁଆଳରେ କାମ କରୁଥିବା କୁହାଯାଇଛି। ଦଳରେ ନେତୃତ୍ୱ ପରିବର୍ତ୍ତନ ଏବଂ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ଉଭୟ ଗୋଷ୍ଠୀଙ୍କୁ ସେମାନଙ୍କ ଆଭିମୁଖ୍ୟକୁ ନେଇ ପୁଣିଥରେ ଚିନ୍ତା କରିବାକୁ ବାଧ କରିଥିବା ଆଲୋଚନା ହେଉଛି। ତେବେ ଆଜାଦ କଂଗ୍ରେସ ଫେରିବା ଖବରକୁ ଖଣ୍ଡନ କରିଛନ୍ତି। ଘରବାହୁଡ଼ା ଯୋଜନା ନାହିଁ ବୋଲି ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ମୁଖ୍ୟ ଶୁକ୍ରବାର କହିଛନ୍ତି। ତାଙ୍କ ଦଳରେ ଅନିଶ୍ଚିତତା ସୃଷ୍ଟି କରାଇ ଦଳୀୟ କ୍ୟାଡରମାନଙ୍କ ମନୋବଳ ଭାଙ୍ଗିବା ପାଇଁ କଂଗ୍ରେସର କେତେଜଣ ନେତା ଉଦ୍ୟମ ଚଳାଇଥିବା ସେ ଅଭିଯୋଗ କରିଛନ୍ତି। ସେ କୌଣସି କଂଗ୍ରେସ ନେତାଙ୍କ ସହ କଥା ହୋଇନାହାନ୍ତି କିମ୍ବା କେହି ତାଙ୍କୁ ଫୋନ୍ କରିନାହାନ୍ତି। ଗଣମାଧ୍ୟମରେ ଏଭଳି ମନଗଢ଼ା କାହାଣୀ ପ୍ରସାରକୁ ନେଇ ସେ ବିସ୍ମୟ ପ୍ରକାଶ କରିଛନ୍ତି। ସେ କଂଗ୍ରେସ ଛାଡ଼ିବା ବେଳେ ଇସ୍ତଫାପତ୍ରରେ ସବୁକିଛି କହିଦେଇଛନ୍ତି। ଏହା ପରେ ତାଙ୍କ ମାର୍ଗ ଅଲଗା। ତାଙ୍କୁ ବିଶ୍ୱାସ କରୁଥିବା ଲୋକଙ୍କର ସେବା କରିବାକୁ ସେ ଚାହାନ୍ତି ବୋଲି ଆଜାଦ କହିଛନ୍ତି। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ଜମ୍ମୁ-କଶ୍ମୀରରେ ପ୍ରବେଶ କରିବା ପରେ ସେଥିରେ ଯୋଗଦେବେ କି ବୋଲି ପ୍ରଶ୍ନ ହେବାରୁ ସେଭଳି ଯୋଜନା ନାହିଁ ବୋଲି ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ମୁଖ୍ୟ କହିଛନ୍ତି।



ଗୁଲାମ ନବୀ ଆଜାଦ

# ୨୦୨୪ରେ ରାହୁଲ ବିରୋଧୀ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ: କମଲ ନାଥ

**ନୂଆଦିଲ୍ଲୀ,୩୦।୧୨(ପି.ଟି.)**

୨୦୨୪ ଲୋକ ସଭା ନିର୍ବାଚନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବିରୋଧୀ ଦଳଗୁଡ଼ିକର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ଶୁକ୍ରବାର ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ କହିଛନ୍ତି। କଂଗ୍ରେସର ଦେଶବ୍ୟାପୀ ଭାରତ ଯୋଡ଼ୋ ଯାତ୍ରା ପାଇଁ କମଲ ନାଥ ରାହୁଲଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ରାହୁଲ କ୍ଷମତା ପାଇଁ ରାଜନୀତି କରୁନାହାନ୍ତି, ସେ ଦେଶର ସାଧାରଣ ଜନତାଙ୍କ ପାଇଁ ରାଜନୀତି କରୁଛନ୍ତି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ରାହୁଲ କେବଳ ବିରୋଧୀ ଦଳର ନେତୃତ୍ୱ ନେବେନାହିଁ, ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ବିଶ୍ୱ ଇତିହାସରେ କୌଣସି ନେତା ଏତେଦୀର୍ଘ ପଦଯାତ୍ରା କରିନାହାନ୍ତି। ଗାନ୍ଧୀ ପରିବାରକୁ ବାଦ୍ ଦେଲେ ଅନ୍ୟ କୌଣସି ପରିବାର ଦେଶ ପାଇଁ ଏତେ ତ୍ୟାଗ କରିନାହିଁ ବୋଲି କମଲ ନାଥ କହିଛନ୍ତି।

୭୬ ବର୍ଷୀୟ କଂଗ୍ରେସ ନେତା କମଲ କହିଛନ୍ତି, ସଂଗଠନ ପ୍ରତି ବିଶ୍ୱାସଘାତ କରିଥିବା ନେତାଙ୍କର ଦଳରେ ସ୍ଥାନ ନାହିଁ। ଜ୍ୟୋତିରାଦିତ୍ୟ ସିନ୍ଧିଆ ଭବିଷ୍ୟତରେ ଦଳକୁ ଫେରିବେ କି ବୋଲି ପ୍ରଶ୍ନ ହେବାରୁ ସେ କୌଣସି ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ। ମଧ୍ୟପ୍ରଦେଶରେ କଂଗ୍ରେସ କ୍ଷମତାକୁ ଫେରିଲେ ପୁରୁଣା ପେନ୍‌ସନ ଯୋଜନା ଲାଗୁ ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଛନ୍ତି।



କଂଗ୍ରେସ ନେତା ରାହୁଲ ଗାନ୍ଧୀ


# Classified Everyday 0674-2580101, 2549949




**SALE**

Low cost plot ପୁରୀ Railway Station ପାଖ NHରୁ 1 k.m. ଦୂରରେ immediate ଘରକରି ରହିବା ପାଇଁ ମିଳୁଛି। 9692213354. D-74622

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ SC plot ମିଳୁଛି। 9439832956, 9438056978. D-74164

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

ମାତ୍ର ଟ. 11,40,000/-ରେ ଫୁଲନଖରା ଓ ମହୀଧରପଡ଼ା ପାଖରେ ଘରବାରି ବାଉଣ୍ଡରୀ ସହିତ ପ୍ଲଟ୍ ମିଳୁଅଛି। "ସୁବର୍ଣ୍ଣ ସୁଯୋଗ ନିଜର ସ୍ୱପ୍ନର ଘର"। 9348152874. D-74169

Duplex sale at Bhubaneswar @ 45 lakhs only. Contact: 9777433701. D-74171

ଭୁବନେଶ୍ୱର Sum Hospital 4 k.m. Ritraining Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74176

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/- . 8260032051. D-74175

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-2265

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Full body massage by smart I expert therapist @999 only. 9078484455. D-73670

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74620




ଗୃହରେ ବାସ୍ତୁଜନିତ ତ୍ରୁଟି ଓ ଏହାର ସମାଧାନ ପାଇଁ ଯୋଗାଯୋଗ କରନ୍ତୁ। "ବାସ୍ତୁ ସମାଧାନ"। 7978736177. D-74303

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

My correct name is SARTHAK KUMAR TRIPATHY which stood wrongly recorded as SARTHAK TRIPATHY in my Passport. Hence affidavit sworn in before Notary in Bhubaneswar Court subject to turther affirmations. D-2367

By virtue of an Affidavit before the court of Executive Magistrate, Khurda, I Prabhat Kumar Subudhi & Prabath Kumar Subudhi is one and same person. The name of Prabhat Kumar Subudhi is used for all. D-73526

I, Sangita Naik, spous of Mr Charan Naik resident at Vill- Paktia, PO.- Paktia, Teh- Jhar pokharia, Dist.- Mayurbhanj, State- Odisha, Pin- 757093 have changed my name from Sangita Choudhuri to Sangita Naik vide affidavit dated 28.07.2022 before Executive Magistrate, Baripada, Mayurbhanj. D-2371

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଅଞ୍ଜଳି ସାହୁ**
କୁଆଖିଆ, ରସୁଲପୁର, ଯାଜପୁର
ଆବିର୍ଭାବ: ତା୦୧।୦୧।୧୯୪୪
ତିରୋଧାନ: ତା୨୧।୧୨।୨୦୨୨

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠାର ଅନନ୍ୟ ଉଦାହରଣ ତୁମେ। ତୁମ ଜୀବନର ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।

**ଶୋକସନ୍ତପ୍ତ:** ପୁଅ: ସରୋଜ, ସୁବୋଧ, ପୁତୁରା: ମଧୁସୂଦନ, ରାଧେଶ୍ୟାମ, ସାଧୁଚରଣ, ପଦ୍ମଲୋଚନ, ପୁତ୍ରବଧୂ, ଭଣଜା, ଭାଣିଜୀ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୩୬୬

ଧରିତ୍ରୀ DHARITRI **Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ରାଜ୍ୟ ଖବର

# ମେଡିକାଲ ଏଜେନ୍ସିରେ ଜିଏସ୍‌ଟି ଚଢ଼ାଉ



ଜିଏସ୍‌ଟି ବିଭାଗ ତରଫରୁ ମେଡିକାଲ୍ ଏଜେନ୍ସିରେ ଚଢାଉ ଚାଲିଛି।

**ଝାରସୁଗୁଡ଼ା ଅଫିସ,୩୦।୧୨**

ଝାରସୁଗୁଡା ସହରରେ ଥିବା ଅମିତ ମେଡିକାଲ ଏଜେନ୍ସିରୁ କିଛିଦିନ ତଳେ ଲକ୍ଷାଧିକ ଟଙ୍କାର ନକଲି ମେଡିସିନ ଜବତ ହୋଇଥିଲା। ତଦନ୍ତ ପରେ ଏହାର ଚେର ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଥିବା ଜଣାପଡିଥିଲା। ଏଭଳି ସ୍ଥିତିରେ ଜିଏସ୍‌ଟି ଠକେଇ ଅଭିଯୋଗରେ ସହରରେ ଥିବା ଅମିତ ଏଜେନ୍ସି ଓ ଶ୍ୟାମ ମେଡିକାଲ୍ ଏଜେନ୍ସିରେ ଜିଏସ୍‌ଟି ବିଭାଗ ତରଫରୁ ଶୁକ୍ରବାର ଚଢାଉ କରାଯାଇଛି।

ଚଢାଉରେ ସମ୍ବଲପୁର ଓ ଝାରସୁଗୁଡା ଜିଏସ୍‌ଟି ବିଭାଗର ଅଧିକାରୀମାନେ ସାମିଲ ହୋଇଛନ୍ତି। ଅମିତ ମେଡିକାଲ୍ ଏଜେନ୍ସିରେ ଝାରସୁଗୁଡା ଟିମ୍ ଓ ଶ୍ୟାମ ମେଡିକାଲ୍ ଏଜେନ୍ସିରେ ସମ୍ବଲପୁର ଟିମ୍ ଚଢାଉ ଜାରି ରଖିଛି। ଝାରସୁଗୁଡା ଟିମ୍‌ରେ ଝାରସୁଗୁଡା ସିଟି ଆଣ୍ଡ୍ ଜିଏସ୍‌ଟି ଡେପୁଟି କମିଶନର ସତିଶ ରଞ୍ଜନ ଜାଲ୍, ଅତିରିକ୍ତ ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ଲକ୍ଷ୍ମୀ ପ୍ରସାଦ ମେହେର, ରଶ୍ମି ରଞ୍ଜନ ସାହୁ, ନୃପରାଜ ଚୌଧୁରୀ, ଆଶିଷ ଦାଶ, ଅଲେଖ ମହାନନ୍ଦ, ତୃମନ କଠାର,ଦିଲ୍ଲୀଶ୍ରୀ ମିତ୍ରବିନ୍ଦ ପ୍ରଧାନ ପ୍ରମୁଖ ରହିଛନ୍ତି। ସେହିପରି ସମ୍ବଲପୁର ଟିମ୍‌ରେ ସିଟି ଆଣ୍ଡ୍ ଜିଏସ୍‌ଟି ଡେପୁଟି କମିଶନର ସୁବୋଧ ପଣ୍ଡା, ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ସୁରଞ୍ଜନ ସାଗର, ଅତିରିକ୍ତ ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ଶିଖର ଚନ୍ଦ୍ର ସାହୁ, ରମାକାନ୍ତ ପଟେଲ, ଆସିଷ୍ଟାଣ୍ଡ ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ନବୀନ କୁମାର ଦାସ, ସୁରେନ୍ଦ୍ର ଭୋଇ ଓ ଅମିତ ବେଶନ, ସିଟି ଆଣ୍ଡ୍ ଜିଏସ୍‌ଟି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଟପ୍ପୋ ପ୍ରମୁଖଙ୍କ ସହିତ ସ୍ଥାନୀୟ ପୋଲିସ୍ ସାମିଲ ହୋଇଛନ୍ତି।

### ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ

ଏ ନେଇ ଝାରସୁଗୁଡା ଡେପୁଟି କମିଶନର ଜାଲ୍ କହିଛନ୍ତି, ଉଭୟ ଏଜେନ୍ସି ନାମରେ ଜିଏସ୍‌ଟି ଠକେଇ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉଭୟ ଏଜେନ୍ସିରେ ଚଢାଉ ଚାଲିଛି। ଚଢାଉବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ତଦନ୍ତ ପରେ କେତେ ଟଙ୍କାର ଜିଏସ୍‌ଟି ଠକେଇ ହୋଇଛି ଏହା ସ୍ପଷ୍ଟ ହେବ। ବିଭାଗ ତରଫରୁ ଉଭୟ ଏଜେନ୍ସିକୁ ନୋଟିସ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


**CLASSIFIED DISPLAY** — ALL EDITION - B/W (Everyday)
MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକ୍କୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବୃଦ୍ଧଙ୍କୁ ଦଳିଦେଲା ହାତୀ

**ବଡ଼ଗାଁ, ୩୦।୧୨(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଜରଙ୍ଗଲୋଇ କୁଟମାମୁଣ୍ଡା ନିକଟ ଝାରମୁଣ୍ଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ହାତୀ ଜଣେ ବୃଦ୍ଧଙ୍କୁ ଦଳି ଦେଇଥିବା ବନ ବିଭାଗ କର୍ମଚାରୀଙ୍କ ଠାରୁ ଜଣାପଡିଛି। ଝାରମୁଣ୍ଡା ଗ୍ରାମର ବିଲିୟମ ବିଲୁଙ୍ଗ (୬୩) ରାତିରେ ବାଡ଼ିପଟେ ଶୋଇଥିବାବେଳେ ଏକାକୀ ବୁଲୁଥିବା ହାତୀ ତାଙ୍କୁ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ ବନବିଭାଗ କର୍ମଚାରୀ ମୃତଦେହ ଜବତ କରିଥିଲେ। ବଡ଼ଗାଁ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ରଖାଯାଇଛି।

ବିଦାୟୀ ୨୦୨୨ ବର୍ଷ ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ନାନା ଦୃଷ୍ଟିରୁ ଶୁଭଙ୍କରୀ ହୋଇଛି। ଓଡ଼ିଆ ସାହିତ୍ୟ ଜାତୀୟ ସ୍ତରରେ ସମ୍ମାନିତ ହୋଇଛି। ଧରିତ୍ରୀ 'ସାହିତ୍ୟାୟନ' ପୃଷ୍ଠାରେ ବହୁ ନବ ପ୍ରତିଭାଙ୍କ ସୃଷ୍ଟିକୁ ସ୍ଥାନିତ କରାଯାଇ ଓଡ଼ିଆ ସାହିତ୍ୟର ଉତ୍ତର-ପର୍ବ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବହୁ ଲେଖକଙ୍କ ସମ୍ପର୍କରେ ସମୁଚିତ ଚର୍ଚ୍ଚା ଓଡ଼ିଆ ପାଠିକାପାଠକଙ୍କୁ ଧରିତ୍ରୀ ପ୍ରତି ଅଧିକ ଅନୁରାଗୀ କରିଛି। ଦେଶଦେଶାନ୍ତରର ପ୍ରମୁଖ ସାରସ୍ୱତ ଘଟଣାବଳୀକୁ ଅନ୍ୟ କେହି ଲୋକଲୋଚନକୁ ଆଣିବା ଆଗରୁ ଧରିତ୍ରୀ ପାଠକଙ୍କ ପାଖରେ ସବା ଆଗ ପହଞ୍ଚାଇଛି। ୨୦୨୩ରେ 'ସାହିତ୍ୟାୟନ'କୁ ନବନବ ସୃଜନରେ ଆହୁରି ଦୀପ୍ତିମନ୍ତ କରାଯିବାର ଅଭିଳାଷ ଆମର ରହିଛି। ପାଠିକାପାଠକମାନେ ଏଥିରେ ସହଭାଗୀ ହେବେ ବୋଲି ଆଶା ରଖି ସମସ୍ତଙ୍କୁ ଆମର ନବବର୍ଷର ଶୁଭକାମନା!

# ସମ୍ମାନ / ସମ୍ବର୍ଦ୍ଧନା


ପ୍ରତିଭା ରାୟ
ପଦ୍ମଭୂଷଣ ସମ୍ମାନ


ଅରବିନ୍ଦ ପଟ୍ଟନାୟକ
ସାହିତ୍ୟଭାରତୀ ସମ୍ମାନ


ନୀଳାଦ୍ରିଭୂଷଣ ହରିଚନ୍ଦନ
ସତ୍ୟବାଦୀ ସାହିତ୍ୟ ସମ୍ମାନ


ଅମରେଶ ପଟ୍ଟନାୟକ
ପ୍ରଜାତନ୍ତ୍ର ବିଷୁବ ପୁରସ୍କାର


ଗୌରହରି ଦାସ
ଶାରଳା ପୁରସ୍କାର


ଗାୟତ୍ରୀବାଳା ପଣ୍ଡା
କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

୨୦୨୨ ବର୍ଷ ପାଇଁ ଖ୍ୟାତନାମା ଔପନ୍ୟାସିକା ଡକ୍ଟର ପ୍ରତିଭା ରାୟଙ୍କୁ ଭାରତ ସରକାର ସାହିତ୍ୟ ଓ ଶିକ୍ଷା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରି ସର୍ବଭାରତୀୟ ସ୍ତରରେ ଓଡ଼ିଆ ସାହିତ୍ୟର ଗରିମା ବୃଦ୍ଧି କରିଛନ୍ତି। ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ଡକ୍ଟର ଅରବିନ୍ଦ ପଟ୍ଟନାୟକଙ୍କୁ ମିଳିଛି ଗୌରବାବହ 'ସାହିତ୍ୟ ଭାରତୀ ସମ୍ମାନ'। ଡକ୍ଟର ପଟ୍ଟନାୟକ ଓଡ଼ିଆ ଲୋକସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରତିଷ୍ଠିତ। ଏ ବର୍ଷ ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କୁ 'ସମାଜ' ପକ୍ଷରୁ ମିଳିଛି 'ସତ୍ୟବାଦୀ ସାହିତ୍ୟ ସମ୍ମାନ'। ଲବ୍ଧପ୍ରତିଷ୍ଠ କବି ଅମରେଶ ପଟ୍ଟନାୟକଙ୍କୁ 'ପ୍ରଜାତନ୍ତ୍ର ପ୍ରଚାର ସମିତି'ର ସର୍ବୋଚ୍ଚ ସମ୍ମାନ 'ବିଷୁବ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ପ୍ରତିଷ୍ଠିତ କଥାଶିଳ୍ପୀ ଗୌରହରି ଦାସଙ୍କୁ ମିଳିଛି 'ଇନ୍ଦ୍ରା ଚାରିଟେବଲ ଟ୍ରଷ୍ଟ' ପ୍ରଦତ୍ତ 'ଶାରଳା ପୁରସ୍କାର'। କବୟିତ୍ରୀ ଗାୟତ୍ରୀବାଳା ପଣ୍ଡା ତାଙ୍କ କବିତା ପୁସ୍ତକ 'ଦୟାନଦୀ' ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'ରେ ପୁରସ୍କୃତ ହୋଇଛନ୍ତି। ଅନୁବାଦିକା କମଳା ଶତପଥୀଙ୍କୁ ଓଡ଼ିଆ ଭାଷା ପାଇଁ 'ଅନୁବାଦ ପୁରସ୍କାର'ରେ ସମ୍ମାନିତ କରାଯାଇଛି। ତେଲୁଗୁ ଉପନ୍ୟାସ 'ଭେଣ୍ଡି ମେଘମ୍'ର ଓଡ଼ିଆ ଅନୁବାଦ 'ସୁନେଲି ବାଦଲ' ପାଇଁ ଶ୍ରୀମତୀ ଶତପଥୀଙ୍କୁ ଏହି ପୁରସ୍କାର ମିଳିଛି।
ସମସ୍ତ ସମ୍ମାନିତ ଓ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଧରିତ୍ରୀ 'ସାହିତ୍ୟାୟନ'ର ଉଷ୍ମ ଅଭିନନ୍ଦନ!


କମଳା ଶତପଥୀ
କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର

# ପରପାରିରେ...


ମଙ୍ଗଳୁ ଚରଣ ବିଶ୍ୱାଳ


ପ୍ରମୋଦ କୁମାର ମହାନ୍ତି


ହରପ୍ରସାଦ ପରିଛା ପଟନାୟକ


ରବୀନ୍ଦ୍ରନାଥ ଦାସ


ବୀଣାପାଣି ମହାନ୍ତି

ବିଦାୟୀ ବର୍ଷ ଆମ ସାରସ୍ୱତ ଜଗତର ଅନେକ ପ୍ରତିଭାଦୀପ୍ତ ଲେଖିକାଲେଖକଙ୍କୁ କାଳକବଳିତ କରିଛି। ଆମ ଗହଣରୁ ୧୧ ଜାନୁୟାରୀରେ ବିଶିଷ୍ଟ ଓଡ଼ିଆ ତଥା କୋଶଳୀ ଭାଷାର ଲେଖକ ମଙ୍ଗଳୁ ଚରଣ ବିଶ୍ୱାଳ, ୨ ଫେବୃୟାରୀରେ ବିଶିଷ୍ଟ କବି ପ୍ରମୋଦ କୁମାର ମହାନ୍ତି, ୧୬ ଫେବୃୟାରୀରେ ସ୍ୱନାମଧନ୍ୟ କବି ହରପ୍ରସାଦ ପରିଛା ପଟନାୟକ, ୨୦ ଏପ୍ରିଲ୍‌ରେ ଖ୍ୟାତନାମା ନାଟ୍ୟକାର ରବୀନ୍ଦ୍ରନାଥ ଦାସ, ୨୪ ଏପ୍ରିଲ୍‌ରେ କଥାଶିଳ୍ପୀ ପଦ୍ମଶ୍ରୀ ବୀଣାପାଣି ମହାନ୍ତି, ୮ ମେ'ରେ ବାଗ୍ମୀ ଓ ଭଞ୍ଜସାହିତ୍ୟର ମହାନ୍ ପ୍ରବକ୍ତା ପଦ୍ମଶ୍ରୀ ରଜତ କୁମାର କର, ୧୦ ଅଗଷ୍ଟରେ ପ୍ରଖ୍ୟାତ ନାଟ୍ୟକାର ରଣଜିତ୍ ପଟ୍ଟନାୟକ, ୨୫ ଅଗଷ୍ଟରେ ପ୍ରବୀଣ ସାହିତ୍ୟ ସମାଲୋଚକ ଡ. ଦେବେନ୍ଦ୍ର କୁମାର ଦାଶ, ୧୯ ନଭେମ୍ବରରେ ଖ୍ୟାତିସମ୍ପନ୍ନ ଭାଷାବିତ୍ ଓ ସାହିତ୍ୟ ସମୀକ୍ଷକ ଡ. ଗଗନେନ୍ଦ୍ର ନାଥ ଦାଶ ଏବଂ ବିଶିଷ୍ଟ ଶିଶୁ ସାହିତ୍ୟିକା କୁମୁଦଲତା ମହାନ୍ତି, ୨୯ ନଭେମ୍ବରରେ 'ଅମୃତାୟନ' ସାହିତ୍ୟ ପତ୍ରିକାର ସମ୍ପାଦିକା ତଥା ସୁଲେଖିକା ଗୀତା ହୋତା ଓ ୧ ଡିସେମ୍ବରରେ ବର୍ଷୀୟାନ୍ ସାହିତ୍ୟ ସମାଲୋଚକ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ବିଦାୟ ନେଇଛନ୍ତି। ଏମାନଙ୍କ ବିୟୋଗ ଓଡ଼ିଆ ସାହିତ୍ୟରେ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଏ ସମସ୍ତେ ଧରିତ୍ରୀ ପରିବାର ସହ ବହୁ ଭାବେ ଜଡ଼ିତ ଥିଲେ। ଏମାନଙ୍କ ସ୍ମୃତି ପ୍ରତି ଆମର ବିନୀତ ଶ୍ରଦ୍ଧାଞ୍ଜଳି।


ରଜତ କୁମାର କର


ରଣଜିତ୍ ପଟ୍ଟନାୟକ


ଦେବେନ୍ଦ୍ର କୁମାର ଦାଶ


ଗଗନେନ୍ଦ୍ର ନାଥ ଦାଶ


କୁମୁଦଲତା ମହାନ୍ତି


ଗୀତା ହୋତା


ସୁଦର୍ଶନ ଆଚାର୍ଯ୍ୟ

## କାଳକାଳକୁ...

"ମଣିଷର ପ୍ରଥମ ମୌଳିକ
ଅଧିକାର ହେବା
ଦରକାର ସ୍ୱପ୍ନ ଦେଖିବାର
ଅଧିକାର।"
– ମହାଶ୍ୱେତା ଦେବୀ





"ସୌନ୍ଦର୍ଯ୍ୟ ହିଁ ଏକମାତ୍ର ସତ୍ୟ,
ସତ୍ୟର ବିଶୁଦ୍ଧ ପ୍ରକାଶ ହିଁ
କେବଳ କବିତା,
ଅନ୍ୟ ସବୁ ମିଥ୍ୟା।"
– ଷ୍ଟିଫେନ୍ ମାଲାର୍ମେ

"ଗୋଟିଏ ପ୍ରତାରଣା,
ଯଦି ଉତ୍ତରଣ ଆଣେ,
କୋଟିଏ ସତ୍ୟଠାରୁ ଭଲ।"
–ଆଲେକ୍‌ଜାଣ୍ଡାର ପୁଷ୍କିନ୍





"ଯଦି ରାଷ୍ଟ୍ର ଅଛି,
ତେବେ ସ୍ୱାଧୀନତା କାହିଁ;
ଯଦି ସ୍ୱାଧୀନତା ଅଛି,
ତେବେ ରାଷ୍ଟ୍ର କାହିଁ?"
– ଭ୍ଲାଦିମିର ଲେନିନ୍

"ନାଆଁରେ କିଛି ନାହିଁ
ଗୋଲାପକୁ ଯେଉଁ ନାଆଁ ଦିଅ,
ସେ ଗୋଲାପ ପରି ବାସିବ।"
– ଉଇଲିୟମ୍ ସେକ୍ସପିୟର୍





"କାହାରି ନା କାହାରି
ମେଘରେ ତମେ
ଇନ୍ଦ୍ରଧନୁଟିଏ ହେବାକୁ
ଚେଷ୍ଟା କର।"
–ମାୟା ଏଞ୍ଜେଲୁ

"ବୃକ୍ଷ ହିଁ ମୋର ଶ୍ରେଷ୍ଠ ଗୁରୁ,
ଯିଏ ଜଗାଏ ମୋତେ ପ୍ରତିନିୟତ।
ଥାଉ ଉଦ୍ୟାନ କି ଅରଣ୍ୟରେ,
କି ଥାଉ ଏକାଏକା, ସେ ହିଁ ମୋର ଅନୁଧାବ୍ୟ।
ଏକୁଟିଆ ଗଛ ମୋ' ପାଇଁ ଋଷିଟିଏ ନୁହଁ;
ନିଃସଙ୍ଗ ବିଥୋଭେନ୍, ନିତ୍‌ସେ।"
– ହର୍‌ମାନ୍ ହେସ୍





"ବହୁ ବହି ଅଛି, ଯାହା
ଆମ ଅନ୍ତସ୍ଥ ସତ୍ତାରେ
ଥିବା ଅଜଣା କୋଠରିଗୁଡ଼ିକର
କୁଞ୍ଚିକାଠି ସଦୃଶ।"
– ଫ୍ରାନ୍‌ଜ କାଫ୍‌କା

"ଇଂରେଜୀ ପଢ଼ି କେ ହୁଅଇ ଯଦ୍ୟପି
ସର୍ବ ଗୁଣରେ ପ୍ରବୀଣ,
ନିଜ ଭାଷା–ଜ୍ଞାନ ବିନା ଜାଣ ସେହି
ହୀନଠାରୁ ବଳି ହୀନ।"
– ଭାରତେନ୍ଦୁ ହରିଶ୍ଚନ୍ଦ୍ର





"ଅନ୍ଧାରକୁ ଡରୁଥିବା ଶିଶୁ ନୁହନ୍ତି,
ଆଲୁଅକୁ ଡରୁଥିବା ବୟସ୍କ ଲୋକେ ହିଁ
ଆମ ଦୁର୍ଦ୍ଦଶାର କାରଣ।"
– ମୁନ୍‌ସୀ ପ୍ରେମଚାନ୍ଦ

"ମାନବ ଜାତିର ସବୁଠୁଁ
ଫଳପ୍ରଦ ଅସ୍ତ୍ର ବାସ୍ତବରେ
ଗୋଟିଏ, ତାହା
ହେଉଛି ହସ।"
–ମାର୍କ ଟ୍ୱେନ୍





"ଜଣେ ବଞ୍ଚିଥିବ, ଅଥଚ
କହିବାକୁ ତା'ର
କିଛି କାହାଣୀ ନଥିବ,
ଏହା କିପରି ସମ୍ଭବ!"
– ଏଫ୍.ଏମ୍. ଦସ୍ତୋଭସ୍କି

"ସବୁ ମଣିଷ ବେଶୀଦିନ
ବଞ୍ଚିବାକୁ ଚାହାନ୍ତି,
କିନ୍ତୁ ବୁଢ଼ା ହେବାକୁ
ମଙ୍ଗନ୍ତି ନାହିଁ।"
– ଜୋନାଥନ୍ ସୁଇଫ୍ଟ





"ଖୋଲା ହସ ଓ ବିମଳ
ପରିହାସଠୁଁ ବଳି
ସଂକ୍ରାମକ ପୃଥିବୀରେ
ଆଉ କିଛି ନାହିଁ।"
–ଚାର୍ଲସ ଡିକେନ୍ସ

"ସଂଗ୍ରହାଳୟ କୁହାଯାଉଥିବା
ମୃତ ପ୍ରତିମାଗୁଡ଼ିକ ଭିତରେ କଳା
ବନ୍ଦୀ ନ ହୋଇ ପଥପ୍ରାନ୍ତ,
ଟ୍ରାମ୍‌ବସ୍, କଳକାରଖାନା ଓ ଶ୍ରମିକଙ୍କ
ଗୃହାଙ୍ଗନ–ସବୁଠି ବ୍ୟାପ୍ତ ହୋଇ ରହିବା ଉଚିତ।"
– ଭ୍ଲାଦିମିର ମାୟାକୋଭସ୍କି



# ମ୍ୟାଚ ଡ୍ର, ଓଡ଼ିଶାକୁ ୩ ପଏଣ୍ଟ

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୩୦।୧୨ (କ୍ରୀଡ଼ା ପ୍ରତିନିଧି)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା–ହରିୟାଣା ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଶୁକ୍ରବାର ଶେଷ ହୋଇଛି। ମ୍ୟାଚ ଡ୍ର ରହିଥିବାରୁ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଛି। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଚଳିତ ସିଜନରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ବରୋଦା ବିପକ୍ଷରେ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ପଛୁଆ ରହିଥିବାରୁ ମାତ୍ର ୧ ପଏଣ୍ଟ ପାଇଥିଲା। ଦ୍ୱିତୀୟ ମ୍ୟାଚରେ ଦଳ ଉତ୍ତରାଖଣ୍ଡ ନିକଟରୁ ହାରି ଯାଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ହରିୟାଣା ପ୍ରଥମ ଇନିଂସରେ ୩୩୮ ରନ କରିଥିବାବେଳେ ଓଡ଼ିଶା ୪୧୪ ରନକରି ଅଗ୍ରଣୀ ହାସଲ କରିଥିଲା। ହରିୟାଣା ଏହାର ଦ୍ୱିତୀୟ ଇନିଂସକୁ ୩୮୪/୪ରେ ଘୋଷଣା କରିବାରୁ ଓଡ଼ିଶା ସମ୍ମୁଖରେ ୩୦୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଶୁକ୍ରବାର ମ୍ୟାଚର ଶେଷ ଦିବସ ହୋଇଥିବାରୁ ମ୍ୟାଚରୁ ଫଳାଫଳ ମିଳିବା ସମ୍ଭାବନା ନ ଥିଲା। ତେଣୁ ଓଡ଼ିଶା ଏହାର ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୧୧୦ ରନ କରିଥିବାବେଳେ ଉଭୟ ଅଧିନାୟକଙ୍କ ନିଷ୍ପତ୍ତିକ୍ରମେ ମ୍ୟାଚକୁ ଶେଷ କରାଯାଇଥିଲା। ତୃତୀୟ ଦିବସର ଅସମାପ୍ତ ସ୍କୋର ୧୧୯/୧ରୁ ଖେଳ ଆରମ୍ଭ କରିଥିବା ହରିୟାଣା ଅନ୍ତିମ ଦିବସରେ ଦ୍ରୁତ ହାରରେ ରନ ସଂଗ୍ରହ କରି ଓଡ଼ିଶାକୁ ଏଖ ଚ୍ୟାଲେଞ୍ଜିଂ ଟାର୍ଗେଟ ଦେଇଥିଲା। ଦ୍ୱିତୀୟ ଇନିଂସରେ ଅଙ୍କିତ କୁମାର ୧୭୨ ରନକରି ଅପରାଜିତ ରହିଥିବାବେଳେ ହିମାଂଶୁ ରାଣା ୯୮ ରନର ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଜୟନ୍ତ ବେହେରା ୨ଟି ଏବଂ ତାରିଣୀ ସ' ଓ ଗୋବିନ୍ଦ ପୋଦ୍ଦାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଓଡ଼ିଶାର ଦ୍ୱିତୀୟ ଇନିଂସ ଆରମ୍ଭ ଭଲ ହୋଇଥିଲା। ଅନୁରାଗ ଷଡ଼ଙ୍ଗୀ ଓ ଶାନ୍ତନୁ ମିଶ୍ର ଓପନିଂ ଯୋଡ଼ିରେ ୫୪ ରନ ସଂଗ୍ରହ କରିଥିଲେ। ଶାନ୍ତନୁ ୨୦ ରନକରି ଆଉଟ ହୋଇଥିବାବେଳେ ଅରବିନ୍ଦ ୫୩ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୩୦ ରନରେ ଅପରାଜିତ ରହିଥିଲେ। ହରିୟାଣାର ଜୟନ୍ତ ଯାଦବଙ୍କୁ ଗୋଟିଏ ଉଇକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

ହରିୟାଣା ପ୍ରଥମ ଇନିଂସ: ୩୩୮। ଓଡ଼ିଶା ପ୍ରଥମ ଇନିଂସ ୪୧୪। ହରିୟାଣା ଦ୍ୱିତୀୟ ଇନିଂସ: ୩୮୪/୪ (ଅଙ୍କିତ କୁମାର–୧୭୨*, ହିମାଂଶୁ ରାଣା–୯୮, ଜୟନ୍ତ ବେହେରା–୨/୧୩୪, ତାରିଣୀ ସ'–୧/୪୦, ଗୋବିନ୍ଦ ପୋଦ୍ଦାର–୧/୬୧)। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୧୦/୧ (ଅନୁରାଗ ଷଡ଼ଙ୍ଗୀ–୫୩, ଶୁଭ୍ରାଂଶୁ ସେନାପତି–୩୦*, ଜୟନ୍ତ ଯାଦବ–୧/୨୦)।



ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ପନ୍ତଙ୍କ ଆରୋଗ୍ୟ କାମନା କରି ବାର୍ତ୍ତାର ସୁଅ

**ନୂଆଦିଲ୍ଲୀ, ୩୦।୧୨ (ପି.ଟି.):** ଦିଲ୍ଲୀ–ଡେରାଡୁନ୍ ରାଜପଥରେ ଶୁକ୍ରବାର ପ୍ରତ୍ୟୁଷରେ ଏକ ଭୟଙ୍କର ଦୁର୍ଘଟଣାରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଭାରତର ଅନ୍ୟତମ ଷ୍ଟାର କ୍ରିକେଟର ରିଷଭ ପନ୍ତ। ବହୁ ତାଙ୍କର ଆଶୁ କାମନା କରି ବାର୍ତ୍ତାର ସୁଅମାନ ଛୁଟିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ତାଙ୍କ ମା'ଙ୍କୁ ହରାଇଛନ୍ତି। ଏହା ସତ୍ତ୍ୱେ ସେ ପନ୍ତଙ୍କ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହ ତାଙ୍କର ଶୀଘ୍ର ଆରୋଗ୍ୟକାମନା କରି ଭଗବାନଙ୍କୁ ପ୍ରାର୍ଥନା କରିଥିବା ଟୁଇଟ କରିଛନ୍ତି। କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲକର ଓ ତାଙ୍କ ପୂର୍ବତନ ଟିମ୍‌ମେଟ୍‌ମାନେ ଏହି ଷ୍ଟାର ଉଇକେଟକିପର–ବ୍ୟାଟରଙ୍କ ଆଶୁକାମନା କରି ବାର୍ତ୍ତାମାନ ଟ୍ୱିଟରରେ ପୋଷ୍ଟ କରିଛନ୍ତି। ଶୀଘ୍ର ସୁସ୍ଥ କାମନା ପାଇଁ ପ୍ରାର୍ଥନା କରୁଛି ବୋଲି ତେନ୍ଦୁଲକର ଟୁଇଟ୍ କରିଛନ୍ତି। ଭାରତର ପୂର୍ବତନ ବ୍ୟାଟର ତଥା ଜାତୀୟ କ୍ରିକେଟ ଏକାଡେମୀ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ କହିଛନ୍ତି, ରିଷଭ ପନ୍ତଙ୍କ ପାଇଁ ସେ ପ୍ରାର୍ଥନା କରୁଛନ୍ତି। ସେ ବିପଦ ମୁକ୍ତ ଥିବାରୁ ଧନ୍ୟବାଦ। ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ କହିଛନ୍ତି ତାଙ୍କ ପ୍ରିୟ ପନ୍ତ ଖୁବ୍ ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସମ୍ପାଦକ ଜୟ ଶାହା କହିଛନ୍ତି ଯେ, ଚିକିତ୍ସା କ୍ଷେତ୍ରରେ ପନ୍ତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ।



ଅନ୍ତର୍ଜାତୀୟ ହକି ଖେଳାଳି ଷ୍ଟାନଲି ଭିକ୍ଟର ମିଞ୍ଜଙ୍କ ସହ ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଅଲିମ୍ପିଆନ ଲିଲିମା ମିଞ୍ଜ। ରାଇରଙ୍ଗପୁର ବ୍ଲକସ୍ଥିତ ବିହାବନ୍ଧ କ୍ୟାଥୋଲିକ ଚର୍ଚ୍ଚରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି।

## ଦୁଇ ବର୍ଷ ଲେଖାଏ ବ୍ୟବଧାନରେ ହୋଇଥିଲା ପ୍ରଥମ ୩ ବିଶ୍ୱକପ୍

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍) ଆନୁକୂଲ୍ୟରେ ପୁରୁଷ ହକି ବିଶ୍ୱକପ୍ ୧୯୭୧ରୁ ଆରମ୍ଭ ହୋଇଥିଲା। ଇତିହାସ ଅବଲୋକନ କଲେ ଜଣାଯାଏ ଯେ, ପ୍ରଥମ ୩ ବିଶ୍ୱକପ୍ ପ୍ରତି ୨ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ବିଶ୍ୱକପ୍‌ର ଆୟୋଜନ ଭାର ପାଇଥିଲା ସ୍ପେନ୍। ବାର୍ସେଲୋନାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ପାକିସ୍ତାନ ଚାମ୍ପିୟନ ହୋଇଥିବାବେଳେ ଆୟୋଜକ ସ୍ପେନ୍ ରନରଅପ୍ ଏବଂ ଭାରତକୁ ତୃତୀୟ ସ୍ଥାନ ମିଳିଥିଲା। ପରବର୍ତ୍ତୀ ସଂସ୍କରଣ ୧୯୭୩ରେ ନେଦରଲାଣ୍ଡର ଅମଷ୍ଟେଲଭିନ୍‌ରେ ଆୟୋଜିତ ହୋଇଥିଲା। ଏଥିରେ ଆୟୋଜକ ଦଳ ଟାଇଟଲ ହାସଲ କରିଥିବାବେଳେ ଭାରତ ରନରଅପ୍ ହୋଇଥିଲା। ତୃତୀୟ ବିଶ୍ୱକପ୍ ୧୯୭୫ରେ ମାଲେସିଆର କୁଆଲାଲମ୍ପୁରରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ପାକିସ୍ତାନକୁ ହରାଇ ଭାରତ ପିନ୍ଧିଥିଲା ବିଜୟ ମୁକୁଟ। ପରବର୍ତ୍ତୀ ବିଶ୍ୱକପ୍ ୩ ବର୍ଷ ବ୍ୟବଧାନରେ ଅର୍ଥାତ୍ ୧୯୭୮ରେ ହୋଇଥିଲା। ଏଥର ଆୟୋଜନ ଅଧିକାର ପାଇଥିଲା ଆର୍ଜେଣ୍ଟିନା ଏବଂ ବୁଏନ୍ସ ଏୟାର୍ସରେ ଏହା ଆୟୋଜିତ ହୋଇଥିଲା। ଏଥିରେ ପାକିସ୍ତାନ ଚାମ୍ପିୟନ ଓ ନେଦରଲାଣ୍ଡ୍ସ ରନରଅପ୍ ହୋଇଥିଲା। ଏହା ପରଠାରୁ ଅର୍ଥାତ୍ ୧୯୮୨ଠାରୁ ପ୍ରତି ବିଶ୍ୱକପ୍ ୪ ବର୍ଷ ବ୍ୟବଧାନରେ ଆୟୋଜିତ ହୋଇ ଆସୁଛି। ୧୯୮୨ରେ ଭାରତ ପ୍ରଥମଥର ପାଇଁ ଆୟୋଜନ ଅଧିକାର ହାସଲ କରିଥିଲା। ବମ୍ବେ (ଏବେ ମୁମ୍ବାଇ)ରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ପାକିସ୍ତାନ ଓ ପଶ୍ଚିମ ଜର୍ମାନୀ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହାପରେ ୧୯୮୬ରେ ଇଂଲଣ୍ଡର ଲଣ୍ଡନ, ୧୯୯୦ରେ ପାକିସ୍ତାନର ଲାହୋର, ୧୯୯୪ରେ ଅଷ୍ଟ୍ରେଲିଆର ସିଡ୍‌ନୀ, ୧୯୯୮ରେ ନେଦରଲାଣ୍ଡ୍ସର ଉଟ୍ରେଚ୍, ୨୦୦୨ରେ ମାଲେସିଆର କୁଆଲାଲମ୍ପୁର, ୨୦୦୬ରେ ଜର୍ମାନୀର ମନଚେନ୍‌ଗ୍ଲାଡବ୍ୟାକ୍, ୨୦୧୦ରେ ଭାରତର ନୂଆଦିଲ୍ଲୀ, ୨୦୧୪ରେ ନେଦରଲାଣ୍ଡ୍ସର ହଗ୍ ଏବଂ ୨୦୧୮ରେ ଭାରତର ଭୁବନେଶ୍ୱରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ସବୁ ସଂସ୍କରଣଗୁଡ଼ିକରେ ଯଥାକ୍ରମେ ଅଷ୍ଟ୍ରେଲିଆ–ଇଂଲଣ୍ଡ, ନେଦରଲାଣ୍ଡ୍ସ–ପାକିସ୍ତାନ, ପାକିସ୍ତାନ–ନେଦରଲାଣ୍ଡ୍ସ, ନେଦରଲାଣ୍ଡ୍ସ–ସ୍ପେନ୍, ଜର୍ମାନୀ–ଅଷ୍ଟ୍ରେଲିଆ, ଜର୍ମାନୀ–ଅଷ୍ଟ୍ରେଲିଆ, ଅଷ୍ଟ୍ରେଲିଆ–ଜର୍ମାନୀ, ଅଷ୍ଟ୍ରେଲିଆ–ନେଦରଲାଣ୍ଡ୍ସ ଏବଂ ବେଲଜିୟମ–ନେଦରଲାଣ୍ଡ୍ସ ଚାମ୍ପିୟନ–ରନରଅପ୍ ହୋଇଥିଲେ।

**ହକି ବିଶ୍ୱକପ୍**




**ଆଉ ୧୩ ଦିନ**



ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ, ରାଜ୍ୟ କ୍ରୀଡ଼ା ଯୁବସେବା ବିଭାଗ ଓ କିଟ୍ ୟୁନିଭର୍ସିଟିର ସହଯୋଗରେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ୩୪ତମ ଜାତୀୟ ସବ୍ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହାର ୧୭ ବର୍ଷରୁ କମ୍ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଓଡ଼ିଶାର ବିଶାଖା ଟପ୍ପୋ ଓ ତାଙ୍କ ପାର୍ଟନର ଆନ୍ଧ୍ର ପ୍ରଦେଶର ବିଶ୍ୱ ଜେ୍ ଗୋବୁରୁ ୨୧–୧୬, ୨୧–୧୯ରେ ହରିୟାଣାର ମୟଙ୍କ ରାଣା ଓ ଜିୟା ରାୱତ ଯୋଡ଼ିଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜଲୋଚନ ମହାନ୍ତି, ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆର ଉପ ସଭାପତି ଶେଖର ବିଶ୍ୱାସ, ଯୁଗ୍ମ ସମ୍ପାଦକ ପ୍ରଭାକର ରାଓ, ଇଭେଣ୍ଟର ଆବାହକ ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାଣ୍ଟୋସରେ ପେଲେଙ୍କ ଅନ୍ତ୍ୟେଷ୍ଟି

**ସାଓପାଉଲୋ, ୩୦।୧୨(ଏପି):** ପେଲେଙ୍କ ଅନ୍ତ୍ୟେଷ୍ଟିକ୍ରିୟା ତାଙ୍କ ଜନ୍ମ ସହର ସାଣ୍ଟୋସରେ ସୋମବାର ଓ ମଙ୍ଗଳବାର ହେବ, ଯେଉଁଠାରେ କି ସେ ତାଙ୍କ କ୍ୟାରିୟରର କେତୋଟି ଶ୍ରେଷ୍ଠ ମ୍ୟାଚ୍ ଖେଳିଛନ୍ତି। ବ୍ରାଜିଲରେ ପେଲେ ସାଣ୍ଟୋସ କ୍ଲବରେ ଖେଳିଥାନ୍ତି। ଏହି ଦୃଷ୍ଟିରୁ ସାଓପାଉଲୋ ଉପକଣ୍ଠସ୍ଥ ଭିଲା ବେଲ୍‌ମିରୋ ଷ୍ଟାଡିୟମରେ ତାଙ୍କୁ ଶେଷ ସମ୍ମାନ ଦିଆଯିବ। ପେଲେଙ୍କ ପୂରା ନାମ ହେଉଛି ଏଡ୍‌ସନ ଆରାଣ୍ଟେସ ଡୋ ନାସିମୋଣ୍ଟୋ। ଦୀର୍ଘଦିନ ଧରି ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ଗୁରୁବାର ୮୨ ବର୍ଷ ବୟସରେ ସେ ପ୍ରାଣତ୍ୟାଗ କରିଛନ୍ତି। ସାଣ୍ଟୋସ୍ ତରଫରୁ କୁହାଯାଇଛି, ୩ଥର ବିଶ୍ୱ ଚାମ୍ପିୟନଙ୍କ ପାର୍ଥିବ ଶରୀର ସହ କଫିନ ଆଲବର୍ଟ ଆଇନଷ୍ଟାଇନ୍ ହସ୍ପିଟାଲ ସୋମବାର ସକାଳେ ପ୍ରସ୍ଥାନ କରିବ। ଏହାକୁ ପଡ଼ିଆର ସେଣ୍ଟର ସର୍କଲରେ ରଖାଯିବ। ସୋମବାର ସକାଳ ୧୦ଟାରୁ ସର୍ବସାଧାରଣ ତାଙ୍କର ଶେଷଦର୍ଶନ କରିପାରିବେ। ଏହା ପରଦିନ ସମାନ ସମୟରେ ଶେଷ ହେବ। ପେଲେଙ୍କୁ କାସ୍‌କେଟ୍ ସାଣ୍ଟୋସ ରାସ୍ତାରେ ନିଆଯିବ ଏବଂ ତାଙ୍କ ୧୦୦ ବର୍ଷିୟା ମା' ସେଲେଷ୍ଟେଙ୍କ ଘର ଆଗ ଦେଇ ଯିବ। ବ୍ରାଜିଲିଆନ ମିଡିଆ କହିବା ଅନୁସାରେ, ପେଲେଙ୍କ ମା' ବର୍ତ୍ତମାନ ଶଯ୍ୟାଶାୟୀ। ମେମୋରିଆଲ ନେକ୍ରୋପୋଲ୍ ଏକୁମେନିକାଠାରେ ପେଲେଙ୍କ ମରଶରୀରକୁ କବର ଦିଆଯିବ। ଏହି କାର୍ଯ୍ୟକ୍ରମବେଳେ କେବଳ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ରହିପାରିବେ। ପେଲେଙ୍କର ସାଣ୍ଟୋସଠାରେ ଏକ ବାସଗୃହ ରହିଛି। ଜୀବନର ଅଧିକାଂଶ ସମୟ ସେ ସେଠାରେ ହିଁ ଅତିବାହିତ କରିଛନ୍ତି। ଗତ କିଛିବର୍ଷ ହେଲା ସେ ଗୁଆରୁଜାଠାରେ ଅବସ୍ଥାନ କରୁଥିଲେ। ୨୦୨୧ ସେପ୍ଟେମ୍ବରରେ ପେଲେଙ୍କର କଲନ ଟ୍ୟୁମର ଅସ୍ତ୍ରୋପଚାର କରାଯାଇଥିଲା। ଏହା ଶରୀରର ଅନ୍ୟ ଭାଗକୁ ବ୍ୟାପିଥିଲା କି ନା ତାହା ତାଙ୍କ ପରିବାରବର୍ଗ କିମ୍ବା ହସ୍ପିଟାଲ କର୍ତ୍ତୃପକ୍ଷ ସ୍ପଷ୍ଟ କରିନାହାନ୍ତି। କୋଭିଡ୍ ଓ ଶ୍ୱାସକ୍ରିୟା ସଂକ୍ରମଣ ଯୋଗୁ ସେ ନଭେମ୍ବର ୨୯ରେ ଆଲବର୍ଟ ଆଇନ୍‌ଷ୍ଟାଇନ ହସ୍ପିଟାଲରେ ପୁଣି ଭର୍ତ୍ତି ହୋଇଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଗତ ସପ୍ତାହରେ ଏକ ବିବୃତିରେ କହିଥିଲେ, ତାଙ୍କ କର୍କଟ ରୋଗ ସାଂଘାତିକ ଆଡ଼କୁ ଗତି କରିଛି। ପ୍ରକାଶଯୋଗ୍ୟ, ପେଲେଙ୍କ ନେତୃତ୍ୱରେ ବ୍ରାଜିଲ ୧୯୫୮, ୧୯୬୨ ଓ ୧୯୭୦ରେ ବିଶ୍ୱକପ୍ ଜିତିଛି। ଦଳର ସେ ହେଉଛନ୍ତି ଅନ୍ୟତମ ସର୍ବକାଳୀନ ଗୋଲ ସ୍କୋରର। ସେ ୭୭ ଗୋଲ ସ୍କୋର କରିଥିବା ବେଳେ ଚଳିତବର୍ଷ କାତାର ବିଶ୍ୱକପ୍‌ରେ ନେମାର ଏ କ୍ଷେତ୍ରରେ ତାଙ୍କ ସମକକ୍ଷ ହୋଇପାରିଛନ୍ତି।




**ଫୁଟବଲ କିମ୍ବଦନ୍ତୀ ପେଲେଙ୍କ ଅବର୍ତ୍ତମାନରେ ଓଡ଼ିଶା କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି। ସେ ହେଉଛନ୍ତି ନୂଆ କୌଶଳର ସୃଷ୍ଟିକର୍ତ୍ତା, ବିଶ୍ୱ କ୍ରୀଡ଼ାର ଜଣେ ବଡ଼ ଆମ୍ବାସାଡର, ଅନେକଙ୍କର ଆଦର୍ଶ ଖେଳାଳି, ଯୋଗଜନ୍ମା ବୋଲି କହି ଓଡ଼ିଶା କ୍ରୀଡ଼ାବିତ୍‌ମାନେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।**

### ନୂଆ କୌଶଳର ସୃଷ୍ଟିକର୍ତ୍ତା ଥିଲେ



"ଆମେ ଖେଳ ଜୀବନ ଆରମ୍ଭରେ କେବଳ ପେଲେଙ୍କୁ ହିଁ ଜାଣିଥିଲୁ। ତାଙ୍କ ସମ୍ପର୍କରେ ଶୁଣି ଆମେ ଫୁଟ୍‌ବଲ ଜୀବନ ଆରମ୍ଭ କରିଥିଲୁ। କାରଣ ସେତେବେଳେ ପେଲେ ହିଁ ଚର୍ଚ୍ଚାର ଶୀର୍ଷରେ ରହିଥିଲେ। ପରେ ଡିଏଗୋ ମାରାଡୋନା ହୁଅନ୍ତୁ କିମ୍ବା ଲିଓନେଲ ମେସି ଏହି ପରିସରକୁ ଆସିଥିଲେ। ଏବେ ଯେଉଁ ନୂଆ ଫୁଟ୍‌ବଲ କୌଶଳ ସବୁ ଦେଖିବାକୁ ମିଳୁଛି ତା'ର ସୃଷ୍ଟିକର୍ତ୍ତା ଥିଲେ ପେଲେ। ୩ଥର ବିଶ୍ୱକପ୍ ଚାମ୍ପିୟନ ହେବାର ସୌଭାଗ୍ୟ ସବୁ ଖେଳାଳିଙ୍କ ଭାଗ୍ୟରେ ମିଳି ନ ଥାଏ, ଯାହା ପେଲେଙ୍କ କ୍ଷେତ୍ରରେ ଘଟିଥିଲା। ସେ ଥିଲେ ସର୍ବକାଳୀନ ଶ୍ରେଷ୍ଠ ଫୁଟବଲ ଖେଳାଳି। ତାଙ୍କ ମୃତ୍ୟୁରେ ଏକ ଯୁଗର ଅବସାନ ଘଟିଲା ବୋଲି କହିବାକୁ ହେବ। ଜନ୍ମ ଅଛି ତ ମୃତ୍ୟୁ ମଧ୍ୟ ଅଛି। ମାତ୍ର ପେଲେଙ୍କ ପରଲୋକରେ ବୃହତ୍ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ରାଜ୍ୟର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫୁଟ୍‌ବଲ ତାରକା ରାଜେନ୍ଦ୍ର ପ୍ରସାଦ ସିଂ ପ୍ରକାଶ କରିଛନ୍ତି।

### ଖେଳର ଜଣେ ବଡ଼ ଆମ୍ବାସାଡର



ଆମେ ଯେତେବେଳେ ଖେଳ ଜୀବନ ଆରମ୍ଭ କଲୁ ସେତେବେଳେ ବ୍ରାଜିଲ କହିଲେ ପେଲେଙ୍କୁ ହିଁ ବୁଝୁଥିଲୁ। ଏଥିରୁ ତାଙ୍କର ବ୍ୟକ୍ତିତ୍ୱ ଅନୁମାନ କରିହେବ। ଖେଳରେ ଅନେକ କିମ୍ବଦନ୍ତୀ ରହିଛନ୍ତି, ମାତ୍ର ପେଲେଙ୍କ ସମକକ୍ଷ କେହି ହୋଇପାରିବେ ନାହିଁ। ସେ କେବଳ ଫୁଟ୍‌ବଲ ନୁହେଁ, ସବୁ ଖେଳର ଥିଲେ ବଡ଼ ଆମ୍ବାସାଡର। ଫୁଟ୍‌ବଲକୁ ବିଶ୍ୱସ୍ତରୀୟ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ମୃତ୍ୟୁ ପୂର୍ବରୁ ସେ ଅନେକଙ୍କ ରୋଲ୍ ମଡେଲ ଥିଲେ। ମୃତ୍ୟୁ ପରେ ମଧ୍ୟ ସେ ଫୁଟ୍‌ବଲକୁ କ୍ୟାରିୟର କରୁଥିବା ଖେଳାଳିଙ୍କ ରୋଲ୍ ମଡେଲ ହୋଇ ରହିବେ। ତାଙ୍କ ସ୍ଥାନ ଆଉ କେହି ନେଇପାରିବେ ନାହିଁ ବୋଲି ପେଲେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ଏହା କହିଛନ୍ତି।

### ଯୋଗଜନ୍ମା ଖେଳାଳି



ପେଲେ ଥିଲେ ଜଣେ ଯୋଗଜନ୍ମା ଖେଳାଳି। ସବୁ ଖେଳାଳିଙ୍କର ଏକ ଯୁଗ ଥାଏ। ପେଲେଙ୍କ ପରେ ଡିଏଗୋ ମାରାଡୋନା ଏବଂ ପରେ ଲିଓନେଲ ମେସି ଭିନ୍ନ ଯୁଗର ଖେଳାଳି ଥିଲେ। ମାତ୍ର ପେଲେ ହେଉଛନ୍ତି ପେଲେ। ତାଙ୍କ ପରି ଖେଳାଳି ଆଉ ଜନ୍ମ ନେବେନାହିଁ ବୋଲି ମୁଁ ଅନୁଭବ କରୁଛି। ତାଙ୍କ ଯାଦୁକରୀ ଖେଳ ଅବିସ୍ମରଣୀୟ। ଏଥିଯୋଗୁ ସେ ୩ ଥର ବିଶ୍ୱବିଜେତା ହୋଇପାରିଛନ୍ତି। କୋଲ୍‌କାତାରେ ଯେତେବେଳେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ସେ ଅଭୀଭୂତ ହୋଇଯାଇଥିଲେ। ଭାରତରେ ଏତେ ଲୋକ ତାଙ୍କୁ ଭଲପାଆନ୍ତି ବୋଲି ସେ ଜାଣି ନ ଥିଲେ ବୋଲି କହିଥିଲେ। ତାଙ୍କ ପରଲୋକ କେବଳ ଫୁଟବଲ ପାଇଁ ନୁହେଁ, ବିଶ୍ୱ କ୍ରୀଡ଼ା ଲାଗି ଏକ ଅପୂରଣୀୟ କ୍ଷତି ବୋଲି ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ଖେଳାଳି ଓ କୋଚ୍ ମହମ୍ମଦ ସହିଦ ଜବାର ପ୍ରକାଶ କରିଛନ୍ତି।

### ଅନେକଙ୍କ ଆଦର୍ଶ



ପେଲେ କେବଳ ଫୁଟବଲ ନୁହେଁ, ଅନ୍ୟ କ୍ରୀଡ଼ାରେ ମଧ୍ୟ ଅନେକ କ୍ରୀଡ଼ାବିତ୍‌ଙ୍କ ଆଦର୍ଶ ଥିଲେ। ତାଙ୍କ ଯାଦୁକରୀ ପ୍ରଦର୍ଶନ ସମସ୍ତଙ୍କୁ ଅଭୀଭୂତ କରିଥିଲା। ୧୯୫୮, ୧୯୬୨ ଓ ୧୯୭୦ରେ ବ୍ରାଜିଲକୁ ବିଶ୍ୱକପ୍ ଜିତାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ତାଙ୍କୁ ଆଦର୍ଶ କରି ଅନେକ ଖେଳାଳି ଫୁଟ୍‌ବଲକୁ କ୍ୟାରିୟର ମଧ୍ୟ କରିଛନ୍ତି। ପେଲେଙ୍କ ପରଲୋକ ଫୁଟ୍‌ବଲ ଜଗତ ପାଇଁ ବହୁତ ବଡ଼ କ୍ଷତି। ଏହା ପୂରଣ ହେବା କଷ୍ଟକର। ସେ ଭାରତ ଆସି ବହୁତ ଖୁସି ଅନୁଭବ କରିଥିଲେ। ତାଙ୍କ ପରି ଖେଳାଳି କ୍ରୀଡ଼ା ଜଗତରେ ବିରଳ ବୋଲି ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଛନ୍ତି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ